ଧରିତ୍ରୀ
DHARITRI
ବାଲେଶ୍ୱର, ରବିବାର, ନଭେମ୍ବର ୧୦/୨୦୧୯ (୨୦ ପୃଷ୍ଠା+ଛୁଟିଦିନ) | Balasore, Sunday, November 10/2019 | ★★★★
୪୫ଶ ଭାଗ ୩୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ଡେନର୍ବି ମହିଳା ଫୁଟ୍‌ବଲ ଦଳର ନୂଆ କୋଚ୍

ସ୍ୱିଡେନର ଥୋମାସ୍ ଡେନର୍ବି ଶନିବାର ୧୭ବର୍ଷରୁ କମ୍ ଫିଫା ବିଶ୍ୱକପ୍ ପାଇଁ ଭାରତୀୟ ମହିଳା ଫୁଟ୍‌ବଲ ଦଳର କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି।

୧୮ ୦୨

## ଡିସେମ୍ବର ୧୩ରେ ଇମ୍ରାନଙ୍କ ନୂଆ ଫିଲ୍ମ

ଇମ୍ରାନ ହାସ୍‌ମୀଙ୍କ ଅଭିନୀତ ଫିଲ୍ମ 'ଦି ବଡି'ର ଆସନ୍ତା ଡିସେମ୍ବର ୧୩ରେ ରିଲିଜ ହେବା ଏନେଇ ସେ ନିଜର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଜଣାଇଛନ୍ତି।



## ଓଡ଼ିଶା ଅତିକ୍ରମ କଲା 'ବୁଲ୍‌ବୁଲ୍'
# ୬ ଜିଲାରେ ବ୍ୟାପକ କ୍ଷତି



- ୮୦ରୁ ୯୦ କି.ମି. ବେଗରେ ବହିଲା ପବନ
- ୩ ମୃତ, ଏନ୍‌ଡିଆରଏଫ୍ କର୍ମଚାରୀ ଗୁରୁତର
- ୬ ଲକ୍ଷ ହେକ୍ଟରରେ ଫସଲ ଉଜୁଡ଼ିଲା
- ଝଡ଼ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ
- ବିଦ୍ୟୁତ୍ ସେବା ବିଚ୍ଛିନ୍ନ, ବହୁ ଘର କ୍ଷତିଗ୍ରସ୍ତ
- କେନ୍ଦ୍ରୀୟ ଟିମ୍ ପଠାଇବାକୁ ଅନୁରୋଧ କଲେ ରାଜ୍ୟ ସରକାର

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

ଓଡ଼ିଶା ଉପକୂଳ ଅତିକ୍ରମ କରିବା ପୂର୍ବରୁ ସମୁଦ୍ର ତଟବର୍ତ୍ତୀ ୬ ଜିଲାରେ ତାଣ୍ଡବ ସୃଷ୍ଟି କରିଛି 'ବୁଲ୍‌ବୁଲ୍'। ବାତ୍ୟା ପ୍ରଭାବରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର ଏବଂ ଭଦ୍ରକ ଜିଲା। ବାତ୍ୟା ସମୟରେ ବିଭିନ୍ନ କାରଣରୁ ୩ଜଣଙ୍କ ମୃତ୍ୟୁ ଘଟିଛି। ଶତାଧିକ ବିଦ୍ୟୁତ୍‌ଖୁଣ୍ଟ ସାଙ୍ଗକୁ ବଡ଼ବଡ଼ ଦ୍ରୁମ ଧରାଶାୟୀ ହୋଇଛି। ପ୍ରଭାବିତ ଅଞ୍ଚଳରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଅନ୍ୟପଟେ ବାତ୍ୟାଜନିତ କ୍ଷୟକ୍ଷତି ସମ୍ପର୍କରେ ରାଜ୍ୟ ସରକାର ଶନିବାର କେନ୍ଦ୍ର କ୍ୟାବିନେଟ ସଚିବଙ୍କୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅବଗତ କରାଇଛନ୍ତି। କ୍ଷୟକ୍ଷତି ଆକଳନ କରିବା ପାଇଁ ଖୁବ୍‌ଶୀଘ୍ର ଏକ କେନ୍ଦ୍ରୀୟ ଟିମ ପଠାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଶନିବାର ଅପରାହ୍ନରେ ପାରାଦୀପର ଦକ୍ଷିଣ-ଦକ୍ଷିଣ ପୂର୍ବ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**ଅଯୋଧ୍ୟା ରାୟ**

Vencobb FRESH CHICKEN
Taste the difference!
09.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 64 | 111 | 121 |
| DKL | 65 | 113 | 123 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 65 | 113 | 123 |
| BHM | 60 | 106 | 116 |

*Conditions Apply
Issued in the Interest of Consumers

### ଆଜିର ମନ୍ତବ୍ୟ

"ଭାରତୀୟମାନଙ୍କ ଭାବାବେଗକୁ ସମ୍ମାନ ଦେଇଥିବାରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କୁ ଧନ୍ୟବାଦ।


-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୩.୫ ବିଲିୟନ ଡଲାର ବୃଦ୍ଧି ଘଟି ସର୍ବକାଳୀନ ରେକର୍ଡ ସ୍ତର ୪୪୬.୦୯ ବିଲିୟନ ଡଲାର ଛୁଇଁଛି। – ରିଜର୍ଭ ବ୍ୟାଙ୍କ

# ରାମମନ୍ଦିର ସପକ୍ଷରେ ରାୟ

- ସୁନ୍ନି ୱାକଫ୍ ବୋର୍ଡକୁ ଦିଆଯିବ ୫ ଏକର ଜମି
- ରାମ ଲାଲାଙ୍କୁ ମିଳିଲା ବିବାଦୀୟ ଭୂମି




ନୂଆଦିଲ୍ଲୀ,୯।୧୧(ପି.ଟି.)

ଦୀର୍ଘ ୧୩୪ ବର୍ଷ ଧରି ଚାଲିଥିବା ଆଇନଗତ ଲଢ଼େଇ ଓ ପ୍ରତୀକ୍ଷାର ଅନ୍ତ ଘଟିଛି। ବିଶ୍ୱର ଅନ୍ୟତମ ବହୁଚର୍ଚ୍ଚିତ ଅଯୋଧ୍ୟା ମାମଲାର ଐତିହାସିକ ରାୟ ଶନିବାର ପ୍ରକାଶ ପାଇବା ସହ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ବିବାଦର ସମାଧାନ ହୋଇଛି। ବିବାଦୀୟ ସ୍ଥଳରେ ରାମମନ୍ଦିର ନିର୍ମାଣ ପାଇଁ ସୁପ୍ରିମକୋର୍ଟ ପଥ ପରିଷ୍କାର କରିଛନ୍ତି। ୨.୭୭ ଏକର ବିବାଦୀୟ ଭୂମିର ମାଲିକାନା ସ୍ୱତ୍ୱ ରାମ ଲାଲା ପକ୍ଷଙ୍କୁ ହସ୍ତାନ୍ତର କରାଯିବ ଓ



ସେଠାରେ ମନ୍ଦିର ନିର୍ମାଣ ପାଇଁ କେନ୍ଦ୍ର ସରକାର ୩ ମାସ ମଧ୍ୟରେ ଏକ ଟ୍ରଷ୍ଟ ଗଠନ କରି ରୂପରେଖ ପ୍ରସ୍ତୁତ କରିବେ। ସରକାର ଏକ ପ୍ରମୁଖ ସ୍ଥାନରେ ୫ ଏକର ପରିମିତ ଉପଯୁକ୍ତ ଜମି ସୁନ୍ନି ୱାକଫ୍ ବୋର୍ଡକୁ ହସ୍ତାନ୍ତର କରିବେ। ୱାକଫ୍ ବୋର୍ଡ ଉକ୍ତ ସ୍ଥାନରେ ମସ୍‌ଜିଦ ନିର୍ମାଣ କରିବ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନିର୍ମୋହୀ ଆଖଡ଼ା ଓ ଶିଆ ପକ୍ଷର ଦାବିକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠରେ ପ୍ରକାଶ ପାଇଥିବା ୧୦୪୫ ପୃଷ୍ଠା ସମ୍ବଳିତ ଏହି ସର୍ବସମ୍ମତ ରାୟକୁ କେନ୍ଦ୍ର ସରକାର, ହିନ୍ଦୁତ୍ୱବାଦୀ ଓ ଦକ୍ଷିଣପନ୍ଥୀ ସଙ୍ଗଠନ ସମେତ ଅଧିକାଂଶ ମହଲରେ ସ୍ୱାଗତ କରାଯାଇଛି। ☞ପୃଷ୍ଠା-୪

## ଅଯୋଧ୍ୟା ରାୟ କାହାର ହାର ଜିତ୍ ପ୍ରସଙ୍ଗ ନୁହେଁ: ମୋଦି

ନୂଆଦିଲ୍ଲୀ,୯।୧୧(ପି.ଟି.)

ଅଯୋଧ୍ୟା ଜମି ବିବାଦ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟକୁ କାହାର ବିଜୟ କିମ୍ବା ପରାଜୟ ଭାବେ ଦେଖିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ଏଥିସହିତ ସେ ଦେଶବାସୀଙ୍କୁ ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବା ଲାଗି ଆହ୍ୱାନ ଦେଇଛନ୍ତି। ହିନ୍ଦୀ ଓ ଇଂଲିଶ୍‌ରେ ଏକାଧିକ ଟୁଇଟ୍ କରି ପ୍ରଧାନମନ୍ତ୍ରୀ



କହିଛନ୍ତି, ଆଇନ ଆଗରେ ସମସ୍ତେ ସମାନ, ଏହା ରାୟରୁ ସ୍ପଷ୍ଟ ହୋଇଛି। ରାମ ଭକ୍ତି ହେଉ କି ରହିମ ଭକ୍ତି, ଏହା ନିରପେକ୍ଷ ଏବଂ ରାଷ୍ଟ୍ରଭକ୍ତି ଭାବନାକୁ ସୁଦୃଢ଼ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ୧୩୦ କୋଟି ଭାରତୀୟ ଆଜିର ରାୟ ପରେ ଶାନ୍ତି ବଜାୟ ରଖି ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଲାଗି ଦେଶର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛନ୍ତି। ଦେଶର ବିକାଶ ଯାତ୍ରାରେ ଏହିଭଳି ଏକତା ମନୋଭାବ ଓ ମିଳିତ ଶକ୍ତି ବଜାୟ ରହିବା ପ୍ରଧାନମନ୍ତ୍ରୀ କାମନା କରିଛନ୍ତି।

## ଉତ୍ତେଜନାମୂଳକ ଖବର ପରିବେଷଣ ମନା

ନୂଆଦିଲ୍ଲୀ, ୯।୧୧(ପିଟି)- ସୁପ୍ରିମକୋର୍ଟ ଶନିବାର ବହୁ ପ୍ରତୀକ୍ଷିତ ଅଯୋଧ୍ୟା ଜମି ବିବାଦ ମାମଲାର ରାୟ ପ୍ରକାଶ କରିଛନ୍ତି। କୋର୍ଟଙ୍କ ରାୟ ପରେ ୧୦୦ବର୍ଷରୁ ଊର୍ଦ୍ଧ୍ୱ ଧରି ଚାଲିଥିବା ବିବାଦର ଏକ ପ୍ରକାର ଅନ୍ତ ଘଟିଛି। ଯେହେତୁ ଏହି ମାମଲାରେ ୨ଟି ସମ୍ପ୍ରଦାୟର ଦାବି ସମ୍ପୃକ୍ତି ଥିଲା, ତେଣୁ କୋର୍ଟଙ୍କ ରାୟକୁ ନେଇ ସମସ୍ତଙ୍କ ମନରେ ଉତ୍କଣ୍ଠା ଭରି ରହିଥିଲା। ଏପରି କି ରାୟ ପ୍ରକାଶ ପରେ ଯେପରି କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ନ ଉପୁଜେ ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିକାରମୂଳକ ପଦକ୍ଷେପ ନେଇଥିଲେ। ଏହି ପ୍ରସଙ୍ଗ ଉପରେ ବିଭିନ୍ନ ଗଣମାଧ୍ୟମରେ ଆଲୋଚନା, ତର୍କ ଜାରି ରହିଛି। ରାୟ ପ୍ରକାଶ ପରେ ବୈଦ୍ୟୁତିକ ଗଣମାଧ୍ୟମରେ ଯେପରି କୌଣସି ଉତ୍ତେଜନାମୂଳକ ଖବର ପରିବେଷଣ ନ ହେବ ସେଥିପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଆଡଭାଇଜରି ଜାରି କରାଯାଇଛି। ☞ପୃଷ୍ଠା-୪



### ସୁପ୍ରିମକୋର୍ଟ ରାୟର ମୁଖ୍ୟାଂଶ

- ବିବାଦୀୟ ଭୂମିର ମାଲିକାନା ସ୍ୱତ୍ୱ ରାମ ଲାଲା ପକ୍ଷଙ୍କୁ ହସ୍ତାନ୍ତର କରାଯିବ
- ଉକ୍ତ ଭୂମି କେନ୍ଦ୍ର ସରକାରଙ୍କ ପାଖରେ ରହିବ
- ରାଜସ୍ୱ ରେକର୍ଡରେ ବିବାଦୀୟ ସ୍ଥଳ ସରକାରଙ୍କ ଭୂମି ବୋଲି ରେକର୍ଡ ରହିଥିଲା
- ନୂଆ ମସ୍‌ଜିଦ ନିର୍ମାଣ ପାଇଁ ମୁସ୍‌ଲିମମାନଙ୍କୁ ବିକଳ୍ପ ଜମି ଦେବେ କେନ୍ଦ୍ର ସରକାର
- ପ୍ରମୁଖ ସ୍ଥାନରେ ୫ ଏକର ଉପଯୁକ୍ତ ଜମି ସୁନ୍ନି ୱାକଫ୍ ବୋର୍ଡକୁ ହସ୍ତାନ୍ତର କରାଯିବ
- କେନ୍ଦ୍ର ସରକାର ରାମମନ୍ଦିର ନିର୍ମାଣ ପାଇଁ ୩ ମାସ ମଧ୍ୟରେ ଯୋଜନା ପ୍ରସ୍ତୁତ କରି ଏକ ଟ୍ରଷ୍ଟ ଗଠନ କରିବେ
- ସମଗ୍ର ବିବାଦୀୟ ଭୂମିର ନିୟନ୍ତ୍ରଣ ହାତକୁ ନେବା ପାଇଁ ନିର୍ମୋହୀ ଆଖଡ଼ା ପକ୍ଷରୁ ଦାଏର ପିଟିଶନ ଖାରଜ
- କେନ୍ଦ୍ର ଓ ଉତ୍ତରପ୍ରଦେଶ ସରକାର ମିଳିତ ଭାବେ ଭବିଷ୍ୟତ କାର୍ଯ୍ୟପନ୍ଥା ଅନୁଧ୍ୟାନ କରିପାରିବେ
- ଟ୍ରଷ୍ଟରେ ନିର୍ମୋହୀ ଆଖଡ଼ାର ପ୍ରତିନିଧିତ୍ୱ ଆବଶ୍ୟକ ମନେକଲେ ସରକାର ତାକୁ ଅନୁମତି ଦେଇପାରନ୍ତି
- ୧୯୯୨ ଡିସେମ୍ବର ୬ରେ ଭଙ୍ଗାଯାଇଥିବା ବାବ୍ରୀ ମସ୍‌ଜିଦ ଏକ ଖାଲି ଜମି ଉପରେ ନିର୍ମିତ ହୋଇ ନ ଥିଲା
- ପ୍ରତ୍ନତାତ୍ତ୍ୱିକ ପ୍ରମାଣକୁ କେବଳ ମତାମତ ବୋଲି ଅଭିହିତ କରିବା ଏଏସ୍‌ଆଇ ପ୍ରତି ଏକ ବଡ଼ କ୍ଷତିକାରକ କାର୍ଯ୍ୟ
- ବିଧ୍ୱସ୍ତ ମସ୍‌ଜିଦ ଢାଞ୍ଚା ତଳେ ଏକ ମନ୍ଦିର ଥିବା ନେଇ ଏଏସ୍‌ଆଇ ପ୍ରମାଣିତ କରିଛି
- ଭୂତଳ ଢାଞ୍ଚା ଇସ୍‌ଲାମିକ୍ ଢାଞ୍ଚା ନୁହେଁ
- ତେବେ ମସ୍‌ଜିଦ ନିର୍ମାଣ ପାଇଁ ମନ୍ଦିରକୁ ଭଙ୍ଗା ଯାଇଥିଲା ବୋଲି ଏଏସ୍‌ଆଇ ପ୍ରମାଣ ଦେଇପାରି ନାହିଁ
- ହିନ୍ଦୁମାନେ ଏହାକୁ ଭଗବାନ ରାମଙ୍କ ଜନ୍ମଭୂମି ମନେକରୁଥିବାବେଳେ ମୁସ୍‌ଲିମ ଏହାକୁ ବିବାଦୀୟ ସ୍ଥାନ ବିବେଚନା କରନ୍ତି
- ସୀତା ରୋଷେଇ, ରାମ ଚଉତରା ଓ ଭଣ୍ଡାର ଗୃହ ହେଉଛି ଉକ୍ତ ସ୍ଥାନର ଧାର୍ମିକ ତଥ୍ୟର ପ୍ରମାଣ
- ବାହାର ଦରବାରରେ ହିନ୍ଦୁମାନେ ପୂଜା କରୁଥିଲେ ବୋଲି ପ୍ରମାଣ ମିଳିଛି
- ପ୍ରମାଣରୁ ଜଣାପଡ଼ିଛି ଯେ, ମୁସଲମାନମାନେ ଶୁକ୍ରବାର ମସ୍‌ଜିଦରେ ପ୍ରାର୍ଥନା କରୁଥିଲେ। ସେମାନେ ଦଖଲ ହରାଇ ନ ଥିଲେ ବୋଲି ଏହା ସଙ୍କେତ ଦିଏ
- ୧୮୫୬ରୁ ୧୮୫୭ ମଧ୍ୟର ଲୁହା ରେଲିଂ ତିଆରି କରାଯାଇଥିଲା। ହିନ୍ଦୁମାନେ ସେଠାରେ ପୂଜା ଜାରି ରଖିଥିବା ଏଥିରୁ ଜଣାପଡ଼େ
- ଆସ୍ଥା ଓ ବିଶ୍ୱାସ ଆଧାରରେ ଭୂମିର ସ୍ୱତ୍ୱ ପ୍ରମାଣିତ ହୋଇପାରିବ ନାହିଁ। ବିବାଦର ସମାଧାନ ପାଇଁ ତାହା କେବଳ ସୂଚକ
- ବିବାଦୀୟ ସ୍ଥଳର ଦଖଲ ନେଇ ମୁସ୍‌ଲିମ ପକ୍ଷ ପ୍ରମାଣ ଦେଇପାରି ନାହାନ୍ତି
- ଉତ୍ତରପ୍ରଦେଶ ସୁନ୍ନି ସେଣ୍ଟ୍ରାଲ ୱାକଫ୍ ବୋର୍ଡ ଅଯୋଧ୍ୟା ବିବାଦ ମାମଲାରେ ନିଜ ଅଧିକାର ସାବ୍ୟସ୍ତ କରିପାରି ନାହିଁ
- ବାବ୍ରୀ ମସ୍‌ଜିଦ ଭଙ୍ଗାଯିବା ଆଇନର ଉଲ୍ଲଂଘନ ଥିଲା



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ
ବାର୍ତ୍ତା

ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ପୁଣ୍ୟ ତିଥି ଅବସରରେ ମୁଁ ରାଜ୍ୟର ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି।

(ଗଣେଶୀ ଲାଲ)



ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା




ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ବାର୍ତ୍ତା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

DADLS - 46 | 15001/13/0075/1920

# ବୁଲେଟ୍ ପ୍ରୁଫ୍ ଟଏଲେଟ୍



**ବେଜିଂ:** ଇଚ୍ଛାଶକ୍ତି ଥିଲେ ସବୁ ଅସମ୍ଭବ ସମ୍ଭବପର ହୁଏ। ଏକଥାକୁ ପ୍ରମାଣିତ କରି ଦେଖାଇଛନ୍ତି ଚାଇନାର ଜଣେ ବ୍ୟବସାୟୀ। ପୂର୍ବରୁ ସେ ଗିଟାର, ଜୋତା ସମେତ ଅନ୍ୟ ସୌଖୀନ ଉପକରଣ ସୁନାରେ ତିଆରି କରିଥିବାବେଳେ ଏବେ ଆଉ ଗୋଟିଏ ପାଦ ଆଗକୁ ଯାଇ ଦୁର୍ମୂଲ୍ୟ ଅଳଙ୍କାର ଖଚିତ ଟଏଲେଟ୍ ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି, ଯାହାର ଦାମ ରହିଛି ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ଚାଇନାରେ ଆୟୋଜିତ ବାଣିଜ୍ୟିକ ମେଳାରେ ଏହାର ପ୍ରଦର୍ଶନ କରାଯାଇଛି। ଟଏଲେଟ୍‌ଟି ସମ୍ପୂର୍ଣ୍ଣ ବୁଲେଟ୍ ପ୍ରୁଫ୍। ଏଥିରେ ୩୩୪.୬୮ କ୍ୟାରେଟ୍ ବିଶିଷ୍ଟ ୪୦ ହଜାର ୮୧୫ ହୀରା ଖଚିତ ହୋଇଛି। ମେଳାରେ ଅନ୍ୟସବୁ ସାମଗ୍ରୀ ପ୍ରଦର୍ଶିତ ହୋଇଥିବାବେଳେ ସୁନା ଟଏଲେଟ୍ ଦର୍ଶକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଛି। ଅରୋନ ଶୁମ୍ ଜୁଏଲେରି ଫାର୍ମ ପାଇଁ ଏହାକୁ ତିଆରି କରାଯାଇଛି। ଜୁଏଲେରି ଫାର୍ମ ପକ୍ଷରୁ କୁହାଯାଇଛି, ଗିନିଜ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇବା ଲକ୍ଷ୍ୟରେ ଏହାକୁ ନିର୍ମାଣ କରାଯାଇଛି। ଏହା ଫାର୍ମର ୧୦ମ ଗିନିଜ୍ ରେକର୍ଡ। ଏହା ପୂର୍ବରୁ ଶୋ'ରୁମ୍ ପକ୍ଷରୁ ୪୦୦ କ୍ୟାରେଟ୍ ବିଶିଷ୍ଟ ୧୦ ହଜାର ହୀରାରେ ଗିଟାର ଏବଂ ଜୋତା ତିଆରି କରାଯାଇଥିଲା। ଗିଟାରର ଦାମ ୧୪ କୋଟି ଥିବାବେଳେ ଜୋତାର ଦାମ ଥିଲା ୩୦ କୋଟି। ଚାଇନାରେ ଆୟୋଜିତ ଇଣ୍ଟରନ୍ୟାଶନାଲ ଇମ୍ପୋର୍ଟ ଏକ୍ସପୋ'ରେ ଏହା ପ୍ରଦର୍ଶିତ ହୋଇଥିଲା।

# ଡିପ୍ରେସନରୁ ନିଜକୁ ଦୂରେଇ ରଖିଥିଲେ ସୁରଭୀନ



**ମୁମ୍ବାଇ:** ଛୋଟ ପରଦାରୁ ବଡ଼ ପରଦାରେ ନାମ କମାଇଥିବା ଅଭିନେତ୍ରୀ ସୁରଭୀନ ଚାୱ୍ଲା ଚଳିତ ବର୍ଷ ଏପ୍ରିଲ ମାସରେ ଏକ ସୁନ୍ଦର ଝିଅକୁ ଜନ୍ମ ଦେଇଥିଲେ। ତାର ନାମ ଇଭା। ପ୍ରେଗ୍ନେନ୍ସି ସମୟରେ ସୁରଭୀନଙ୍କ ଓଜନ ୧୮ କେଜି ବୃଦ୍ଧି ପାଇଥିଲା। ଏହାପରେ ଯୋଗ ଏବଂ ବ୍ୟାୟାମ ଜରିଆରେ ସେ ନିଜକୁ ଫିଟ୍ କରିପାରିଥିଲେ। ପ୍ରେଗ୍ନେନ୍ସିର ୭ମାସ ପରେ ଏହି ଅଭିନେତ୍ରୀ ଜଣକ ବଡ଼ ଖୁଲାସା କରିଛନ୍ତି ଗଣମାଧ୍ୟମ ନିକଟରେ। ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ, ପ୍ରେଗ୍ନେନ୍ସି ପୂର୍ବରୁ 'ମୁଁ ଡିପ୍ରେସନ ବିଷୟରେ ଶୁଣିଥିଲି। ଏଥିଯୋଗୁ ନିଜକୁ ଏଥିରୁ ଦୂରେଇ ରଖିବା ପାଇଁ ମୁଁ ପ୍ରସ୍ତୁତ ଥିଲି। ସର୍ବଦା ନିଜ ଭାବନାକୁ ସମସ୍ତଙ୍କ ସମ୍ମୁଖରେ ବ୍ୟକ୍ତ କରୁଥିଲାବେଳେ କଥାକୁ କେବେହେଲେ ଦୂରେଇ ବଙ୍କେଇ କହିବାକୁ ମୁଁ ପସନ୍ଦ କରେ ନାହିଁ। ମୁଁ ନିଜକୁ ଭାଗ୍ୟବାନ ମନେ କରେ। କାରଣ ମୋତେ ବୁଝିପାରୁଥିବା ଭଳି ଜଣେ ଜୀବନସାଥୀକୁ ମୁଁ ପାଇଛି, ଯିଏକି ମୋ ସହ ସମସ୍ତ କଥା ଶେୟାର କରିଥାନ୍ତି।'

ସୁରଭୀନ ୨୦୧୫ରେ ଅକ୍ଷୟ ଠକ୍କରଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। କିନ୍ତୁ ଏହି ବିବାହକୁ ସେ ୨ବର୍ଷ ଲୁଚାଇ ରଖିଥିଲେ। ପରେ ୨୦୧୭ରେ ବିବାହ ଫଟୋକୁ ଶେୟାର କରି ନିଜର ପ୍ରଶଂସକଙ୍କୁ ଚକିତ କରିଦେଇଥିଲେ। ସୁରଭୀନ ଫିଲ୍ମ 'ହେଟ୍ ଷ୍ଟୋରୀ-୨'ରେ ମୁଖ୍ୟ ଭୂମିକାରେ ଅଭିନୟ କରି ବଲିଉଡରେ ପାଦ ଥାପିଥିଲେ। ବଲିଉଡକୁ ଆସିବା ପୂର୍ବରୁ ସୁରଭୀନ ତାମିଲ, ତେଲୁଗୁ, ପଞ୍ଜାବୀ ଫିଲ୍ମଗୁଡ଼ିକରେ ଜଣେ ଚର୍ଚ୍ଚିତ ଚେହେରା ଥିଲେ। ଏଇ ନିକଟରେ ସୁରଭୀନଙ୍କୁ ନେଟ୍‌ଫ୍ଲିକ୍ସର ୱେବସିରିଜ୍ 'ସାକ୍ରେଡ ଗେମ୍ସ-୨ରେ' ନଜର ଆସିଥିଲେ।

# ଶାଗୁଣା ଫେରିଲେଣି



ଆକାଶରେ ଶାଗୁଣା ଉଡିବାର ଦୃଶ୍ୟ ନିଶ୍ଚିତ ଭାବେ ସମସ୍ତଙ୍କ ପାଇଁ ଏକ ଭଲ ଖବର। ଏହା ଦେଖାଯାଇଛି ଝାଡଖଣ୍ଡରେ। ଦେଶରେ ଡାଇକ୍ଲୋଫେନାକ ସୋଡିୟମ ଔଷଧ ବ୍ୟବହାର ଉପରେ ପ୍ରତିବନ୍ଧକ ଲାଗୁ କରାଯିବା ପରେ ଏଭଳି ଭଲ ଖବର ଦେଖିବାକୁ ମିଳିଛି ଓ ହଜାରିବାଗ ଅଞ୍ଚଳରେ ବିଲୁପ୍ତପ୍ରାୟ ଶାଗୁଣା ପୁଣି ଲେଉଟିଛନ୍ତି। ହଜାରିବାଗ ସହରଠାରୁ ୧୦ କିଲୋମିଟର ଦୂର ହଜାରିବାଗ-ଚୁରଚୁ ରାସ୍ତା କଡ଼ରେ ଅବସ୍ଥିତ ପିଞ୍ଜରାପୋଲ ଗୋଶାଳାର ମୃତ ଗୋରୁଙ୍କୁ ଫିଙ୍ଗାଯାଉଥିବା ସ୍ଥାନରେ ଏମାନେ ପହଞ୍ଚିଥିବା ଦେଖାଯାଇଛି। ଏମାନଙ୍କ ସଂଖ୍ୟା ପ୍ରାୟ ୫୦ ଓ ବୟସ ବର୍ଷେ କି ଦୁଇ ବର୍ଷର ବୋଲି ଜଣାପଡିଛି। ହଜାରିବାଗର ୱାଇଲ୍ଡଲାଇଫ ଫଟୋଗ୍ରାଫର ଅମିତ ଜୈନ ଏହି ଶାଗୁଣାଗୁଡିକର ଫଟୋ ଉଠାଇଛନ୍ତି। ରୋଗ ନିବାରକ ଔଷଧ ଡାଇକ୍ଲୋଫେନାକ ସୋଡିୟମ ହିଁ ଶାଗୁଣାଙ୍କ ମୃତ୍ୟୁର କାରଣ ହେଉଥିଲା। ୨୦୦୬ ଯାଏ ଏହାକୁ ପଶୁମାନଙ୍କ ରୋଗ ନିବାରକ ଭାବେ ବ୍ୟବହାର କରାଯାଉଥିଲା ଓ ପଶୁମାନଙ୍କର ମୃତ୍ୟୁ ହେବା ପରେ ତାକୁ ଖାଉଥିବା ଶାଗୁଣାଙ୍କର ବି ମୃତ୍ୟୁ ହୋଇଯାଉଥିଲା। ଏହି ଔଷଧ ଉପରେ ପ୍ରତିବନ୍ଧକ ଲାଗୁହେବା ପରେ ହଜାରିବାଗ୍‌ରେ ୪ ବର୍ଷ ହେବ କୌଣସି ଶାଗୁଣାର ମୃତ୍ୟୁ ହୋଇନାହିଁ। ଶାଗୁଣା ସଂରକ୍ଷଣ ଉପରେ କାର୍ଯ୍ୟ କରୁଥିବା ଆନ୍ତର୍ଜାତିକ ସଂସ୍ଥା ଆର୍‌ଏସ୍‌ପିବି ହଜାରିବାଗ ଜିଲାକୁ ସୁରକ୍ଷିତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ଏହାଦ୍ୱାରା ଶାଗୁଣା ସଂଖ୍ୟା ବୃଦ୍ଧିପାଉଛି। ଏବେ ଦେଖାଯାଉଥିବା ଶାଗୁଣା ଏକ ଭଲ ସଙ୍କେତ ଦେଇଛି। ପୁଣି ଏମାନଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆର୍‌ଏସ୍‌ପିବି ପକ୍ଷରୁ ପ୍ରକାଶ କରାଯାଇଛି।



# ମୁଦି ୧୦୦ କୋଟିର

**ଜେନେଭା:** ସୁଇଜରଲାଣ୍ଡର ଜେନେଭାରେ ଏକ ଦୁର୍ମୂଲ୍ୟ ହୀରାମୁଦି ନିଲାମ ହେବ। ମୁଦିଟିର ପ୍ରାରମ୍ଭିକ ନିଲାମୀ ମୂଲ୍ୟ ରହିଛି ୧୦୦ କୋଟି ଟଙ୍କା (୧୦ ମିଲିୟନ ଡଲାର)। ସ୍ଥାନୀୟ କ୍ରେଷ୍ଟ ନିଲାମ ଗୃହରେ ଏହାର ନିଲାମ କରାଯିବ। ଉକ୍ତ ହୀରା ମୁଦିରେ ୭.୦୩ କ୍ୟାରେଟ୍‌ର ନୀଳରଙ୍ଗର ହୀରା ଲାଗିଛି। ଆୟତାକାର ବିଶିଷ୍ଟ ଉକ୍ତ ହୀରାମୁଦି ବହୁତ ଆକର୍ଷଣୀୟ ହୋଇଛି। ଏହି ନିଲାମୀ ଉତ୍ସବରେ ଦେଶ ବିଦେଶରୁ ବହୁ ବ୍ୟବସାୟୀଙ୍କ ସମାଗମ ହେବ ବୋଲି ଆୟୋଜକମଣ୍ଡଳୀ ପକ୍ଷରୁ ସୂଚନା ଦିଆଯାଇଛି।

# ଗୋଟିଏ ବଲ୍‌ବର ବିଲ୍ ୪୬ ଲକ୍ଷ



**ବାଗପତ:** ବିଦ୍ୟୁତ ବିଲ୍ ବାବଦରେ ଏକ ରୋଚକ ଘଟଣା ଏବେ ସାମ୍ନାକୁ ଆସିଛି ଉତ୍ତରପ୍ରଦେଶରେ। ଝୁମ୍ପୁଡି ଘରକୁ ଯୋଗାଇ ଦିଆଯାଇଥିବା ବିଦ୍ୟୁତର ବିଲ୍ ଆସିଛି ୪୬ ଲକ୍ଷ। ଉତ୍ତରପ୍ରଦେଶର ବାଗପତ୍ ଜିଲାର ବରନାୱାଁ ଗାଁରେ ଘଟିଛି ଏମିତି ଘଟଣା। ଝୁମ୍ପୁଡି ଘରେ ରହୁଥିବା ଯଶପାଲ୍‌ଙ୍କ ପାଖକୁ ଆସିଛି ଏହି ମୋଟାଅଙ୍କର ବିଲ୍। ଯଶପାଲ ଜଣେ ଦିନମଜୁରିଆ। ସୌଭାଗ୍ୟ ଯୋଜନାରେ ତାଙ୍କ ଘରକୁ ମାତ୍ର ଦୁଇ ବର୍ଷ ତଳେ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା ଓ ଏକ କିଲୋୱାଟ୍ ବିଦ୍ୟୁତ ଛାଡ ମଧ୍ୟ କରାଯାଇଥିଲା। ସେ ଘରେ ଗୋଟିଏ ବଲ୍‌ବ ଜାଳୁଥିଲେ। କିନ୍ତୁ ୪୬ ଲକ୍ଷ ଟଙ୍କାର ବିଲ୍ ଦେଖି ସେ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରିବା ପରେ ସେମାନେ ତାଙ୍କ ଘରୁ ସଂଯୋଗ କାଟିଦେଇଥିଲେ। ଏହାପରେ ପୁଣି ଯଶପାଲ୍ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରିବା ପରେ ପୁଣି ତାଙ୍କୁ ସଂଯୋଗ ଦିଆଯାଇଛି।

# ପ୍ରଥମ ଥର ନଜର ଆସିବେ ରାକୁଲ-ଅର୍ଜୁନ



**ମୁମ୍ବାଇ:** ପ୍ରଯୋଜକ ବୋନି କପୁରଙ୍କ ପୁଅ ତଥା ଅଭିନେତା ଅର୍ଜୁନ କପୁରଙ୍କ ଫିଲ୍ମ 'ପାନିପତ୍'ର ଟ୍ରେଲର ଏଇ ନିକଟରେ ରିଲିଜ ହୋଇଛି। ଏହାକୁ ଭଲ ପ୍ରତିକ୍ରିୟା ମିଳିଥିବା ଜଣାପଡ଼ିଛି। ଫିଲ୍ମରେ ସେ ପ୍ରଥମ ଥର ଲାଗି କୃତିଙ୍କ ସହ ରୋମାନ୍ସ କରୁଛନ୍ତି। ହେଲେ ଏବେ ତାଙ୍କୁ ନେଇ ଅନ୍ୟ ଏକ ଖବର ଶୁଣିବାକୁ ମିଳିଛି। ଅର୍ଜୁନଙ୍କୁ ଏବେ ଆଉ ଏକ ନୂଆ ଫିଲ୍ମ ପାଇଁ ସାଇନ କରାଯାଇଛି। ଏହି ଫିଲ୍ମରେ ଅର୍ଜୁନଙ୍କ ବିପକ୍ଷରେ ରାକୁଲପ୍ରୀତ୍‌ଙ୍କୁ ଦେଖିବାକୁ ମିଳିବ। ଯଦିଓ ଫିଲ୍ମଟିର ନାମକରଣ ଏପର୍ଯ୍ୟନ୍ତ ହୋଇନାହିଁ ତଥାପି ଚଳିତ ମାସ ଆରମ୍ଭରୁ ଏହାର ଶୁଟିଂ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏଥିରେ ପ୍ରଥମ ଥର ଲାଗି ଅର୍ଜୁନ ରୋମାନ୍ସ କରିବାକୁ ଯାଉଛନ୍ତି ରାକୁଲଙ୍କ ସହିତ। କାଶ୍‌ବୀ ନାୟର୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମଟିକୁ ଭୂଷଣ କୁମାର, ନିଖିଲ ଆଡଭାଣୀ ଏବଂ ଜନ୍ ଆବ୍ରାହମ୍ ମିଳିତ ଭାବେ ପ୍ରଯୋଜନା ଦାୟିତ୍ୱ ସମ୍ଭାଳୁଛନ୍ତି। ଲସ୍‌ଏଞ୍ଜେଲସ୍ ଏବଂ ପଞ୍ଜାବଠାରେ ଫିଲ୍ମଟିର ଶୁଟିଂ କରାଯିବ ବୋଲି ଜଣାପଡ଼ିଛି। ଅର୍ଜୁନ ଏହି ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଥିବା କହିଛନ୍ତି। କୁହାଯାଉଛି ଯେ, ସୀମା ପାର ଲଭ୍‌ଷ୍ଟୋରୀ ଉପରେ ଏହି ଫିଲ୍ମଟିର କାହାଣୀ ଆଧାରିତ।

ଏହି ଫିଲ୍ମ ବ୍ୟତୀତ ରାକୁଲଙ୍କ ପାଖରେ 'ମର୍‌ଯାୱାଁ' ଫିଲ୍ମ ରହିଛି। ଏଥିରେ ରାକୁଲଙ୍କ ବ୍ୟତୀତ ସିଦ୍ଧାର୍ଥ ମଲହୋତ୍ରା ଏବଂ ତାରା ସୁତାରିଆଙ୍କୁ ମଧ୍ୟ ପ୍ରମୁଖ ଭୂମିକାରେ ଅଭିନୟ କରୁଥିବା ଦେଖିବାକୁ ମିଳିବ। ଏହି ମୁଭି ନଭେମ୍ବର ୧୫ରେ ରିଲିଜ ହେବ। ଅପରପକ୍ଷେ ଅର୍ଜୁନଙ୍କ 'ପାନିପତ୍' ଡିସେମ୍ବର ୬ରେ ରିଲିଜ ହେବ। 'ପାନିପତ୍'ରେ ଆଫ୍‌ଗାନୀ ଶାସକ ଅହମ୍ମଦ ଶାହା ଅବ୍‌ଦାଲୀଙ୍କ ଭୂମିକାରେ ସଞ୍ଜୟ ଦତ୍ତ, ସଦାଶିବ ରାଓଙ୍କ ଭୂମିକାରେ ଅର୍ଜୁନ କପୁର ଏବଂ ପାର୍ବତୀ ବାଇଙ୍କ ଭୂମିକାରେ କୃତି ସେନନ୍ ଅଭିନୟ କରୁଛନ୍ତି।

# ଅମୁରକୁ ଛାଡ଼ି ଆଖିବୁଜିଲା ତୈମୁର

**ମସ୍କୋ:** ଜଣେ ଖାଦ୍ୟ। ଆଉ ଜଣେ ଖାଦକ। ତଥାପି ସେମାନଙ୍କ ବନ୍ଧୁତା ସାଜିଥିଲା ଉଦାହରଣ। ହେଲେ ଏବେ ସେଥିରେ ପଡ଼ିଛି ଯବନିକା। ସାଇବେରୀୟ ବୋଦା 'ତୈମୁର'ର ମୃତ୍ୟୁ ପରେ ଏବେ ଏକାକୀ ହୋଇଯାଇଛି ଅଣ୍ଡିରା ବାଘ 'ଅମୁର'। 'ତୈମୁର'ର ମୃତ୍ୟୁ ଯଦିଓ ସ୍ୱାଭାବିକ ଥିଲା, ତେବେ ଅମୁର ସହ ବନ୍ଧୁତ୍ୱରେ ଫାଟ ହିଁ ଏହାର ଅନ୍ୟତମ କାରଣ ବୋଲି କୁହାଯାଉଛି।

ବନ୍ଧୁତ୍ୱରେ କିଛି ସୀମା ସରହଦ ନ ଥାଏ। ଏହା ମଣିଷ ଓ ପଶୁ ଉଭୟଙ୍କ ପାଇଁ ସମାନ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ତୈମୁର-ଅମୁର। ରୁଷିଆର ଏକ ସଫାରିରେ ଉଭୟଙ୍କ ମଧ୍ୟରେ ଗଢ଼ି ଉଠିଥିଲା ନିଆରା ସମ୍ପର୍କ। ଏହାର ପଛର କାହାଣୀ ଯେତିକି ରୋଚକ ସେତିକି ମର୍ମସ୍ପର୍ଶୀ ମଧ୍ୟ। ସମ୍ପୂର୍ଣ୍ଣ ଘଟଣାଟି ଏହିପରି, ୨୦୧୫ରେ ଅମୁର ଖୁଆଡ଼କୁ ତୈମୁରକୁ ଛଡ଼ାଯାଇଥିଲା। ଭୋକିଲା ବାଘଟି ଆଖି ଆଗରେ କଅଁଳ ବୋଦାକୁ ଦେଖି ମାଡ଼ିବସିବା କଥା। ହେଲେ ଏମିତି ହେଲାନାହିଁ, ବରଂ ତୈମୁର ଉପରେ ସ୍ନେହ ସୋହାଗ ଅଜାଡ଼ି ଦେଲା ଅମୁର। ଆଉ ଏହାର ସାକ୍ଷୀ ରହିଲା ରୁଷିଆର ସେହି ସଫାରୀ ପାର୍କ। ଏହାପରେ ଦୁହେଁ ପାଲଟିଗଲେ ରୁଷିଆର ଫ୍ରେଣ୍ଡ୍‌ଶିପ୍ ଆଇକନ୍।

ସଫାରିର ନିର୍ଦ୍ଦେଶକ ଦିମିତ୍ରୀ ମେଜେଣ୍ଟସେଭଙ୍କ କହିବା କଥା, ତୈମୁର ସହ ସମ୍ପର୍କ ଗଢ଼ି ଉଠିବା ପରେ ଅମୁର ଏହାର ପାଖେପାଖେ ରହୁଥିଲା। ଛେଳିକୁ ଶିକାର କରିବା କୌଶଳ ମଧ୍ୟ ଶିଖାଉଥିଲା। ହେଲେ ବୋଦାଟି ଦିନକୁ ଦିନ ଅଧିକ ଦୁଃସାହସୀ ହେବାରେ ଲାଗିଲା। ଏପରି କି ଅମୁର ଉପରେ ହୁକୁମାତି ଦେଖାଇବା ମଧ୍ୟ ଆରମ୍ଭ କଲା। ଦୀର୍ଘ ମାସେ ଧରି ଏମିତି ହଇରାଣ କଲା ଯେ, ଶେଷରେ ଅମୁର ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା। ୨୦୧୬ରେ ବାଘଟି ବୋଦାକୁ ପାହାଡ଼ ଉପରୁ ତଳକୁ ଫିଙ୍ଗିଦେଲା। ଏଥିରେ ତୈମୁର ଗଭୀର ଭାବେ ଜଖମ ହେଲା। ବାଘ ସମେତ ସଫାରିର ଅନ୍ୟ ଜୀବଜନ୍ତୁଙ୍କ ସୁରକ୍ଷା ଦୃଷ୍ଟିରୁ ଏହାପରେ ବୋଦାକୁ ଅମୁରଠାରୁ ଅଲଗା କରି ଦିଆଗଲା। ନିଜର ପ୍ରିୟ ସାଙ୍ଗଠାରୁ ଦୂରେଇ ରହିବା ପରେ ତୈମୁରର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଲା। ତାକୁ ଚିକିତ୍ସା ପାଇଁ ମସ୍କୋ ପଠାଯାଇଥିଲା। ହେଲେ ନଭେମ୍ବର ୫ରେ ସେ ସେଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛି। ବୋଦାର ତଦାରଖ କରୁଥିବା ସଫାରି କର୍ମଚାରୀ ଏଲ୍‌ଭିରା ଗେଲୋଭିନା କହିଛନ୍ତି, ରାଜକୀୟ ସମ୍ମାନର ସହ ତୈମୁରର ଶେଷକୃତ୍ୟ କରାଯିବ। ତା'ର ଏକ କାଂସ୍ୟ ମୂର୍ତ୍ତି ସ୍ଥାପନ କରାଯିବାକୁ ଯୋଜନା କରାଯାଉଛି। ତୈମୁର ମୃତ୍ୟୁରେ ସଫାରି ସହ ଜଡ଼ିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

**ଖାଦ୍ୟ-ଖାଦକର ବନ୍ଧୁତ୍ୱ**



# ଆଇସ୍ ଏଗ୍

**ହେଲ୍‌ସିଙ୍କି:** କୁହାଯାଏ ପ୍ରକୃତିଠାରୁ ଶକ୍ତିଶାଳୀ ଆଉ କେହି ନାହିଁ। କେତେବେଳେ ମଣିଷ ତା'ର କ୍ରୂର ରୂପ ଦେଖିଛି ତ, ଆଉ କେବେ ପ୍ରକୃତିର ସୌନ୍ଦର୍ଯ୍ୟ କରିଛି ବିଶ୍ୱସମୂହକୁ ବିମୋହିତ। ଫିନ୍‌ଲାଣ୍ଡ-ସ୍ୱିଡେନ ମଧ୍ୟବର୍ତ୍ତୀ ହେଲୁଓତା ଦ୍ୱୀପର ମାର୍ଜେନେମୀ ସମୁଦ୍ର ତଟରେ ଏପରି ଏକ ଦୃଶ୍ୟ କଏଦ ହୋଇଛି କ୍ୟାମେରା ଫ୍ରେମ୍‌ରେ, ଯାହା ଏବେ ସୋସିଆଲ ମିଡିଆରେ ବେଶ୍ ପ୍ରଶଂସା ସାଉଁଟୁଛି।

ଖ୍ୟାତନାମା ଫଟୋଗ୍ରାଫର ରିସ୍ତୋ ମାତିଲା ସ୍ତ୍ରୀଙ୍କ ସହ ଫିନ୍‌ଲାଣ୍ଡ ବୁଲିବାକୁ ଯାଇଥିବାବେଳେ ଦେଖିବାକୁ ପାଇଥିଲେ ଅସଂଖ୍ୟ ଅଣ୍ଡାକୃତି ବରଫ (ଆଇସ୍ ଏଗ୍), ଯାହା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ୩୦ ମିଟର ଯାଏ ପଡ଼ିଥିଲା। ବିଳମ୍ବ ନ କରି ସେ ଏପରି ବିରଳ ଦୃଶ୍ୟକୁ କ୍ୟାମେରା ଲେନ୍ସରେ ତୋଳିଧରିଥିଲେ। ପରେ ସେଗୁଡ଼ିକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ। ସବୁଠାରୁ ବଡ଼ ବରଫର ଆକାର ଫୁଟ୍‌ବଲ ସଦୃଶ ଥିଲା।

ପ୍ରକୃତିର ଏପରି ବିସ୍ମୟକର ଦୃଶ୍ୟ ଦେଖିବା ପରେ ଫିନ୍‌ଲାଣ୍ଡ ଜଳବାୟୁ ସଂସ୍ଥାନର ବିଶେଷଜ୍ଞ ଜୋନି ବେନିୟା କହିଛନ୍ତି, ଏହା ସାମାନ୍ୟ ଘଟଣା ନୁହେଁ, ବେଶ ଚିନ୍ତାଜନକ ବିଷୟ। ପାଗ ପରିବର୍ତ୍ତନ ହେଲେ ଏମିତି ଘଟିଥାଏ। ବାୟୁମଣ୍ଡଳର ତାପମାତ୍ରା ଶୂନ ଡିଗ୍ରୀରୁ ଟିକେ କମ୍ ଏବଂ ପାଣିର ଉପଯୁକ୍ତ ତାପମାତ୍ରା ହିମାଙ୍କର ନିକଟତର ହେଲେ ଏପରି ହେବା ସମ୍ଭବ ବୋଲି ସେ କହିଛନ୍ତି।

ଏ ସଂକ୍ରାନ୍ତରେ ଇଲିନୟ ଷ୍ଟେଟ ୟୁନିଭର୍ସିଟିର ଭୂ-ବିଜ୍ଞାନ ପ୍ରଫେସର ଡ. ଜେମ୍ସ କାର୍ଟର କୁହନ୍ତି, ଶରତ ଋତୁରେ ସାଧାରଣତଃ ଏପରି ଦୁର୍ଲଭ ଦୃଶ୍ୟ ଦେଖିବାକୁ ମିଳେ। ଏହି ସମୟରେ ପାଣିରେ ବରଫ ଜମାଟ ବାନ୍ଧିବା ଆରମ୍ଭ ହୁଏ। ସମୁଦ୍ରରେ ଲହରି ଆସିଲେ ବରଫ ତରଳି ଯାଏ। ଏହାପରେ ଅଣ୍ଡାକୃତି ବରଫ ସୃଷ୍ଟି ହୋଇଥାଏ। ଏବେ ପ୍ରକୃତିର ବିଚିତ୍ର ରୂପ ସାମ୍ନାକୁ ଆସୁଛି। ଏପରି କେତେକ ଦୃଶ୍ୟ ଦେଖିବାକୁ ମିଳୁଛି, ଯାହାକୁ କ୍ୱଚିତ କେବେ କିଏ ଦେଖିଥିବେ। ଏହାକୁ ପାଣିପାଗର ପରିବର୍ତ୍ତନ କୁହାଯାଇପାରେ ଅଥବା ପ୍ରକୃତିର ବିସ୍ମୟ। ଏପରି ଦୁର୍ଲଭ ଫଟୋ ପୋଷ୍ଟ କରିଥିବା ଫଟୋଗ୍ରାଫରଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।



# ଇମ୍ରାନଙ୍କ 'ଦି ବଡି'



**ମୁମ୍ବାଇ:** ଇମ୍ରାନ ହାସ୍‌ମୀଙ୍କ ଅଭିନୀତ ଫିଲ୍ମ 'ଦି ବଡି'ର ରିଲିଜ ଡେଟ୍ ଏଇ ନିକଟରେ ଘୋଷଣା କରାଯାଇଛି। ସସ୍‌ପେନ୍ସ ଓ ଥ୍ରୀଲର୍‌ରେ ଭରପୂର ଏହି ଫିଲ୍ମ ଡିସେମ୍ବର ୧୩ରେ ରିଲିଜ ହେବାକୁ ଯାଉଛି। ଇମ୍ରାନ ନିଜର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଜରିଆରେ ଫିଲ୍ମ ସହ ଜଡ଼ିତ ଫଟୋକୁ ଶେୟାର କରି ଏହି ସୂଚନା ନିଜ ଫ୍ୟାନ୍ସଙ୍କୁ ଦେଇଛନ୍ତି। 'ଦି ବଡିରେ' ଋଷି କପୁର, ଶୋଭିତା ଧୂଳିପାଲା ମୁଖ୍ୟ ଭୂମିକାରେ ଅଛନ୍ତି। ମୋହନଲାଲ ଷ୍ଟାରର 'ଦୃଶ୍ୟମ୍'ର ନିର୍ଦ୍ଦେଶନା କରିଥିବା ଜିତୁ ଯୋସେଫ୍ 'ଦି ବଡି' ଫିଲ୍ମ ଜରିଆରେ ବଲିଉଡରେ ପ୍ରବେଶ କରୁଛନ୍ତି। ସ୍ପାନିଶ୍ ଥ୍ରୀଲର ଫିଲ୍ମରୁ ପ୍ରେରିତ ଏହି ଫିଲ୍ମକୁ ଅଜୁର ଏଣ୍ଟରଟେନ୍‌ମେଣ୍ଟ ପ୍ରଡ୍ୟୁସ କରୁଛି। ଫିଲ୍ମର କାହାଣୀ ଅନୁଯାୟୀ ଇମ୍ରାନ ହାସ୍‌ମୀ ଏଭଳି ଏକ ସ୍ୱାମୀଙ୍କ ଭୂମିକା ନିଭାଉଛନ୍ତି, ଯିଏ କି ନିଜ ପତ୍ନୀଙ୍କ ଶବର ସନ୍ଧାନରେ ଅଛନ୍ତି। ସେହିପରି ଜଣେ ପୋଲିସ ଅଧିକାରୀଙ୍କ ଭୂମିକାରେ ଋଷିଙ୍କୁ ଦେଖିବାକୁ ପାଇବେ ଦର୍ଶକ। ଏଥିସହିତ ଇମ୍ରାନଙ୍କ ହାତରେ ରହିଛି ଡାଇରେକ୍ଟର ରୂମୀ ଜାଫର୍‌ଙ୍କ ଫିଲ୍ମ 'ଚେହେରେ'। ଏଥିରେ ଇମ୍ରାନଙ୍କ ବ୍ୟତୀତ ଅମିତାଭ ମଧ୍ୟ ମୁଖ୍ୟ ଭୂମିକାରେ ଅଛନ୍ତି। ୨୦୨୦କୁ ରିଲିଜ ଅପେକ୍ଷାରେ ଥିବା ଏହି ଫିଲ୍ମଟି ମଧ୍ୟ ଏକ ଥ୍ରୀଲର ମୁଭି ଅଟେ।




## ୨.୩ ଲକ୍ଷ ଟଙ୍କାର ଜାଲ୍ ନୋଟ ଜବତ, ଜଣେ ଗିରଫ

**ରାୟଗଡ଼ା ଅଫିସ , ୯।୧୧**

ରାୟଗଡ଼ା ଜିଲା ଟିକିରି ଥାନା ଅନ୍ତର୍ଗତ ସୁନାମୁଦି ସାହିରେ ଏକ ଭଡ଼ା ଘରୁ ପୋଲିସ ୨ ଲକ୍ଷ ୩୦ ହଜାର ଟଙ୍କାର ଜାଲ୍ ନୋଟ ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ଦେବଜହନ ନାୟକ(୨୫)। ଶନିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଶ୍ରବଣ ବିବେକ ଏମ୍ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଦେବଜହନ ଉକ୍ତ ଭଡ଼ା ଘରେ ଜାଲ୍ ନୋଟ କାରବାର କରି ଆସୁଥିଲେ। ଟିକିରି ଥାନା ଆଇଆଇସି ସୁଙ୍କାନୀ ସାହୁ କୌଣସି ସୂତ୍ରରୁ ଖବରପାଇ ଉକ୍ତ ଭଡ଼ା ଘରେ ଚଢାଉ କରିଥିଲେ। ସେଠାରୁ ଦେବଜହନଙ୍କୁ ଗିରଫ କରିବା ସହ ୧୧୫ଟି ୨ ହଜାର ଟଙ୍କାର ଜାଲ୍ ନୋଟ ଜବତ କରିଥିଲେ। ଏନେଇ ଟିକିରି ଥାନାରେ ଏକ ମାମଲା(ନଂ ୧୩୨/୧୯) ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଏସପି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଆଇଆଇସି ଉପସ୍ଥିତ ଥିଲେ।




### ନିରୀହ ଲୋକଙ୍କୁ ପୋଲିସର ମାଡ଼ ଘଟଣା

# କ୍ଷତିପୂରଣ ଲାଗି ଏନ୍‌ଏଚ୍‌ଆର୍‌ସିର ନିର୍ଦ୍ଦେଶ

**ପୁରୁଷୋତ୍ତମପୁର,୯।୧୧(ଡି.ଏନ.ଏ.)**

ଜାତୀୟ ମାନବାଧିକାର କମିଶନ ପୋଲିସ ମାଡରେ ଆହତ ୭ ଜଣଙ୍କୁ ୨୫ହଜାର ଲେଖାଏ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିପୂରଣ ପାଇବାକୁ ଥିବା ବ୍ୟକ୍ତିହେଲେ କୁମାରୀର ଅଧିକାରୀ ବେହେରା, ପୁରୁଷୋତ୍ତମପୁର ମେନ୍‌ରୋଡ୍‌ର ଗଣପତି ସାହୁ, ମହେଶ୍ୱର ମହାନ୍ତି, ହନୁମାନ ବଜାରର ବଳରାମ ବେହେରା, ନଦୀତଟ ସାହିର ଶୁକୁଟା ବେହେରା, ଟାଙ୍ଗୁଡିଆପଦର ସାହିର ମୁରଲୀ ଗୌଡ, ବଡଧୋବା ସାହିର ପଞ୍ଚୁ ବେହେରା। ପଞ୍ଚୁଙ୍କ ଗତ କିଛିମାସ ତଳେ ମୃତ୍ୟୁ ଘଟିଛି। ଗଞ୍ଜାମ ଏସ୍‌ପି ଆହତଙ୍କୁ ଟଙ୍କା ପ୍ରଦାନ ପାଇଁ ସେମାନଙ୍କ ବ୍ୟାଙ୍କ


ପୋଲିସ ମାଡ଼ରେ ଆହତ ହୋଇଥିବା ବ୍ୟକ୍ତି। (ଫାଇଲ ଫଟୋ)

**ଧରିତ୍ରୀ ପ୍ରଭାବ**

ଆକାଉଣ୍ଟ ଓ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ କହିଛନ୍ତି। କେତେଜଣ ଛତ୍ରପୁର ଯାଇ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଦାଖଲ ମଧ୍ୟ କରିଛନ୍ତି। ମହେଶ୍ୱର ଗରିବ ଶ୍ରେଣୀର ହୋଇଥିବାବେଳେ ତାଙ୍କର ବ୍ୟାଙ୍କ ଆକାଉଣ୍ଟ ନ ଥିବାରୁ ସେ ଦାଖଲ କରି ପାରିନାହାନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୪ ଅଗଷ୍ଟ ୨୫ରେ ଭୋରରୁ ପୁରୁଷୋତ୍ତମପୁର ସହରର ଲୋକେ ନିତ୍ୟକର୍ମ ପାଇଁ ବାହାରକୁ ଆସିଥିବାବେଳେ ପାଟ୍ରୋଲିଂରେ ଥିବା ପୁରୁଷୋତ୍ତମପୁର ଥାନାର ପୂର୍ବତନ ଏସ୍‌ଆଇ ତଥା ବର୍ତ୍ତମାନ ପୋଲିସ ଚାକିରି ଛାଡ଼ି କନ୍ଧମାଳ ଜିଲା ଚକାପାଦ ବ୍ଲକରେ କାର୍ଯ୍ୟ କରୁଥିବା ମୁକ୍ତିପ୍ରକାଶ କୁଲୁ ଓ କର୍ମଚାରୀ ପ୍ରାୟ ୧୫ ଜଣ ନିରୀହ ଲୋକଙ୍କୁ ମାଡମାରି ଲହୁଲୁହାଣ କରିଥିଲେ। ପ୍ରତିବାଦରେ ଲୋକେ ସହରର ବିଭିନ୍ନ ସ୍ଥାନରେ ରାସ୍ତାରୋକୋ କରିଥିଲେ। ୨୦୧୪ ଅଗଷ୍ଟ ୨୬ରେ ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ଭିତ୍ତିକରି ପୁରୀର ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାଶ ଜାତୀୟ ମାନବାଧିକାର କମିଶନରଙ୍କଠାରେ ନଂ.୪୦୯୨/୧୮/୫/୨୦୧୪ ପ୍ରକାରେ ମାମଲା ଦାୟର କରି ମାଡ ଖାଇଥିବା ଲୋକଙ୍କୁ କ୍ଷତିପୂରଣ, ନ୍ୟାୟ ପ୍ରଦାନ ଲାଗି ନିବେଦନ କରିଥିଲେ। ଜାତୀୟ ମାନବାଧିକାର କମିଶନ ଅଧ୍ୟକ୍ଷ ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି ଓ ଗଞ୍ଜାମ ଏସ୍‌ପିଙ୍କୁ ରିପୋର୍ଟ ମାଗିଥିଲେ। ତଥ୍ୟକୁ ଭିତ୍ତିକରି ଜାତୀୟ ମାନବାଧିକାର କମିଶନ ଏହି ରାୟ ଶୁଣାଇଛନ୍ତି।

## ସାତକୋଶିଆରେ ପହଞ୍ଚିଲେ ଇଣ୍ଡିଆନ ସ୍କିମର

**ଗଣିଆ,୯।୧୧ (ଡି.ଏନ.ଏ.)**


ମହାନଦୀର ବଡମୂଳଠାରେ ଦେଖାଯାଇଥିବା ଇଣ୍ଡିଆନ ସ୍କିମର।

ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରୁଥିବା ବିଦେଶୀ ପକ୍ଷୀ ଇଣ୍ଡିଆନ ସ୍କିମର ପ୍ରତିବର୍ଷ ଭଳି ଚଳିତବର୍ଷ ମହାନଦୀର ବଡମୂଳଠାରେ ଶୁକ୍ରବାର ଦୃଶ୍ୟ ହୋଇଛନ୍ତି। ଶୀତଋତୁ ଆସିଲେ ବିଶେଷ କରି ନଭେମ୍ବର ଆରମ୍ଭରୁ ଫେବୃୟାରୀ ପର୍ଯ୍ୟନ୍ତ ମହାନଦୀର ସାତକୋଶିଆ ଗଣ୍ଡର ତଳିଆ ବଡମୂଳ ଅଞ୍ଚଳରେ ୪୨ ପ୍ରକାରର ବିଦେଶାଗତ ପକ୍ଷୀ ଦେଖାଯାଇଥାନ୍ତି। ଏଠାକୁ ଆସୁଥିବା ରଙ୍ଗବେରଙ୍ଗ ଦେଶୀୟ ଓ ବିଦେଶୀ ପକ୍ଷୀମାନଙ୍କ ମଧ୍ୟରେ ଏହି ଇଣ୍ଡିଆନ ସ୍କିମର ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସାତକୋଶିଆ ଗଣ୍ଡର ନୀଳ ଜଳରାଶିରେ ଦଳ ଦଳ ହୋଇ ସନ୍ତରଣ କରିବା ସହ ଏହି ପକ୍ଷୀମାନଙ୍କର କାକଳୀ ବେଶ୍ ରୋମାଞ୍ଚକର। ଗଣ୍ଡମଧ୍ୟରେ ଅବା ମହାନଦୀର ବାଲୁକା ଶଯ୍ୟାରେ ପ୍ରତିଟି ଦଳରେ ୫୦ରୁ ୬୦ ପକ୍ଷୀ ରହିଥାନ୍ତି। ଏହି ପକ୍ଷୀମାନେ ହିମାଳୟ ଓ ସାଇବେରିଆ ଅଞ୍ଚଳରୁ ଆସୁଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅନୁକୂଳ ଜଳବାୟୁ ଓ ପରିବେଶ ଯୋଗୁ ପୂର୍ବରୁ ଏହି ପକ୍ଷୀମାନେ କଟକସ୍ଥିତ ମୁଣ୍ଡୁଳି, ସାତକୋଶିଆ ଗଣ୍ଡର ଟିକରପଡା ଅଞ୍ଚଳକୁ ଆସୁଥିବାବେଳେ ବିଗତ ୫ବର୍ଷ ହେଲା ବଡମୂଳ ଅଞ୍ଚଳକୁ ଆସୁଥିବା ଦେଖିବାକୁ ମିଳୁଛି। ସାତକୋଶିଆ ଗଣ୍ଡକୁ ଆସୁଥିବା ଇଣ୍ଡିଆନ ସ୍କିମରମାନଙ୍କ ସମ୍ପର୍କରେ ଜାଣିବା ପାଇଁ ମହାନଦୀ ବନ୍ୟପ୍ରାଣୀ ବିଭାଗ ତରଫରୁ ୨୦୧୭ ମସିହାରେ ପକ୍ଷୀ ବିଶେଷଜ୍ଞଙ୍କ ଦ୍ୱାରା ବାର୍ଡ ରିଙ୍ଗିଙ୍ଗ (ଚିହ୍ନଟ ପ୍ରକ୍ରିୟା) କରାଯାଇଥିଲା। ଚିହ୍ନଟ ହୋଇଥିବା ପକ୍ଷୀମାନେ ପ୍ରତିବର୍ଷ ଆସୁଥିବା ଦେଖାଯାଉଛି। ମହାନଦୀର ମଣିଭଦ୍ରା ଓ ଚକ୍ରଗଡଠାରେ ଏହି ପକ୍ଷୀମାନେ ଗତବର୍ଷ ବସାବାନ୍ଧି ରହିଥିବା ବନ୍ୟପ୍ରାଣୀ ବିଭାଗର ଜଣେ କର୍ମଚାରୀ ପ୍ରକାଶ କରିଛନ୍ତି।

## ରବି କାନ୍ତ ସ୍ୱତନ୍ତ୍ର ଆବାସିକ କମିଶନର ନିଯୁକ୍ତ

**ଭୁବନେଶ୍ୱର,୯।୧୧(ବ୍ୟୁରୋ):** ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ରବି କାନ୍ତଙ୍କୁ ରାଜ୍ୟ ସରକାର ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଭବନର ସ୍ୱତନ୍ତ୍ର ଆବାସିକ କମିଶନରଭାବେ ନିଯୁକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଶନିବାର ଏନେଇ ଗଣମାଧ୍ୟମକୁ ଅବଗତ କରାଯାଇଛି। ଗୃହ ବିଭାଗ ପକ୍ଷରୁ ଏନେଇ ସ୍ୱତନ୍ତ୍ର ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଛି। ରବି କାନ୍ତ ବର୍ତ୍ତମାନ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ କମିଶନର(ସିଆରସି)ଙ୍କ ସ୍ୱତନ୍ତ୍ର ଅଧିକାରୀ(ଓଏସ୍‌ଡି)ଭାବେ କାର୍ଯ୍ୟ କରିଆସୁଥିଲେ।

## ଭଦ୍ରକ-ଖଡ଼ଗପୁର ସେକ୍ସନର ସବୁ ଷ୍ଟେଶନରେ ଆଲର୍ଟ
## ବୁଲ୍‌ବୁଲ୍ ପାଇଁ ଦକ୍ଷିଣ-ପୂର୍ବ ରେଳପଥର ପ୍ରସ୍ତୁତି

**ଭୁବନେଶ୍ୱର, ୯।୧୧(ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା ପଶ୍ଚିମବଙ୍ଗ ମୁହାଁ ହେବ ବୋଲି ଆକଳନ ହେଲା ପରେ ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ସତର୍କତା ଜାରି କରାଯାଇଛି। ଭଦ୍ରକ-ଖଡ଼ଗପୁର ରେଳ ସେକ୍ସନ ଅନ୍ତର୍ଗତ ସମସ୍ତ ଷ୍ଟେଶନକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦକ୍ଷିଣ-ପୂର୍ବ ରେଳପଥ ମୁଖ୍ୟାଳୟ ଓ ବିଭିନ୍ନ ଡିଭିଜନ୍ କାର୍ଯ୍ୟାଳୟରେ ଜରୁରିକାଳୀନ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ସ୍ଥିତି ଅନୁଧ୍ୟାନ କରାଯାଉଛି। ରେଳପଥର ସମସ୍ତ ବିଭାଗ ସୁରକ୍ଷିତ ଟ୍ରେନ ପରିଚାଳନାରେ ସାମିଲ ହୋଇଛନ୍ତି। ଟ୍ରେନ ଚଳାଚଳ ଉପରେ ବିପର୍ଯ୍ୟୟ ପରିଚାଳନା ବିଭାଗ ୨୪ ଘଣ୍ଟିଆ ନଜର ରଖୁଛି। ଟ୍ରେନ୍‌ଗୁଡ଼ିକର ଇଲେକ୍ଟ୍ରିକ ବ୍ରେକ୍ ଡାଉନ କାରରେ ଗଛ କଟା ମେଶିନ୍, ଇଞ୍ଜିନିୟରିଂ ଷ୍ଟାଫ ଓ ଅନ୍ୟ ଆବଶ୍ୟକ ଉପକରଣ ସହ ପ୍ରସ୍ତୁତ ଅଛନ୍ତି। ନଦୀ ଉପର ବ୍ରିଜ୍ ଦେଇ ଯାଇଥିବା ରେଳ ଲାଇନ୍ ନିକଟରେ ସୁରକ୍ଷାକର୍ମୀ ମୁତୟନ କରାଯାଇଛି। ବ୍ରିଜ୍ ଉପରକୁ ପାଣି ମାଡ଼ିବା, ଟ୍ରାକ୍ ଧୋଇବା ଆଶଙ୍କା କରାଯାଉଥିବା ସ୍ଥାନରେ ସୁରକ୍ଷାକର୍ମୀ ମୁତୟନ କରାଯାଇଛନ୍ତି। ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ଘଣ୍ଟାକୁ ଘଣ୍ଟା ବୈଠକ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି ବୋଲି ରେଳପଥ ପକ୍ଷରୁ କୁହାଯାଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ସହ ଯୋଗାଯୋଗ ରଖି ପରିଚାଳନା କରାଯାଉଛି। କୌଣସି ସୁରକ୍ଷାଜନିତ ସମସ୍ୟା ଉପୁଜିଲେ ରେଳ ଚଳାଚଳକୁ ଅଟକାଯିବ ବୋଲି କୁହାଯାଇଛି।

## ପ୍ରତାପ ଜେନାଙ୍କୁ ସର୍ବଶ୍ରେଷ୍ଠ ମନ୍ତ୍ରୀ ପୁରସ୍କାର


କେନ୍ଦ୍ର ଦକ୍ଷତା, ବିକାଶ ଏବଂ ଔଦ୍ୟୋଗିକ ମନ୍ତ୍ରୀ ଡ. ମହେନ୍ଦ୍ର ନାଥ ପାଣ୍ଡେଙ୍କଠାରୁ ମନ୍ତ୍ରୀ ପ୍ରତାପ ଜେନା ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୯।୧୧(ବ୍ୟୁରୋ)**

ରାଜ୍ୟ ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଆଇନ୍, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସର୍ବଶ୍ରେଷ୍ଠ ମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ଶନିବାର ନୂଆଦିଲୀସ୍ଥିତ ବିଜ୍ଞାନ ଭବନଠାରେ ଆୟୋଜିତ ଉତ୍ସବରେ କେନ୍ଦ୍ର ଦକ୍ଷତା ବିକାଶ ଏବଂ ଔଦ୍ୟୋଗିକ ମନ୍ତ୍ରୀ ଡ. ମହେନ୍ଦ୍ର ନାଥ ପାଣ୍ଡେଙ୍କଠାରୁ ମନ୍ତ୍ରୀ ଜେନା ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଫେମ୍ ଇଣ୍ଡିଆ ପକ୍ଷରୁ ଦେଶର ମନ୍ତ୍ରୀମାନଙ୍କ ଦକ୍ଷତାକୁ ଆକଳନ କରାଯାଇ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଏ। ସରକାରଙ୍କ ଜନମଙ୍ଗଳ ଯୋଜନାଗୁଡ଼ିକୁ ଠିକଣା ଭାବେ କାର୍ଯ୍ୟକାରୀ କରିବା ଲାଗି ଦିଗ୍‌ଦର୍ଶନ ଦେବା, ଜଣେ ଦାୟିତ୍ୱ ସମ୍ପନ୍ନ ମନ୍ତ୍ରୀ ଭାବେ କାର୍ଯ୍ୟ କରିବା ସହିତ ଦୁର୍ନୀତିଠାରୁ ଦୂରେଇ ରହିବା ଆଦି ବିଭିନ୍ନ କ୍ଷେତ୍ରକୁ ଆଧାର କରି ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଉଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ପ୍ରତାପ ଜେନା ଦାୟିତ୍ୱ ନିର୍ବାହ କରୁଛନ୍ତି। ୨୦୦୯ରୁ ୨୦୧୨ ପର୍ଯ୍ୟନ୍ତ ସେ ରାଜ୍ୟ ସରକାରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଥିବାବେଳେ ବିଜେଡିର ଚତୁର୍ଥ ପାଳି ସରକାରରେ ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ୍, ସୂଚନା ଓ ଲୋକ ସମ୍ପର୍କ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଛନ୍ତି।

## ପାଇକମାଳରେ ସେକ୍ସ ର୍‌ୟାକେଟ ଠାବ, ୪ ଗିରଫ

**ପାଇକମାଳ, ୯।୧୧(ଡି.ଏନ.ଏ)**

ବରଗଡ ଜିଲା ପାଇକମାଳ ଥାନା ଜର୍ଜଗଡ ଗ୍ରାମ ତହସିଲ ଅଫିସ ନିକଟରେ ସେକ୍ସ ର୍‌ୟାକେଟ ଚାଲିଥିବା ବେଳେ ପୋଲିସ ଚଢାଉ କରି ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦିବ୍ୟକିଶୋର ତାଣ୍ଡି (୩୫), ପ୍ରଭାସ ତାଣ୍ଡି (୫୫) ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତେଲେନପାଲି ଗ୍ରାମର ଶ୍ୟାମସୁନ୍ଦର ପଧାନ (୩୭) ଏବଂ ଜଣେ ମହିଳା। ପଦ୍ମପୁରରେ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରି ବରଗଡ ପଠାଯାଇଛି। ୩ଜଣ ପୀଡିତାଙ୍କୁ ଅନ୍ୟତ୍ର ରଖାଯିବା ବ୍ୟବସ୍ଥା କରାଯିବ ବୋଲି ଥାନା ଆଇଆଇସି ମନବୋଧ ଜଣାଇଛନ୍ତି। ଏ ନେଇ ପାଇକମାଳ ଥାନା ପୋଲିସ ଏକ ମାମଲା (ନଂ.୧୯୪/୧୯) ରୁଜୁ କରି ତଦନ୍ତ ଚଳାଇଛି। ପାଇକମାଳ ଆଇଆଇସି ବିଶ୍ୱଜିତ ମନବୋଧ ସଦଳବଳ ଉକ୍ତ ମହିଳାଙ୍କ ଘରେ ରାତିରେ ଚଢାଉ କରି ୪ ଜଣଙ୍କୁ ଗିରଫ କରିଥିଲେ।

### ଓଡ଼ିଶା ଭବନରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ବକେୟା ଅର୍ଥ କେନ୍ଦ୍ର ସରକାର ପ୍ରଦାନ ଉପରେ ଗୁରୁତ୍ୱ


ନୂଆଦିଲ୍ଲୀ ସ୍ଥିତ ଓଡ଼ିଶା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ପଦାଧିକାରୀ।

**ଭୁବନେଶ୍ୱର,୯।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଭବନରେ ରାଜ୍ୟରେ ଚାଲୁଥିବା କେତେକ କେନ୍ଦ୍ରୀୟ ଯୋଜନା ଏବଂ ୫-ଟି ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଗତ ୭ ତାରିଖ ସୁଦ୍ଧା କେନ୍ଦ୍ରୀୟ ଅନୁଦାନରେ ଜାରି ରହିଥିବା ଯୋଜନା(ସିଏସ୍‌ଏସ୍) ସମ୍ପର୍କିତ ତଥ୍ୟ ଏହି ସମୀକ୍ଷା ବୈଠକରେ ପ୍ରକାଶ କରାଯାଇଥିଲା।

**‘୫-ଟି’ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ**

ରାଜ୍ୟ କେନ୍ଦ୍ର ନିକଟରୁ ୭୫୪୪ କୋଟି ଟଙ୍କା ପାଇଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ), ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏ), ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି) ଏବଂ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ବାବଦକୁ ୬ହଜାର କୋଟି ଟଙ୍କା ବକେୟା ରହିଛି। ତେଣୁ କେନ୍ଦ୍ରୀୟ ଅଧିକାରୀ ସହ ରାଜ୍ୟର ବିଭାଗଗୁଡ଼ିକ ସମନ୍ୱୟ ରକ୍ଷା କରି ଏହାକୁ ତୁରନ୍ତ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ୫-ଟି (ଦଳଗତ କାର୍ଯ୍ୟ, ସ୍ୱଚ୍ଛତା, ବୈଷୟିକ ବିଦ୍ୟା, ସମୟ ଏବଂ ପରିବର୍ଦ୍ଧିତ ରୂପ) ଯେପରି କାର୍ଯ୍ୟକାରୀ ହୋଇପାରିବ, ସେ ନେଇ ଆଲୋଚନା କରାଯାଇଥିଲା। ଏହାକୁ ପ୍ରତିଟି କାର୍ଯ୍ୟରେ ଲଗାଇବା ପାଇଁ ମୁଖ୍ୟମନ୍ତ୍ରୀ ଆବାସିକ କମିଶନର, ସ୍ୱତନ୍ତ୍ର ଆବାସିକ କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୂଆଦିଲ୍ଲୀରେ ଓଡ଼ିଶା ସରକାର ଏକ ସାଂସ୍କୃତିକ କେନ୍ଦ୍ର କରିବାକୁ ଚାହୁଁଛନ୍ତି। ଏଥିପାଇଁ ଜମି ବ୍ୟବସ୍ଥା କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସରିତା
ପରିବାରବର୍ଗ


ସୌମିତ୍ରା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଯୋଧ୍ୟା ରାୟ ପରେ ରାଜ୍ୟରେ ସୁରକ୍ଷା କଡ଼ାକଡ଼ି

- ସମ୍ବେଦନଶୀଳ ଜିଲାରେ ବ୍ୟାପକ ପୋଲିସ ମୁତୟନ
- ସୋସିଆଲ ମିଡିଆ ଓ ସ୍ଥିତି ଉପରେ ନଜର ରଖିବାକୁ ପରାମର୍ଶ
- ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଲେ ଡିଜିପି

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

ଅଯୋଧ୍ୟା ରାୟ ପ୍ରକାଶ ପାଇବା ପରେ ଦେଶସାରା ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସମସ୍ତ ରାଜ୍ୟକୁ ସତର୍କ ରହିବାକୁ କହିଛନ୍ତି। ଏଭଳି ସ୍ଥିତିରେ ଓଡିଶାରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଛି। ସମ୍ବେଦନଶୀଳ ଜିଲା ବିଶେଷ କରି ଭଦ୍ରକ, କେନ୍ଦ୍ରାପଡା ଓ କଟକ ଆଦି ଜିଲାରେ ଅଧିକ ଫୋର୍ସ ମୁତୟନ କରାଯାଇଛି। ସହରର ଗଳି କନ୍ଦିରେ ମୋବାଇଲ୍ ପାଟ୍ରୋଲିଂ କରାଯିବ ସହ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଥିବା ପୋଲିସ ଡିଜି ବି.କେ ଶର୍ମା ଡିଜିପି କ୍ୟାମ୍ପ ଅଫିସରେ ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, କୋର୍ଟଙ୍କ ଏହି ରାୟ ପୂର୍ବରୁ ଏନେଇ ପୋଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ଜିଲା ଏସ୍‌ପି ଓ ଅନ୍ୟ ଦକ୍ଷ ପୋଲିସ ଅଫିସରମାନେ ନିଜ ଜିଲାରେ ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି। ଘଟଣା ଉପରେ ନଜର ରଖିବାକୁ ସବୁ ଜିଲା ଏସ୍‌ପିଙ୍କୁ କଡା ନିର୍ଦ୍ଦେଶ ଦିଆଯାଇଛି। ସୋସିଆଲ ମିଡିଆ ଉପରେ ପୋଲିସ କଡା ନଜର ରଖିଛି। କେହି ଯଦି ସୋସିଆଲ ମିଡିଆରେ ଉତ୍ତେଜିତ ମୂଳକ ତଥା କୌଣସି ଧାର୍ମିକ ଭାବନାକୁ ଆଘାତ ଦେବା ଭଳି କିଛି ପୋଷ୍ଟ କରନ୍ତି ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଫେସ୍‌ବୁକ୍ ଓ ଟ୍ୱିଟର ଉପରେ ଅଧିକ ନଜର ରଖାଯାଇଛି। ଶାନ୍ତିଶୃଙ୍ଖଳା ଓ ସଦଭାବନା ବଜାଇ ରଖିବାକୁ ପୋଲିସ ସଜାଗ ରହିବା ସହ ଓଡିଶା ପୋଲିସ ପକ୍ଷରୁ ପୂର୍ବ ପ୍ରସ୍ତୁତି କରାଯାଇଛି।

ଏହାସହ ଡିଜିପି ସୂଚନା ଦେଇଛନ୍ତି ଯେ, ଶାନ୍ତି ବଜାଇ ରଖିବା ପାଇଁ ବିଭିନ୍ନ ଧାର୍ମିକ ନେତା ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ପୂର୍ବରୁ ଆଲୋଚନା କରାଯାଇଛି। କିଭଳି ଶାନ୍ତିଶୃଙ୍ଖଳା ରଖାଯାଇପାରିବ ସେନେଇ ତାଙ୍କୁ ଅବଗତ କରିବା ସହ ତାଙ୍କ ସହ ବିଚାରବିମର୍ଶ କରାଯାଇଛି ବୋଲି ଡିଜିପି ସୂଚନା ଦେଇଛନ୍ତି।

ଏହାସହ ବର୍ତ୍ତମାନ ପରିସ୍ଥିତି ଶାନ୍ତ ରହିଛି। କୌଣସି ସ୍ଥାନରେ କିଛିବି ଅଘଟଣ ଘଟିନାହିଁ। ପୋଲିସ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛୁ। କୌଣସି ପରିସ୍ଥିତିକୁ



ମୁକାବିଲା କରିବାକୁ ଓଡିଶା ପୋଲିସ ପ୍ରସ୍ତୁତି ରହିଛି। ବିଭିନ୍ନ ଅଞ୍ଚଳର ଆବଶ୍ୟକିୟ ଅନୁଯାୟୀ ଫୋସ ରଖାଯାଇଛି। ଏପରିକି ଯେଉଁ ଅଞ୍ଚଳରେ ଅଧିକ ପୋଲିସ ଫୋର୍ସ ଆବଶ୍ୟକ ସେଠାକୁ ପଠାଇବା ପାଇଁ ରିଜର୍ଭ ପୋଲିସ ମଧ୍ୟ ରଖାଯାଇଛି। ଯେଉଁମାନେ ଆଇନି ଉଲ୍ଲଂଘନକରିବେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଶେଷ କରି ସୁପ୍ରିମ୍ କୋର୍ଟଙ୍କ ଏହି ରାୟକୁ ମାନିନେବା ସହ ଶାନ୍ତି ବଜାଇ ରଖିବାକୁ ଡିଜିପି ଲୋକଙ୍କୁ ପରାମର୍ଶ ଦେଇଛନ୍ତି।

ସେହିଭଳି କଟକ ଓ ଭୁବନେଶ୍ୱରରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯଇଛି। କଟକରେ ୧୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ସହ ୨୪ଟି ଏଡ୍ ପୋଷ୍ଟ କରାଯାଇଛି। ସେହିଭଳି ରାଜଧାନୀରେ ୧୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଭୁବନେଶ୍ୱର ଡିସିପି ଓ କଟକ ଡିସିପି ମଧ୍ୟ ନିଜେ ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଉପରେ ନଜର ରଖିଛନ୍ତି।

## ବୁଲ୍‌ବୁଲ୍ ପାଇଁ କୋଲକାତାକୁ ୧୨ ଘଣ୍ଟା ବିମାନ ବାତିଲ୍

ଭୁବନେଶ୍ୱର, ୯।୧୧(ବ୍ୟୁରୋ): ବାତ୍ୟା 'ବୁଲ୍‌ବୁଲ୍' ପାଇଁ ଶନିବାର ସନ୍ଧ୍ୟା ୬ଟାରୁ ରବିବାର ସକାଳ ୬ଟା ପର୍ଯ୍ୟନ୍ତ କୋଲକାତାକୁ ବିମାନ ସେବା ବାତିଲ୍ କରାଯାଇଛି। ଏନେଇ କୋଲକାତା ଏୟାରପୋର୍ଟ କର୍ତ୍ତୃପକ୍ଷ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏୟାର ଇଣ୍ଡିଆ, ଏୟାର ଏସିଆ, ଇଣ୍ଡିଗୋ, ସ୍ପାଇସ୍ ଜେଟ୍, ଗୋ ଏୟାର ଆଦି ବିମାନ ଚଳାଚଳ ସଂସ୍ଥା କୋଲାକାତାକୁ ଉଭୟ ଅବତରଣ ଓ ଉଡ଼ାଣ ବାତିଲ୍ କରିଛନ୍ତି। ଏୟାର ଇଣ୍ଡିଆ ତା'ର ମୁମ୍ବାଇ-କୋଲକାତା, କୋଲାକାତା-ବାରଣାସୀ, ଡେରାଡୁନ୍-ମୁମ୍ବାଇ, ଦିଲ୍ଲୀ-କୋଲକାତା, କୋଲକାତା-ଅଗରତାଲା, କୋଲକାତା-ଢ଼ାକା ଓ ମୁମ୍ବାଇ-କୋଲକାତା ବିମାନକୁ ବାତିଲ୍ କରିଛି। ସ୍ପାଇସ୍ ଜେଟ୍ ଓ ଇଣ୍ଡିଗୋ ବାତିଲ୍ ବିମାନ ପାଇଁ ଯାତ୍ରୀଙ୍କୁ ଅର୍ଥ ଫେରସ୍ତ କରିବ ବୋଲି ସୂଚନା ଦେଇଛି। ଏଥିସହ ଏୟାରପୋର୍ଟ ବାହାରିବା ପୂର୍ବରୁ ଯାତ୍ରୀମାନେ ବିମାନ ଚଳାଚଳ ସ୍ଥିତି ଦେଖି ଯିବାକୁ ଅନ୍ୟ ବିମାନ କମ୍ପାନୀଗୁଡ଼ିକ ଅନୁରୋଧ କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

### ଓଲେଇ ଦରକଞ୍ଚା ଖାଏ ଦୁଆରବୁଲିର ପୋଡ଼ିଯାଏ।

ଓଲେଇ ଖାଇବା ଜିନିଷ ଦେଖିଲା ମାତ୍ରକେ ପାଟିରେ ପକାଏ, ସମୟ ଓ ପରିମାଣ ଜ୍ଞାନ ରଖେ ନାହିଁ। ଖାଦ୍ୟଲୋଭୀ ବ୍ୟକ୍ତି କେବେ ଭୋକ ସମ୍ଭାଳି ରହି ପାରି ନ ଥାନ୍ତି। ଖାଦ୍ୟ ଭଲଭାବେ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଅପେକ୍ଷା କରିବା ସେମାନଙ୍କ ପକ୍ଷେ କାଠିକର ପାଠ ହୋଇଯାଇଥାଏ। ତରତର ସ୍ୱଭାବ ଯୋଗୁ ସେମାନେ ସବୁବେଳେ କ୍ଷତିରେ ପଡ଼ିଥାନ୍ତି। ରୋଷେଇ ଏକ କଳା। ଏହା ଏକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥାଏ। ଏଥିପ୍ରତି ସଜାଗ ତଥା ସତର୍କ ନ ରହିଲେ ଖାଦ୍ୟ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ଓଲେଇ ଓ ଦୁଆରବୁଲି ସେମାନଙ୍କ ମନ୍ଦ ପ୍ରକୃତି ତଥା ସ୍ୱଭାବ ହେତୁ ସମଦଶା ଭୋଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

### ଓର ଉଣ୍ଡି ମାରିବ ହାତ ରଖିବେ ମାରିବେ ଜଗନ୍ନାଥ।

ଚୋରଙ୍କର ଚୋରି କରିବା ପାଇଁ ଭାଳେଣି। ସାଧାରଣତଃ ଚୋର ଚୋରି କଲା ବେଳେ ଯେପରି ଅନ୍ୟ ହାତରେ ଧରା ପଡ଼ି ନ ଯାଏ ସେନେଇ ସେ ସଦାସର୍ବଦା ସତର୍କତା ଅବଲମ୍ବନ କରିଥାଏ। ଏପରିସ୍ଥଳେ ବେଳକାଳ ଦେଖି ସୁଯୋଗ ଉଣ୍ଡି ଚୋରି କରିବାକୁ ଉଦ୍ୟମ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# କୋଇଲା ରୟାଲ୍‌ଟି ସଂଶୋଧନକୁ କେନ୍ଦ୍ର ଅରାଜି

- ୬ ବର୍ଷ ହେଲା ହୋଇନି ସଂଶୋଧନ
- ବୃହତ୍ତର ସହମତିର ଆବଶ୍ୟକତା ରହିଛି: କେନ୍ଦ୍ର ମନ୍ତ୍ରୀ
- ୨୦୨୦ ମାର୍ଚ୍ଚ ସୁଦ୍ଧା ଶେଷ ହେବ ୨୪ ଖଣିର ଅବଧି
- ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ କଲେ ସାକ୍ଷାତ୍

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

ରାଜ୍ୟ ସରକାର କୋଇଲା ରୟାଲ୍‌ଟି ବଢ଼ାଇବା ନେଇ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି ଆସୁଛନ୍ତି। ହେଲେ କେନ୍ଦ୍ର ସରକାର ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି। ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ କୋଇଲା ରୟାଲ୍‌ଟି ବୃଦ୍ଧି ନେଇ ପୁଣି ଏକ ଦାବିପତ୍ର ଦିଆଯାଇଛି। ବର୍ତ୍ତମାନ କୋଇଲା ରୟାଲ୍‌ଟି ୧୪ ପ୍ରତିଶତ ରହିଛି। ରାଜ୍ୟ ସରକାର ଏହାକୁ ୨୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଦାବି କରି ଆସୁଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କୋଇଲା ରୟାଲ୍‌ଟି ବୃଦ୍ଧି ନେଇ ରାଜ୍ୟ ସରକାର ପ୍ରସ୍ତାବ ଦେଇଛନ୍ତି। ବିଦ୍ୟୁତ୍ ମୂଲ୍ୟ ସହ ରୟାଲ୍‌ଟି ସଂଶୋଧନର ସିଧା ସଳଖ ସମ୍ପର୍କ ଥିବାରୁ ବୃଦ୍ଧି ସମ୍ଭବ ହେଉନାହିଁ। ରୟାଲ୍‌ଟି ସଂଶୋଧନ ପାଇଁ ବୃହତ୍ତର ସହମତିର ଆବଶ୍ୟକତା ରହିଛି। ରୟାଲ୍‌ଟି ବୃଦ୍ଧି ହେଲେ ସମଗ୍ର ଦେଶ ପାଇଁ ଲାଗୁ ହେବ। ତେବେ ରାଜ୍ୟ ସରକାରଙ୍କ ଏହି ପ୍ରସ୍ତାବ ଉପରେ ବିଚାର କରାଯାଉଛି ବୋଲି ଜୋଷୀ କହିଛନ୍ତି। ସାରା ଦେଶରେ ଉତ୍ପାଦିତ ହେଉଥିବା କୋଇଲାର ଏକ-ପଞ୍ଚମାଂଶ ଓଡ଼ିଶାରେ ମିଳିଥାଏ। ରୟାଲ୍‌ଟି ପୁନଃନିର୍ଦ୍ଧାରଣ ନ ହେବା ଦ୍ୱାରା ଓଡ଼ିଶାକୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡୁଛି। ମାଇନ୍ସ ଏବଂ ମିନେରାଲ( ଡେଭେଲପମେଣ୍ଟ ଆଣ୍ଡ ରେଗୁଲେଶନ) ଆକ୍ଟ ଅନୁଯାୟୀ ପ୍ରତି ୩ ବର୍ଷରେ କୋଇଲା ରୟାଲ୍‌ଟି ସଂଶୋଧନ ହେବା କଥା। ଗତ ୬ ବର୍ଷ ଧରି ଏହା ହେଉ ନ ଥିବା ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮ ଫେବୃୟାରୀ ୫ରେ ରୟାଲ୍‌ଟି ବୃଦ୍ଧି ନେଇ ପ୍ରସ୍ତାବ ଦିଆଯାଇଥିଲା। ରାଜ୍ୟ ସରକାରଙ୍କୁ ପକ୍ଷରୁ କ୍ଲିନ୍ ଏନର୍ଜି ସେସ୍ , କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ନିୟମ ଦ୍ୱାରା ରାଜ୍ୟ ପାଉଥିବା ରୟାଲ୍‌ଟି ହ୍ରାସ ପାଉଥିବା ନେଇ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି।

ଅନ୍ୟପକ୍ଷରେ ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ବାବଦ ଅର୍ଥରୁ ରାଜ୍ୟ ୪.୨ ପ୍ରତିଶତ ରାଜସ୍ୱ ପାଉଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଡିଏମ୍‌ଏଫ୍ ଏକ ଟ୍ରଷ୍ଟ, ଯାହା ଅଣ ଲାଭଜନକ ଭାବେ କାର୍ଯ୍ୟ କରୁଥିବା ଜୋଷୀ ସୂଚନା ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ରାମମନ୍ଦିର...

ସୁନ୍ନି ୱାକଫ୍ ବୋର୍ଡ ଉକ୍ତ ରାୟକୁ ସମ୍ମାନ କରିଥିବାବେଳେ ଅସନ୍ତୋଷ ମଧ୍ୟ ବ୍ୟକ୍ତ କରିଛି। ରାୟ ବିରୋଧରେ ରିଭ୍ୟୁ ପିଟିଶନ ଦାଏର କରାଯିବ ବୋଲି ମୁସ୍‌ଲିମ ପକ୍ଷ ଓକିଲ ଜଫରୟାବ୍ ଜିଲାନି କହିଛନ୍ତି। ଅନ୍ୟପକ୍ଷରେ ରାଜନୈତିକ ଦୃଷ୍ଟିରୁ ସର୍ବାଧିକ ସମ୍ବେଦନଶୀଳ ଏହି ମାମଲାର ରାୟ ପ୍ରକାଶକୁ ନେଇ ଦେଶବ୍ୟାପୀ ହାଇଆଲର୍ଟ ଜାରି କରାଯାଇଛି। କୌଣସି ସ୍ଥାନରେ ସାମ୍ପ୍ରଦାୟିକ ସଦ୍ଭାବନା ନଷ୍ଟହୋଇ ହିଂସା ଓ ଉତ୍ତେଜନା ଯେପରି ସୃଷ୍ଟି ନ ହେବ ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ପଦକ୍ଷେପ ନିଆଯାଇଛି। ସୋସିଆଲ ମିଡିଆରେ ଗୁଜବ ରୋକିବା ଲାଗି ସାଇବର ବିଶେଷଜ୍ଞଙ୍କ ସହାୟତା ନିଆଯାଇଛି। ଆତଙ୍କବାଦୀ ଆକ୍ରମଣକୁ ଏଡ଼ାଇବା ପାଇଁ ଅଭୂତପୂର୍ବ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଜମ୍ମୁ-କଶ୍ମୀର ଓ ଦିଲ୍ଲୀରେ ସ୍କୁଲ କଲେଜଗୁଡ଼ିକ ଛୁଟି ଘୋଷଣା କରାଯାଇଛି।

ଅଯୋଧ୍ୟାର ରାମ ଜନ୍ମଭୂମିକୁ ନେଇ ବିବାଦ ହେଉଛି ଦେଶର ସବୁଠୁ ପୁରୁଣା ଜମି ବିବାଦ ମାମଲା। ଐତିହାସିକଙ୍କ ମତରେ ୧୫୨୮ରେ ମୋଗଲ ସମ୍ରାଟ ବାବରଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ କମାଣ୍ଡର ମିର ବାକି ସେଠାରେ ଏକ ଢାଞ୍ଚା ନିର୍ମାଣ କରିଥିଲେ, ଯାହାକି ବାବ୍ରୀ ମସ୍‌ଜିଦ ନାମରେ ପରିଚିତ। ଉକ୍ତ ସ୍ଥାନରେ ପୂର୍ବରୁ ଭଗବାନ ରାମଙ୍କର ଏକ ମନ୍ଦିର ଥିଲା ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି। ୧୮୮୫ ମସିହାରେ ମହନ୍ତ ରଘୁବୀର ଦାସ ଫୈଜାବାଦ ଜିଲା କୋର୍ଟରେ ପ୍ରଥମେ ଏକ ପିଟିଶନ ଦାଏର କରିଥିଲେ। ବିବାଦୀୟ ଢାଞ୍ଚା ବାହାରେ ଏକ ଛତ୍ରୀ ନିର୍ମାଣ ପାଇଁ ଅନୁମତି ଦେବାକୁ ସେ ଏଥିରେ ଅନୁରୋଧ କରିଥିଲେ। କୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ୧୯୯୨ ଡିସେମ୍ବର ୬ରେ କରସେବକମାନେ ଷୋଡ଼ଶ ଶତାବ୍ଦୀର ଉକ୍ତ ବିବାଦୀୟ ଢାଞ୍ଚାକୁ ଭାଙ୍ଗିଦେଇଥିଲେ। ରଘୁବୀର ଦାସଙ୍କ ପିଟିଶନ ବେଳରୁ ଆରମ୍ଭ ହୋଇଥିବା ଶତାବ୍ଦୀ ପୁରୁଣା ବିବାଦ ଶନିବାର ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ ସମାଧାନ ହୋଇଛି। ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ପୂର୍ବାହ୍ନ ୧୦ଟା ୩୦ରୁ ୪୫ ମିନିଟ ଧରି ରାୟ ଶୁଣାଇଥିଲେ। ପୀଠ କହିଥିଲେ, ମସ୍‌ଜିଦ ଏକ ପ୍ରମୁଖ ସ୍ଥାନରେ ନିର୍ମାଣ କରାଯିବା ଉଚିତ। କେନ୍ଦ୍ର କିମ୍ବା ଉତ୍ତରପ୍ରଦେଶ ସରକାର ଏଥିପାଇଁ ୫ ଏକର ଉପଯୁକ୍ତ ଜମି ସୁନ୍ନି ୱାକଫ୍ ବୋର୍ଡକୁ ହସ୍ତାନ୍ତର କରିବେ। ସେହିପରି ଭଗବାନ ରାମ ଯେଉଁଠି ଜନ୍ମ ହୋଇଥିଲେ ବୋଲି ହିନ୍ଦୁମାନଙ୍କ ବିଶ୍ୱାସ ରହିଛି, ସେହି ସ୍ଥାନରେ ମନ୍ଦିର ନିର୍ମାଣ କରାଯାଉ। ଏଥିପାଇଁ କେନ୍ଦ୍ର ସରକାର ୩ ମାସ ମଧ୍ୟରେ ଏକ ଟ୍ରଷ୍ଟ ଗଠନ କରିବେ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆମ ଦେଶର ଜମିଗୁଡ଼ିକ ଉପରେ ବ୍ୟବସାୟୀ, ପରିବ୍ରାଜକ ଓ ବିଜେତାମାନଙ୍କ ପକ୍ଷରୁ ଅନେକ ଆକ୍ରମଣ ଓ ବିବାଦ ହୋଇଥିଲେ ହେଁ ଭାରତ ତିଷ୍ଠି ରହିଛି। ଦେଶର ଇତିହାସ ଓ ସଂସ୍କୃତିରେ ଭୌତିକ, ରାଜନୈତିକ ଓ ଆଧାତ୍ମିକ ଉପାୟରେ ସତ୍ୟର ବାସସ୍ଥାନ ରହିଛି।

ପରବର୍ତ୍ତୀ ସିଜେଆଇ ଏସ୍.ଏ. ବୋବ୍‌ଡେଙ୍କ ସମେତ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିରଙ୍କୁ ନେଇ ଗଠିତ ପୀଠ ଆହୁରି କହିଛନ୍ତି, ୨.୭୭ ଏକର ବିବାଦୀୟ ଜମିର ଅଧିକାର ରାମ ଲାଲା(୩ ପକ୍ଷଙ୍କ ମଧ୍ୟରୁ ଅନ୍ୟତମ)ଙ୍କୁ ହସ୍ତାନ୍ତର କରାଯିବ। ତେବେ ଏହାର ଦଖଲ ୧୯୯୩ ଅଯୋଧ୍ୟା ଆଇନର ଧାରା ୬ ଅନୁସାରେ କେନ୍ଦ୍ର ସରକାରଙ୍କ ଏକ ଗ୍ରହୀତାଙ୍କ ପାଖରେ ରହିବ। ଭିତର ଓ ବାହାର ପରିସରର ଦଖଲ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗଠନ ହେବାକୁ ଥିବା ଟ୍ରଷ୍ଟର ବୋର୍ଡ ଅଫ୍ ଟ୍ରଷ୍ଟିମାନଙ୍କୁ ଦିଆଯିବା ଉଚିତ। ହିନ୍ଦୁମାନେ ବାହାର ପରିସର ଦଖଲ କରୁଥିଲେ ବୋଲି ପ୍ରମାଣିତ କରିଥିବାବେଳେ ଅଯୋଧ୍ୟା ଜମି ବିବାଦ ମାମଲାରେ ଉତ୍ତରପ୍ରଦେଶ ସୁନ୍ନି ସେଣ୍ଟ୍ରାଲ ୱାକଫ୍ ବୋର୍ଡ ନିଜ ଯୁକ୍ତି ପ୍ରତିପାଦିତ କରିପାରି ନାହାନ୍ତି। ନିର୍ମୋହୀ ଆଖଡ଼ା ମଧ୍ୟ ମନ୍ଦିର ଉପରେ ସେବାୟତି ଅଧିକାର ଓ ପରିଚାଳନା ନେଇ ନିଜ ଦାବିକୁ ପ୍ରମାଣିତ କରିପାରି ନ ଥିବାରୁ ଏହି ପକ୍ଷର ପିଟିଶନ ଖାରଜ ହୋଇଯାଇଛି। ତେବେ କେନ୍ଦ୍ର ସରକାର ଯଦି ଉପଯୁକ୍ତ ମନେକରନ୍ତି ତା'ହେଲେ ନିର୍ମୋହୀ ଆଖଡ଼ାକୁ ଟ୍ରଷ୍ଟରେ ସାମିଲ କରିପାରିବେ। ସର୍ବୋଚ୍ଚ ଅଦାଲତ ଆହୁରି କହିଛନ୍ତି, ହିନ୍ଦୁମାନେ ବିବାଦୀୟ ସ୍ଥଳର ବାହ୍ୟ ପରିସରରେ ପୂଜା କରୁଥିଲେ। ମୁସ୍‌ଲିମମାନେ ଶୁକ୍ରବାର ମସ୍‌ଜିଦରେ ପ୍ରାର୍ଥନା କରୁଥିଲେ। ଏଥିରୁ ସଙ୍କେତ ମିଳୁଛି ଯେ ମୁସଲମାନମାନେ ଉକ୍ତ ସ୍ଥଳରୁ ଦଖଲ ହରାଇ ନ ଥିଲେ। ମସ୍‌ଜିଦରେ ପ୍ରାର୍ଥନାବେଳେ ବ୍ୟାଘାତ ସତ୍ତ୍ୱେ ସେମାନେ ଉକ୍ତ ସ୍ଥାନ ଛାଡ଼ି ନ ଥିଲେ। ବିବାଦୀୟ ସ୍ଥଳ ତଳେ ଥିବା ଢାଞ୍ଚା ଇସ୍‌ଲାମିକ୍ ନ ଥିଲା। କିନ୍ତୁ ମସ୍‌ଜିଦ ନିର୍ମାଣ ପାଇଁ ଏକ ମନ୍ଦିରକୁ ଭଙ୍ଗାଯାଇଥିଲା ବୋଲି ଭାରତର ପ୍ରତ୍ନତାତ୍ତ୍ୱିକ ବିଭାଗ (ଏଏସ୍‌ଆଇ) ପ୍ରମାଣ କରିବାରେ ବିଫଳ ହୋଇଛି। ଏହାସତ୍ତ୍ୱେ ପ୍ରତ୍ନତାତ୍ତ୍ୱିକ ପ୍ରମାଣକୁ ଏକ ମାମୁଲି ମତାମତ ବୋଲି କହିବା ଏଏସ୍‌ଆଇକୁ କ୍ଷତି ପହଞ୍ଚାଇବା ସଦୃଶ। ସେହିପରି ବିବାଦୀୟ ସ୍ଥଳରେ ରାମ ଜନ୍ମ ହୋଇଥିଲେ ବୋଲି ହିନ୍ଦୁମାନେ ବିଚାର କରନ୍ତି। ଏପରି କି ମୁସ୍‌ଲିମମାନେ ମଧ୍ୟ ଏପରି କହିଥାନ୍ତି। ଭଙ୍ଗାଯାଇଥିବା ଢାଞ୍ଚାରେ ରାମଙ୍କ ଜନ୍ମ ନେଇ ହିନ୍ଦୁମାନଙ୍କ ଆସ୍ଥା ନିର୍ବିବାଦୀୟ। ସୀତା ରୋଷେଇ, ରାମ ଚଉତରା ଓ ଭଣ୍ଡାରଗୃହ ଏହି ସ୍ଥାନର ଧାର୍ମିକ ତଥ୍ୟର ପ୍ରମାଣ ଦିଏ। ହେଲେ ଆସ୍ଥା ଓ ବିଶ୍ୱାସକୁ ନେଇ ଭୂମିର ସ୍ୱତ୍ୱାଧିକାର ପ୍ରମାଣିତ ହୋଇ ନ ପାରେ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ୨.୭୭ ଏକର ଭୂମିକୁ ତିନି ପକ୍ଷ ମଧ୍ୟରେ ସମାନ ଭାବେ ବଣ୍ଟନ କରି ରାୟ ଦେଇଥିଲେ। ଉକ୍ତ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ ଦାଏର କରାଯାଇଥିଲା। ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ସେହି ରାୟକୁ ଭୁଲ ବୋଲି କହିଛନ୍ତି।

### ୬ ଜିଲାରେ...

ଦିଗର ୧୧୦ କିଲୋମିଟର ଦେଇ ଉପକୂଳ ଅତିକ୍ରମ କରିଛି ସାମୁଦ୍ରିକ ଝଡ଼ 'ବୁଲ୍‌ବୁଲ୍'। ଏହା ମଧ୍ୟରାତ୍ରିରେ ସୁନ୍ଦରବନ ଉପରେ ଦେଇ ପଶ୍ଚିମବଙ୍ଗର ସାଗରଦ୍ୱୀପ ଏବଂ ବାଂଲାଦେଶର ଖେପୁପଡ଼ା ସ୍ଥଳଭାଗକୁ ଅତିକ୍ରମ କରିବ। ଏହା ପରେ ବାତ୍ୟା ଧୀରେ ଧୀରେ ଦୁର୍ବଳ ହୋଇଯିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବାତ୍ୟା ପ୍ରଭାବରେ ରାଜ୍ୟର ଉପକୂଳବର୍ତ୍ତୀ ୬ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ବହୁ ଅଞ୍ଚଳ ଅନ୍ଧକାରମୟ ହୋଇପଡ଼ିଛି। ଧାନଜମି ବର୍ଷା ଜଳରେ ବୁଡି ରହିଥିବା ବେଳେ ବ୍ୟାପକ ଅଞ୍ଚଳରେ ଫସଲ ନଷ୍ଟ ହୋଇଛି। ବାତ୍ୟା ସମୟରେ କେନ୍ଦ୍ରାପଡ଼ା ଜିଲାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମହାକାଳପଡ଼ା ବ୍ଲକର ବଡ଼କୂଳ ଗ୍ରାମର ଗଗନ ବିହାରୀ ସ୍ୱାଇଁ (୭୦) ପାଣିରେ ଭାସିଯାଇଥିବା ବେଳେ ଡେରାବିଶ ବ୍ଲକ ଇନ୍ଦାଳୋ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶଙ୍କର୍ଷଣ ନାୟକଙ୍କ ଜୀବନ ଯାଇଛି। ସେହିପରି ରାଜକନିକା ବ୍ଲକର ଗଜରାଜପୁର ଗ୍ରାମରେ ଘରକାନ୍ଥ ପଡ଼ି ଗଣେଶ୍ୱର ମଲ୍ଲିକ(୬୫)ଙ୍କ ମୃତ୍ୟୁ ହୋଇଛି। ସେହି ଜିଲାରେ ୪୭୮ ଘର ଭାଙ୍ଗିଥିବା ବେଳେ ୪୭୩୫ ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଛି। ଭଦ୍ରକ ଜିଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟକାଣିଡିହି ଥାନା ପରିସରରୁ ଭାଙ୍ଗିପଡିଥିବା ଗଛ କାଟୁଥିବାବେଳେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଏନଡିଆରଏଫ୍‌ର ଜଣେ କର୍ମଚାରୀ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି।

ଓଡ଼ିଶା ଉପକୂଳ ଅତିକ୍ରମ କରିବା ବେଳେ ଅନେକଙ୍କୁ ବାସହରା କରିଯାଇଛି 'ବୁଲ୍‌ବୁଲ୍'। ବାଲେଶ୍ୱର ଜିଲାର ଭୋଗରାଇ, ଜଳେଶ୍ୱର ଓ ବାଲିଆପାଳ ବ୍ଲକ ଏଥିରେ ବିଶେଷ ଭାବେ ପ୍ରଭାବିତ ହୋଇଛି। ଭଦ୍ରକ ଜିଲା ଚାନ୍ଦବାଲି, ଆରଡ଼ି, ଧାମନଗର, ବାସୁଦେବପୁର, ଅଞ୍ଚଳର ଏକର ଏକର ଜମି ବର୍ଷାପାଣିରେ ବୁଡ଼ିରହିଛି। ଧାନ ଗଛରେ କେଣ୍ଡା ବାହାରୁଥିବାବେଳେ ଏପରି ସ୍ଥିତି ଚାଷୀମୁଣ୍ଡରେ ଚଡ଼କ ପକାଇଛି। ଜଗତ୍‌ସିଂହପୁର ଜିଲାର ୮ ବ୍ଲକ, ୨ଟି ପୌର ପରିଷଦ ଅଞ୍ଚଳରେ ବହୁସଂଖ୍ୟାରେ ଗଛ, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ଏହାଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଜଗତସିଂହପୁର ଜିଲାର ପାରାଦୀପଠାରେ କଳିଙ୍ଗ ବାଲିଯାତ୍ରା ପାଇଁ ପ୍ରସ୍ତୁତ ଟେଣ୍ଟ ଭାଙ୍ଗିଯାଇଛି। ବନ୍ଦରରେ ପଣ୍ୟ କାରବାର ବନ୍ଦ ରହିଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବ୍ୟାପକମାତ୍ରାରେ ଧାନ, ବିରି, ମୁଗ, ପରିବା ଫସଲ ନଷ୍ଟ ହୋଇଛି। ପ୍ରାଥମିକ ସୂଚନା ଅନୁଯାୟୀ ୬ ଲକ୍ଷ ହେକ୍ଟର ଜମିରେ ୩୫ରୁ ୪୦% ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି।

ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି)ଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବାତ୍ୟା ପ୍ରଭାବରେ ଶନିବାର ସକାଳୁ ଜଗତସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର ଏବଂ ଭଦ୍ରକ ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ଘଣ୍ଟା ପ୍ରତି ୬୦ରୁ ୭୦ କି.ମି. ବେଗରେ ପବନ ପ୍ରବାହିତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ୭୦ରୁ ୯୦ କି.ମି.କୁ ଛୁଇଁଯାଇଥିଲା। ଏହି ସମୟରେ ପୁରୀ, ଗଞ୍ଜାମ ଜିଲାରେ ୪୦ରୁ ୬୦ କି.ମି ବେଗରେ ପବନ ପ୍ରବାହିତ ହୋଇଥିଲା। ଏହାର ପ୍ରଭାବରେ କେନ୍ଦ୍ରାପଡ଼ା, ଭଦ୍ରକ, ଜଗତ୍‌ସିଂହପୁର, ବାଲେଶ୍ୱର, ଯାଜପୁର, ପୁରୀ, କଟକ, ମୟୂରଭଞ୍ଜ, ଖୋର୍ଦ୍ଧା ଓ କେନ୍ଦୁଝର ଜିଲାରେ ପ୍ରବଳ ବର୍ଷା ହୋଇଛି। କେନ୍ଦ୍ରାପଡ଼ା ଜିଲାର ରାଜନଗର ବ୍ଲକରେ ୧୮୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଚାନ୍ଦବାଲି ୧୫୦.୧, ରାଜକନିକାରେ ୧୩୬, ଆଳିରେ ୮୯, ମହାକାଳପଡ଼ାରେ ୭୫, ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ ବ୍ଲକରେ ୧୦୦, ଏରସମାରେ ୮୧, କୁଜଙ୍ଗରେ ୬୪, ବାଲିକୁଦାରେ ୫୬, ଭଦ୍ରକ ଜିଲାର ଭଦ୍ରକ ବ୍ଲକରେ ୭୨, ବାଲେଶ୍ୱର ଜିଲାର ଭୋଗରାଇ ବ୍ଲକରେ ୫୨.୨ ଏବଂ ଯାଜପୁର ଜିଲାର ବିଞ୍ଝାରପୁର ବ୍ଲକରେ ୫୧ ମିଲିମିଟର ବର୍ଷା ରେକର୍ଡ ହୋଇଛି।

ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ବାଲେଶ୍ୱର ଜିଲାର ୩୭୮୨ ଜଣଙ୍କୁ ୪୬ଟି ଆଶ୍ରୟସ୍ଥଳରେ ରଖାଯାଇଛି। ପଶ୍ଚିମବଙ୍ଗରୁ ୪୩ଟି ମାଛଧରା ଡଙ୍ଗାରେ ଆସିଥିବା ୩୮୧ ଜଣ ଧୀବର ଧାମରା ମାଛଧରା ବନ୍ଦର ଓ ତାଳଚୁଆଠାରେ ଆଶ୍ରୟ ନେଇଛନ୍ତି। ଧାମରାଠାରୁ କିଛି ଦୂରରେ ଏକ ଡଙ୍ଗା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେଥିରେ ଥିବା ୯ଜଣଙ୍କୁ ଉଦ୍ଧାର କରାଯାଇଛି। ବାତ୍ୟା ପ୍ରଭାବରେ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଜିଲାରେ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଛି। ସମ୍ପୃକ୍ତ ଜିଲାଗୁଡ଼ିକରେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ଭିତ୍ତିଭୂମି ସଜଡ଼ା କାର୍ଯ୍ୟ ଆଗେଇ ଚାଲିଛି। ପୁନରୁଦ୍ଧାର କାର୍ଯ୍ୟରେ ଏନ୍‌ଡିଆରଏଫ, ଓଡ୍ରାଫ୍ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ନିୟୋଜିତ ହୋଇଥିବା ଏସଆର୍‌ସିଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### ଉତ୍ତେଜନାମୂଳକ...

କୌଣସି ଧର୍ମ ଓ ସମ୍ପ୍ରଦାୟର ମାନହାନି ହେବା ଭଳି ତଥ୍ୟ ପରିବେଷଣ ନ କରିବାକୁ କୁହାଯାଇଛି। କୌଣସି ପ୍ରକାର ଅଶାଳୀନ, ଅପମାନସୂଚକ, ମିଥ୍ୟା ଏବଂ ଅର୍ଦ୍ଧସତ୍ୟ ତଥ୍ୟ ପରିବେଷଣ ଉପରେ କଟକଣା ଜାରି କରାଯାଇଛି। ଏପରି କି ହିଂସା ସୃଷ୍ଟି କରିବା ଭଳି ଦୃଶ୍ୟ ପ୍ରସାରଣ ଉପରେ ରୋକ ଲଗାଯାଇଛି। ରାଷ୍ଟ୍ରର ମର୍ଯ୍ୟାଦା କ୍ଷୁଣ୍ଣ କିମ୍ବା ଶାନ୍ତି ଭଙ୍ଗ ହେବା ଭଳି କୌଣସି ପ୍ରସାରଣ କରାଯାଇ ପାରିବ ନାହିଁ। ଏପରି କି ଅଦାଲତ ଅବମାନନା କିମ୍ବା ରାଷ୍ଟ୍ରର ସଂହତି କ୍ଷୁଣ୍ଣ ହେବା ଭଳି କୌଣସି ଖବର ପ୍ରସାରଣ କରାଯିବ ନାହିଁ। ସର୍ବୋପରି କୌଣସି ବ୍ୟକ୍ତି ବିଶେଷ, ସଂଗଠନ, ସମାଜ କିମ୍ବା ରାଷ୍ଟ୍ରର ନୈତିକ ହାନି ହେବା ଭଳି ପ୍ରସାରଣ ନ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ଟିଭି ଚ୍ୟାନେଲ,ଡିଟିଏଚ୍ ଅପରେଟର, କେବଲ ଅପରେଟରଗୁଡ଼ିକୁ କେବଲ ଟେଲିଭିଜନ ନେଟୱର୍କ(ରେଗୁଲେଶନ) ଆକ୍ଟ, ୧୯୯୫ ଅଧୀନରେ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଦେହ ଭଲ ରହିଲେ ମଧ୍ୟ ମନଟା ଏଣୁତେଣୁ ଗୁଡ଼ାଏ ଚିନ୍ତାକରି ଭଲ ରହି ନ ପାରେ। ଆଜି ସକାଳୁ ସକାଳୁ ଅସାବଧାନତାରୁ ଦ୍ରବ୍ୟନଷ୍ଟ କିମ୍ବା ଧନହାନି ଆଶଙ୍କାକୁ ଏଡ଼ାଇଦିଆଯାଇ ନ ପାରେ। ବାଣିଜ୍ୟ, ଶିଳ୍ପ, ବ୍ୟବସାୟ, ପରିବହନ, ପ୍ରଶାସନ, ସଭାସମିତି, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାଜନକ ଫଳ ଲାଭକରିବେ।

**ବୃଷ** — ଆନୁଷଙ୍ଗିକ ସୁବିଧା ସୁଯୋଗ ଲାଭକରି ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ବନ୍ଧୁସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ଆଲୋଚନା ଅସମାପ୍ତ ରହିପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରୁ ଖୁସିରହିବେ। ଜଣେ ବନ୍ଧୁଙ୍କ କ୍ରୁର ବ୍ୟବହାରକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ମିଥୁନ** — ଦୃଢ଼ ମନୋବଳ ଓ କାର୍ଯ୍ୟଦକ୍ଷତା ସଫଳତାର ଚାବିକାଠି ସଦୃଶ ପ୍ରତୀୟମାନ ହେବ। ଗତକାଲିର ସମସ୍ୟାର ସମାଧାନ ହୋଇପାରିଥିବା କାରଣରୁ ଏକ ପ୍ରକାର ମାନସିକ ଶାନ୍ତି ଅନୁଭବ କରିବେ। ଆଜିର ସଭାସମିତିରେ କିମ୍ବା ଆନୁଷ୍ଠାନିକ କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଋଣ ପରିଶୋଧ କରିବା ସକାଶେ ଚାପର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** — ଆଜି ବନ୍ଧୁ ପରିଜନଙ୍କ ସମର୍ଥନ ଆପଣଙ୍କ କାମ ପାଇଁ ଖୋରାକ ଯୋଗାଇବ। ପାରିବାରିକ ଓ କର୍ମକ୍ଷେତ୍ରରେ ସହଯୋଗ ପାଇବାରେ ଅସୁବିଧା ରହିବ ନାହିଁ। ବନ୍ଧୁଙ୍କ ସହ ଆଲୋଚନା କାଳରେ ପାରସ୍ପରିକ ଦୋଷଦର୍ଶିତା ହେତୁ ମନାନ୍ତର ସୃଷ୍ଟି ହୋଇପାରେ। ଅର୍ଥ ସମ୍ବନ୍ଧୀୟ, ସରକାରୀ କାଗଜପତ୍ର ଏବଂ ଆନୁଷ୍ଠାନିକ କାମରେ ସମସ୍ୟା ସମାଧାନ କରିପାରିବେ।

**ସିଂହ** — ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବାରୁ ମନ ପ୍ରଫୁଲ୍ଲ ରହିବ। କିନ୍ତୁ କର୍ମଜଞ୍ଜାଳ କ୍ରମଶଃ ବୃଦ୍ଧି ପାଉଥିବାରୁ ଅବସର ପାଇପାରିବେ ନାହିଁ। ପରିସ୍ଥିତି ସହ ତାଳମିଳାଇ ସହକର୍ମୀଙ୍କ ମନ ନେଇ କାମକରି ପ୍ରଶଂସିତ ହେବେ। ଅଭାବ ରହିବ ନାହିଁ, କିନ୍ତୁ ସମସ୍ୟା ଛାଡ଼ିବ ନାହିଁ।

**କନ୍ୟା** — ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣକରି କର୍ମପନ୍ଥା ଅବଲମ୍ବନ କରିବାକୁ ଶ୍ରେୟ ମନେକରିବେ। କୌଣସି ଯାନ୍ତ୍ରିକ ଜିନିଷ କିଣିବାକୁ ମନ ବଳାଇପାରନ୍ତି। ଚିନ୍ତା କରିଥିବା କାମଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ନ ହୋଇପାରେ। ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ତୁଳା** — କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ଉପରେ ନିର୍ଭର କରି କୌଣସି କାମ ହୋଇପାରିବ ନାହିଁ। ନୂତନ ଭାବେ କରୁଥିବା ଦୀର୍ଘମିଆଦୀ ଯୋଜନା ପାଇଁ ପୁଞ୍ଜି ଲଗାଣ ସକାଶେ ଅର୍ଥ ଆବଶ୍ୟକ ହୋଇପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ବିଚଳିତ ହେବେ। ବ୍ୟବସାୟ, ପରିବହନ, ନୂତନ କର୍ମାରମ୍ଭ, ଅର୍ଥ ସମ୍ପର୍କ କ୍ଷେତ୍ରରେ ସୁଫଳ ପାଇବେ।

**ବିଛା** — ଗତକାଲିଠାରୁ ଆପଣ ମନେ ମନେ ଯାହା ଚିନ୍ତା କରିଛନ୍ତି ତାହାକୁ ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ବିବାଦୀୟ ଘଟଣାର କାରଣ ନ ବୁଝି ନିଜ ପରିବାରର ଲୋକମାନେ କ୍ରୋଧ ପ୍ରକାଶ କରିପାରନ୍ତି। ବ୍ୟବସାୟିକ ସ୍ଥିତି, ପରିବହନ, ଶେୟାରବଜାର, ନିର୍ମାଣ, ଜମିଜମା ପ୍ରଭୃତିରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟ ସମସ୍ୟାକୁ ଅବହେଳାକରି ଅନୁତାପ କରିପାରନ୍ତି।

**ଧନୁ** — ଆବଶ୍ୟକତା ବଢ଼ିବଢ଼ି ଯାଉଥିବାରୁ ମାନସିକ ଅସ୍ଥିରତା ସୃଷ୍ଟିହୋଇପାରେ। ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମତାନ୍ତରର ଆଶଙ୍କା ରହିଛି। ହୋଟେଲ, ପ୍ରକାଶନ, ପ୍ରଶାସନ, ଆଇନ ଅଦାଲତ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇପାରିବେ। ପାରିବାରିକ କ୍ଷେତ୍ରରୁ, ଆତ୍ମୀୟମାନଙ୍କ ସହୃଦୟତାରୁ ସଫଳତା ମିଳିପାରିବ।

**ମକର** — ସ୍ଥାନ ଓ କାମର ପରିବର୍ତ୍ତନଜନିତ କିଛିଟା ମାନସିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ଅଭାବ ସୁଧାରିବା ନେଇ ସମ୍ପର୍କୀୟ ଜଣେ ବନ୍ଧୁଙ୍କ ନିକଟରୁ ସାହାଯ୍ୟର ପ୍ରତିଶ୍ରୁତି ପାଇବେ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ। ବିବାଦୀୟ ଘଟଣାର ସମୀକ୍ଷା କରିବା ଦିଗରେ ମାନସିକ ଅସ୍ଥିରତା ସୃଷ୍ଟିର ସୂଚନା ରହିଛି।

**କୁମ୍ଭ** — କୌଣସି କାମ ଅଟକିବ ନାହିଁ କିମ୍ବା ପୂର୍ଣ୍ଣତଃ ସନ୍ତୋଷଜନକ ନ ହୋଇପାରେ। ଅସମ୍ପୂର୍ଣ୍ଣ କାର୍ଯ୍ୟ, ବନ୍ଧୁମାନଙ୍କ ଈର୍ଷାପରାୟଣତା, ପାରିବାରିକ କିଛିଟା ସମସ୍ୟା ହେତୁ ଶାନ୍ତି ବ୍ୟାହତ ହୋଇପାରେ। ଯଦିଓ ଅଭାବ ରହିବ ନାହିଁ; କୌଣସି କାମ ତରବରିଆ ଭାବେ କରନ୍ତୁ ନାହିଁ। ଅପରାହ୍ନରେ ଜଣେ ହିତୈଷୀଙ୍କ ସଙ୍ଗ ଲାଭରୁ ଖୁସି ରହିବେ।

**ମୀନ** — ପ୍ରତିକୂଳ ପରିସ୍ଥିତି ହେତୁ ମନ ଚାହୁଁଥିବା ପ୍ରକାରେ କାମ କରିପାରିବେ ନାହିଁ। ସହକର୍ମୀ ନିକଟରୁ ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିପାରେ। ଆତ୍ମୀୟମାନଙ୍କ ସହ କଳହ ଆଶଙ୍କା ରହିଛି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ରରେ ସମସ୍ୟା ଲାଗିରହିବ। ପରିବାରରେ ଅପ୍ରିୟ ସତ୍ୟ ପ୍ରକାଶକଲେ ଅଶାନ୍ତି ସୃଷ୍ଟିହୋଇଯିବ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ରବିବାର, ନଭେମ୍ବର ୧୦ ତାରିଖ, ଶ୍ରୀମନ୍ଦିରରେ ଆଡ଼କିଆବେଶ, ବୈକୁଣ୍ଠ ଚତୁର୍ଦ୍ଦଶୀ, ବିଶ୍ୱ ବିଜ୍ଞାନ ଦିବସ, ରାଶି/ନକ୍ଷତ୍ର- ରେବତୀ/ମୀନ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ୬।୪୧ମି. ଗତେ ଘ୮।୫୫ମି. ମଧ୍ୟେ, ଘ୧୧।୫୩ମି. ଗତେ, ଘ୨।୫୧ମି. ମଧ୍ୟେ ଅମୃତବେଳା। ଦିବା ଘ୩।୩୬ମି. ଗତେ ଘ୪।୨୦ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୩।୪୧ମି. ଗତେ ଘ୫।୦୫ମି. ମଧ୍ୟେ ରାହୁକାଳ।

■ ଦାନ୍ତ ଓ ବାଘ ଛାଲ ଜବତ ଘଟଣା

# ଆଉ ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

ଭବାନୀପାଟଣା ହାତୀଦାନ୍ତ ଓ ବାଘଛାଲ ଜବତ ଘଟଣାରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଶନିବାର ଆଉ ଜଣେ ଶିକାରୀଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଭାସ୍କର ନାୟକ। ଏସ୍‌ଟିଏଫ୍ ଟିମ୍ ଶୁକ୍ରବାର କଳାହାଣ୍ଡି-ରାୟଗଡ଼ା ସୀମାରେ ଚଢ଼ାଉ କରି ଲାଞ୍ଜିଘର ଅଞ୍ଚଳରୁ ଭାସ୍କରଙ୍କୁ ଉଠାଇ ଆଣିଥିଲା। ଭାସ୍କରଙ୍କୁ ଗିରଫ କରିବା ପରେ ଏହି ଘଟଣାରେ ମୋଟ ୫ଜଣ ଅଭିଯୁକ୍ତଙ୍କୁ ଧରିଲାଣି କ୍ରାଇମବ୍ରାଞ୍ଚ। ତେବେ ବାଘକୁ କିଏ ଶିକାର କରିଥିଲା, ଛାଲ ଓ ଦାନ୍ତ କେଉଁଠିକୁ ଚାଲାଣ ପାଇଁ ଯୋଜନା ହୋଇଥିଲା, ତାହା ଏବେ ବି ଅନ୍ଧାରରେ ରହିଛି। ଏହାସହ ଆନ୍ତଃରାଜ୍ୟ ର୍‍ୟାକେଟ୍ ଲିଙ୍କ୍ ରହିଥିବା ପୂର୍ବରୁ କ୍ରାମଇବ୍ରାଞ୍ଚ ସନ୍ଦେହ କରିଥିଲା। ବର୍ତ୍ତମାନ ସମସ୍ତଙ୍କୁ


ଭାସ୍କର ନାୟକ

ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବା ସହ ର୍‍ୟାକେଟ୍‌ର ମୁଖ୍ୟ ପାଖରେ ପହଞ୍ଚିବା କ୍ରାଇମବ୍ରାଞ୍ଚ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ସୂଚନାଯୋଗ୍ୟ, ଭବାନୀପାଟଣାରେ ବନ୍ୟପ୍ରାଣୀ ସାମଗ୍ରୀର ଚୋରା ଚାଲାଣ ହେଉଥିବା ନେଇ କିଛିଦିନ ତଳେ କ୍ରାଇମବ୍ରାଞ୍ଚ ଖବର ପାଇଥିଲା। ଗୁରୁବାର କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଡିଏସ୍‌ପି ବିଳାସିନୀ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସହିତ ବନ ବିଭାଗ କର୍ମଚାରୀ ଗ୍ରାହକ ପରିଚୟ ଦେଇ ଏହି ର୍‍ୟାକେଟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିଥିଲେ। ଦୁଇଟି ବନ୍ୟପ୍ରାଣୀ ସାମାଗ୍ରୀକୁ ନେବା ପାଇଁ ମୂଲଚାଲ ହୋଇଥିଲା। ଶେଷରେ ୮ଲକ୍ଷ ଟଙ୍କାରେ ନେବାକୁ ସ୍ଥିର ହୋଇଥିଲା। ଏହି ସମୟରେ ସେମାନଙ୍କୁ ଧରିଆଣିଥିଲା ଏସ୍‌ଟିଏଫ୍ ଟିମ୍। ଏମାନଙ୍କ ମଧ୍ୟରୁ ଜଣେ ଛତିଶଗଡ଼ର ବାସିନ୍ଦା ହୋଇଥିବାରୁ ଆନ୍ତଃରାଜ୍ୟ ର୍‍ୟାକେଟ୍ ଥିବା ସନ୍ଦେହ କରାଯାଉଛି। ତେଣୁ ଅଧିକ ପଚରାଉଚୁରା ପାଇଁ କ୍ରାଇମବ୍ରାଞ୍ଚ ସେମାନଙ୍କୁ ଦୁଇଦିନ ରିମାଣ୍ଡରେ ନେଇଛି। ସେମାନଙ୍କ ବୟାନ ଆଧାରରେ ଗିରଫ ହୋଇଥିବା ଭାସ୍କରଙ୍କଠାରୁ ବହୁ ତଥ୍ୟ ମିଳିବ ବୋଲି ଏସ୍‌ଟିଏଫ୍ ଆଶା ରଖିଛି।

ଅସ୍ତ୍ରୋପଚାର ସମୟରେ କଟିଲା ଖାଦ୍ୟନଳୀ

# ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

କେନ୍ଦ୍ରାପଡା ଅଫିସ, ୯।୧୧

କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ପ୍ରତି ଚରମ ଅବହେଳାର ଏକ ଉଦାହରଣ ଦେଖିବାକୁ ମିଳିଛି। ଏହି ଚିକିତ୍ସାଳୟରେ ଜଣେ ପ୍ରସୂତି ମହିଳାଙ୍କ ଅସ୍ତ୍ରୋପଚାର ସମୟରେ ଖାଦ୍ୟ ନଳୀ କଟି ଯାଇଥିଲା। ଗତ କିଛି ଦିନ ହେବ ସେ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ହୋଇଛି। ତେବେ ଏ ନେଇ ଥାନାରେ ମାମଲା ରୁଜୁ ହୋଇନାହିଁ। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ଜ୍ୟୋତିଶଙ୍କର ସାମନ୍ତରାୟ ପ୍ରକାଶ କରିଛନ୍ତି ଯେ, ସହରର ଚାଟରାପାଟଣା ଗ୍ରାମର ମନୋଜ ସାହୁଙ୍କ ସ୍ତ୍ରୀ ମଧୁସ୍ମିତା (୨୮)ଙ୍କ ଗର୍ଭଯନ୍ତ୍ରଣା ହେବାରୁ ଗତ ୨୨ ତାରିଖରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଥିଲା। ଅସ୍ତ୍ରୋପଚାର ପରେ ସେ ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ। ତେବେ ଅସ୍ତ୍ରୋପଚାର କରିଥିବା ଡାକ୍ତର ଜଣକ ପ୍ରସୂତିଙ୍କ ଖାଦ୍ୟନଳୀକୁ କାଟି ଦେଇଥିବାରୁ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡିଥିଲା। ଗତ ୨୩ ତାରିଖରେ ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବା ବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଛି ବୋଲି ଶ୍ୱଶୁର ଧରଣୀଧର କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀଙ୍କ ବୟାନକୁ ଆଧାର କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସଆଇ ପ୍ରଜ୍ଞାଶ୍ରୀ ନାୟକ ଚାଟରାପାଟଣା ଯାଇଥିବା ବେଳେ ଶବ ସଂସ୍କାର ହୋଇ ଯାଇଥିବାରୁ ସେ ଫେରି ଆସିଥିବା ଥାନା ଅଧିକାରୀ ସାମନ୍ତରାୟ ସୂଚନା ଦେଇଛନ୍ତି। ଅପରପକ୍ଷରେ ଏ ନେଇ କୌଣସି ଅଭିଯୋଗ ଆସି ନ ଥିବା ସିଡିଏମଓ ଡା. ଉର୍ମିଳା ମିଶ୍ର ପ୍ରକାଶ କରିଛନ୍ତି।

ବାତ୍ୟା 'ବୁଲ୍‌ବୁଲ୍' କ୍ଷତି ଆକଳନ

# କେନ୍ଦ୍ରୀୟ ଟିମ୍ ପଠାଇବାକୁ ସମାଜବାଦୀ ପାର୍ଟିର ଦାବି

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ଗତ ଦୁଇଦିନ ଧରି ସାମୁଦ୍ରିକ ଝଡ଼ ବୁଲ୍‌ବୁଲ୍ ପ୍ରଭାବରେ ଉପକୂଳବର୍ତ୍ତୀ ଜିଲା ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ ବ୍ୟାପକ ଫସଲହାନି ହୋଇଛି। ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଓ ବିଦ୍ୟୁତ୍‌ଖୁଣ୍ଟ ଉପୁଡ଼ି ଜୀବନଯାତ୍ରା ବ୍ୟାହତ ହୋଇଛି। ଚାଳଘର ସବୁ ଭାଙ୍ଗିଯିବା ସହିତ କେତେକ ସ୍ଥାନରେ ଆଜବେଷ୍ଟସ୍ ଘର ନଷ୍ଟ ହୋଇଛି। ଏହାର କିଛିଦିନ ପୂର୍ବରୁ ପ୍ରବଳ ବର୍ଷା ହେବା ଯୋଗୁ ଧାନ ଫସଲ ଓ ଶୀତଦିନିଆ ପନିପରିବା କ୍ଷତିଗ୍ରସ୍ତ ହୋଇଥିଲା। ଯାହ କିଛି ରହିଥିଲା ଏହି ବାତ୍ୟାରେ ସେ ସବୁ ଉଜୁଡ଼ି ଯାଇଛି। ଧାନ ଫସଲ ୪୦ରୁ ୫୦ ଭାଗ ଧ୍ୱଂସ ହୋଇଛି। କେନ୍ଦ୍ର ସରକାର ଏକ କେନ୍ଦ୍ରୀୟ ଟିମ୍ ଓଡ଼ିଶାକୁ ପଠାଇ ବାତ୍ୟା କ୍ଷୟକ୍ଷତି ଆକଳନ ତୁରନ୍ତ କରିବାକୁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଶନିବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖି ଦାବି କରିଛନ୍ତି। ଏହି ଚିଠିର ଏକ ନକଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏ ନେଇ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହିତ ଆଲୋଚନା କରି ମଧ୍ୟବର୍ତ୍ତିକାଳୀନ ସହାୟତା ପାଇଁ ଦାବି କରିବାକୁ ବେହେରା ଅନୁରୋଧ କରିଛନ୍ତି।



## ଜିଲା ଚିଠି

### ଗଞ୍ଜାମ

# ପଛକୁ ଦେଖ

ଗତ ଏକ ବର୍ଷ ହେଲା ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ରେ ଅମଲାତନ୍ତ୍ର ଶାସନ ଚାଲିଛି। ୨୦୧୮ ସେପ୍ଟେମ୍ବର ୩୦ରେ ରାଜ୍ୟବ୍ୟାପୀ ସମସ୍ତ ପୌରସଂସ୍ଥାକୁ ରାଜ୍ୟ ସରକାର ଭାଙ୍ଗିଦେଇଥିଲେ ମଧ୍ୟ ଏଯାଏଁ ନିର୍ବାଚନ କରାଇନାହାନ୍ତି। ସୁତରାଂ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏବେ ବିଏମ୍‌ସିର ପ୍ରଶାସକ ଦାୟିତ୍ୱରେ ରହିଛନ୍ତି। ନିୟମିତ ବ୍ୟବଧାନରେ ବିଏମ୍‌ସି ପକ୍ଷରୁ ନୂଆ ନୂଆ ଯୋଜନା ଘୋଷଣା କରାଯାଉଛି। ଗୋଟିଏ ପରେ ଗୋଟିଏ ପ୍ରକଳ୍ପ ଆରମ୍ଭ ହେଉଛି, କିନ୍ତୁ ଶେଷ ହେଉନି। ବିଏମ୍‌ସିର ଅଧିକାରୀମାନେ କେବଳ ଶ୍ରେୟ ନେବା ପାଇଁ ଏଭଳି କରୁଥିବା ବିରୋଧୀ ଅନେକ ସମୟରେ ଅଭିଯୋଗ କରୁଛନ୍ତି। ଯାହାର ପରିଣାମ ସହରବାସୀ ଭୋଗୁଛନ୍ତି। ପୂର୍ବତନ କମିଶନର୍ ନିଖିଲ ପୱନ କଲ୍ୟାଣଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ଥିଲା ଡିଜିଟାଲ୍ ଡୋର୍ ନମ୍ବରିଙ୍ଗ୍। ପ୍ରତ୍ୟେକଙ୍କ ଘର ଆଗରେ ଏକ ସ୍ୱତନ୍ତ୍ର ନମ୍ବର ରହିବ। ୱେବ୍‌ସାଇଟ୍‌ରେ କେବଳ ଘରର ନମ୍ବର ଦେଲେ, ଠିକଣା ମିଳିଯିବ। ସେ ଦାୟିତ୍ୱରେ ଥିବା ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ବିଏମ୍‌ସି ଅଧିକାରୀମାନେ ଆଗ୍ରହ ଦେଖାଇଥିଲେ। ହେଲେ ସେ ବଦଳି ହେବା ପରଠୁ ଏହା ବନ୍ଦ ପଡ଼ିଛି। ଅଧିକାରୀମାନେ ଏହାକୁ କାର୍ଯ୍ୟକାରୀ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। କେବଳ ଏହି ଗୋଟିଏ ନୁହଁ, ତାଙ୍କ ସମୟର ଅନେକ ଯୋଜନା ବର୍ତ୍ତମାନ ବନ୍ଦ ହୋଇଯାଇଛି କିମ୍ବା ମନ୍ଥର ଗତିରେ ଚାଲିଛି। ୭୦ଲକ୍ଷରୁ ଅଧିକ ଟଙ୍କାରେ ସହରର ବିଭିନ୍ନ ସ୍ଥାନରେ ଶୌଚାଳୟ ନିର୍ମାଣ କରାଯାଇଛି। ଉଦ୍‌ଘାଟନ ପରଠୁ ସେଗୁଡ଼ିକ ବନ୍ଦ ପଡ଼ିଛି। ଓଡ଼ିଶା ବିପର୍ଯ୍ୟୟ ଥଇଥାନ ପ୍ରକଳ୍ପ(ଓଡିଆର୍‌ପି)ରେ ବସ୍ତି ଅଞ୍ଚଳ ଉନ୍ନୟନ ପାଇଁ ୨୦୧୪ ମସିହା ପହିଲାରୁ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ତାହା ଏଯାଏଁ ଶେଷ ହୋଇନି। ପ୍ରାୟ ୯କୋଟି ଟଙ୍କାରେ ରାମଲିଙ୍ଗମ୍ ପୋଖରୀର ସୌନ୍ଦର୍ଯ୍ୟକରଣ କାମ ୨୦୧୬ ମସିହାରୁ ଆରମ୍ଭ ହୋଇଥିବା ବେଳେ ତାହା ଅଧା ମଧ୍ୟ ହୋଇନାହିଁ। ଅସଫଳ ତାଲିକାରେ ଆହୁରି ଅନେକ ପ୍ରକଳ୍ପ ଅଛି। ବର୍ତ୍ତମାନର କମିଶନର୍ ଚକ୍ରବର୍ତ୍ତୀ ସିଂ ରାଠୋର୍‌ଙ୍କ ସମୟରେ ମଧ୍ୟ ଆରମ୍ଭ ଅନେକ ଯୋଜନା ଉଦ୍‌ଘାଟନ ପରେ ପ୍ରାୟତଃ ବନ୍ଦ ପଡ଼ିଛି। କୋଟିଏ ଟଙ୍କା ଖର୍ଚ୍ଚରେ ବ୍ରହ୍ମପୁର ସହରକୁ ମାଗଣା ୱାଇଫାଇ ଜୋନ୍ କରିବା ହେଉ ଅବା ୱାଟର୍ ଏଟିଏମ୍, ଉଭୟ ଠିକ୍‌ରେ କାର୍ଯ୍ୟ କରୁନି। ସୋଲାର୍ ବସ୍‌ଷ୍ଟାଣ୍ଡ, ଗୃହପାଳିତ ପ୍ରାଣୀଙ୍କ ଟ୍ୟାଗିଂ ଯୋଜନା ବନ୍ଦ ହୋଇପଡ଼ିଛି। ୪ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଜାନବିଲି ପ୍ରକଳ୍ପରେ ସହରବାସୀଙ୍କୁ ପାନୀୟ ଜଳ ଯୋଗାଣ କରାଯିବ। ସହର ସାରା ପାଇପ୍ ବିଛାଇବା ପାଇଁ ରାସ୍ତାଘାଟ ଖୋଳି ଦିଆଗଲା। ଦୁଇ ବର୍ଷରୁ ଅଧିକ ସମୟ ପରେ ମଧ୍ୟ ଏହି ପ୍ରକଳ୍ପ ସଂପୂର୍ଣ୍ଣ ହୋଇପାରିନି। ମହୁଡ଼ାସ୍ଥିତ ସେପ୍ଟିକ୍ ଟ୍ରିଟ୍‌ମେଣ୍ଟ ପ୍ରକଳ୍ପ ମଧ୍ୟ ଉଦ୍‌ଘାଟନ ପରଠୁ ଅକାମୀ ହୋଇଯାଇଛି। ଏସବୁ ବ୍ୟତୀତ ଯାହା ବ୍ରହ୍ମପୁରବାସୀଙ୍କୁ ହଇରାଣରେ ପକାଇଛି, ତାହା ହେଉଛି ଖରାପ ରାସ୍ତା। ସହରବ୍ୟାପୀ ରାସ୍ତାଗୁଡ଼ିକର ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ। ଯାନ ଦୂରର କଥା, ଏମିତି ଅନେକ ରାସ୍ତାରେ ଚାଲିବା ବି କଷ୍ଟ। ସହରବାସୀଙ୍କ ମତ ହେଲା, ଯେଉଁ ଯୋଜନାଗୁଡ଼ିକ ପୂର୍ବରୁ ଆରମ୍ଭ ହୋଇଛି, ବିଶେଷକରି ଜାନବିଲି ପ୍ରକଳ୍ପ, ତାହାକୁ ପ୍ରଥମେ ଶେଷ କରାଯାଉ। ବିଏମ୍‌ସି ଏବଂ ଜିଲା ପ୍ରଶାସନର ଅଧିକାରୀମାନେ ଟିକେ ପଛକୁ ଦେଖି ଅସଂପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ଶେଷ କରନ୍ତୁ, ତା' ପରେ ଆଗକୁ ଦେଖନ୍ତୁ ବୋଲି ସହରବାସୀ ମତବ୍ୟକ୍ତ କରିଛନ୍ତି।

– ଆଶୀର୍ବାଦ ରାଉତ

# ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଦେଖିଲେ ଭକ୍ତ

ପୁରୀ ଅଫିସ, ୯।୧୧

କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତଥା ପଞ୍ଚୁକର ଦ୍ୱିତୀୟ ଦିବସରେ ଶନିବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଅବକାଶ ନୀତି ଶେଷ ହେବା ପରେ ଠାକୁରମାନଙ୍କ ବାଙ୍କଚୂଡ଼ା ବେଶ କରାଯାଇଥିଲା। ଏହି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀମସ୍ତକରେ ଚନ୍ଦ୍ରିକା ଚୂଳ ସହିତ ଦକ୍ଷିଣ ଦିଗକୁ ଆଡ଼ ଖୋସା ପକାଯାଇଥିଲା। ଏହି ଖୋସାର



ଅଗ୍ର ଗଣ୍ଠିରେ ଏକ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥିଲା। ଏକ ଛୋଟ ସ୍ୱର୍ଣ୍ଣ କିରୀଟ ମହାପ୍ରଭୁଙ୍କ କପାଳର ଶୀର୍ଷ

**ପଞ୍ଚୁକର ଦ୍ୱିତୀୟ ଦିନ**

ଭାଗରେ ଶୋଭା ପାଇଥିଲା। ଲକ୍ଷ୍ମୀ ନାରାୟଣ ବେଶରେ ବ୍ୟବହୃତ ହେଉଥିବା ଅଧିକାଂଶ ଅଳଙ୍କାର ଏହି ବେଶରେ ମହାପ୍ରଭୁ ଲାଗି ହୋଇଥିଲେ। ଏଥିସହ ଶ୍ରୀମନ୍ଦିରରେ ଗରୁଡ଼ ଉତ୍ଥାପନ ନୀତି ସମ୍ପନ୍ନ ହୋଇଛି। ଏକାଦଶୀରେ ମହାପ୍ରଭୁ ନିଦରୁ ଉଠିଥିବାବେଳେ ଶନିବାର ଦ୍ୱାଦଶୀରେ ଗରୁଡ଼ ନିଦ୍ରା ତ୍ୟାଗ କରିଛନ୍ତି। ରବିବାର ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଅନୁଷ୍ଠିତ ହେବ।

■ ବୁଲ୍‌ବୁଲ୍ ପୁନରୁଦ୍ଧାର କାର୍ଯ୍ୟ

# ପ୍ରଶାସନକୁ ସହାୟତା କଲେ ବିଜୁ ଯୁବ ବାହିନୀ

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ଘୂର୍ଣ୍ଣିବାତ୍ୟା 'ବୁଲ୍‌ବୁଲ୍' ଓଡ଼ିଶା ଉପକୂଳ ଦେଇ ଗତି କରୁଅଛି। ଏହାର ପ୍ରଭାବରେ ଉତ୍ତର ତଥା ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ସହ ପବନ ହୋଇଛି। ଏହା ଦ୍ୱାରା ରାସ୍ତାରେ ଗଛ ପଡ଼ିବା ଭଳି ସମସ୍ୟା ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ସହ ପୁନରୁଦ୍ଧାର କାର୍ଯ୍ୟ ଜାରିରହିଛି। ଏହି କାର୍ଯ୍ୟରେ ୧୫ ଜିଲାର ସମସ୍ତ ବିଜୁ ଯୁବ ବାହିନୀ ସ୍ୱେଚ୍ଛାସେବୀମାନେ ଜିଲା ପ୍ରଶାସନକୁ ସହାୟତାର ହାତ ବଢାଇଛନ୍ତି। ବୁଲ୍‌ବୁଲ୍ ପୂର୍ବ ପ୍ରସ୍ତୁତି ଏବଂ ଏହାର ପ୍ରଭାବରେ ହୋଇଥିବା କ୍ଷତିର ପୁନରୁଦ୍ଧାର କାର୍ଯ୍ୟ ବାହିନୀ ପକ୍ଷରୁ ଜାରି ରହିବ। ଏନେଇ ଶୁକ୍ରବାରଠାରୁ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବିଜୟ କୁମାର ନାୟକ ସ୍ୱେଚ୍ଛାସେବୀଙ୍କୁ ଆହ୍ୱାନ ଦେଇଥିଲେ। ବୁଲ୍‌ବୁଲ୍ ପ୍ରଭାବରେ ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲାରେ ହୋଇଥିବା କ୍ଷୟକ୍ଷତି ପରେ ଯୁବ ବାହିନୀର ସଦସ୍ୟମାନେ ଉଦ୍ଧାର କାର୍ଯ୍ୟ କରିଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ,ବିଜୁ ଯୁବ ବାହିନୀର ସ୍ୱେଚ୍ଛାସେବୀମାନେ ୨୦୧୮ 'ତିତ୍‌ଲି' ଓ ୨୦୧୯ 'ଫନୀ' ସମୟରେ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ। 'ବୁଲ୍‌ବୁଲ୍' ଦ୍ୱାରା ଯେପରି କୌଣସି ଧନଜୀବନ ହାନି ନ ହୁଏ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବିଜୁ ଯୁବ ବାହିନୀ ସ୍ୱେଚ୍ଛାସେବୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

■ କିଟ୍ ବିଶ୍ୱବିଦ୍ୟାଳୟର ୧୫ତମ ସମାବର୍ତ୍ତନ ଉତ୍ସବ

# ନୂଆ କିଛି ସୃଷ୍ଟି କରିବାର ଦକ୍ଷତା ଭାରତୀୟ ଯୁବ ସମାଜର ରହିଛି: ଓମ୍ ବିର୍ଲା

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

ବୌଦ୍ଧିକ ଦୃଷ୍ଟିରୁ ଭାରତ ବେଶ୍ ସମୃଦ୍ଧ। ଆଜି ବିଶ୍ୱର ବିଭିନ୍ନ ଦେଶରେ ଯୁବକଙ୍କ ସଂଖ୍ୟା ହ୍ରାସ ପାଉଥିବାବେଳେ ଭାରତରେ ବିରାଟ ଯୁବଶକ୍ତି ରହିଛି। ନୂଆ କିଛି ସୃଷ୍ଟି କରିବାର ଦକ୍ଷତା ଏହି ଯୁବ ସମାଜର ରହିଛି। ପ୍ରଯୁକ୍ତିବିଦ୍ୟା ପ୍ରୟୋଗରେ ବିଶ୍ୱରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏ କ୍ଷେତ୍ରରେ ବିଶ୍ୱର ପ୍ରତ୍ୟେକ ସ୍ଥାନରେ ଭାରତୀୟ ଯୁବକଙ୍କ ଦକ୍ଷତା ଦେଖିବାକୁ ମିଳୁଛି। ଏମାନଙ୍କ ନିକଟରେ ପ୍ରବଳ ଉତ୍ସାହ ଓ ଉର୍ଜା ଭରି ରହିଛି। ଏମାନେ ନିଜର ସୃଜନଶୀଳତାର ବିନିଯୋଗ କରି ନୂଆ ପ୍ରଯୁକ୍ତି କୌଶଳ ବିକାଶ କରିବା ସହ ଏହାକୁ ଦେଶ ତଥା ବିଶ୍ୱ ସମସ୍ୟା ସମାଧାନ ଦିଗରେ ଲଗାଇବା ଉଚିତ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।




ଶନିବାର କିଟ୍ ବିଶ୍ୱବିଦ୍ୟାଳୟର ୧୫ତମ ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ବାଚସ୍ପତି ବିର୍ଲା କହିଲେ, ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ ହେଉଛି ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ସିଦ୍ଧି ଦିବସ। ବର୍ଷ ବର୍ଷ ଧରି ଯେଉଁ ଜ୍ଞାନ ଯଜ୍ଞରେ ଛାତ୍ରୀଛାତ୍ରମାନେ ଦୃଢ଼ ସଂକଳ୍ପ ଓ ପରିଶ୍ରମ ସହ ଲାଗି ରହିଥିଲେ, ତାହାର ପୂର୍ଣ୍ଣାହୁତି ଦିନ ହେଉଛି ଏହି ସମାବର୍ତ୍ତନ ଉତ୍ସବ। ତୁମେ ତୁମ ଜୀବନରେ ସମସ୍ତଙ୍କ ଆଶା, ଆକାଂକ୍ଷାର ସନ୍ତୁଳନ ରକ୍ଷାକରି ଚ୍ୟାଲେଞ୍ଜକୁ ସୁଯୋଗରେ ପରିଣତ କରିବାକୁ ସେ ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଛାତ୍ରୀଛାତ୍ରଙ୍କ ଗବେଷଣାମୂଳକ କାର୍ଯ୍ୟ ଭବିଷ୍ୟତ ବଂଶଧରଙ୍କ ସୁରକ୍ଷା ପାଇଁ ବିନିଯୋଗ ହେବା ଉଚିତ। ବର୍ତ୍ତମାନ ବିଶ୍ୱତାପନ ଓ ପରିବେଶ କ୍ଷୟ ଜୀବଜଗତ ପାଇଁ ବିପଦ ସୃଷ୍ଟି କରିଛି। ଛାତ୍ରୀଛାତ୍ରମାନେ ସେମାନଙ୍କ ଜ୍ଞାନର ବିନିଯୋଗ କରି ଏହିସବୁ ଚ୍ୟାଲେଞ୍ଜର ମୁକାବିଲା ପାଇଁ ନୂତନ ଗବେଷଣା କରିବାକୁ ସେ ପରାମର୍ଶ ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ବେଦ ପ୍ରକାଶ କହିଲେ, ଦେଶର ୯ଶହ ଉଚ୍ଚତର ଶିକ୍ଷାନୁଷ୍ଠାନ ମଧ୍ୟରୁ କିଟ୍‌କୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍‌ସ ଭାବେ ମନୋନୀତ କରାଯାଇଛି। ଉପକୁଳାଧିପତି ଡ. ସୁବ୍ରତ ଆଚାର୍ଯ୍ୟ କହିଲେ, କିଟ୍‌ର ପ୍ରତ୍ୟେକ ସ୍କୁଲ୍ ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ଉଦ୍ୟମ କରିଆସୁଛି। କୁଳପତି ପ୍ରଫେସର ହୃଷୀକେଶ ମହାନ୍ତି ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ଓ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାମଗ୍ରିକ ଶ୍ରେଷ୍ଠତ୍ୱ ପାଇଁ ତ୍ରିସା ଚାଟାର୍ଜୀ, ସ୍ୱାଗତ ଖଟାଇ ଏବଂ ବୈଦେହୀ ଘୋଷଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ୨୦ଜଣ ଛାତ୍ରୀଛାତ୍ରଙ୍କୁ କୁଳାଧିପତି ସ୍ୱର୍ଣ୍ଣ ପଦକ, ୨୩ଜଣଙ୍କୁ କୁଳପତି ରୌପ୍ୟପଦକ, ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସ୍ୱର୍ଣ୍ଣ ପଦକ, ପିପିଏଲ୍ ସ୍ୱର୍ଣ୍ଣପଦକ, ନନୀବାଳା ସ୍ମାରକୀ ସ୍ୱର୍ଣ୍ଣ ପଦକ ମିଳିଥିବାବେଳେ ୮୫ଜଣ ରିସର୍ଚ୍ଚ ସ୍କଲାରଙ୍କୁ ପିଏଚ୍‌ଡି ଡିଗ୍ରୀ, ୫୪୩୯ଜଣଙ୍କୁ ସ୍ନାତକ ଓ ୧୦୫୪ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ଡିଗ୍ରୀ ପ୍ରଦାନ କରାଯାଇଛି।

## ଓଡ଼ିଶା ବାଚସ୍ପତିଙ୍କ ପଞ୍ଜାବ ଯାତ୍ରା

ଭୁବନେଶ୍ୱର,୯।୧୧(ବ୍ୟୁରୋ)- ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଶନିବାର ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରୁ ସେ ଅମୃତସର ଯିବା ସହିତ ୧୧ ତାରିଖ ଦିନ ପଞ୍ଜାବର ସୁଲତାନପୁର ଲୋଧି (କପୁରତାଲା)ରେ ପହଞ୍ଚିବେ। ସେଠାରେ ବାଚସ୍ପତି ପାତ୍ର ଗୁରୁନାନକଙ୍କ ଜନ୍ମବାର୍ଷିକୀରେ ଯୋଗଦାନ କରିବେ। ବାଚସ୍ପତି ଡ. ପାତ୍ର ୧୨ ତାରିଖ ଦିନ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

# ଭାଇଚାରାର ବାର୍ତ୍ତା ଦେଲା ପୁରୀ

ପୁରୀ ଅଫିସ, ୯।୧୧

ଅଯୋଧ୍ୟାର ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦର ଐତିହାସିକ ରାୟ ପ୍ରକାଶ କରିଛନ୍ତି ସୁପ୍ରିମ୍‌କୋର୍ଟ। ତେବେ ଏହି ରାୟ ସମ୍ପର୍କରେ ଭାଇଚାରାର ବାର୍ତ୍ତା ଦେଇଛି ପୁରୀ। ଶନିବାର ପୂର୍ବାହ୍ନରେ ବଡ଼ଦାଣ୍ଡସ୍ଥିତ ଭକ୍ତ ସାଲବେଗ ପୀଠର ପବିତ୍ର ମାଟିରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ଏପରି କି ବିଦେଶୀ ଇସ୍କନ ଭକ୍ତ ସୁପ୍ରିମ୍‌କୋର୍ଟଙ୍କ ଏହି ରାୟକୁ ସ୍ୱାଗତ କରିଛନ୍ତି। ପରସ୍ପରକୁ ମିଠା ଖୁଆଇ ଆମେ ସବୁ ଭାଇ ଭାଇର ବାର୍ତ୍ତା ଦେଇଛନ୍ତି। ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସବୁ ଧର୍ମାବଲମ୍ବୀମାନଙ୍କୁ ଫୁଲମାଳ ଓ ଟିକା ପିନ୍ଧାଯାଇ ସମ୍ମାନ ପ୍ରଦାନ କରାଯାଇଥିଲା। ମୁସ୍‌ଲିମ ସମ୍ପ୍ରଦାୟର ମୌଲାନା ଅବୁବକ୍କର ସିଦ୍ଦିକ, ମହମ୍ମଦ ଇସ୍‌ଲାମ, ମହମ୍ମଦ ହସୀବ୍, ମହମ୍ମଦ ସଗୀର, ମହମ୍ମଦ ଅଜିଦ୍, ମହମ୍ମଦ ଅମୀରୁଲ୍ଲା, ମହମ୍ମଦ ମୁକ୍ତାର ଶେଖ୍,



ଜଣେ ମୁସଲମାନଙ୍କୁ ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ମିଠା ଖୁଆଇ ଭାଇଚାରାର ବାର୍ତ୍ତା ଦେଉଛନ୍ତି।

**ଅଯୋଧ୍ୟା ରାୟ**

■ ମହାପ୍ରସାଦ ଧରି ଅଯୋଧ୍ୟା ଯାତ୍ରା କରିବ ଶ୍ରୀଜଗନ୍ନାଥ ସେନା

ପାଷ୍ଟର ସାମୁଏଲ ନାୟକ ବାଇବେଲ ସହ ଉପସ୍ଥିତ ଥିବାବେଳେ ଶ୍ରୀମନ୍ଦିର ସେବାୟତ ନରସିଂହ ପୂଜାପଣ୍ଡା ଓ ଆନନ୍ଦ ବଜାର ପଣ୍ଡିତ ସଭା ସମ୍ପାଦକ ଦୁର୍ଗାଚରଣ ତ୍ରିପାଠୀ ଏବଂ ବିଦେଶୀ ଇସ୍କନ ଭକ୍ତ ମାୟାପୁରୀ ଚନ୍ଦ୍ର ଦାଶ ପ୍ରମୁଖ ଏହି ଐତିହାସିକ ରାୟକୁ ଏକତ୍ରିତ ଭାବେ ସ୍ୱାଗତ କରିଥିଲେ। ସୁପ୍ରିମ୍‌କୋର୍ଟ ମାଆ ଭଳି ଉଭୟ ହିନ୍ଦୁ ଓ ମୁସଲମାନଙ୍କୁ ନିଜ ନିଜ ଧର୍ମସ୍ଥଳୀ ନିର୍ମାଣ ପାଇଁ ସ୍ଥାନ ଯୋଗାଇ ଦେଇଥିବାରୁ ଉଭୟ ସମ୍ପ୍ରଦାୟ ସନ୍ତୁଷ୍ଟ ବୋଲି ମତ ରଖିଥିଲେ। ଅଯୋଧ୍ୟା ରାୟ ପ୍ରକାଶ ପରେ ପରେ ବଡ଼ଦାଣ୍ଡରୁ ଏଭଳି ଭାଇଚାରାର ବାର୍ତ୍ତା ଶ୍ରୀଜଗନ୍ନାଥ ଧାମରୁ ହିଁ ଦିଆଯାଇଥିଲା। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି ଯେ, କାହିଁ କେତେକାଳରୁ ବଡ଼ଦାଣ୍ଡରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁସଲମାନ ଭକ୍ତ ସାଲବେଗ ପୀଠ ସ୍ଥାପନ କରାଯାଇ ଭାଇଚାରାର ବାର୍ତ୍ତା ବହନ କରିଚାଲିଛି। ହିନ୍ଦୁ ଦେବତାଙ୍କ ଶ୍ରେଷ୍ଠ ଭକ୍ତଭାବେ ସାଲବେଗ ପୂଜା ପାଉଛନ୍ତି। ଆଗାମୀ ଦିନରେ ଏହି ପୀଠରୁ ମହାପ୍ରଭୁଙ୍କ ମାଳମାହର୍ଦ୍ଦ ଓ ମହାପ୍ରସାଦ ଧରି ଅଯୋଧ୍ୟା ଯାତ୍ରା କରି ଉଭୟ ଧର୍ମସ୍ଥଳୀରେ ପୂଜା କରିବୁ।



ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ- ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ – ସେତିକି ବିକଶିତ ହୋଇଉଠିବ। -ଶ୍ରୀମା

# ଅଯୋଧ୍ୟା ରାୟ



ଆକାର ପଟେଲ

ଅଯୋଧ୍ୟା ରାୟ ଏକ ନ୍ୟାୟିକ ଇତିହାସକୁ ସ୍ମରଣ କରାଇଦେଉଛି। ଭାରତୀୟ ଉପମହାଦେଶରେ ନ୍ୟାୟପାଳିକା ଆବଶ୍ୟକତାର ଡାକରାକୁ ଗ୍ରହଣ କରିଛି। ପାକିସ୍ତାନରେ ଏହା ୬୫ ବର୍ଷ ତଳେ ଘଟିଥିଲା। ସ୍ୱାଧୀନତାର ମାତ୍ର କିଛି କାଳ ପରେ ପାକିସ୍ତାନ ସେନା ଦେଶର ଶାସନଭାର ହାତକୁ ନେଇଗଲା ଏବଂ ଜେନେରାଲ ଆୟୁବ ଖାନ୍ ହେଲେ ଦେଶର ଶାସନମୁଖ୍ୟ। ଗୁଲାମ ମହମ୍ମଦ ନାମକ ଗଭର୍ନର ଜେନେରାଲଙ୍କ ଦ୍ୱାରା ଏଭଳି ପରିସ୍ଥିତି ସବୁ ସୃଷ୍ଟି କରାଯାଇଥିଲା। ସେ ଥିଲେ ଭାରତୀୟ କମ୍ପାନୀ ମହୀନ୍ଦ୍ରା ଗ୍ରୁପ୍‌ର ଜଣେ ଅଂଶୀଦାର। ଏହି କମ୍ପାନୀର ମୂଳ ନାମ ଥିଲା ମହୀନ୍ଦ୍ରା ଆଣ୍ଡ୍ ମହମ୍ମଦ ଏବଂ ପରେ ତା'ର ନାମ ବଦଳି ହୋଇଛି ମହୀନ୍ଦ୍ରା ଆଣ୍ଡ୍ ମହୀନ୍ଦ୍ରା। ସେ ଜଣେ ଅତି ଚତୁର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଥିଲେ। ଅର୍ଥ ମନ୍ତ୍ରଣାଳୟ ଚଳାଇବା ପାଇଁ ତାଙ୍କର ନାମ ସୁପାରିସ କରାଯାଇଥିଲା। ୧୯୪୮ରେ ଜିନ୍ନାଙ୍କ ମୃତ୍ୟୁ ଓ ୧୯୫୧ରେ ତାଙ୍କ ଡେପୁଟି ଲିଆକତ୍ ଅଲି ଖାନ୍‌ଙ୍କ ହତ୍ୟା ପରେ ପାକିସ୍ତାନ ମୁସ୍‌ଲିମ ଲିଗ୍ ନେତାହୀନ ହୋଇପଡ଼ିଥିଲା ଏବଂ ମହମ୍ମଦଙ୍କୁ ଗଭର୍ନର ଜେନେରାଲ ପଦବୀ ମିଳିଗଲା। ୧୯୫୪ରେ ସେ ବେଆଇନଭାବେ ପାକିସ୍ତାନ ଗଣପରିଷଦ (ପାକିସ୍ତାନର ପ୍ରଥମ ପାର୍ଲାମେଣ୍ଟ)କୁ ଭାଙ୍ଗିଦେଲେ, ଯାହା ପାକିସ୍ତାନର ସମ୍ବିଧାନ ପ୍ରସ୍ତୁତ କରିବାରେ ଭାରତଠାରୁ ଅଧିକ ସମୟ ନେଉଥିଲା। ଯେଉଁମାନଙ୍କୁ ବରଖାସ୍ତ କରାଗଲା, ସେମାନେ କୋର୍ଟର ଦ୍ୱାରସ୍ଥ ହେଲେ ଏବଂ କୋର୍ଟ ରାୟ ଦେଲେ ଯେ ଗୁଲାମ ମହମ୍ମଦଙ୍କ କାର୍ଯ୍ୟାନୁଷ୍ଠାନ ବେଆଇନ। ତା'ପରେ ସେ ଓ ତାଙ୍କ ସହ କ୍ଷମତାକୁ ଆସିଥିବା ନୂଆ ମନ୍ତ୍ରୀମାନେ କୋର୍ଟରେ ଆବେଦନ କଲେ। ଏଥର ସୁପ୍ରିମ୍‌କୋର୍ଟ ମହମ୍ମଦଙ୍କୁ ସମର୍ଥନ କରି ତାଙ୍କର ବେଆଇନ କାର୍ଯ୍ୟାନୁଷ୍ଠାନକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇଲେ।

ମୂଳତଃ ଯେହେତୁ ସେତେବେଳେ ଜରୁରୀ ପରିସ୍ଥିତି ଚାଲିଥିଲା (ଗଭର୍ନର ଜେନେରାଲ ଏ ପରିସ୍ଥିତି ସୃଷ୍ଟି କରିଥାନ୍ତୁ ବା ନ ଥାନ୍ତୁ), ସେ ଯାହା ଚାହିଁବେ କରିପାରିବେ ବୋଲି କୁହାଗଲା। କୋର୍ଟ ଇଂଲିଶ ଗୃହଯୁଦ୍ଧ ବିଜେତା ଓଲିଭର କ୍ରମ୍‌ୱେଲଙ୍କ ଉକ୍ତି ଉଦ୍ଧାର କରି କହିଲେ: ଯଦି ଆଇନ ବାହାରେ କିଛି କରିବାକୁ ଦିଆ ନ ଯିବ, ତା'ହେଲେ ଆମେ କାହାକୁ ଆଇନ ତିଆରି କରିବାକୁ ପଠାଇଲାବେଳେ ଜାତିର ଗଳା କାଟିଦିଆଯାଇପାରେ। ଗଭର୍ନର ଜେନେରାଲଙ୍କ କାର୍ଯ୍ୟାନୁଷ୍ଠାନ ପାକିସ୍ତାନର ରାଜନୈତିକ ଓ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ଭାଙ୍ଗିଯିବାରୁ ରକ୍ଷା କରିଛି ବୋଲି କୋର୍ଟ ମତ ଦେଲେ। ଏହାଦ୍ୱାରା କୋର୍ଟ ମହମ୍ମଦଙ୍କ ଭୁଲ୍ କାର୍ଯ୍ୟକୁ ଅଣଦେଖା କରି ତାହାକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇଲେ।

ମୁଁ ଭାବୁଛି ଅଯୋଧ୍ୟା ରାୟ ମଧ୍ୟ ସେହିପରି ଭାବନାରୁ ଆସିଛି ଏବଂ ସର୍ବୋଚ୍ଚ କୋର୍ଟ ଆବଶ୍ୟକତାକୁ ଚାହିଁ ରାୟ ଦେଇଛନ୍ତି। ଅଯୋଧ୍ୟାରେ ପ୍ରତିଷ୍ଠିତ ରାମ ମନ୍ଦିରକୁ ଭାଙ୍ଗି ତା' ଉପରେ ବାବ୍ରି ମସ୍‌ଜିଦ ତିଆରି ହୋଇଥିଲା ବୋଲି ସିଦ୍ଧାନ୍ତ ଶୁଣାଇବାକୁ ଅକ୍ଷମ ବୋଲି କହିବା ପରେ କୋର୍ଟ କାହିଁକି ସମସ୍ତ ଜମିକୁ ମନ୍ଦିର ପାଇଁ ଦେଇଦେବାକୁ ଆବଶ୍ୟକ ମନେକଲେ ତାହା ସମ୍ପୂର୍ଣ୍ଣରୂପେ ଅସ୍ପଷ୍ଟ। ସୁପ୍ରିମ୍‌କୋର୍ଟ ଏହା ମାନନ୍ତି ଯେ, ଭାରତୀୟ ଜନତା ପାର୍ଟି ଦ୍ୱାରା ଲୋକଙ୍କୁ ମତାଇ ମସ୍‌ଜିଦ ଭାଙ୍ଗିବା ଆଇନର ଅବମାନନା ଓ ଏକ ଅପରାଧ। କୋର୍ଟ ଏହା ମଧ୍ୟ ଗ୍ରହଣ କରନ୍ତି ଯେ, ମସ୍‌ଜିଦରେ ମୂର୍ତ୍ତି ସ୍ଥାପନ କରିବା ଏକ ଅପବିତ୍ର କାର୍ଯ୍ୟ। କିନ୍ତୁ ସୁପ୍ରିମ୍‌କୋର୍ଟ ସେହିମାନଙ୍କୁ ପୂରା ଜମି ଦେଇଦେଲେ ଯେଉଁମାନେ କହୁଥିଲେ ଯେ, ଯଦି ବିଶ୍ୱାସ ଠିକ୍ ତା'ହେଲେ ଏହା ଆଇନଗତ ତଦନ୍ତର ପରିସର ବାହାରେ ଏବଂ ପ୍ରତିଷ୍ଠିତ ବିଶ୍ୱାସକୁ କୋର୍ଟ ସମ୍ମାନ ଦେବା ଉଚିତ।

ଏହା ସ୍ପଷ୍ଟ ହୋଇଯାଇଛି ଯେ, ବିଶ୍ୱ ହିନ୍ଦୁ ପରିଷଦ ଓ ଭାଜପା ଯାହା ଦାବି କରିଆସୁଥିଲେ ଆଇନଗତ ଭାବେ ଭାରତ ତାହା ହିଁ କରିଛି। ୩୦ ବର୍ଷ ତଳେ ମୁଁ ଯେତେବେଳେ ଛାତ୍ର ଥିଲି ଅରୁଣ ସୁରୀ ବଡ଼ୋଦରାସ୍ଥିତ ବିଶ୍ୱବିଦ୍ୟାଳୟକୁ ଏହି ପ୍ରସଙ୍ଗରେ ଭାଷଣ ଦେବାକୁ ଆସିଥିଲେ। ଏହା ମସ୍‌ଜିଦ ଭଙ୍ଗା ଯିବାର ୩ ବର୍ଷ ପୂର୍ବର ଘଟଣା। ସେତେବେଳେ ଭାଜପା ସମର୍ଥକ ଥିବା ସୁରୀ କହିଥିଲେ ଯେ ମୁସଲମାନମାନେ ତାଙ୍କ ମସ୍‌ଜିଦକୁ ନେଇ ଅନ୍ୟ ସ୍ଥାନକୁ ଚାଲିଯାଆନ୍ତୁ କାରଣ ହିନ୍ଦୁମାନଙ୍କ ପାଇଁ ସ୍ଥାନଟି ଅତ୍ୟନ୍ତ ପବିତ୍ର। ବର୍ତ୍ତମାନ ଭାରତ ଠିକ୍ ସେଇଆ କରିବାକୁ ଯାଉଛି ନ୍ୟାୟସଙ୍ଗତ ଭାବରେ।

ଆମେ ଜାଣିବା ଦରକାର ଯେ, ପାକିସ୍ତାନ କୋର୍ଟଙ୍କ କାର୍ଯ୍ୟାନୁଷ୍ଠାନର ପ୍ରଭାବ ଦୀର୍ଘକାଳ ଯାଏ ରହିଥିଲା। ପାକିସ୍ତାନ ଓ ଆମର ଆଇନ ବ୍ୟବସ୍ଥା ପୂର୍ବ ଉଦାହରଣ ବା ନଜିର ଉପରେ ବିଶ୍ୱାସ କରେ। ଗୁଲାମ ମହମ୍ମଦଙ୍କ ମୃତ୍ୟୁର କିଛିବର୍ଷ ପରେ କୋର୍ଟ ପୂର୍ବ ରାୟକୁ ନଜିର ଭାବେ ନେଇ ଜେନେରାଲ ଆୟୁବ ଖାନ୍‌ଙ୍କ ଦ୍ୱାରା ଦେଶର ଶାସନକଳ ଉପରେ ସାମରିକ ଅକ୍ତିଆରକୁ ଯୁକ୍ତିଯୁକ୍ତ ଦର୍ଶାଇଥିଲେ। ତା'ପରେ ପୁଣି ଯେତେବେଳେ ଜେନେରାଲ ଜିଆ ଉଲ୍ ହକ୍ ପ୍ରଧାନମନ୍ତ୍ରୀ ଜୁଲ୍‌ଫିକର ଅଲି ଭୁଟ୍ଟୋଙ୍କୁ ଫାଶୀ ଦେଇ ନିଜେ ରାଷ୍ଟ୍ରପତି ହେଲେ ସେତେବେଳେ କୋର୍ଟ ଏହାକୁ ମଧ୍ୟ ଗ୍ରହଣ କରିନେଲେ କାରଣ ପୂର୍ବରୁ ଏହାର ନଜିର ରହିଥିଲା। ଜେନେରାଲ ମୁଶରଫଙ୍କ ଶାସନଗାଦି ଅକ୍ତିଆରକୁ ମଧ୍ୟ ସମାନ ଉପାୟରେ ବୈଧ କରାଯାଇଥିଲା। ଏକଛତ୍ର ଶାସକମାନେ ଆଇନର ଛାତ ତଳେ ସୁରକ୍ଷିତ ରହି ଶାସନ କରିଆସିଛନ୍ତି ଏବଂ ସେମାନଙ୍କ କାର୍ଯ୍ୟକୁ ଯୁକ୍ତିଯୁକ୍ତ ଦର୍ଶାଯାଇଛି। ଏବେ ଦୀର୍ଘକାଳୀନ ଭିତ୍ତିରେ ଅଯୋଧ୍ୟା ରାୟର କି ପ୍ରଭାବ ପଡୁଛି ତାହା ସମୟକ୍ରମେ ଜଣାପଡ଼ିବ। ମାତ୍ର ଏହାର ନିଶ୍ଚିତ ଭାବେ ପ୍ରଭାବ ପଡ଼ିବ। ତେବେ ମୁଁ ଆଶା କରୁଛି ତାହା ପାକିସ୍ତାନ ପରି ଭାରତରେ କିଛି କ୍ଷତିସାଧନ ନ କରୁ।

Email: aakar.patel@gmail.com

# ବୌଦ୍ଧିକ ସ୍ୱଚ୍ଛତା



ପ୍ରକାଶ ତ୍ରିପାଠୀ

ସବୁ ମଣିଷ ସମାନ। ଏ କଥା କେବଳ ଆମ ଧର୍ମଗ୍ରନ୍ଥ ବା ଶାସ୍ତ୍ର ଆଦିରେ ଲେଖା ନାହିଁ। ଆମ ବିବେକ ମଧ୍ୟ ସ୍ୱୀକାର କରେ ଯେ, ସଂସାରର ସବୁ ମଣିଷକୁ ପରମାତ୍ମା ଏକାଭଳି ଜନ୍ମ ଦେଇଛନ୍ତି। ତେଣୁ ମଣିଷ ନିଜ ନିଜ ଭିତରେ ଜନ୍ମ ଜାତି ଆଧାରରେ ଉଚ୍ଚ-ନୀଚ ବା ଛୁଆଁ-ଅଛୁଆଁର ଭେଦଭାବ ରଖିବା ସମ୍ପୂର୍ଣ୍ଣ ଅଯଥାର୍ଥ। ଜଣଙ୍କର କର୍ମ ଓ ଆଚରଣକୁ ଦେଖି ତାକୁ ଉତ୍କୃଷ୍ଟ ବା ନିକୃଷ୍ଟ କୁହାଯାଇପାରେ। ମାତ୍ର ଜଣକୁ ତା'ର ଜାତି ବା ଜନ୍ମକୁ ନେଇ ନିକୃଷ୍ଟ କହିବା କେତେଦୂର ସଙ୍ଗତ। ଏ ପ୍ରସଙ୍ଗରେ ସମ୍ପ୍ରତି ତାମିଲନାଡୁରେ ଘଟିଥିବା ଦୁଇଟି ଘଟଣାର ଅବତାରଣା କରାଯାଇପାରେ। ପ୍ରଥମ ଘଟଣାଟି ଘଟିଛି ତାମିଲନାଡୁର କୋଏମ୍ବାଟୁର ଜିଲା ଅନ୍ତର୍ଗତ ବିଧି ଗ୍ରାମରେ। ଏହି ଘଟଣାଟିର ଭିଡିଓ ଯେତେବେଳେ ସୋସିଆଲ ମିଡିଆରେ ଆସିଲା, ତାହା ଦେଖି ପ୍ରତ୍ୟେକ ସଭ୍ୟ ଭାରତୀୟଙ୍କୁ ନିଶ୍ଚିତ ଲଜ୍ଜାବୋଧ ଆସିଥିବ। କାରଣ ଯେଉଁ ଦେଶ ଚନ୍ଦ୍ର ଓ ମଙ୍ଗଳ ଗ୍ରହ ଅଭିଯାନ ଆରମ୍ଭ କରି ବିଶ୍ୱରେ ସୁନାମ ସାଉଁଟୁଛି, ସେହି ଦେଶରେ ଏବେ ବି ଏତେ ହୀନମନ୍ୟତା ତଥା କୁସଂସ୍କାର ଭରିରହିଛି। ନିଜ ନିଜ ଭିତରେ ଅସ୍ପୃଶ୍ୟତା ତଥା ଉଚ୍ଚ-ନୀଚ ଭାବନାରେ ମଣିଷ ବୁଡିରହିଛି। ଘଟଣାଟି ଏହିପରି। ବିଧି ଗ୍ରାମରେ ଜଣେ ଦଳିତଙ୍କ ଦେହାନ୍ତ ହେବା ପରେ ତାଙ୍କ ମୃତଦେହକୁ ନିକଟସ୍ଥ ଶ୍ମଶାନକୁ ଅନ୍ତିମ ସଂସ୍କାର ନିମନ୍ତେ ନିଆଯାଉଥିଲା। ଶ୍ମଶାନକୁ ଯାଇଥିବା ଏକମାତ୍ର ଗ୍ରାମ୍ୟ ରାସ୍ତାରେ ମୃତ ଶରୀରକୁ ନିଜ ଆତ୍ମୀୟମାନେ ନେଇଯାଉଥିଲା ବେଳେ ଗ୍ରାମର ସବର୍ଣ୍ଣମାନଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ଦଳିତଙ୍କ ମୃତଦେହ ଗ୍ରାମର ମୁଖ୍ୟରାସ୍ତାରେ ଯାଇପାରିବ ନାହିଁ ବୋଲି ମୃତ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ଶୁଣାଇ ଦିଆଗଲା। ଯେତେ ଅନୁରୋଧ କରାଗଲେ ମଧ୍ୟ ଶ୍ମଶାନକୁ ଯାଇଥିବା ସେହି ଏକମାତ୍ର ରାସ୍ତାରେ ମୃତଦେହ ଯିବାକୁ ଅନୁମତି ମିଳି ନ ଥିଲା। ଶେଷରେ ଆବର୍ଜନାପୂର୍ଣ୍ଣ ନର୍ଦ୍ଦମା ଅଞ୍ଚଳ ଦେଇ ମୃତଦେହକୁ ଶ୍ମଶାନ ନିଆଯାଇଥିଲା ଅନ୍ତିମ ସଂସ୍କାର ପାଇଁ। ଏହିଭଳି ଦ୍ୱିତୀୟ ଘଟଣାଟି ଘଟିଥିଲା ସେହି ତାମିଲନାଡୁର ଭେଲୋର ଜିଲାରେ ଗତ ଅଗଷ୍ଟ ମାସରେ। ଘଟିଥିବା ଏହି ଲଜ୍ଜାଜନକ ଘଟଣାଟି ଆମ ମଣିଷପଣିଆର ଏକ ନଗ୍ନଚିତ୍ରର ଜ୍ୱଳନ୍ତ ଉଦାହରଣ। ଜଣେ ୪୬ ବର୍ଷୀୟ ଦଳିତ ବ୍ୟକ୍ତିଙ୍କ ମରଶରୀରକୁ ଯେତେବେଳେ ଶ୍ମଶାନଘାଟକୁ ନିଆଯାଉଥିଲା, ସେତେବେଳେ ସେହି ଗ୍ରାମର ସବର୍ଣ୍ଣ ତଥା ଅଣଦଳିତ ଲୋକମାନେ ଦଳିତଙ୍କ ମୃତଦେହକୁ ସେମାନଙ୍କ ଜମି ଉପରଦେଇ ନେଇଯିବାକୁ ମନା କରିଦେଇଥିଲେ। ଦଳିତଙ୍କ ମୃତଶରୀର ସେମାନଙ୍କ କ୍ଷେତ ଉପରଦେଇ ଗଲେ ଜମି ଅପବିତ୍ର ହୋଇଯିବ ବୋଲି ସଫେଇ ଦେଇ ଶବଯାତ୍ରାକୁ ବିରୋଧ କରିଥିଲେ ସବର୍ଣ୍ଣମାନେ। ଶ୍ମଶାନକୁ ମୃତଦେହ ନେବା ପାଇଁ ଅନ୍ୟ କୌଣସି ରାସ୍ତା ନ ଥିବାରୁ ମୃତବ୍ୟକ୍ତିଙ୍କ ପରିବାର ପକ୍ଷରୁ ଅନେକ ଅନୁନୟ ସତ୍ତ୍ୱେ ଗ୍ରାମବାସୀ ସେମାନଙ୍କ ଜିଦିରେ ଅଟଳ ରହିଥିଲେ। ଶେଷରେ ଅନନ୍ୟୋପାୟ ହୋଇ ନିକଟସ୍ଥ ଏକ ପୋଲ ଉପରେ ମୃତଦେହକୁ ଦଉଡିରେ ବାନ୍ଧି ନଦୀଗର୍ଭକୁ ଖସାଯାଇଥିଲା ଓ ନଦୀ କଡ଼େ କଡ଼େ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ନିକଟରେ ସୋସିଆଲ ମିଡିଆରେ ଏହି ଦୁଇଟି ଦୁଃଖଦ ଘଟଣା ଦେଖିବା ପରେ ମନେପଡେ ତାମିଲନାଡୁରେ ପ୍ରଚଳିତ ଆଉ ଏକ ଘୃଣ୍ୟ ପରମ୍ପରାର କଥା। ପଢ଼ିଥିବା ତଥ୍ୟ ଅନୁଯାୟୀ ତାମିଲନାଡୁର କିଛି ଅଞ୍ଚଳରେ ଜାତିପ୍ରଥା ଏତେ ଉତ୍କଟ ଯେ, ଦଳିତମାନଙ୍କୁ ଅଣ୍ଡିରା କୁକୁର ପାଳିବାକୁ ବି ଅନୁମତି ମିଳି ନ ଥାଏ। କାରଣ ଦଳିତଙ୍କ ଦ୍ୱାରା ପାଳିତ ଅଣ୍ଡିରା କୁକୁର ଦ୍ୱାରା ଯେପରି ସବର୍ଣ୍ଣମାନଙ୍କ ମାଈ କୁକୁର ଗର୍ଭଧାରଣ ନ କରେ।

ଯଦି ଏକବିଂଶ ଶତାବ୍ଦୀରେ ସମୃଦ୍ଧିଶାଳୀ ଭାରତରେ ଏପରି ଘଟଣା ଘଟିଛି ତେବେ ଅତୀତରେ ଏଠାକାର ସାମାଜିକ ସ୍ଥିତିକୁ ସହଜରେ ଅନୁମାନ କରାଯାଇପାରେ। ଉପରୋକ୍ତ ଘଟଣା ଆଜିର ନୁହେଁ କି ନୂଆ ଘଟଣା ବି ନୁହେଁ। ଶହ ଶହ ବର୍ଷ ଧରି ଏହିଭଳି ଅନେକ ଘୃଣ୍ୟ ଓ ଲଜ୍ଜାଜନକ ଜାତିପ୍ରଥାଜନିତ ଘଟଣା ଭାରତରେ ଘଟିଚାଲିଛି। ଶାସ୍ତ୍ରକାରଙ୍କ ମତରେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଶରୀରର ବିଭିନ୍ନ ଅଂଶରୁ ଚାରିବର୍ଣ୍ଣ ବା ଜାତିର ସୃଷ୍ଟି। ବ୍ରହ୍ମାଙ୍କ ମୁଖରୁ ବ୍ରାହ୍ମଣ, ବାହୁରୁ କ୍ଷତ୍ରିୟ, ଜଙ୍ଘରୁ ବୈଶ୍ୟ ଓ ପାଦରୁ ଶୂଦ୍ର ସୃଷ୍ଟି ଫଳରେ ସମାଜରେ ଚାରିବର୍ଣ୍ଣ ପ୍ରତିଷ୍ଠିତ ହେଲେ। ଉପର ସ୍ତରରେ ରୁହନ୍ତି ବ୍ରାହ୍ମଣ, ଯେଉଁମାନେ କି ଶିକ୍ଷାଦାନ, ଜ୍ଞାନଦାନ ସହ ଦେବତାଙ୍କୁ ପୂଜାର୍ଚ୍ଚନାପୂର୍ବକ ବିଜ୍ଞ ଶ୍ରେଣୀ ଭାବେ ପରିଚିତ ହେଲେ। ବ୍ରାହ୍ମଣଙ୍କ ପରେ ଦ୍ୱିତୀୟ ସ୍ତରରେ ରହିଲେ କ୍ଷତ୍ରିୟ, ଯେଉଁମାନେ କି ଯୋଦ୍ଧା ସହ ଶାସନ ପରିଚାଳନାର ଦାୟିତ୍ୱ ନିର୍ବାହ କଲେ। ବ୍ୟବସାୟ, ବାଣିଜ୍ୟ, ପଶୁପାଳନ କାର୍ଯ୍ୟ ନିର୍ବାହ କଲେ ବୈଶ୍ୟ। ଚତୁର୍ଥ ଶ୍ରେଣୀରେ ଅନ୍ତର୍ଭୁକ୍ତ ହେଲେ ଶୂଦ୍ର, ଯେଉଁମାନେ କି ଶ୍ରମିକ ତଥା ସେବା କାର୍ଯ୍ୟ ସମ୍ପାଦନ କଲେ। ଏହି କାର୍ଯ୍ୟ ବଂଶାନୁକ୍ରମିକ ଭାବେ ସମ୍ପାଦନ ହେବା ଯୋଗୁ ବର୍ଣ୍ଣ-ବର୍ଣ୍ଣ ମଧ୍ୟରେ ଦୂରତା ଓ ବୈଷମ୍ୟ ସୃଷ୍ଟିହୋଇ ସମାଜରେ ଅସମାନତା ଜନ୍ମ ନେଲା। ବର୍ଣ୍ଣ ବିଭାଗ ଏକପ୍ରକାର ପ୍ରାକୃତିକ ବିନ୍ୟାସ ଓ ଜୀବନ-ସମସ୍ୟା ସମାଧାନର ଏକ ସ୍ୱାଭାବିକ ପନ୍ଥା। ମଣିଷ ଦଳ ବାନ୍ଧିବେ, ଏଥରୁ ପରିତ୍ରାଣ ନାହିଁ। ବିଶ୍ୱର ଯେଉଁ ଭାଗକୁ ଯାଅ ସବୁଠାରେ ସମାଜ ନାନା ଦଳରେ ବିଭକ୍ତ। କିନ୍ତୁ ଏହାର ଅର୍ଥ ନୁହେଁ, ଦଳଗତ ଅଧିକାର ଭେଦ ରଖିବାକୁ ହେବ। ସାମାଜିକ ଜୀବନରେ ପ୍ରତ୍ୟେକ ମଣିଷ ପ୍ରତ୍ୟେକ କାମରେ ସିଦ୍ଧହସ୍ତ ହୋଇପାରନ୍ତି ନାହିଁ। ଜଣେ ଯୋଦ୍ଧା ହୋଇପାରେ ମାତ୍ର କାଠର ସାଧାରଣ ଚୌକିଟିଏ କରି ନ ପାରେ। ଜଣେ ପଣ୍ଡିତ ହୋଇପାରେ, ମାତ୍ର ସେ ଜୋତା ସିଲାଇ କରି ନ ପାରେ। ଏହି ଯୋଗ୍ୟତା ଆଧାରରେ ପ୍ରତ୍ୟେକ ମଣିଷ ନିଜ ନିଜ କାର୍ଯ୍ୟରେ ଦକ୍ଷ। କିନ୍ତୁ ଏହି ଯୋଗ୍ୟତାର ତାରତମ୍ୟ ହେତୁ ଜଣେ ଉଚ୍ଚ ଓ ଜଣେ ନୀଚ ଭାବିବା ସମ୍ପୂର୍ଣ୍ଣ ଭୁଲ। କର୍ମର ପ୍ରକାରଭେଦ କରାଯାଇ ଚତୁର୍ଥ ଶ୍ରେଣୀ ପର୍ଯ୍ୟାୟଭୁକ୍ତ ହୋଇଥିବା ଶୂଦ୍ରଙ୍କ କର୍ମକୁ ନୀଚକର୍ମ ଦର୍ଶାଯାଇ ଅସ୍ପୃଶ୍ୟତାର ଯେଉଁ ବୀଜ ବପନ ହେଲା ତାହା ସମୟକ୍ରମେ ମହାଦ୍ରୁମରେ ପରିଣତ ହେଲା। ସମାଜରେ ଜାତି-ଜାତି ମଧ୍ୟରେ ଅସମାନତା ବୃଦ୍ଧି ଯୋଗୁ ଏହା ସମାଜରେ ଏକତା ଓ ଅଖଣ୍ଡତାରେ ଅନ୍ତରାୟ ହେଲା। କିଛି ଇତିହାସକାରଙ୍କ ମତରେ, ଭାରତକୁ ଆର୍ଯ୍ୟମାନଙ୍କ ଆଗମନ ପରେ ଜାତିପ୍ରଥା ଉତ୍କଟ ହୋଇଥିଲା, ଯାହାକି ପରେ ଭାରତର ଅଖଣ୍ଡତାକୁ ଆଘାତ ଦେଇଥିଲା। ରାଜ୍ୟ-ରାଜ୍ୟ ମଧ୍ୟରେ ଶତ୍ରୁତାର ଏହା ମୂଳକାରଣ ଥିଲା। ଏପରିକି ଏହାର ସୁଯୋଗ ନେଇ ହଜାର ହଜାର ବର୍ଷ ଧରି ଅନେକ ବିଦେଶୀ ଶାସକ ଭାରତକୁ ଆକ୍ରମଣ କରିବାର ପଥ ସୁଗମ ହୋଇଥିଲା। ଆଲେକଜାଣ୍ଡାରଙ୍କ ଦ୍ୱାରା ପୁରୁଙ୍କ ପରାଜୟ ପଛରେ ଏହି ଜାତିପ୍ରଥାକୁ କିଛି ଇତିହାସକାର ଗୁରୁତ୍ୱ ଦିଅନ୍ତି। ଯୁଦ୍ଧ ପୂର୍ବରୁ ଆଲେକଜାଣ୍ଡାର ଶତ୍ରୁ ଶିବିରର ରଣନୀତି ଜାଣିବାକୁ ନିର୍ଦ୍ଦେଶ ଦେଲେ। ରାତିରେ ଗୁପ୍ତଚରଟି ପୁରୁ ଓ ତାଙ୍କର ସହଯୋଗୀ ରାଜାଙ୍କ ଶିବିରକୁ ଯାଇ ଦେଖିଲେ ଯେ, ବିଭିନ୍ନ ଜାଗାରେ ଅଲଗା ଅଲଗା ରୋଷେଇ ହେଉଛି ଓ ସୈନ୍ୟସାମନ୍ତମାନେ ଅଲଗା ଅଲଗା ହୋଇ ଖାଉଛନ୍ତି। ଅନ୍ୟ କୌଣସି ରଣନୀତି ସମ୍ପର୍କରେ ସୁରାକ୍ ନ ପାଇ ଗୁପ୍ତଚରଟି ଏହି ବିଷୟ ଆଲେକଜାଣ୍ଡାରଙ୍କୁ କୁହନ୍ତେ, ଗ୍ରୀକ୍ ବୀର ଖୁସି ହୋଇଯାଇଥିଲେ। ଆଲେକଜାଣ୍ଡାରଙ୍କ ଖୁସିର କାରଣ ଜାଣିବାକୁ ଉପସ୍ଥିତ ସେନା ଆଗ୍ରହ ପ୍ରକାଶ କରନ୍ତେ ସେ କହିଥିଲେ ଯେ, ଜାତିପ୍ରଥା ଭଳି ଏକ କୁତ୍ସିତ ପ୍ରଥାରେ ଭାରତୀୟମାନେ ଆକ୍ରାନ୍ତ ବୋଲି ସେ ଶୁଣିଥିଲେ ଓ ସେ ତା'ର ପ୍ରମାଣ ଆଜି ପାଇଗଲେ। ଯେଉଁ ସୈନ୍ୟମାନେ ଜାତି ଆଧାରରେ ଏକାଠି ବସି ଖାଇବାକୁ ପସନ୍ଦ କରୁନାହାନ୍ତି, ସେମାନେ ଏକତ୍ରିତ ହୋଇ ଏକ ମନରେ ଆଲେକ୍‌ଜାଣ୍ଡାରଙ୍କ ଭଳି ଯୋଦ୍ଧାଙ୍କ ବିପକ୍ଷରେ କିପରି ଯୁଦ୍ଧ କରିପାରିବେ। ଆଲେକ୍‌ଜାଣ୍ଡାରଙ୍କ ଆକଳନ ସତ୍ୟ ହେଲା ଓ ସେ ବିଜୟୀ ହେଲେ।

ଦଳିତମାନେ ଅସ୍ପୃଶ୍ୟ- ଏହି ଘୃଣ୍ୟ ମନୋଭାବ ପରିହାର ନ ହେବା ଯାଏ ହିନ୍ଦୁଧର୍ମର ବା ଭାରତବର୍ଷର ଉନ୍ନତି ହୋଇପାରିବ ନାହିଁ। ଏହିଭଳି କୁସଂସ୍କାର ଓ ରୂଢ଼ିବାଦ ଧର୍ମାନ୍ତରୀକରଣର ବାଟ ଫିଟାଉଛି। ବ୍ୟକ୍ତିର ରଙ୍ଗ, ବର୍ଣ୍ଣ, କୁଳ, ଗୋତ୍ର ଯାହା ହେଉ ନା କାହିଁକି, ଈଶ୍ୱରଙ୍କ ସୃଷ୍ଟିରେ ସମସ୍ତେ ସମାନ। ଉଚ୍ଚ-ନୀଚ ମନୋଭାବ ତଥା ଅସ୍ପୃଶ୍ୟତା ଭଳି କଳଙ୍କକୁ ଦୂର କରିବା ପ୍ରତ୍ୟେକ ବୁଦ୍ଧିଶୀଳ ଓ ବିଚାରଶୀଳ ଭାରତୀୟଙ୍କ କର୍ତ୍ତବ୍ୟ। ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କେବଳ ଭୌତିକ ସ୍ୱଚ୍ଛତା ଭିତରେ ସୀମିତ ନ ହୋଇ ବୌଦ୍ଧିକଭାବେ ସ୍ୱଚ୍ଛ ହେବା ମଧ୍ୟ ଆବଶ୍ୟକ, କାରଣ ଅସ୍ପୃଶ୍ୟତା ଏକ ମାନସିକ ଆବର୍ଜନା, ଜାତିପ୍ରଥା ଏକ ସାମାଜିକ ବିକୃତି।

ଇ-ମେଲ: Prakas. tripathy09@gmail.com

## ଏଇ ଭାରତରେ

ସ୍କୁଲ୍ ଫି ଦେଇ ନ ପାରି ପଢା ଛାଡି ନିଜ ଗୋଡରେ ଛିଡା ହୋଇ କୋଲକାତାର ବିଶ୍ୱନାଥ ନାରୁ ଅଭାବୀ ପିଲାମାନଙ୍କ ପାଇଁ ସ୍କୁଲ୍ ଗଢିଛନ୍ତି। ଦୈନନ୍ଦିନ କାର୍ଯ୍ୟରୁ ସମୟ ବାହାର କରି ସେମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ୪୦ ବର୍ଷ ହେବ ସେ ଏହି ସେବାରେ ଲାଗିଛନ୍ତି। ମାତ୍ର ୬ ମାସର ହୋଇଥିବାବେଳେ ବିଶ୍ୱନାଥଙ୍କ ବାପାଙ୍କର ଦେହାନ୍ତ ହୋଇଥିଲା। ମା' ଅନ୍ୟମାନଙ୍କ ଘରେ କାମ କରି ତାଙ୍କୁ ଓ ତାଙ୍କ ଭଉଣୀଙ୍କୁ ଲାଳନପାଳନ କରିଥିଲେ। ବହୁ କଷ୍ଟରେ ବିଶ୍ୱନାଥ ଓ ତାଙ୍କ ଭଉଣୀ ୧୦ମ ଯାଏ ପଢିପାରିଥିଲେ। ସ୍କୁଲ୍ ଫି ନ ଦେଇପାରିବାରୁ ତାଙ୍କ ପଢା ବନ୍ଦ ହୋଇଗଲା। ବିଶ୍ୱନାଥ ପ୍ରଥମେ ଏକ ମାଛ ଦୋକାନରେ କାମ କରୁଥିଲେ ଓ ପରେ ନିଜେ କୋଲକାତାର ଦମ୍‌ଦମ୍ ପାର୍କ ବଜାରରେ ଦୋକାନ କରି ମାଛ ବିକ୍ରି କଲେ। ମାଛରୁ ଯାହା ଆୟ ହୁଏ ସେଥିରେ ପରିବାର ଚଳାଇବା ସହ ଛୋଟ ପିଲାମାନଙ୍କ ପାଇଁ ନନ୍ଦିପୁରରେ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ଆରମ୍ଭ କରିଥିଲେ। ଏହି ସ୍କୁଲ୍‌ରେ ଏବେ ରିକ୍ସାଚାଳକ, ଦିନମଜୁରିଆ ଓ ଅନ୍ୟମାନଙ୍କ ଘରେ କାମ କରୁଥିବା ଲୋକଙ୍କ ପିଲାମାନଙ୍କୁ ହିଁ ପଢାଉଛନ୍ତି। ବିଶ୍ୱନାଥ ପିଲାମାନଙ୍କୁ ନିଜସ୍ୱ ରୋଜଗାରରେ ବହି କିଣି ଯୋଗାଉଛନ୍ତି। ୬୬ ବର୍ଷୀୟ ବିଶ୍ୱନାଥ ୧୦ଟା ଭିତରେ ମାଛ ବିକ୍ରି ସାରିଦେଇ ସ୍କୁଲରେ ଠିକ୍ ସମୟରେ ପହଞ୍ଚିଯାନ୍ତି । ପିଲାମାନଙ୍କୁ ସେ ଗଣିତ ଓ ବିଜ୍ଞାନ ପଢାନ୍ତି। ଏହାପରେ ବଳକା ସମୟ ସେ ପିଲାମାନଙ୍କ ସହ ଖେଳନ୍ତି କିମ୍ବା ଏକ୍ସଟ୍ରା କ୍ଲାସ୍ ମଧ୍ୟ ନେଇଥାନ୍ତି।

# ଆଇଏଇଏ ମହାନିର୍ଦ୍ଦେଶକ

ବିଶ୍ୱରେ ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ଉପଯୋଗ କରିବା ଉଦ୍ଦେଶ୍ୟରେ ୨୯ ଜୁଲାଇ, ୧୯୫୭ରେ ଗଠିତ ହୋଇଛି ଇଣ୍ଟରନ୍ୟାଶନାଲ ଆଟମିକ୍ ଏନର୍ଜି ଏଜେନ୍ସି (ଆଇଏଇଏ) ବା ଆନ୍ତର୍ଜାତିକ ପରମାଣୁ ଶକ୍ତି ସଂସ୍ଥା। ଯୁଦ୍ଧରେ ପରମାଣୁ ଶକ୍ତିର ଦୁରୁପଯୋଗ ରୋକିବା ଏହାର ମୁଖ୍ୟ ଲକ୍ଷ୍ୟ। ଏହାର ମୁଖ୍ୟାଳୟ ଭିଏନା, ଅଷ୍ଟ୍ରିଆରେ ରହିଛି। ନିକଟରେ ଆର୍ଜେଣ୍ଟିନାର ରାଫାଏଲ ମାରିଆନୋ ଗ୍ରୋସି ଆଇଏଇଏର ମହାନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି। ଆଇଏଇର ପୂର୍ବ ମହାନିର୍ଦ୍ଦେଶକ ଜାପାନର ୟୁକିଆ ଅମାନୋଙ୍କ ଜୁଲାଇରେ ଦେହାନ୍ତ ହେବା ପରେ ଏହି ପଦ ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ରୋମାନିଆର କର୍ନେଲ ଫେରୁଟାଙ୍କୁ ପଛରେ ପକାଇ ଜିତିଛନ୍ତି ଗ୍ରୋସି। ଅକ୍ଟୋବର ୨୮ରେ ପ୍ରଥମ ଭୋଟିଂରେ ଆଇଏଇଏ ପରିଚାଳନା ପରିଷଦର ୩୫ ସଦସ୍ୟ ବିଶିଷ୍ଟ ରାଷ୍ଟ୍ରଙ୍କ ମଧ୍ୟରୁ କାହାକୁ ଦୁଇ ତୃତୀୟାଂଶ ଭୋଟ ମିଳି ନ ଥିଲା। କିନ୍ତୁ ତା'ପରଦିନ ଗ୍ରୋସିଙ୍କ ସପକ୍ଷରେ ରହିଲା ୨୪ ଖଣ୍ଡ ଭୋଟ ଓ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଫେରୁଟାଙ୍କୁ ମିଳିଥିଲା ୧୦ ଖଣ୍ଡ। ଏହି ଦିନଟି ଗ୍ରୋସିଙ୍କ ପାଇଁ ଏକ ସଫଳତାର ଦିନ। ୩୫ ବର୍ଷର କୂଟନୈତିକ କ୍ୟାରିୟର ଭିତରେ ଏହା ତାଙ୍କୁ ଅନେକ ଆନନ୍ଦ ଦେଇଛି। ଜଣେ ଅଭିଜ୍ଞ ତଥା ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିଙ୍କଠାରୁ ପରମାଣୁ କାର୍ଯ୍ୟକ୍ରମ ଉପରେ ଏ ବିଶ୍ୱ ସାମ୍ପ୍ରତିକ ପରିସ୍ଥିତିରେ ଅନେକ କିଛି ଆଶା ରଖିବା ସ୍ୱାଭାବିକ।

ଲାଟିନ ଆମେରିକାର ଦେଶରୁ ପ୍ରଥମେ ଆଇଏଇଏର ମାହାନିର୍ଦ୍ଦେଶକ ହେବାରେ ରାଫାଏଲ ଗ୍ରୋସି ହେଉଛନ୍ତି ପ୍ରଥମ। ଏଥିରୁ ବୁଝାପଡେ, ସେ ମଧ୍ୟ ଆମେରିକାର ସମର୍ଥନ ଲାଭ କରିଛନ୍ତି। ଆଇଏଇଏର ଷଷ୍ଠ ମହାନିର୍ଦ୍ଦେଶକ ଭାବେ ୧ ଜାନୁୟାରୀ, ୨୦୨୦ ପୂର୍ବରୁ ସେ ଦାୟିତ୍ୱ ନେବେ ଓ ୪ ବର୍ଷ ସେହି ପଦରେ ରହିବେ। ମୁଖ୍ୟତଃ ୨୦୧୫ ଚୁକ୍ତିନାମା ଅନୁଯାୟୀ ଇରାନ ଉପରେ ଲଗାଯାଇଥିବା ପ୍ରତିବନ୍ଧକକୁ ଧୀରେଧୀରେ ଅଣଦେଖା କରୁଥିବା ସମୟରେ ଗ୍ରୋସିଙ୍କର ଏହି ସଫଳତା ଗୁରୁତ୍ୱ ବହନ କରେ।

ବ୍ୟକ୍ତିତ୍ୱ



ରାଫାଏଲ ମାରିଆନୋ ଗ୍ରୋସି

ଏହାବାଦ୍ ବିଶ୍ୱ ସମୁଦାୟକୁ ଖୋଲାଖୋଲି ଧମକ ଦେଉଥିବା ତଥା ପରମାଣୁ କାର୍ଯ୍ୟକ୍ରମ ଚାଲୁରଖିଥିବା ରାଷ୍ଟ୍ରଗୁଡିକ ଉପରେ ଜାତିସଂଘର ବିଭିନ୍ନ କାର୍ଯ୍ୟକ୍ରମକୁ କିଭଳି ଆଗକୁ ନେଉଛନ୍ତି ତାହା ଉପରେ ଏବେ ବିଶ୍ୱବାସୀଙ୍କର ନଜର।

ଜାତିସଂଘର ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ନିର୍ବାଚିତ ହେବା ପୂର୍ବରୁ ପ୍ରାୟ ଏକ ଦଶନ୍ଧି ଧରି ବରିଷ୍ଠ କୂଟନୀତିଜ୍ଞ ଗ୍ରୋସି ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ କ୍ଷେତ୍ରରେ ସଫଳତାର ସହ ଦାୟିତ୍ୱ ତୁଲାଇଛନ୍ତି। ୨୦୧୩ରେ ଭିଏନାରେ ଜାତିସଂଘର ସ୍ଥାୟୀ ପ୍ରତିନିଧି ହୋଇଥିଲେ। ୧୯୯୯ ଏବଂ ୨୦୦୦ ମସିହାରେ ଜାତିସଂଘର କନ୍‌ଭେନ୍‌ଶନାଲ ଆର୍ମସ ଉପରେ ଗଠିତ ବିଶେଷଜ୍ଞ କମିଟିରେ ବି ଅଧ୍ୟକ୍ଷତା କରିଥିଲେ। ୨୦୦୦ରୁ ୨୦୦୭ ଯାଏ ସେ ଅଷ୍ଟ୍ରିଆ ରାଜଧାନୀ ଭିଏନାସ୍ଥିତ ଆଇଏଇଏ ମୁଖ୍ୟାଳୟ ଓ ନେଦରଲାଣ୍ଡ ସ୍ଥିତ ହେଗ୍‌ରେ ଥିବା ଜାତିସଂଘର ରାସାୟନିକ ଅସ୍ତ୍ରନିରୋଧୀ ସଂଗଠନ (ଓପିସିଡବ୍ଲ୍ୟୁ)ରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ବେଶ୍ ଜଣାଶୁଣା। ବେଲ୍‌ଜିୟମ୍‌ରେ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ପାଇବା ପୂର୍ବରୁ ଗ୍ରୋସି ଆର୍ଜେଣ୍ଟିନା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖ୍ୟ ରାଜନୈତିକ ସଂଯୋଜକ ଭାବେ ୨୦୦୭ରୁ ୨୦୧୦ ଯାଏ କାର୍ଯ୍ୟ କରିଛନ୍ତି। ବେଲଜିୟମ୍‌ରେ ରାଷ୍ଟ୍ରଦୂତ ଥିବା ସମୟରେ ସେ ମଧ୍ୟ ଜେନେଭାସ୍ଥିତ ଜାତିସଂଘ କାର୍ଯ୍ୟାଳୟରେ ଆର୍ଜେଣ୍ଟିନାର ପ୍ରତିନିଧି ରହିଥିଲେ। ୨୦୧୦ରେ ତିନିବର୍ଷ ପାଇଁ ଆଇଏଇଏର ଉପ-ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଥିଲେ। ୨୦୧୩ଠାରୁ ସେ ଅଷ୍ଟ୍ରିଆ, ସ୍ଲୋଭାକିଆ ଏବଂ ସ୍ଲୋଭେନିଆରେ ଆର୍ଜେଣ୍ଟିନାର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିବା ସହ ଜେନେଭାସ୍ଥିତ ଆନ୍ତର୍ଜାତିକ ସଂଗଠନଗୁଡିକରେ ବି ସ୍ଥାୟୀ ପ୍ରତିନିଧି ରହିଥିଲେ। ୨୦୧୪ରୁ ୨୦୧୬ ମଧ୍ୟରେ ଗ୍ରୋସି ଆଣବିକ ଯୋଗାଣକାରୀ ଗୋଷ୍ଠୀ (ଯାହା ଏକ ବହୁରାଷ୍ଟ୍ରୀୟ ରପ୍ତାନି ନିୟନ୍ତ୍ରଣ ବ୍ୟବସ୍ଥା)ର ଅଧ୍ୟକ୍ଷ ରହିଥିଲେ। ପରମାଣୁ ସୁରକ୍ଷା ସମ୍ପର୍କିତ ସମ୍ମିଳନୀରେ ଅଧ୍ୟକ୍ଷତା କରିବା ସହ ଓପିସିଡବ୍ଲ୍ୟୁର ଉପମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ ମଧ୍ୟ କରିଥିଲେ।

ଗ୍ରୋସିଙ୍କୁ ବର୍ତ୍ତମାନ ବୟସ ୫୮। ୧୯୬୧ରେ ଆର୍ଜେଣ୍ଟିନାର ବୁଏନ୍ସ ଏରିସ୍‌ରେ ତାଙ୍କର ଜନ୍ମ। ୧୯୮୩ରେ ଆର୍ଜେଣ୍ଟିନାର ପୋଣ୍ଟିଫିକଲ କ୍ୟାଥଲିକ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଡିଗ୍ରୀ ହାସଲ କରିବା ପରେ ୧୯୮୫ରେ ଆର୍ଜେଣ୍ଟିନା ବୈଦେଶିକ ସେବାରେ ଯୋଗଦେଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ତାଙ୍କ ସଫଳତାର ଯାତ୍ରା। ବିଦେଶ ସେବାରେ ରହି ବି ସେ ୧୯୯୭ରେ ଜେନେଭା ବିଶ୍ୱବିଦ୍ୟାଳୟରୁ ଇଣ୍ଟରନ୍ୟାଶନାଲ ରିଲେଶନ, ହିଷ୍ଟ୍ରୀ ଓ ଇଣ୍ଟରନ୍ୟାଶନାଲ ପଲିଟିକ୍ସରେ ସ୍ନାତକୋତ୍ତର ସହ ପିଏଚ୍.ଡି. ହାସଲ କରିଛନ୍ତି। ୨୦୨୦ ଏପ୍ରିଲ୍‌ରୁ ମେ' ଯାଏ ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ପରମାଣୁ ନିରସ୍ତ୍ରୀକରଣ ଚୁକ୍ତିରେ ସ୍ୱାକ୍ଷର କରିଥିବା ରାଷ୍ଟ୍ରଗୁଡିକର ସମୀକ୍ଷା ବୈଠକରେ ଗ୍ରୋସି ଅଧ୍ୟକ୍ଷତା କରିବେ। ଆଣବିକ ଅପ୍ରସାର ତଥା ନିରସ୍ତ୍ରୀକରଣ ସମ୍ପର୍କରେ ଗ୍ରୋସିଙ୍କ ଦୀର୍ଘ ଅନୁଭବ ବିଶ୍ୱ ଆଣବିକ ପ୍ରତିଯୋଗିତାରେ ଭଙ୍ଗା ପକାଇବ ବୋଲି ଆଶା କରାଯାଉଛି।

**– ଶିବ ପ୍ରସାଦ ପୁହାଣ**

## ଚିରନ୍ତନୀ

ରୁଣୁ ଝୁଣୁ ଶବଦେ ପୂରିଲା ଦାଣ୍ଡ
ଅଭୂଷଣ କଥା ଗୋ ଅରୂପ କାଣ୍ଡ !
କି ଥିଲା ସେ ଶବଦେ ହୋଇ ଆକୁଳ
କୁଳ ଭୁଆସୁଣୀ ତ ତେଜିଲେ କୁଳ ! (ବଂଶୀ ଧ୍ୱନି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୦ ନଭେମ୍ବର ୧୯୯୪**

- ରୁଆଣ୍ଡାର ମାନବାଧିକାର ଉଲ୍ଲଂଘନ ଅଭିଯୋଗରେ ଅଭିଯୁକ୍ତ ଲୋକମାନଙ୍କର ବିଚାର ନିମନ୍ତେ ଜାତିସଂଘ ନିରାପତ୍ତା ପରିଷଦ ଏକ ଅନ୍ତର୍ଜାତୀୟ ଟ୍ରିବ୍ୟୁନାଲ ଗଠନ କରିଛି ।
- ଚଳିତବର୍ଷ ଆଙ୍ଗୋଲାରେ ୭୦୦୦ରୁ ଊର୍ଦ୍ଧ୍ୱ ଲୋକ ଏଡ୍‌ସ ଆକ୍ରାନ୍ତ ହୋଇଛନ୍ତି ବୋଲି ଜଣାପଡ଼ିଛି।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | E | | | 6 | 7 | | | 8 | | | | | 2 |
| | 3 | D | | 9 | | | | | 6 | | | | 8 | |
| | 4 | | 3 | 7 | D | | | 2 | 9 | | | | 6 | 0 |
| 0 | | | 4 | A | | | C | | | | | | | |
| | 9 | A | | | | 6 | | | | | C | E | 1 | |
| | | 2 | | | | 4 | | 0 | | | 7 | | | |
| | B | 1 | | | | | | | A | | | | 2 | D |
| | 8 | | 0 | | 2 | 5 | | D | | | | | 4 | |
| | | | 6 | | | 9 | | E | B | | | | 0 | |
| | 5 | | B | C | | | 6 | | 4 | 3 | | | | |
| | | | 1 | | 3 | 8 | 5 | B | | | | | E | |
| 8 | 6 | | | B | 5 | | | 9 | | | 4 | 3 | | |
| | | | | | | | | | 3 | | 6 | | | B |
| | C | | | | | D | | 4 | | | 2 | 1 | 5 | 8 |
| | D | | | | 9 | | | | | C | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | A | 2 | 4 | 7 | 3 | 9 | E | 6 | 5 | 8 | 1 | B | D | C |
| 9 | 4 | B | 5 | 0 | A | 2 | 7 | 3 | C | E | D | 1 | 6 | 8 |
| 6 | 3 | 5 | 8 | 1 | 2 | 4 | C | D | 7 | 9 | B | A | 0 | E |
| E | 8 | C | D | 9 | 6 | 0 | 1 | B | 3 | A | 4 | 7 | 5 | 2 |
| 1 | 7 | D | E | B | C | A | 5 | 8 | 0 | 2 | 6 | 3 | 9 | 4 |
| C | 2 | 3 | B | A | 8 | 6 | 4 | 7 | 9 | D | 0 | E | 1 | 5 |
| A | 6 | 4 | 2 | D | 1 | 5 | 8 | 0 | E | 3 | 7 | 9 | C | B |
| 7 | 9 | 1 | C | 5 | 0 | 3 | 2 | E | 4 | B | 8 | 6 | A | D |
| 8 | B | E | 7 | 4 | 9 | D | A | 1 | 6 | C | 5 | 2 | 3 | 0 |
| D | 5 | 0 | 6 | 3 | E | C | B | 9 | A | 1 | 2 | 4 | 8 | 7 |
| 3 | D | 6 | 0 | 8 | B | 7 | 9 | A | 2 | 5 | E | C | 4 | 1 |
| B | C | 9 | 3 | 2 | 4 | 8 | D | 5 | 1 | 7 | A | 0 | E | 6 |
| 4 | E | 7 | A | 6 | 5 | 1 | 3 | 2 | D | 0 | C | 8 | B | 9 |
| 5 | 0 | A | 1 | E | 7 | B | 6 | C | 8 | 4 | 9 | D | 2 | 3 |
| 2 | 1 | 8 | 9 | C | D | E | 0 | 4 | B | 6 | 3 | 5 | 7 | A |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆବାସ ନକ୍ସା ପ୍ରକାଶ ପାଉ

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ହିତାଧିକାରୀଙ୍କୁ ଦିଆଯାଉ ଥିବା ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘରର କମ୍ ଖର୍ଚ୍ଚବାଲା ଘରର ନିର୍ମାଣଶୈଳୀ ସମାବେଶ କରି ସଂପୃକ୍ତ ହିତାଧିକାରୀଙ୍କୁ ବୁଝାଇ କୁହାଯାଉଛି। ଏହା ଯଦି ଖବରକାଗଜରେ ନକ୍ସା ସହ ପ୍ରକାଶିତ ହୁଅନ୍ତା ତେବେ ହିତାଧିକାରୀଙ୍କ ବୁଝିବା ଅଧିକ ସହଜ ହୁଅନ୍ତା। ସାଧାରଣ ଲୋକ ଗଣମାଧ୍ୟମରୁ ବୁଝିବା ପରେ ସେ ମଧ୍ୟ ସଂପୃକ୍ତ ଅର୍ଦ୍ଧଶିକ୍ଷିତ, ନିରକ୍ଷର ହିତାଧିକାରୀଙ୍କୁ ଠିକ୍ ମାର୍ଗଦର୍ଶନ କରିପାରନ୍ତା। ସମାବେଶ ବା ସମ୍ମିଳନୀର ଗହଳିରେ ହିତାଧିକାରୀମାନେ ସବୁକଥା ମନେ ରଖିପାରିବେ ନାହିଁ। ଶେଷରେ ରାଜମିସ୍ତ୍ରିଙ୍କ ମନ ମୁତାବକ ଘରଟି ହେବା ସାର ହେବ। ଛାପା ଗଣମାଧ୍ୟମରୁ ଉକ୍ତ ହିତାଧିକାରୀ ପରିବାରର କେହି ଜଣେ ସଦସ୍ୟ ବୁଝିଲେ ବି ସରକାରଙ୍କର ଏହି ସାଧୁ ଉଦ୍ୟମ ଅନେକାଂଶରେ ସଫଳ ହୋଇପାରନ୍ତା।

ଦେବସ୍ମିତା ବଳ, ଚାନ୍ଦବାଲି, ଭଦ୍ରକ

### ସର୍ବସାଧାରଣରେ ଧୂମପାନ

ନିଶା ପାନ ହେଉଛି ମନୁଷ୍ୟ ସମାଜର ଏକ କୁ-ଅଭ୍ୟାସ। ପାନ, ବିଡି, ତମାଖୁ, ଗୁଟ୍‌ଖା ଓ ମଦ ଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ କେତେ ଯେ ଖୁସିର ସଂସାର ଚୂରମାର୍ ହୋଇଯାଉଛି ତା'ର ହିସାବ ନାହିଁ। ଧୂମପାନ କରୁଥିବା ବ୍ୟକ୍ତିର ପାଖରେ ଛିଡା ହୋଇଥିବା ବ୍ୟକ୍ତିମାନଙ୍କର ସେ ଧୂଆଁ ସଂସ୍ପର୍ଶରେ ଆସିବା ଫଳରେ ମଧ୍ୟ ସେତିକି କ୍ଷତି ହୋଇଥାଏ। ସର୍ବସାଧାରଣ ସ୍ଥାନରେ ଧୂମପାନ କରିବାକୁ ସରକାର ୨ ଅକ୍ଟୋବର ୨୦୦୮ରୁ ଦଣ୍ଡନୀୟ ଅପରାଧ ହିସାବରେ ଘୋଷଣା କରିଛନ୍ତି, କିନ୍ତୁ ସେ ସବୁ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଅନେକେ ସର୍ବସାଧାରଣ ସ୍ଥାନରେ ଖୋଲାଖୋଲି ଧୂମପାନ କରୁଥିବାର ଦେଖିବାକୁ ମିଳୁଛି। ପୂର୍ବରୁ ଏହି ନିୟମକୁ ଭାଙ୍ଗିଲେ ସର୍ବନିମ୍ନ ୨୦୦ ଟଙ୍କା ଫାଇନ ବ୍ୟବସ୍ଥା ଥିଲା, କିନ୍ତୁ ଏବେ ତାହା ୧୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି, ତଥାପି ଆଇନର ଖୋଲାଖୋଲି ଉଲ୍ଲଂଘନ ହେଉଛି। ତେଣୁ ଏହି ସବୁ ନିୟମକୁ ଠିକ୍ ଭାବରେ ପାଳନ କରିବା ସହିତ ଦଣ୍ଡ ବ୍ୟବସ୍ଥାକୁ ମଧ୍ୟ କଠୋର କରାଯାଉ।

ଅମିୟ ଭୂଷଣ ନାୟକ, କଳାଶୁଣି, ସିମୁଳିଆ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଅଯୋଧ୍ୟା ରାୟକୁ ନେଇ ପ୍ରତିକ୍ରିୟା

### ଭାଇଚାରା ହିଁ ଧର୍ମନିରପେକ୍ଷତାର ପ୍ରତୀକ



ଅଯୋଧ୍ୟା ରାୟକୁ ଆମେ ସମସ୍ତେ ସ୍ୱାଗତ କରୁଛୁ। ସମସ୍ତେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ରାୟକୁ ସମ୍ମାନର ସହ ଗ୍ରହଣ କରନ୍ତୁ। ସୁଖ ଏବଂ ସାମ୍ପ୍ରଦାୟିକ ସଦ୍‌ଭାବର ସହ ସମସ୍ତେ ଜୀବନ ନିର୍ବାହ କରନ୍ତୁ। ଭାଇଚାରା ହିଁ ଆମ ଧର୍ମନିରପେକ୍ଷତାର ପ୍ରତୀକ।

- ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ

### ସ୍ୱାଗତ କରୁଛୁ



ସର୍ବୋଚ୍ଚ ନ୍ୟାୟାଳୟଙ୍କ ଐତିହାସିକ ଅଯୋଧ୍ୟା ରାୟକୁ କଂଗ୍ରେସ ଦଳ ସ୍ୱାଗତ କରୁଅଛି। ପ୍ରଭୁ ଶ୍ରୀରାମ ହେଉଛନ୍ତି, ଶୌର୍ଯ୍ୟ, ଶାନ୍ତି, ମୈତ୍ରୀ, ତ୍ୟାଗ, ଧୈର୍ଯ୍ୟ ଓ ସାମାଜିକ ସଦ୍‌ଭାବନାର ପ୍ରତୀକ। ତେଣୁ ଆମେ ସମସ୍ତେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟକୁ ସମ୍ମାନ ଦେବା ସହ ଭାଇଚାରାକୁ ଅକ୍ଷୁଣ୍ଣ ରଖିବାକୁ ମୁଁ ରାଜ୍ୟବାସୀଙ୍କୁ ବିନମ୍ର ଅନୁରୋଧ କରୁଅଛି।

- ନିରଞ୍ଜନ ପଟ୍ଟନାୟକ,ସଭାପତି, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି

### ମସ୍‌ଜିଦ୍ ଭଙ୍ଗା ଘଟଣାର ଦୋଷୀଙ୍କୁ ଦଣ୍ଡ ମିଳୁ

ସିପିଏମ୍ ଅଯୋଧ୍ୟା ମାମଲା ନ୍ୟାୟିକ ସମାଧାନ ପାଇଁ ସବୁ ସମୟରେ ମତ ରଖିଆସିଛି। ସୁପ୍ରିମ୍‌କୋର୍ଟର ୫ ଜଣିଆ ଖଣ୍ଡପୀଠ ଶନିବାର ଏନେଇ ରାୟ ଦେଇଛନ୍ତି। ଏଥିରେ ୨.୭୭ ଏକର ବିବାଦୀୟ ଜମି ହିନ୍ଦୁଙ୍କୁ ଦିଆଯିବା ନେଇ ରାୟ ପ୍ରକାଶ ପାଇଛି। ଅପରପକ୍ଷରେ ମୁସ୍‌ଲିମ୍ ସମ୍ପ୍ରଦାୟଙ୍କ ପାଇଁ ଅନ୍ୟତ୍ର ୫ ଏକର ଜମିର ବ୍ୟବସ୍ଥା କରାଯାଇଛି। ଅନୁରୂପଭାବେ ୧୯୯୨ ମସିହାରେ ବାବ୍ରି ମସ୍‌ଜିଦ୍ ଭଙ୍ଗାଯିବା ଆଇନର ବିରୁଦ୍ଧାଚରଣ କରିଥିବା କୁହାଯାଇଛି। ଏହା ଏକ ଆପରାଧିକ କାର୍ଯ୍ୟ ଏବଂ ଧର୍ମନିରପେକ୍ଷତା ପ୍ରତି ଗଭୀର ଆଘାତ ସଦୃଶ। ତେଣୁ ସେହି କାର୍ଯ୍ୟ ସମ୍ପର୍କିତ ମାମଲାର ଶୁଣାଣି କରି ଦୋଷୀମାନଙ୍କୁ ଦଣ୍ଡିତ କରାଯାଉ। ସେହିପରି ସର୍ବୋଚ୍ଚ ନ୍ୟାୟାଳୟ ପକ୍ଷରୁ ଦିଆଯାଉଥିବା ରାୟକୁ ନେଇ କୌଣସି ବିଶୃଙ୍ଖଳା କରା ନ ଯାଉ। ସାରା ଦେଶରେ ଶାନ୍ତି, ମୈତ୍ରୀ ସ୍ଥାପନା ଉପରେ ଗୁରୁତ୍ୱ ଦିଆଯାଉ।

- ସିପିଏମ୍, ଓଡ଼ିଶା

### ଏକତା, ଅଖଣ୍ଡତାର ବିଜୟ



ରାମ ଜନ୍ମଭୂମିକୁ ନେଇ ସୁପ୍ରିମ୍‌କୋର୍ଟ ଦେଇଥିବା ରାୟ ସ୍ୱାଗତଯୋଗ୍ୟ। ଏହି ରାୟ କୌଣସି ସମ୍ପ୍ରଦାୟର ବିଜୟ ନୁହେଁ, ଏହା ଭାରତର ନ୍ୟାୟିକ ପ୍ରକ୍ରିୟା, ଏକତା, ଅଖଣ୍ଡତା ଏବଂ ଧର୍ମନିରପେକ୍ଷତାର ବିଜୟ।

- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା

### ଏକତା ଓ ଭାଇଚାରାର ସବୁଠୁ ବଡ଼ ନିଦର୍ଶନ



ଏହା ଏକ ଐତିହାସିକ ରାୟ। ପ୍ରକୃତରେ ଅଯୋଧ୍ୟାରେ ରାମ ମନ୍ଦିର ଥିବା ସୁପ୍ରିମକୋର୍ଟଙ୍କ ଏହି ରାୟରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ଏହାକୁ ମୁଁ ସ୍ୱାଗତ କରୁଛି। ଶାନ୍ତି ଶୃଙ୍ଖଳାର ସହ ସମସ୍ତେ ଏହାକୁ ମାନିନେବା ଦରକାର। ଖୁବ୍‌ଶୀଘ୍ର ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ନିର୍ମାଣ ହେବା ଉଚିତ। ପ୍ରତିପକ୍ଷଙ୍କୁ ମଧ୍ୟ କୌଣସି ପ୍ରକାର ଅଣଦେଖା କରାଯାଇ ନାହିଁ। ସେମାନଙ୍କୁ ମଧ୍ୟ ୫ ଏକର ଜମି ଦେବା ଲାଗି ରାୟ ଦିଆଯାଇଛି। ବିଭିନ୍ନତା ମଧ୍ୟରେ ଏକତା ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ତଥା ଭାଇଚାରାର ଏହା ସବୁଠୁ ବଡ଼ ନିଦର୍ଶନ।

- ଡ. ରାମଚରଣ ଦାସ ମହାରାଜ, ଅଧ୍ୟକ୍ଷ, ଶ୍ରୀକ୍ଷେତ୍ର ଚତୁଃ ସମ୍ପ୍ରଦାୟ ସନ୍ଥ ମହନ୍ତ ସମିତି

### ରାୟକୁ ନେଇ ରାଜନୀତି କରା ନ ଯାଉ



ମାନବିକତା ଦୃଷ୍ଟିକୋଣରୁ ଯଦି ଏହି ରାୟ କଥା ବିଚାର କରିବା ତେବେ ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କିନ୍ତୁ ଏହାକୁ ନେଇ ରାଜନୀତି କରା ନ ଯାଉ। ଦୁଇ ସମ୍ପ୍ରଦାୟ ମଧ୍ୟରେ କୌଣସି ପ୍ରକାର ବିଶୃଙ୍ଖଳା ହୋଇ କାହାର ଯେମିତି କ୍ଷତି ନ ହେଉ। କିଛି ରାଜନୈତିକ ଦଳ ସେମାନଙ୍କ ଫାଇଦା ପାଇଁ ଏହା ମଧ୍ୟ ଚାହୁଁଥିବେ। ସୌହାର୍ଦ୍ଦ୍ୟପୂର୍ଣ୍ଣ ଦୃଷ୍ଟିଭଙ୍ଗୀରେ ଏହାକୁ ସମସ୍ତେ ଦେଖିବା ଦରକାର।

- ମହମ୍ମଦ ଉଜିରଉଲ୍ଲା, ସହସମ୍ପାଦକ, ନାଜରଖାନା ମସ୍‌ଜିଦ କମିଟି, ପୁରୀ

### ରାମ ମନ୍ଦିରକୁ ନେଇ ରାଜନୀତି କରୁଥିବା ଦଳ ମୁହଁ ବନ୍ଦ



ରାମ ମନ୍ଦିରକୁ ନେଇ ଅନେକ ରାଜନୈତିକ ଦଳ ଯେଉଁଭଳି ଭାବରେ ବିଭିନ୍ନ ସମୟରେ ରାଜନୀତି କରୁଥିଲେ, ଲୋକଙ୍କୁ ମିଛ ଆଶ୍ୱାସନା ଦେଉଥିଲେ ସୁପ୍ରିମକୋର୍ଟଙ୍କ ଏହି ରାୟ ଫଳରେ ସେମାନଙ୍କ ମୁହଁ ବନ୍ଦ ହୋଇଛି। ଏହି ରାୟକୁ ସମସ୍ତେ ସ୍ୱାଗତ କରିବା ସହ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଦରକାର।

- ସୁରେଶ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା

### ଧର୍ମନିରପେକ୍ଷତା ମୂଲ୍ୟବୋଧକୁ ଦୃଢ଼ୀଭୂତ କରିଛି



ସୁପ୍ରିମ୍‌କୋର୍ଟଙ୍କ ଏହି ନିଷ୍ପତ୍ତି ଧର୍ମ ନିରପେକ୍ଷତା ମୂଲ୍ୟବୋଧକୁ ଅଧିକ ଦୃଢ଼ୀଭୂତ କରିଛି ଏବଂ ଭାରତୀୟ ସମ୍ବିଧାନ ନୀତି ଅନୁଯାୟୀ ନିର୍ଣ୍ଣୟ ନିଆଯାଇଛି। ଏହା ଏକ ସ୍ୱତନ୍ତ୍ର ନିଷ୍ପତ୍ତି। ବିବାଦୀୟ ୨.୭୭ ଏକର ଜମିରେ ରାମମନ୍ଦିର ନିର୍ମାଣ ପାଇଁ ଏବଂ ମସ୍‌ଜିଦ୍ ପାଇଁ ୫ ଏକର ଜମି ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁପ୍ରିମ୍‌କୋର୍ଟଙ୍କ ଏହି ନିଷ୍ପତ୍ତି ଆଗାମୀ ଦିନରେ ରାଷ୍ଟ୍ରୀୟ ମର୍ଯ୍ୟାଦାକୁ ବଜାୟ ରଖିବା ସହ ଯେ କୌଣସି ଜଟିଳ ସମସ୍ୟାର ସାମ୍ବିଧାନିକ ଢାଞ୍ଚା ଦ୍ୱାରା ସମାଧାନ କରାଯାଇପାରିବ।

- ଅନୂପ କୁମାର ବୋଷ, ସହକାରୀ ସଲିଶିଟର ଜେନେରାଲ, ଓଡ଼ିଶା ହାଇକୋର୍ଟ

### ପୁନର୍ଜୀବିତ ହେବ ସନାତନ ଧର୍ମର ପରମ୍ପରା



ଅଯୋଧ୍ୟା ରାମ ଜନ୍ମଭୂମି ବାବରି ମସ୍‌ଜିଦ୍ ମାମଲା ଭାରତବର୍ଷର ନ୍ୟାୟିକ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ବିଚାର। ପ୍ରତିପକ୍ଷ ଯୁକ୍ତି ରଖିବାର ପର୍ଯ୍ୟାପ୍ତ ସମୟ ପାଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟ ଭାରତର ମହାନତାକୁ ପ୍ରକାଶ କରୁଛି। ଯାହାକି ମାଇଲ୍‌ଖୁଣ୍ଟ ହୋଇରହିବ। ଏହାକୁ ହାରଜିତ୍ ମାନିବା ଠିକ୍‌ନୁହେଁ। ପୁଣି ଉତ୍ସବ ଓ ବିରୋଧ କରା ନ ଯାଉ। ଏହା ସନାତନ ଧର୍ମର, ଐତିହ୍ୟ, ପରମ୍ପରାକୁ ପୁନର୍ଜୀବିତ କରିବାରେ ସହାୟକ ହେବ ।

- ଶକ୍ତି ଶଙ୍କର ମିଶ୍ର, ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲା ସଭାପତି

### ଅଖଣ୍ଡତା, ସାର୍ବଭୌମତା ବଜାୟ ରହିବ



ଡେରିରେ ହେଲେ ବି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ଘୋଷଣା ଅଯୋଧ୍ୟା ରାୟ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସ୍ୱାଗତଯୋଗ୍ୟ। ସବୁ ସମୟରେ ଆମ ଦେଶର ସାଧାରଣ ନାଗରିକ ଦେଶର ନ୍ୟାୟିକ ପ୍ରକ୍ରିୟା ଉପରେ ଆସ୍ଥା ପ୍ରକଟ କରି ଆସିଛନ୍ତି। ବିଚାରପତି ବୃନ୍ଦ ଘଟଣାର ଗମ୍ଭୀରତାକୁ ବିଚାର ନେବା ସହ ଐତିହାସିକ ତଥ୍ୟ, ସମସ୍ତ ପକ୍ଷର ଯୁକ୍ତିକୁ ସହୃଦୟତାର ଶୁଣାଣି କରି ଭାରତର ଅଖଣ୍ଡତା ଓ ସାର୍ବଭୌମତାକୁ ବଜାୟ ରଖି ପାରିଛନ୍ତି। ଆଶା ରଖିବା ସବୁ ଧର୍ମ ଓ ସମ୍ପ୍ରଦାୟର ଲୋକ ଏହି ସମୟରେ ସରକାରଙ୍କୁ ସହଯୋଗ କରି ନାଗରିକ କର୍ତ୍ତବ୍ୟ ପାଳନ କରିବା ଦରକାର।

- ରାମ ଶଙ୍କର, ସାମାଜିକ କର୍ମୀ, ଖୋର୍ଦ୍ଧା

# ପାହାଡ଼ରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

- ବିଭିନ୍ନ ସ୍ଥାନରେ ପଡିଛି ରକ୍ତଛିଟା
- ଘଟଣାସ୍ଥଳରେ ହେଲା ବ୍ୟବଚ୍ଛେଦ
- ହତ୍ୟା ସନ୍ଦେହ, ମାମଲା ରୁଜୁ

ପାଲଲହଡ଼ା, ୯।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଆଲୁରି ପଞ୍ଚାୟତ ବୁରୁବୁରା ଗ୍ରାମର କୁଲାଡେରା ଜଙ୍ଗଲ ନିକଟ ପାହାଡ଼ ଉପରୁ ଶନିବାର ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ଖମାର ପୋଲିସ ଉଦ୍ଧାର କରିଛି। ମହିଳାଙ୍କ ମୁହଁଠାରୁ ଅଣ୍ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଜଳି ଯାଇଥିବାରୁ ତାଙ୍କ ପରିଚୟ ମିଳିପାରିନାହିଁ। ଘଟଣାସ୍ଥଳରେ ଉପଖଣ୍ଡ ପୋଲିସ ସାଇଣ୍ଟିଫିକ୍ ଓ ଡାକ୍ତରୀ ଟିମ୍‌ଙ୍କ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଦେଇଥିବା ସୂଚନା ମୁତାବକ, ସ୍ଥାନୀୟ ଗ୍ରାମବାସୀ ନିକଟସ୍ଥ ପାହାଡ଼ରେ ଏକ ଗଳିତ ମୃତଦେହ ପଡିଥିବା ଦେଖିଥିଲେ। ଖବରପାଇ ପାଲଲହଡ଼ା ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ, ଖମାର ଥାନା ଅଧିକାରୀ ନିରୋଦ କୁମାର ଦାସଙ୍କ ନେତୃତ୍ୱରେ, ଏଏସ୍‌ଆଇ ଗୌରାଙ୍ଗ ବେହେରା, ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ପରେ ମାଜିଷ୍ଟ୍ରେଟ ତଥା ପାଲଲହଡ଼ା ଅତିରିକ୍ତ ତହସିଲଦାର ସୁମନ ମିଞ୍ଜ ଏବଂ ଏକ ଡାକ୍ତରୀ ଦଳ ସେଠାକୁ ଯାଇଥିଲେ। ମୃତଦେହ ଗଳିତ ଅବସ୍ଥାରେ ଥିବାରୁ ସେହିଠାରେ ହିଁ ବ୍ୟବଚ୍ଛେଦ କରାଯାଇଥିଲା। ପ୍ରାୟ ୮ରୁ ୧୦ ଦିନ ପୂର୍ବରୁ ମହିଳାଙ୍କ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ବେଳେ ଡାକ୍ତରୀ ଟିମ୍ ଜାଣିବାକୁ ପାଇଥିଲେ। ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ରକ୍ତଛିଟା ପଡିଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଏ ସଂକ୍ରାନ୍ତରେ ନଂ. ୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ତଦନ୍ତ ଆଗେଇବ ବୋଲି ଖମାର ଥାନା ଅଧିକାରୀ ଦାସ କହିଛନ୍ତି। ପ୍ରାୟ ସପ୍ତାହେ ତଳେ ଏକ କାର୍ ଜଙ୍ଗଲ ନିକଟରେ ଥିବାବେଳେ ୨ ଜଣ ଯୁବକ ଓ ଜଣେ ମହିଳା ସେହି ପାହାଡ଼ ଉପରକୁ ଯାଉଥିବା ପୋଲିସ ସ୍ଥାନୀୟ ଲୋକଙ୍କଠାରୁ ଜାଣିବାକୁ ପାଇଛି। କେହି ହତ୍ୟାକାଣ୍ଡ ପରେ ପରିଚୟ ନଷ୍ଟ ପାଇଁ ମହିଳାଙ୍କ ଦେହରେ ନିଆଁ ଲଗାଇ ଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତଦନ୍ତ ପରେ ଘଟଣା ସମ୍ପର୍କରେ ଜଣାପଡିବ ବୋଲି ପୋଲିସ କହିଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ସ୍ୱୟଂଶ୍ରୀ ବେହେରା



ପୀୟୂଷ ପ୍ରିୟଦର୍ଶନ ଘଡ଼ାଇ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଦଳୀୟ କାର୍ଯ୍ୟକ୍ରମ ସ୍ଥଗିତ ରଖିଲା ପିସିସି

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ସୁପ୍ରିମ୍ କୋର୍ଟଙ୍କ ଅଯୋଧ୍ୟା ରାୟ ପ୍ରକାଶ ପରିପ୍ରେକ୍ଷୀରେ ନିଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ 'ଅର୍ଥନୈତିକ ଅବକ୍ଷୟ' ସମ୍ପର୍କରେ ନଭେମ୍ବର ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଦଳୀୟ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଏହି ୬ ଦିନ କଂଗ୍ରେସ ପକ୍ଷରୁ ଅର୍ଥନୀତି ନିମ୍ନଗାମୀ ପ୍ରସଙ୍ଗକୁ ନେଇ ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ଧାରଣା କାର୍ଯ୍ୟକ୍ରମ ରଖାଯାଇଥିଲା। ଏହାକୁ ଉଭୟ ଜିଲା ଓ ରାଜ୍ୟସ୍ତରରେ ସ୍ଥଗିତ ରଖାଗଲା। ଏ.ଆଇ.ସି.ସି.ର ନିର୍ଦ୍ଦେଶକ୍ରମେ ପରବର୍ତ୍ତୀ ତାରିଖ ସ୍ଥିର କରାଯିବା ପରେ ଦଳ ପକ୍ଷରୁ କର୍ମକର୍ତ୍ତାଙ୍କୁ ଅବଗତ କରାଯିବ ବୋଲି ଜଣାପଡ଼ିଛି।

■ ରାଜା ଧରଣୀଧର ସ୍କୁଲ ଛାତ୍ର ମୃତ୍ୟୁ ଘଟଣା ଭିନ୍ନ ମୋଡ ନେଲା

# ଶିକ୍ଷକଙ୍କ ନିର୍ଯାତନା ସହି ନ ପାରି ମୃତ୍ୟୁ ଅଭିଯୋଗ

- ଘଟଣାର ୧୭ଦିନ ପରେ ଥାନାରେ ଏତଲା
- ମାଟିତଳୁ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଗଲା

ବଣାଇ,୯।୧୧(ସ୍ୱ.ପ୍ର.)

ସୁନ୍ଦରଗଡ଼ ଜିଲା ବଣାଇ ରାଜା ଧରଣୀଧର ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ମୁରଲୀଧର ଭୂମିଜ(୧୫)ଙ୍କ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଇଛି। ଶିକ୍ଷକ ନିର୍ଯାତନା ସହି ନ ପାରି ତାଙ୍କ ମୃତ୍ୟୁ ଘଟିଥିବା ଶୁକ୍ରବାର ସନ୍ଧ୍ୟାରେ ବଣାଇ ଥାନାରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶନିବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ମାଟିତଳୁ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମିଳିଥିବା ସୂଚନା ଅନୁଯାୟୀ, ଲହୁଣୀପଡା ଥାନା ଅନ୍ତର୍ଗତ ବେଲକୁଦର ଗ୍ରାମର ମଙ୍ଗଳ ଭୂମିଜଙ୍କ ପୁଅ ମୁରଲୀ ଉପରୋକ୍ତ ସ୍କୁଲ ଛାତ୍ରାବାସରେ ରହି ପଢୁଥିଲେ। ଗତ ୨୨ ତାରିଖରେ ସ୍କୁଲର ଏନସିସି ଶିକ୍ଷକ କୌଣସି କାରଣରୁ ତାଙ୍କୁ ୩ଶହ ଥର ଉଠବସ କରାଇଥିଲେ। ଏଥିଯୋଗୁ ମୁରଲୀ ଅସୁସ୍ଥ ହୋଇପଡିଥିଲେ। ଏହାପରେ ସ୍କୁଲ କର୍ତ୍ତୃପକ୍ଷ ଫୋନ କରି ଏ ଖବର ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପୁଅର ଦେହ ଖରାପ ଅଛି ଖବର ପାଇବା ପରେ ପରିବାର ଲୋକେ ଛାତ୍ରାବାସରୁ ପୁଅକୁ ଧରି ଗାଁକୁ ଆସିଥିଲେ। ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ମୁରଲୀଙ୍କୁ ଘରେ ରଖାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେଥିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାର କୌଣସି ଉନ୍ନତି ନ ଆସିବାରୁ ଗତ ୨୮ ତାରିଖରେ ତାଙ୍କୁ ବଣାଇ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସେଦିନ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ୨୯ ତାରିଖରେ ତାଙ୍କୁ ବୁର୍ଲା ନେଇ ଯିବାକୁ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ହେଲେ ପରିବାର ଲୋକେ ତାଙ୍କୁ ବୁର୍ଲା ନ ନେଇ ରାଉରକେଲା ଇସ୍ପାତ ଜେନେରାଲ ହସପିଟାଲରେ ତିନିଦିନ ରଖି ଚିକିତ୍ସା କରାଇଥିଲେ। ୨ତାରିଖ ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ ମୁରଲୀଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ପରିବାର ଲୋକେ ମୃତଦେହକୁ ନିଜ ଗ୍ରାମ ବେଲକୁଦରକୁ ଆଣି ସତ୍କାର କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ମୁରଲୀଙ୍କ ବାପା ବଣାଇ ଥାନାରେ ଏ ନେଇ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ. ୧୩୦/୨୦୧୯) ରୁଜୁ କରିଛି। ଶନିବାର ସକାଳେ ରାଉରକେଲା ପୋଲିସ ମାଜିଷ୍ଟ୍ରେଟ ତଥା ଲହୁଣୀପଡା ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ବଣାଇ ଥାନା ଏସ୍‌ଆଇ ଭୂପେନ୍ଦ୍ର ମାଝି, ଏଏସ୍‌ଆଇ ବେଣୁଧର ନାଏକ ପ୍ରମୁଖ ମାଟିତଳୁ ମୃତଦେହକୁ ବାହାର କରି ବ୍ୟବଚ୍ଛେଦ କରାଇଛନ୍ତି । ଏ ସଂକ୍ରାନ୍ତରେ ଏନସିସି ଶିକ୍ଷକଙ୍କୁ ପଚରା ଯିବାରୁ ସମ୍ପୃକ୍ତ ଛାତ୍ର ଏନସିସିର ଛାତ୍ର ନୁହନ୍ତି, ସେଥିପାଇଁ ତାଙ୍କୁ ଦଣ୍ଡ ଦେବାର ପ୍ରଶ୍ନ ଉଠୁ ନ ଥିବା କହିଛନ୍ତି। କେତେକ ଘରୋଇ ଅନୁଷ୍ଠାନର ସଦସ୍ୟ ସ୍କୁଲରେ ତାଙ୍କର କାର୍ଯ୍ୟକ୍ରମ ଚଳାଇବା ନେଇ ଅନୁରୋଧ କରିଥିଲେ। ତାକୁ ମୁଁ ବିରୋଧ କରିଥିବାରୁ ଏଭଳି ମିଥ୍ୟା ଅଭିଯୋଗ ମୋ ବିରୋଧରେ ଅଣାଯାଇଥିବା ସେ କହିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ଅବକାଶ ରାଉତରାୟ ଏବଂ ବଣାଇ ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର ପ୍ରକାଶ କରିଛନ୍ତି।



ମାଟି ଖୋଳାଯାଇ ବାହାର କରାଯାଇଥିବା ମୃତଦେହ।

# ୧୮୯୮.୩୧ ହଜାର ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ଲକ୍ଷ୍ୟ

## ପ୍ରାକ୍ ରବି କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କୃଷି ଭବନଠାରେ ଶୁକ୍ରବାର ଦୁଇଦିନିଆ ପ୍ରାକ୍ ରବି କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ କୃଷି କ୍ଷେତ୍ରରେ ହେଉଥିବା ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ଓ ଅଗ୍ରଗତି ସମ୍ପର୍କରେ ଚାଷୀଙ୍କୁ ଅବଗତ କରିବା ଲାଗି ପଞ୍ଚାୟତସ୍ତରରେ କୃଷକ କର୍ମଶାଳା କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ସାହୁ 'ରବି କାର୍ଯ୍ୟକ୍ରମ ୨୦୧୯-୨୦'ର ଶୁଭ ଉନ୍ମୋଚନ କରିଥିଲେ। ରାଜ୍ୟରେ ଚଳିତ ୨୦୧୯-୨୦ ବର୍ଷରେ ୧୮୯୮.୩୧ ହଜାର ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନର ଲକ୍ଷ୍ୟ ରଖାଯାଇଥିବାବେଳେ ଧାନ, ଗହମ, ମକା, ମାଣ୍ଡିଆ ସମେତ ଶସ୍ୟଜାତୀୟ ଫସଲ ପାଇଁ ୧୧୫୨.୧୫ ହଜାର ମେଟ୍ରିକ୍ ଟନ୍ ଲକ୍ଷ୍ୟ ରହିଛି। ସେହିପରି ମୁଗ, ବିରି ଆଦି ଡାଲିଜାତୀୟ ଫସଲ ଉତ୍ପାଦନ ୭୪୬.୧୬ ହଜାର ମେଟ୍ରିକ୍ ଟନ୍, ଚିନାବାଦାମ, ରାଶି, ସୋରିଷ ଆଦି ତୈଳବୀଜ ଉତ୍ପାଦନ ଲକ୍ଷ୍ୟ ୫୧୯ ହଜାର ମେଟ୍ରିକ୍ ଟନ୍, ପନିପରିବା ୭୫୨୭.୮୩ ହଜାର ମେଟ୍ରିକ୍ ଟନ୍, ମସଲା ୧୮୨.୯୩ ହଜାର ମେଟ୍ରିକ୍ ଟନ୍ ଉତ୍ପାଦନର ଲକ୍ଷ୍ୟ ସ୍ଥିର କରାଯାଇଛି। ତେବେ ଆଖୁ ଉତ୍ପାଦନ ମୋଟ ୨୨୬୫ ହଜାର ମେଟ୍ରିକ୍ ଟନ୍ ଲକ୍ଷ୍ୟ ରଖାଯାଇଛି। ରବି ଋତୁରେ ୨.୮୫ ଲକ୍ଷ ହେକ୍ଟର ଜମିରେ ଧାନଚାଷ କରାଯିବା ଲକ୍ଷ୍ୟ ରଖାଯାଇଥିବାବେଳେ ଡାଲିଜାତୀୟ ଫସଲ ୧୪.୩୧ ଲକ୍ଷ ହେକ୍ଟର, ତୈଳବୀଜ ୪.୨୧ ଲକ୍ଷ ହେକ୍ଟର, ପନିପରିବା ୪୭୮ ହଜାର ହେକ୍ଟର, ମସଲା ୧.୧୦ ଲକ୍ଷ ହେକ୍ଟର ଏବଂ ଆଖୁ ୩୦ ହଜାର ହେକ୍ଟର ଚାଷ କରାଯିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଚଳିତ ରବି ଋତୁରେ ୫୯,୬୫୨ କ୍ୱିଣ୍ଟାଲ୍ ଗୁଣାତ୍ମକ ଧାନ ବିହନ ଓ ୩୩,୩୩୮ କ୍ୱିଣ୍ଟାଲ୍ ଅଣଧାନ ବିହନ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। କର୍ମଶାଳା ଅବସରରେ ଆଲୋଚନା ଓ ମତାମତ ସଂଗ୍ରହ ନିମନ୍ତେ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ୧୨ ଦଳ ଗଠନ କରାଯାଇ ସ୍ୱତନ୍ତ୍ର ଭାବେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଦଳଗୁଡ଼ିକ ତରଫରୁ ଦିଆଯାଇଥିବା ପ୍ରସ୍ତାବଗୁଡ଼ିକ ଅନୁଧ୍ୟାନ କରାଯାଇ କାର୍ଯ୍ୟକାରୀ କରାଯିବ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ କହିଛନ୍ତି। କର୍ମଶାଳାରେ ମନ୍ତ୍ରୀ ଏଗ୍ରିକଲଚର ଏକ୍ସଟେନଶନ୍ ଆପ୍‌ର ଶୁଭାରମ୍ଭ କରିବା ସହ କୃଷି ସମ୍ବନ୍ଧୀୟ ପୁସ୍ତକର ଶୁଭ ଉନ୍ମୋଚନ କରିଥିଲେ। ଏହି ଅବସରରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃଷି ଅଧିକାରୀ ଓ କୃଷି ଉନ୍ନୟନ ଆସୋସିଏଟସ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଶାଳାରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ମୁଥୁକୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡାଙ୍କ ସମେତ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିକାରୀ, ବିଭାଗୀୟ ବରିଷ୍ଠ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ।



ପ୍ରାକ୍ ରବି କର୍ମଶାଳାରେ ମନ୍ତ୍ରୀ ଅରୁଣ ସାହୁ କୃଷି ସମ୍ବନ୍ଧୀୟ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଓସିଏଲ୍ ଇଣ୍ଡିଆ ଲିମିଟେଡ
ବିଶ୍ୱାଳୀ, ଟାଙ୍ଗୀ, କଟକ – ୭୫୪୦୮୨ (ଓଡ଼ିଶା)
ପବ୍ଲିକ ନୋଟିସ୍
ସର୍ବସାଧାରଣଙ୍କ ଗୋଚରାର୍ଥେ ଏହା ଜଣାଇ ଦିଆଯାଉଅଛି ଯେ, ଓଡ଼ିଶାର କଟକ ଜିଲାର ଟାଙ୍ଗି–ଚୌଦ୍ୱାର ତହସିଲ ଅନ୍ତର୍ଗତ କପିଳାସ ସିମେଣ୍ଟ ମାନୁଫାକଚରିଙ୍ଗ ୱାର୍କସ (ଡାଲମିଆ ଭାରତ ଗ୍ରୁପ ଅନ୍ତର୍ଗତ ଓସିଏଲ୍ ଇଣ୍ଡିଆ ଲିମିଟେଡ୍‌ର ଅଂଶବିଶେଷ)ର ସମ୍ପ୍ରସାରଣ ହେତୁ ସିମେଣ୍ଟ ବାର୍ଷିକ ଉତ୍ପାଦନ କ୍ଷମତାକୁ ୧.୭୦ ମିଲିୟନ ଟନରୁ ୪.୨୦ ମିଲିୟନ ଟନକୁ ବୃଦ୍ଧି କରାଯିବା ପାଇଁ ଭାରତ ସରକାରଙ୍କ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରାଳୟ ପକ୍ଷରୁ ଚିଠି କ୍ରମିକ ସଂଖ୍ୟା ୭୪୮୨/ଏସ୍.ଇ.ଆଇ.ଏ.ଏ. ତା୦୬।୧୧।୨୦୧୯ରିଖ ଦ୍ୱାରା ପରିବେଶ ସମ୍ବନ୍ଧୀୟ ଅନୁମତି ପ୍ରଦାନ କରାଯାଇଅଛି। ଉକ୍ତ ଅନୁମତି ସମ୍ବଳିତ ଚିଠିର ନକଲ ମାନ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଭୁବନେଶ୍ୱର ନିକଟରେ ଉପଲବ୍ଧ। ଏତଦ୍‌ବ୍ୟତୀତ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରାଳୟ ୱେବ୍‌ସାଇଟ **http://envfor.nic.in** ଠିକଣାରେ ମଧ୍ୟ ଏହା ଉପଲବ୍ଧ।
ମନୋରଞ୍ଜନ ସାହୁ
ଉପକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

SAMBALPUR UNIVERSITY
Jyoti Vihar-768019, Dist.: Sambalpur (Odisha)
www.suniv.ac.in
No. 7185/Synd. Dt.: 08.11.2019
30th CONVOCATION - 29.11.2019
The 30th Convocation of Sambalpur University, Jyoti Vihar, Burla is scheduled to be held on **29.11.2019** at 10.00 am in Biju Patnaik Auditorium of the University as per the Gazette Notification No. 2007 dt.25.10.2019.
The Doctorate Degrees for the year 2019 examinations will be conferred and Gold Medals/ Prizes of 2019 examinations will be distributed on this occasion. Degree/Diplomas for the examinations 2019 will also be conferred and distributed to the successful regular candidates including those of Autonomous 'colleges through Principals of their respective Colleges and Heads of the University P.G. Deptts and to the Non-Collegiate candidates through the Registrar of the University as per prescribed procedures. The Hon'ble Chancellor will preside over the Convocation.
The details relating to applications and prescribed fees for receiving Ph.D/D.Litt/D.Sc/LL.D Degrees and Gold Medals is available in the University website- **www.suniv.ac.in**
Sd/- Registrar

## ସଂକ୍ଷେପରେ

### ଗଛ ଉପୁଡ଼ି ରାସ୍ତା ଅବରୋଧ

**ଔପଦା, ୯।୧୧(ଡି.ଏନ.ଏ.):** ସାମୁଦ୍ରିକ ବାତ୍ୟା ବୁଲ୍‌ବୁଲ୍ ପ୍ରଭାବରେ ବାଲେଶ୍ୱର ଜିଲାର ଔପଦା ବ୍ଲକ ବିଶେଷ ଭାବେ ପ୍ରଭାବିତ ହେବା ସହ ଧାନଚାଷ ଉଜୁଡ଼ି ଯାଇଛି। ଅନବରତ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ଠପ୍ ହୋଇଯାଇଛି। ରାସ୍ତାଘାଟ ଶୂନଶାନ ହୋଇପଡିଥିବା ବେଳେ କାଁ ଭାଁ ଦୋକାନ ବଜାର ଖୋଲିଥିଲା। ପବନର ବେଗ ପାଖାପାଖି ୭୦ରୁ ୧୦୦ ଥିବାବେଳେ କେତେକ ରାସ୍ତା ପାର୍ଶ୍ୱସ୍ଥ ଗଛ ଓ ତାଳ ପଡ଼ି ରାସ୍ତା ଅବରୋଧ ହୋଇଛି। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇ ଔପଦା ଅନ୍ଧାର ରହିଛି। ପବନରେ ପଡ଼ି ଯାଇଥିବା ଧାନଗଛ ପାଣିରେ ବୁଡିଯାଇଛି। ଋଣ କରି ଚାଷ କରିଥିବା ଚାଷୀ ଧାନ ଅମଳ କରିବା ପୂର୍ବରୁ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛି। ଏହାର ଆକଳନ କରି ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

### ହୃଦ୍‌ଘାତରେ ଚାଷୀଙ୍କ ମୃତ୍ୟୁ

**ରୂପ୍‌ସା, ୯।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଜହତା ଗ୍ରାମର ଚାଷୀ ବରେନ୍ଦ୍ର ଦାସ (୫୮) ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ସେ ଦୀର୍ଘଦିନ ଧରି ହୃଦ୍‌ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିୟମିତ ଔଷଧସେବନ କରୁଥିଲେ। ଶୁକ୍ରବାର ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସେ ଜଣେ ଯାତ୍ରା ଅଭିନେତା ଭାବେ ବିଭିନ୍ନ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବାହାନଗା, ୯।୧୧(ଡି.ଏନ.ଏ.):** ବାହାନଗା ବ୍ଲକ ରୂପଖଣ୍ଡ ଗ୍ରାମ ବେଲାବିହାର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପ୍ରଧାନଶିକ୍ଷକ ଅଜୟ କୁମାର ବିଶ୍ୱାଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ବେହେରା ସଭାପତିତ୍ୱ କରିଥିଲେ। ରୂପଖଣ୍ଡ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ନେତ୍ରାନନ୍ଦ ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବାହାନଗା ନୋଡାଲ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ବେହେରା ଯୋଗଦେଇଥିଲେ। ଆରୁହାବାଡ଼ ସରପଞ୍ଚ ଶିଶିର କୁମାର ଅଗସ୍ତି, ସମିତିସଭ୍ୟା ପଦ୍ମାବତୀ ଜେନା, ୨୦ ନମ୍ବର ଜୋନର ଜିଲାପରିଷଦ ସଭ୍ୟା ପ୍ରଣତି ମହାଳିକ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଳୟର ଉନ୍ନତି ପାଇଁ ସର୍ବଦା ଚିନ୍ତା କରୁଥିଲେ ବୋଲି କହିଥିଲେ। ସଭାକୁ ସଂଯୋଜନା କରିଥିଲେ ଅବସରପ୍ରାପ୍ତ ଶିକ୍ଷକ ରମଣୀକାନ୍ତ ମିଶ୍ର। ତେବେ ଗ୍ରାମର ଦେବେନ୍ଦ୍ର ମହାଳିକ, ବିଜୟ କୁମାର ବିଶ୍ୱାଳ, ସୀତାନାଥ ବେହେରା, ସଦାନନ୍ଦ ନାୟକ, ଜୟନ୍ତ କୁମାର ଯେନା, ପ୍ରଭାକର ପରିଡ଼ା, ସୁରେନ୍ଦ୍ର ବେହେରା, ଆର୍ତ୍ତବନ୍ଧୁ ଦାସ, ଲକ୍ଷ୍ମୀଧର ମହାଳିକ ପ୍ରମୁଖ ସହଯୋଗ କରିଥିଲେ।

# ଧରାଶାୟୀ ଝାଉଁ ଜଙ୍ଗଲ

- ପ୍ରବଳ ବର୍ଷା ସାଙ୍ଗକୁ ୧୦୦କି.ମି. ବେଗରେ ବହିଲା ପବନ
- ଦୁଇଦିନ ହେବ ବିଦ୍ୟୁତ୍ ସେବା ଠପ୍
- ଦୀଘା ଉପକୂଳରେ ତିନି ନମ୍ବର ବିପଦ ସଙ୍କେତ

**ଭୋଗରାଇ, ୯।୧୧(ଡି.ଏନ.ଏ.)**

ସାମୁଦ୍ରିକ ଝଡ଼ 'ବୁଲ୍‌ବୁଲ୍' ବାଲେଶ୍ୱର ଉପକୂଳରେ ତାଣ୍ଡବ ରଚିଛି। ଏହାର ପ୍ରଭାବରେ ଶନିବାର ସକାଳଠୁ ତୁହାକୁ ତୁହା ଅବିଶ୍ରାନ୍ତ ବର୍ଷା ସହ ବତାଶର ବେଗ ବଢ଼ିଛି। ଘଣ୍ଟାକୁ ୮୦ରୁ ୧୦୦ କି.ମି. ବେଗରେ ପବନ ବୋହିବାରୁ ବହୁ ନଡ଼ା ଛପର ଘର, ବଡ଼ ବଡ଼ ଗଛ ଭାଙ୍ଗି ଧରାଶାୟୀ ହୋଇଛି। ଉତ୍ତରବାଲେଶ୍ୱର ଭୋଗରାଇ, ଜଳେଶ୍ୱର, ବାଲିଆପାଳ, ବସ୍ତାରେ 'ବୁଲ୍‌ବୁଲ୍'ର ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବାଲେଶ୍ୱର ଉପକୂଳ ଉଦୟପୁରଠାରୁ ଗୋପାଳପୁର ପର୍ଯ୍ୟନ୍ତ ସମୁଦ୍ରର ଉଚ୍ଚ ଢେଉ କୂଳ ଆଡ଼କୁ ମାଡ଼ି ଆସି ସ୍ଥାନୀୟ ବାସିନ୍ଦାଙ୍କୁ ଭୟଭୀତ କରିଛି।

ଦୀଘା ସମୁଦ୍ରକୂଳରେ ତିନି ନମ୍ବର ବିପଦ ସଙ୍କେତ ଦିଆଯାଇଥିବା ବେଳେ ଉଦୟପୁର, ତାଳସାରୀ, କୀର୍ତ୍ତନିଆ, ଚୌମୁଖ, ଡଗରା, ବାହାବଳପୁର, କଷାଫଳ ଆଦି ସମୁଦ୍ରକୂଳରେ ଏନଡିଆର୍‌ଏଫ୍ ଓ ଓଡ୍ରାଫ ବାହିନୀ ସହ ସମସ୍ତ ମେରାଇନ ଥାନା ପୋଲିସ, ତହସିଲଦାର, ବିଡିଓ, ଜିଲା ପ୍ରଶାସନିକ ଅଧିକାରୀ ବାତ୍ୟା ମୁକାବିଲା ପାଇଁ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଅଶାନ୍ତ ସମୁଦ୍ରର ଢେଉ ୮ରୁ ୯ ଫୁଟ୍ ଉଚ୍ଚରେ ମାଡ଼ି ଆସି କୂଳରେ ମାଡ଼ କରିବାରୁ ସୁବର୍ଣ୍ଣଦୀପ, ଡଗରା ଆଦି ଝାଉଁ ଜଙ୍ଗଲ ଧରାଶାୟୀ ହୋଇଛି। ଘୂର୍ଣ୍ଣିଝଡ଼ରେ ଧାନଚାଷ, ରବି ଫସଲ କିଆରିରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଥିବାରୁ ଚାଷୀକୁଳ ମୁଣ୍ଡରେ ହାତଦେଇ ବସିଛନ୍ତି। କୁସୁଡ଼ା ଗ୍ରାମର ସମିତିସଦସ୍ୟ ସତ୍ୟନାରାୟଣ ପାଣିଗ୍ରାହୀଙ୍କ ଆଜବେଷ୍ଟସ୍ ଘର ଉପରେ ବଡ଼ ତେନ୍ତୁଳିଗଛ ପଡ଼ିଯିବାରୁ ଘର ଭାଙ୍ଗି ଧରାଶାୟୀ ହୋଇଛି। ବହୁ ଗରିବ ଲୋକଙ୍କ ମାଟିକାନ୍ଥ, ନଡ଼ାଛପର ଘର ବତାଶ ଓ ବର୍ଷାରେ ଭାଙ୍ଗିଯିବାରୁ ସେମାନେ ବାସହରା ହୋଇଛନ୍ତି। ତାଳସାରୀ ନିକଟସ୍ଥ ହାସିମ୍‌ପୁର ବାତ୍ୟା ଆଶ୍ରୟସ୍ଥଳୀରେ ସୁବର୍ଣ୍ଣଦୀପରୁ ୧୫ଟି ପରିବାରର ୫୦ରୁ ଅଧିକ ଲୋକଙ୍କୁ ରଖାଯାଇ ମାଗଣା ଖାଦ୍ୟ ପ୍ରଶାସନ ପକ୍ଷରୁ ଦିଆଯାଉଛି। କୁସୁଡ଼ା ଗ୍ରାମ ମଧ୍ୟରେ ବହୁ ଘର ଭାଙ୍ଗିଯିବାରୁ ଗ୍ରାମବାସୀ ସ୍ଥାନୀୟ ସ୍କୁଲରେ ଆଶ୍ରୟ ନେଇଛନ୍ତି। ଶୁକ୍ରବାର ରାତି ୮ଟା ୩୦ମିନିଟ୍ ସମୟରୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଭୋଗରାଇ ବିଧାୟକ ଅନନ୍ତ ଦାସ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ବାତ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।


ବାଲେଶ୍ୱର ସହର ବାରବାଟୀ ହାଇସ୍କୁଲରେ ଆଶ୍ରୟ ନେଇଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି।

## ପାଣିରେ ଭାସୁଛି ପାଚିଲା ଧାନ


ବର୍ଷା ଜଳରେ ବୁଡ଼ି ରହିଥିବା ଧାନ ଗଛ।

- ଚାଷୀ ମୁଣ୍ଡରେ ଚଡ଼କ
- ଖରିଫ୍ ଧାନ ଅମଳ ଆଶା ମଉଳିଲା

**ରୂପ୍‌ସା,୯।୧୧(ଡି.ଏନ.ଏ.)**

ସାମୁଦ୍ରିକ ବାତ୍ୟା 'ବୁଲ୍‌ବୁଲ୍' ପ୍ରଭାବରେ ବାଲେଶ୍ୱର ଜିଲା ୨ଦିନ ଧରି ଲାଗି ରହିଛି ଲଘୁଚାପଜନିତ ଲଗାଣବର୍ଷା। ଚାଷଜମି ସବୁ ଜଳମଗ୍ନ ହୋଇ ଚାଷୀଙ୍କ ମେରୁଦଣ୍ଡକୁ ଭାଙ୍ଗିଦେଇଛି। ବାଲେଶ୍ୱର ସଦର ବ୍ଲକ ଓ ବସ୍ତା ବ୍ଲକର ବିଭିନ୍ନ ପଞ୍ଚାୟତରେ ଖରିଫ ଧାନ ଅମଳ ଆଶା ନେଇ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଲା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରୂପ୍‌ସା, ଆଙ୍କୋ, କସିପଦା, ହଳଦୀପଦା, କୁରାଡ଼ିହା, ବାହାବଳପୁର, ଦୁବୁଲାଗଡ଼ି, ଛାନୁଆ, ସାର୍ଥା, କଷାଫଳ, ଶ୍ରୀରାମପୁର, ରସଲପୁର ସମେତ ଗଡ଼ପଦା, ରାଉତପଡ଼ା, ବାହାର୍ଦ୍ଦା, ମଥାନୀ ଓ ଦୁଧହଂସା ଆଦି ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷଜମିରେ ବର୍ଷା ଜଳ ଜମି ରହିବା ଯୋଗୁ ପାଚିଲା ଧାନ ଭାସୁଥିବା ଦେଖିବାକୁ ମିଳିଛି। ଆଉ କିଛିଦିନ ପରେ ଚାଷୀ ଫସଲ ଅମଳ ହୋଇଥାନ୍ତା। ବ୍ୟାଙ୍କ, ସମିତି ତଥା ଗାଁ ମହାଜନଠାରୁ କରଜ କରି ଦି' ପଇସା ଲାଭ ପାଇବା ଆଶାରେ ଧାନ ଚାଷ କରିଥିବା ଚାଷୀ ଏବେ ଚିନ୍ତାରେ ମୁଣ୍ଡରେ ହାତ ଦେଇବସିଛି। ଠିକ୍ ଅମଳ ସମୟ ବେଳକୁ ପ୍ରକୃତି ଦାଉ ସାଧି ଚାଷୀ ପରିବାର ମୁହଁରେ ହସ ଛଡ଼ାଇ ନେଇଛି ବୋଲି ଚାଷୀ ଅଭିମନ୍ୟୁ ଚଣ୍ଡ, ଅଜୟ ପ୍ରଧାନ, ଜୟନ୍ତ ଦେ ପ୍ରମୁଖ କହିଛନ୍ତି। ଚଳିତବର୍ଷ ଆରମ୍ଭରେ ବର୍ଷା ଅଭାବରୁ ବହୁ ଘାତପ୍ରତିଘାତ ଭିତରେ ବିଳମ୍ବରେ ଚାଷ କାର୍ଯ୍ୟ କରି ଅତ୍ୟଧିକ ଖର୍ଚ୍ଚାନ୍ତ ହୋଇ ଚାଷୀ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଯେଉଁ ପରିମାଣର ଧାନ ଉତ୍ପାଦନ ଆଶା ରଖିଥିଲା ତାହା କେବଳ ଆଶାରେ ହିଁ ରହିଗଲା ବୋଲି ଚାଷୀ ସେକ ମଡ଼ିଆ, ବିଦ୍ୟାଧର ମହାନ୍ତି, ଜଗନ୍ନାଥ ସିଂ ପ୍ରମୁଖ କହିଛନ୍ତି।

## ସିମୁଳିଆ-ଖଇରା ଠିକାଦାର ସଂଘ ପକ୍ଷରୁ ଦାବିପତ୍ର

**ଖଇରା, ୯।୧୧(ଡି.ଏନ.ଏ.)**

୧୦ଦଫା ଦାବି ପୂରଣ ପାଇଁ ନିଖିଳ ଉତ୍କଳ ଠିକାଦାର ସଂଘ ଗତ ୧ତାରିଖଠାରୁ ଧର୍ମଘଟ ଆରମ୍ଭ କରିଛି। ଏବେ ଏହା ୯ଦିନରେ ପହଞ୍ଚିଛି । ଏଥିରେ ସିମୁଳିଆ-ଖଇରା ଠିକାଦାର ସଂଘ ମଧ୍ୟ ସାମିଲ ହୋଇଛି। ଶନିବାର ସିମୁଳିଆ ଆଞ୍ଚଳିକ ସଂଘର ସଭାପତି ରାମଚନ୍ଦ୍ର ମହାକୁଡଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ତାଙ୍କ ବାସଭବନରେ ଭେଟି ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ୨୦୧୪ର ସିଡିଲ ରେଟକୁ ପରିବର୍ତ୍ତିତ କରି ୨୦୧୯ରେ ପୁନଃ ଆକଳନ କରିବା, ଭାରତ ସରକାରଙ୍କ ଷ୍ଟାଣ୍ଡାର୍ଡ ବୁକ ଓ ଟେଣ୍ଡର ନିୟମାବଳୀର ତୁରନ୍ତ ପ୍ରଚଳନ, ହାଇକୋର୍ଟଙ୍କ ବର୍ଦ୍ଧିତ ମୂଲ୍ୟ ସମ୍ପର୍କିତ ନିର୍ଦ୍ଦେଶ ଅନୁଯାୟୀ ପ୍ରାପ୍ୟ ପ୍ରଦାନ, କେବଳ ଲାଇସେନ୍ସ କ୍ଷମତା ଅନୁଯାୟୀ କାର୍ଯ୍ୟାଦେଶ ପ୍ରଦାନ ଆଦି ଅନ୍ତର୍ଭୁକ୍ତ ରହିଛି ।

# ଉଦ୍ଧାର ହେଲେ ତଳିଆ ଅଞ୍ଚଳବାସୀ

**ବାଲେଶ୍ୱର ଅଫିସ, ୯।୧୧**

ବୁଲବୁଲର ପ୍ରଭାବରେ ୨ଦିନ ଧରି ବର୍ଷା ଲାଗି ରହିବା ସହ ଖରିଫ ଓ ପରିବା ଚାଷର ବ୍ୟାପକ କ୍ଷତି ଘଟିଛି। ଗତ ରାତିରୁ ଅଦ୍ୟାବଧି ବିଦ୍ୟୁତ୍ ସରବରାହ ବନ୍ଦ ଥିବାରୁ ପାନୀୟଜଳ ସଂକଟ ଦେଖାଦେଇଛି। ତଳିଆ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରାଯାଇ ମାଗଣା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ବହୁ ସଂଖ୍ୟକ ଘର ଭାଙ୍ଗି ଯାଇଥିବାର ଜଣାଯାଇଛି।

ଗତ ଶୁକ୍ରବାର ପୂର୍ବାହ୍ନରୁ ବର୍ଷା ଓ କୋହଲା ପବନ ଲାଗି ରହିଥିବା ବେଳେ ଗତ ରାତିରୁ ପ୍ରବଳ ବର୍ଷା ଲାଗି ରହିଛି। ଶନିବାର ସନ୍ଧ୍ୟା ସୁଦ୍ଧା ମିଳିଥିବା ଖବର ଅନୁଯାୟୀ ବହୁ ବଡ଼ ବଡ଼ ଗଛ ଓଲଟି ପଡ଼ି ରାସ୍ତାଘାଟ ଅବରୋଧ ହୋଇଛି। ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶରେ ବିଡିଓ ନିତ୍ୟାନନ୍ଦ ସାହୁ ପ୍ରତି ପଞ୍ଚାୟତର ସରପଞ୍ଚ ଓ ସମ୍ପାଦକ ସହାୟତାରେ ତଳିଆ ଅଞ୍ଚଳ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ରଖିଛନ୍ତି। ବ୍ଲକରେ ଥିବା ଗଡ଼ସାହି ବାଲିଆପାଳ, ଗୁଆଗଡିଆ, କମାରଶାଳିଆଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ଓ ବିଭିନ୍ନ ଗାଁରେ ଥିବା ୩୭ଟି ବିଦ୍ୟାଳୟରେ ଲୋକମାନଙ୍କୁ ରଖାଯାଇ ଶୁଖିଲା ଖାଦ୍ୟ ଦିଆଯାଇଥିବା ବେଳେ ୩୮୦ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ପ୍ରାକୃତିକ ଦୁର୍ବିପାକ ଫଳରେ ଗୋପୀମୋହନପୁର ପଞ୍ଚାୟତର କଲ୍ୟାଣପୁର ଗାଁରେ ବ୍ୟାପକ କ୍ଷତି ଘଟିଛି। ବିଜୁ ଯୁବବାହିନୀର କର୍ମୀମାନେ ବିଭିନ୍ନ ପଞ୍ଚାୟତରେ ଉଦ୍ଧାର କାର୍ଯ୍ୟ କରୁଥିବାବେଳେ ମ୍ୟୁନିସିପାଲଟିରେ ଜଗନ୍ନାଥ ଗୋଚ୍ଛାୟତଙ୍କ ନେତୃତ୍ୱରେ ଉଦ୍ଧାର କାର୍ଯ୍ୟ ଚାଲିଛି । କଲ୍ୟାଣପୁର, ମହୁତନଗର, ମଣିପାଟଣା ବ୍ୟାପକ କ୍ଷତି ହୋଇଥିବାରୁ ଓଡ୍ରାଫ ଟିମ୍ ସେଠାରେ ପହଞ୍ଚି ରାସ୍ତା ପରିଷ୍କାର ସହ ଉଦ୍ଧାର କାର୍ଯ୍ୟ ଜାରି ରଖିଛି।

## ଘର ଉପରୁ ଉଡିଗଲା ଆଜବେଷ୍ଟସ୍

**ସଜନାଗଡ଼,୯।୧୧(ଡି.ଏନ.ଏ.)**

'ବୁଲ୍‌ବୁଲ୍' ପ୍ରଭାବରେ ଶୁକ୍ରବାର ସାରା ରାତି ପବନ ବହିବା ସହ ବର୍ଷା ଜାରି ରହିଥିଲା। ଶନିବାର ଦିନସାରା ମୂଷଳ ଧାରାରେ ବର୍ଷା ଓ ପବନ ହୋଇଛି। ଏବେ ଚାଷୀକୁଳ ଏଥିରେ ବେଶ୍ ପ୍ରଭାବିତ ହୋଇଛି। ଶନିବାର ପୂର୍ବାହ୍ନରେ ନୀଳଗିରି ବ୍ଲକ ଅଧୀନ ଜୋକନଣ୍ଡା ଗ୍ରାମର ଅର୍ଜୁନ ଭୋଳଙ୍କ ଆଜ୍‌ବେଷ୍ଟସ ଛପର ଉଡିଯାଇଛି। ପରିବାର ଲୋକେ ପଡ଼ୋଶୀଙ୍କ ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ଅନୁରୂପ ଭାବେ ଜାମୁଡ଼ିହା ପଞ୍ଚାୟତର ଜାମୁଡ଼ିହା ଗ୍ରାମର ଅନନ୍ତ ମହାପାତ୍ରଙ୍କ ଆଜ୍‌ବେଷ୍ଟସ ଘର ଉପରେ ଗଛ ପଡ଼ିଥିଲା। ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଥିଲେ। ସେହିପରି ଉକ୍ତ ଗ୍ରାମର ଚୁନା ମହାପାତ୍ରଙ୍କ ଘର, ଈଶ୍ୱରପୁର ଗ୍ରାମର ଜନାର୍ଦ୍ଦନ ଗିରିଙ୍କ ଘର ଉପରେ ଗଛ ପଡ଼ିଥିବା ଜଣାପଡ଼ିଛି।

# ୧୭୫ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର

- ପାନବରଜ, ମାଟିଘର ଭୁଶୁଡିଲା
- ଦୁଇଦିନ ବିଦ୍ୟୁତ୍ ଯୋଗାଣ ବନ୍ଦ

**ବାଲିଆପାଳ, ୯।୧୧(ସ୍ୱ.ପ୍ର.)**

ବାତ୍ୟା 'ବୁଲ୍‌ବୁଲ୍'ର ପ୍ରଭାବ ବାଲିଆପାଳ ଅଞ୍ଚଳରେ ଦେଖିବାକୁ ମିଳିଛି। ଦୁଇଦିନ ହେଲା ବିଦ୍ୟୁତ୍ ଯୋଗଣ ବନ୍ଦ ରହିଥିବା ବେଳେ ବଡ଼ବଡ଼ ଗଛ ଉପୁଡି ପଡ଼ି ରାସ୍ତା ଅବରୋଧ ହୋଇଛି। ସମୁଦ୍ର କୂଳ ଅଞ୍ଚଳରେ ପାନବରଜ ଓ ମାଟି ଘର ଭୁଶୁଡ଼ି ପଡ଼ିଛି। ଏହି ବ୍ଲକର ୧୭୫ ଜଣଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ବର୍ଷା ଓ ପବନରେ ଶହ ଶହ ଏକର ଜମିରେ ଧାନଗଛ ଶୋଇ ଯାଇଥିବାରୁ ଚାଷୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଶୁକ୍ରବାର ମଧ୍ୟାହ୍ନରୁ ହାଲକା ବର୍ଷା ଆରମ୍ଭ ହୋଇଥିବାବେଳେ ରାତିରୁ ଅନବରତ ବର୍ଷା ଲାଗି ରହିଛି। ଏଠାରେ ପବନର ୬୦ରୁ ୭୦କି.ମି ବେଗରେ ପବନ ବହୁଥିବାରୁ ବାଲିଆପାଳ-ବସ୍ତା ରାସ୍ତାର ଘଣ୍ଟିଆଡ଼ି, ସିମୁଳିଆ ଛକ, ଦେଭୋଗ ଏସ୍‌ଆର୍ କଲେଜ ରାସ୍ତା, ବାଲିଆପାଳ-ଲଙ୍ଗଳେଶ୍ୱର ରାସ୍ତା ସମେତ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି। ଦମକଳବାହିନୀ ଓ ଓଡ୍ରାଫ୍ ଟିମ୍ ଗଛକାଟି ରାସ୍ତା ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ଏହି ବ୍ଲକର କେତେକ ଗ୍ରାମରେ ଥିବା ୧୦ରୁ ଊର୍ଦ୍ଧ୍ୱ ମାଟିଘର ଭାଙ୍ଗି ଯାଇଛି। ବିଶେଷ କରି ଏହି ବ୍ଲକର ଡଗରା, ବେତଗଡ଼ିଆ, ଚଉମୁଖ, ଆଁଳାଡ଼ିହା, ନୂଆଗାଁ ଆଦି ପଞ୍ଚାୟତରେ ସମୁଦ୍ରକୂଳବର୍ତ୍ତୀ ଗ୍ରାମରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏସବୁ ଅଞ୍ଚଳରେ ଥିବା କେତେକ ପାନବରଜ ପବନରେ ଭୁଷୁଡ଼ି ପଡ଼ିଛି। ବାତ୍ୟାର ପ୍ରଭାବ ରବିବାର ପର୍ଯ୍ୟନ୍ତ ରହୁଥିବା ଅନୁମାନ କରାଯାଉଛି। ଏଥିପାଇଁ ଜିଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଶନିବାର ଉପଜିଲାପାଳ ନୀଲୁ ମହାପାତ୍ର ବାଲିଆପାଳ ଗସ୍ତରେ ଆସି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ବାଲିଆପାଳ ଭାରପ୍ରାପ୍ତ ବିଡିଓ ଲାଦ ମୁର୍ମୁ, ଅତିରିକ୍ତ ତହସିଲଦାର ଏବଂ ଅନ୍ୟାନ ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକଙ୍କ ସହିତ ଆଲୋଚନା କରିଛନ୍ତି।

## ଓଡ଼ିଶା ରାଜ୍ୟ ସ୍କୁଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସ୍ଥଗିତ

**ବାଲେଶ୍ୱର ଅଫିସ, ୯।୧୧**

ବାଲେଶ୍ୱର ପରମିଟ୍ ପଡ଼ିଆରେ ଗତ ୭ତାରିଖ ଗୁରୁବାରରୁ ଉଦ୍‌ଘାଟିତ ହୋଇଥିବା ଓଡ଼ିଶା ରାଜ୍ୟ ୬୫ତମ ବିଦ୍ୟାଳୟ ସମୂହ ଦୌଡ଼କୁଦ ଓ ସଫ୍ଟବଲ ପ୍ରତିଯୋଗିତା 'ବୁଲ୍‌ବୁଲ୍' ପ୍ରଭାବରେ ଶନିବାର ସ୍ଥଗିତ ରହିଛି। ଏହି ପ୍ରତିଯୋଗିତା ଗୁରୁବାର ପୂର୍ବାହ୍ନରେ ଆରମ୍ଭ ହୋଇଥିଲା। ଶୁକ୍ରବାର ୧୪ ଓ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ୪ଟି ବିଭାଗରେ ମୋଟ୍ ୮୨ଟି ଇଭେଣ୍ଟ ରହିଥିବା ବେଳେ ମାତ୍ର ୧୫ଟି ଖେଳ ହୋଇଥିଲା। ଶୁକ୍ରବାର ମଧ୍ୟାହ୍ନରୁ ବର୍ଷା ଆରମ୍ଭ ହୋଇଥିଲା। ଶନିବାର ଲଗାଣ ବର୍ଷା ଓ ପବନ ଯୋଗୁ କୌଣସି ଖେଳ ସମ୍ଭବ ହୋଇପାରିନାହିଁ। ଆୟୋଜକମାନେ ପ୍ରତିକୂଳ ପାଗରେ ପ୍ରତିଯୋଗୀମାନଙ୍କର ଖାଦ୍ୟ, ଆଶ୍ରୟ, ସ୍ୱାସ୍ଥ୍ୟ ସୁରକ୍ଷା ଓ ଯତ୍ନ ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି। ଖେଳ ପୁଣି କେବେ ହେବ ତାହା ପାଗ ଓ ପଡ଼ିଆର ଅବସ୍ଥା ଉପରେ ନିର୍ଭର କରିଥିବା ଜିଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା କହିଛନ୍ତି।

## ଦେଶୀମଦ ଚାଲାଣ କରୁଥିବା ପିକଅପ୍ ଜବତ

**ବାଲେଶ୍ୱର ଅଫିସ, ୯।୧୧**

ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶରେ ଭ୍ରାମ୍ୟମାଣ ନିରୀକ୍ଷକ ଉଦେଲାଲ ନାୟକ ଏକ ଟିମ୍ ସହିତ ଶନିବାର ପାଟ୍ରୋଲିଂ କରୁଥିବା ବେଳେ ସଦର ବ୍ଲକ ଫୁଲାଡ଼ି ଛକ ନିକଟରେ ଦେଶୀ ମଦ ବୋଝେଇ ଏକ ନମ୍ବର ବିହୀନ ପିକଅପ୍ ଜବତ କରିଛନ୍ତି। ଗାଡ଼ିରେ ବସିଥିବା ମଦ ବେପାରୀ କୌଶଳକ୍ରମେ ଫେରାର ହୋଇଯାଇଥିବା ବେଳେ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। କେସ୍ ନଂ. ୧୪୦/୧୯-୨୦।

## ସୁନେତ୍ର ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୯।୧୧**

ବାଲେଶ୍ୱର ଆଇଟିଆଇସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଶନିବାର ବାଲେଶ୍ୱର ଚକ୍ଷୁ ସହାୟକଙ୍କ ପକ୍ଷରୁ ଚକ୍ଷୁ ଚିକିତ୍ସା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉତ୍ତରଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି.କେ. ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ନିର୍ଭୁଲ ଚକ୍ଷୁ ପରୀକ୍ଷା ଉପରେ ଆଲୋକପାତ କରିଥିଲେ। ନୂତନ ପଦ୍ଧତିରେ ଚକ୍ଷୁ ରୋଗର ଚିକିତ୍ସା ସହିତ ରାଜ୍ୟସରକାରଙ୍କ ସୁନେତ୍ର ଯୋଜନାକୁ ସଫଳ ଭାବେ ରୂପାନ୍ତରିତ କରିବା ପାଇଁ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ବିଦ୍ୟାଳୟଗୁଡ଼ିକରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କୁ ବିନା ଯନ୍ତ୍ରାଂଶରେ କେବଳ ଟର୍ଚ୍ଚ ଦ୍ୱାରା ଚକ୍ଷୁ ପରୀକ୍ଷା କରି ଠିକ୍ ଭାବେ ଚିକିତ୍ସା କରିବା ଏବଂ ପରାମର୍ଶ ଦେବା ଉପରେ ଗୁରୁତ୍ୱ ଦେଇ ଡା. ବିଶ୍ୱଜିତ୍ ଦେ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ମହେଶ୍ୱର ମହାପାତ୍ର, ଡା. ରମାକାନ୍ତ ନାୟକ, ଡା. ଜ୍ୟୋତିରଞ୍ଜନ ମଲ୍ଲିକ, ଓ ଫକୀରମୋହନ ମେଡ଼ିକାଲ କଲେଜର ଚକ୍ଷୁ ବିଭାଗୀୟ ଡା. ଅର୍ଚ୍ଚନା ରଥ ଯୋଗଦେଇ ଆଖି ପରୀକ୍ଷା ଓ ସରକାରଙ୍କ ସୁନେତ୍ର ଯୋଜନାର ସଫଳ ରୂପାୟନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଚକ୍ଷୁ ସହାୟକ ରମେଶ ଚନ୍ଦ୍ର ବାରିକଙ୍କ ସମେତ ଡା. ମହାପାତ୍ର ଓ ଡା. ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ବିଭିନ୍ନ ଜିଲାରୁ ୫୦ରୁ ଊର୍ଦ୍ଧ୍ୱ ସରକାରୀ, ବେସରକାରୀ ଚକ୍ଷୁ ଚିକିତ୍ସକ ଏବଂ ସହାୟକ ଯୋଗଦେଇଥିଲେ। ଚକ୍ରଧର ଦାସ, ଦେବେନ୍ଦ୍ର କୁମାର ରାଉତ, ମନୋଜ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ମାଝି, ଭାରତୀ କିଙ୍କର ଦାସ, ଚିତ୍ତରଞ୍ଜନ ସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଚକ୍ଷୁ ଚିକିତ୍ସା କର୍ମଶାଳାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପି.କେ.ଚାନ୍ଦ ଓ ଅନ୍ୟମାନେ।

# ଭାଙ୍ଗିଲା ଘର, ଉଜୁଡିଲା ଧାନ

**ଖଇରା, ୯।୧୧(ଡି.ଏନ.ଏ.)**

ବୁଲୁବୁଲ ପ୍ରଭାବରେ ଖଇରା ବ୍ଲକରେ ବ୍ୟାପକ କ୍ଷତି ହୋଇଛି। ବହୁ ସ୍ଥାନରେ ଘର ଉପରେ ଗଛ ପଡିବା ଯୋଗୁ ଛପର ଘର ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। କିଛି ସ୍ଥାନରେ ରାସ୍ତାରେ ଗଛ ପଡିବା ଯୋଗୁ ଯାତାୟାତ ଠପ୍ ହୋଇ ଯାଇଛି। ପ୍ରବଳ ବର୍ଷା ଯୋଗୁ ପାଚିଲା ଧାନ ପାଣିରେ ଭାସୁଛି। ଫଳରେ ଚାଷୀମାନଙ୍କର ବର୍ଷକର ଅମଳ ଏକପ୍ରକାର ନଷ୍ଟ ହୋଇଯାଇଛି । ସେପଟେ ବିଦ୍ୟୁତ ସଂଯୋଗ ଅଭାବରୁ ସମଗ୍ର ଖଇରା ବିଦ୍ୟୁତ୍ ସବ୍‌ଡିଭିଜନର ଉପଭୋକ୍ତାମାନେ ୨୪ଘଣ୍ଟା ଧରି ଅନ୍ଧାରରେ ରହିଛନ୍ତି। ତେଲଦିଆ ବଟେଶ୍ୱର ରାସ୍ତାର ନାହୁଲଠାରେ ରାସ୍ତାରେ ଗଛ ପଡିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ସେହିଭଳି ଖଇରା ପଞ୍ଚାୟତ ଆଳଦା ଗ୍ରାମରେ ଅଭିମନ୍ୟୁ ସାହୁଙ୍କ ଘର ଉପରେ ଗଛ ଭାଙ୍ଗି ପଡିବାରୁ ବାସଗୃହ ନଷ୍ଟ ହୋଇଛି। ଖଇରା ଅଗ୍ନିଶମ ବିଭାଗ ପହଞ୍ଚି ଗଛକୁ ବାସଗୃହ ଉପରୁ ହଟାଇବାକୁ ସକ୍ଷମ ହୋଇଛନ୍ତି । ସେପଟେ ଖଇରା ବ୍ଲକରେ ଆନୁମାନିକ ୧୯ହଜାର ୪ଶହ ହେକ୍ଟର ଚାଷଜମିରେ ଚଳିତବର୍ଷ ଧାନଚାଷ କରାଯାଇଥିଲା। ଏବେ ଧାନ ପାଚି ଆସୁଥିବା ବେଳେ ମାତ୍ର ଆଉ ୧୦ କି ୧୫ଦିନ ମଧ୍ୟରେ ଚାଷୀମାନେ ଧାନକାଟି ଖଳାକୁ ଆଣିବା ପାଇଁ ପ୍ରସ୍ତୁତ ହେଉଥିଲେ। ପାଚିଲା ଧାନରେ ବର୍ଷା ମାଡ ଯୋଗୁ ଅନ୍ୟୁନ ୮ହଜାର ହେକ୍ଟର ଜମିର ଧାନନଷ୍ଟ ହେବା ନେଇ ଆଶଙ୍କା କରାଯାଉଛି । ତୁରନ୍ତ ସରକାର କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ମାଣିତ୍ରୀ ପଞ୍ଚାୟତର ଚାଷୀ ଅକ୍ଷୟ କୁମାର ଦାସ, ଉମାକାନ୍ତ ପଣ୍ଡା, ଅର୍ଜୁନ ପଣ୍ଡା, ଶମ୍ଭୁନାଥ ଦଳେଇ, ସୁଶାନ୍ତ ମହାପାତ୍ର, ସାରଡାଙ୍ଗ ପଞ୍ଚାୟତ ଅଲିପୁର ଗ୍ରାମର ଚାଷୀ ସୁଦର୍ଶନ ପୃଷ୍ଟି, ପ୍ରଭାତ କୁମାର ପଣ୍ଡା ଓ ଅନାଦି ପରିଡା ପ୍ରମୁଖ ଦାବି କରିଛନ୍ତି । ଏହାଛଡା ବ୍ଲକର ସାରଡାଙ୍ଗ, ଝିଙ୍କିରିଆ, ବର୍ତ୍ତନା, ମହତୀପୁର, କୁପାରୀ, ଝିଙ୍କିରିଆ, ଗୋବିନ୍ଦପୁର, ଶ୍ୟାମସୁନ୍ଦରପୁର, ମାଖନପୁର ଓ ସାରୁଗାଁ ଆଦି ପଞ୍ଚାୟତ ସମେତ ୩୭ ପଞ୍ଚାୟତରେ ଧାନ ପାଣିରେ ପଡି ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଖଇରା କୃଷି ପରାମର୍ଶ କେନ୍ଦ୍ରର ସହକାରୀ କୃଷି ଅଧିକାରୀ ବାସୁଦେବ ଶତପଥିଙ୍କୁ ଯୋଗାଯୋଗ କରାଯିବାରୁ ବହୁ ଅଞ୍ଚଳରୁ କ୍ଷତି ସମ୍ପର୍କିତ ଅଭିଯୋଗ ତାଙ୍କ ନିକଟକୁ ଆସିଛି। ଖୁବଶୀଘ୍ର ରାଜସ୍ୱ ଓ କୃଷି ବିଭାଗର ମିଳିତ ତଦନ୍ତ କରାଯିବ ବୋଲି କହିଛନ୍ତି।


ଜଳଙ୍ଗ ଗ୍ରାମର ଚାଷୀମାନେ ନଷ୍ଟ ହୋଇଥିବା ଧାନକୁ ଦେଖାଉଛନ୍ତି।

# ଉପକୂଳରେ ‘ବୁଲ୍‌ବୁଲ୍’ ତାଣ୍ଡବ

ବଙ୍ଗୋପସାଗରରେ ବାତ୍ୟା ରୂପ ନେଇଥିବା ‘ବୁଲ୍‌ବୁଲ୍’ ଶନିବାର ସନ୍ଧ୍ୟା ୭ଟା ସୁଦ୍ଧା ବାଲେଶ୍ୱର ଉପକୂଳ ଅତିକ୍ରମ କରିଛି। ୧୦୦ କି.ମି.ରୁ ଊର୍ଦ୍ଧ୍ୱ ବେଗରେ ପବନ ବହିବା ସାଙ୍ଗକୁ ପ୍ରବଳ ବର୍ଷା ହେବା ଯୋଗୁ ଉପକୂଳ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଭଦ୍ରକ ଓ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ଶତାଧିକ ଗଛ ଓ ବିଦ୍ୟୁତ୍ ଖୁଣ୍ଟି ଭାଙ୍ଗିପଡ଼ିଛି। ବହୁ ଅଞ୍ଚଳ ଅନ୍ଧକାରାଚ୍ଛନ୍ନ ହୋଇ ରହିଛି। ବାତ୍ୟା ‘ବୁଲ୍‌ବୁଲ୍’ ଛାଡ଼ିଯାଇଛି ଏଠି ଅନେକ କ୍ଷତଚିହ୍ନ।



ବାତ୍ୟା ପ୍ରଭାବରେ ବାଲେଶ୍ୱର ସହରରେ ପ୍ରବଳ ବେଗରେ ପବନ ବହୁଛି।



ଉଦୟପୁର ବେଳାଭୂମିରେ ସମୁଦ୍ରର ଉତ୍ତାଳ ଢେଉ କୂଳରେ ମାଡ଼ ହେଉଛି।



ବାଲେଶ୍ୱର ସେଣ୍ଟ୍ରାଲ ସ୍କୁଲ ନିକଟରେ ଏକ ବଡ଼ ଗଛ ଭାଙ୍ଗି ପଡ଼ିଛି।



ବାଲେଶ୍ୱର ଆଇଟିଆଇ ଛକ ନିକଟରେ ଟ୍ରାନ୍ସଫର୍ମର ନଇଁ ପଡ଼ିଛି।



ଚାନ୍ଦବାଲିଠାରେ ଏକ ଟ୍ରାନ୍ସଫର୍ମର ଭାଙ୍ଗିପଡ଼ିଛି।



ଭଣ୍ଡାରିପୋଖରୀରେ ଅଗ୍ନିଶମ କର୍ମଚାରୀ ଘର ଉପରେ ପଡ଼ିଥିବା ଗଛ କାଟୁଛନ୍ତି।



ଆରଡ଼ି-ଭଦ୍ରକ ରାସ୍ତାରେ ଗଛ ପଡ଼ିଥିବା ଯୋଗୁ ଏକ ଆମ୍ବୁଲାନ୍ସ ଅଟକି ରହିଛି।

## ବାତ୍ୟା କଲା ବେହାଲ

- ବଡ଼ ବଡ଼ ଗଛ ପଡ଼ି ରାସ୍ତା ଅବରୋଧ
- ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ
- ଉଜୁଡ଼ିଲା ଚାଷ ଜମି
- ୨ଦିନ ଧରି ଜୀବନଯାତ୍ରା ପ୍ରଭାବିତ

**ବାଲେଶ୍ୱର ଅଫିସ, ୯।୧୧**

ସାମୁଦ୍ରିକ ବାତ୍ୟା ‘ବୁଲ୍‌ବୁଲ୍’ ଉଗ୍ରରୂପ ଧାରଣ କରି ବାଲେଶ୍ୱର ଜିଲାର ଉତ୍ତର ବାଲେଶ୍ୱରର ଭୋଗରାଇ, ବାଲିଆପାଳ, ଜଳେଶ୍ୱର, ବସ୍ତା, ସଦର ବ୍ଲକରେ ବ୍ୟାପକ କ୍ଷତି ଘଟାଇଛି। ଶନିବାର ଦିନତମାମ୍ ଲଗାଣ ବର୍ଷା ଯୋଗୁ ଏକର ଏକର ଚାଷ ଜମି ବର୍ଷା ପାଣିରେ ବୁଡ଼ି ରହିଛି। ବର୍ଷା ସହିତ ୬୦ରୁ ୭୦କି.ମି. ବେଗରେ ପବନ ବହିବା ଯୋଗୁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛଗୁଡ଼ିକ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ଜିଲାରେ ୩୬୨ଟି ଘର ଭାଙ୍ଗିଥିବା ଜଣାପଡ଼ିଛି। ଶୁକ୍ରବାର ରାତିରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ଅଞ୍ଚଳର ଲୋକମାନେ ଯା'ଆସ କରିବା ପାଇଁ ହନ୍ତସନ୍ତ ହେଉଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରଶାସନ ପକ୍ଷରୁ ପୂର୍ବ ପ୍ରସ୍ତୁତି ଅନୁସାରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବିଭାଗ ନିଜ ଦାୟିତ୍ୱରେ କାର୍ଯ୍ୟରତ ରହିଥିବାର ଜଣାପଡ଼ିଛି। ପ୍ରଭାବିତ ଅଞ୍ଚଳରେ ଲୋକମାନଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ମାଗଣା ଶୁଖିଲା ଖାଦ୍ୟ ଏବଂ ରନ୍ଧା ଖାଦ୍ୟ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇ ବଣ୍ଟନ ହେଉଛି। ଜିଲାରେ ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ରହିଛି।

ବାଲେଶ୍ୱର ଜିଲାରେ ଶୁକ୍ରବାରଠାରୁ ଉପକୂଳ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଥିଲା। ବାତ୍ୟାର ମୁକାବିଲା ପାଇଁ ବାଲେଶ୍ୱର ଜିଲା ପ୍ରଶାସନିକ ଅଧିକାରୀ ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ଭିଡ଼ିଓ କନଫରେନ୍ସିଂରେ ଆଲୋଚନା କରିଥିଲେ। ମୁଖ୍ୟତଃ ଓଡ୍ରାଫ୍, ଏନ୍‌ଡ଼ିଆର୍‌ଏଫ୍, ଅଗ୍ନିଶମ ବିଭାଗ ଉପରେ ଗୁରୁତ୍ୱ ଦିଆଯାଇଛି। ଗୋଟିଏ ଓଡ୍ରାଫ୍ ଟିମ୍ ଓ ୫ଟି ଏନ୍‌ଡିଆର୍‌ଏଫ୍ ଟିମ୍ ବିଭିନ୍ନ ସ୍ଥାନରେ ମୁତୟନ ରହିଥିବା ବେଳେ ଅଗ୍ନିଶମ ବିଭାଗ ସଜାଗ ରହି ଉଦ୍ଧାର କାର୍ଯ୍ୟରେ ସାମିଲ୍ ଅଛନ୍ତି। ଜଳେଶ୍ୱରରୁ ୯୧, ଭୋଗରାଇରୁ ୫୦, ବାଲିଆପାଳରୁ ୧୭୫, ବାହାନଗାରୁ ୧୮ ଜଣଙ୍କ ସହ ମୋଟାମୋଟି ୩୫୦ଜଣ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇ ୧୬ଟି ସ୍ଥାନରେ ମାଗଣା ଖାଦ୍ୟ ପ୍ରଦାନ କରାଯାଇଛି। ଏପରିକି ଗୃହପାଳିତ ପ୍ରାଣୀଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଜିଲାରେ ମୋଟ୍ ୪୭୪.୨ ମି.ମି. ବର୍ଷା ହୋଇଥିବା ବେଳେ ଭୋଗରାଇରେ ୫୨ମି.ମି., ବାଲିଆପାଳରେ ୫୧ମି.ମି., ଜଳେଶ୍ୱରରେ ୪୧ମି.ମି., ବସ୍ତାରେ ୩୨ମି.ମି., ବାଲେଶ୍ୱରରେ ୩୫ମି.ମି., ରେମୁଣାରେ ୪୦ମି.ମି., ବାହାନଗାରେ ୪୧ମି.ମି., ନୀଳଗିରିରେ ୪୮ମି.ମି., ଖଇରାରେ ୩୨ମି.ମି., ଔପଦାରେ ୩୨ମି.ମି., ସିମୁଳିଆରେ ୩୨ମି.ମି., ସୋରରେ ୩୩ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀ କାଳୀନ ଦପ୍ତରରୁ ସୂଚନା ମିଳିଛି। ଶନିବାର ୬୦ରୁ ୭୦କି.ମି. ବେଗରେ ପବନ ବହିବାରୁ ସହରର ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ କରିଛି। ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ପହଞ୍ଚି ଗଛ କାଟି ରାସ୍ତା ସଫା କରିବାରେ ଲାଗିଛନ୍ତି। ପ୍ରତ୍ୟେକ ବାତ୍ୟା ପ୍ରପୀଡ଼ିତ ଅଞ୍ଚଳରେ ବିସ୍କୁଟ୍, ଚୂଡ଼ା, ଗୁଡ଼, ମହମବତୀ, ଛତୁଆ, କିରୋସିନି, ପଲିଥିନ୍ ମହଜୁଦ ରଖିବା ସହ ମାଗଣା ରୋଷେଇ ପାଇଁ ପ୍ରଶାସନ ପକ୍ଷରୁ ଦିଆଯାଉଥିବା ଜିଲା ଜରୁରୀକାଳୀନ ଅଧିକାରୀ ଅଭୟ ନାୟକ ପ୍ରକାଶ କରିଛନ୍ତି।



ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଗଛ କାଟି ରାସ୍ତା ସଫା କରାଯାଉଛି।

## ଧାମରା, ଚାନ୍ଦବାଲି ଅଧିକ ପ୍ରଭାବିତ

**ଭଦ୍ରକ ଅଫିସ, ୯।୧୧**


ବାତ୍ୟା ‘ବୁଲ୍‌ବୁଲ୍’ ଧ୍ୱଂସଲୀଳା ରଚି ଭଦ୍ରକ ଜିଲାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଶନିବାର ଅପରାହ୍ନରେ ଅତିକ୍ରମ କରିଛି। ଧାମରା ଓ ଚାନ୍ଦବାଲିରେ ଏହାର ଅଧିକ ପ୍ରଭାବ ଦେଖିବାକୁ ମିଳିଛି। ବାତ୍ୟା ଆଗକୁ ଅଗ୍ରସର ହେବା ପରେ ପବନର ବେଗ କମିଥିଲେ ମଧ୍ୟ ବର୍ଷା ଲାଗି ରହିଛି। ବିଭିନ୍ନ ସ୍ଥାନରେ ଶହ ଶହ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଥିବାରୁ ଉପକୂଳ ଅଞ୍ଚଳ ଅନ୍ଧକାରଚ୍ଛନ୍ନ ହୋଇ ରହିଛି। ଜୋରରେ ପବନ ବହିବା ସାଙ୍ଗକୁ ଦିନସାରା ବର୍ଷା ଲାଗି ରହିବାରୁ ଜୀବନଯାତ୍ରା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସମୁଦ୍ର କୂଳରେ ପ୍ରାୟ ୯୦ରୁ ୧୦୦ କି.ମି. ଏବଂ ଜିଲାର ଆଭ୍ୟନ୍ତରୀଣ ବ୍ଲକରେ ୫୦ରୁ ୬୦ କି.ମି. ବେଗରେ ପବନ ବହିଥିବା ବେଳେ ମୋଟ ୧୨୨ ମି.ମି. ବର୍ଷା ହୋଇଥିବା ବିଭାଗ ରେକର୍ଡ କରିଛି।


ଶନିବାର ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପବନର ଗତି ଅଧିକ ରହିବାରୁ ଏହା ତାଣ୍ଡବ ସୃଷ୍ଟି କରିଥିଲା। ଚାନ୍ଦବାଲି ଓ ବାସୁଦେବପୁର ବ୍ଲକରେ ବହୁ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଶହେରୁ ଅଧିକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିଥିବା ଜଣାପଡ଼ିଛି। ଜୁଆର ମାଡ଼ କାରଣରୁ ଧାମରା ନିକଟରେ ଏକ ବୋଟ ଲଙ୍ଗରରୁ ଖସି ସମୁଦ୍ରକୁ ଭାସିଯାଇଥିଲା। ସେଥିରେ ଥିବା ୯ ମତ୍ସ୍ୟଜୀବୀଙ୍କୁ ଶନିବାର ଅପରାହ୍ନରେ ଓଡ୍ରାଫ ଟିମ୍ ଉଦ୍ଧାର କରିଛି। ଜିଲାରେ ମୋଟ ୫୩ କି.ମି. ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ବାତ୍ୟା ଯୋଗୁ ପ୍ରଭାବିତ ହୋଇଛି। ୧୫୬ଟି ରାସ୍ତା କ୍ଷତିଗ୍ରସ୍ତ ହୋଇଥିବା ଜିଲା ଜରୁରିକାଳୀନ ବିଭାଗ ସୂତ୍ରରୁ ଜଣାପଡ଼ିଛି। କେତେକ ଘର ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି। ମୋଟ ୩ ହଜାରରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଛି। ଦୁଇଟି ଓଡ୍ରାଫ୍ ଟିମ୍ ବାସୁଦେବପୁର ଓ ଧାମରା ଅଞ୍ଚଳରେ ରହି ଗଛକଟା ଓ ଅନ୍ୟାନ୍ୟ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଅଗ୍ନିଶମ ବିଭାଗର ୧୨ଟି ସ୍ୱତନ୍ତ୍ର ଟିମ୍ ନିଜ ନିଜ ଅଞ୍ଚଳ ବ୍ୟତୀତ ଚାନ୍ଦବାଲି ଅଞ୍ଚଳରେ ଗଛକଟା କାର୍ଯ୍ୟରେ ଲାଗିଛନ୍ତି।

ପ୍ରଶାସନ ସୂତ୍ରରୁ ଜଣାଯାଇଛି ଯେ, ବାତ୍ୟା ପ୍ରଭାବରେ ୭୦ଟି ୧୧ କେଭି ଖୁଣ୍ଟ ଭୁଇଁରେ ଲୁଟି ପଡ଼ିଛି। ବିଭିନ୍ନ ଆଶ୍ରୟସ୍ଥଳୀରେ ୭୨୬ ମହିଳା ଓ ପୁରୁଷଙ୍କୁ ଆଶ୍ରୟ ଦିଆଯାଇ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ସନ୍ଧ୍ୟାରେ ବିପଦ ଟଳିବା ପରେ କେତେକ ଲୋକ ଆଶ୍ରୟସ୍ଥଳ ଛାଡ଼ି ନିଜ ଘରକୁ ଫେରିଛନ୍ତି। ଦିନସାରା ବସ୍ ଚଳାଚଳ ବନ୍ଦ ରହିବାରୁ ବାହାରେ ରହୁଥିବା ଲୋକେ ନିଜ ନିଜ ଘରକୁ ଫେରିବାରେ ସମସ୍ୟା ଭୋଗିଛନ୍ତି। ଭଦ୍ରକ ବନ୍ତ ଛକରେ କେତେକ ଲୋକ ଅଟକି ରହିଥିବା ଦେଖାଯାଇଥିଲା। ଚାନ୍ଦବାଲିରେ ସର୍ବାଧିକ ବର୍ଷା ହୋଇଥିବା ବେଳେ ଭଣ୍ଡାରିପୋଖରୀରେ ଅପେକ୍ଷାକୃତ କମ୍ ବର୍ଷା ହୋଇଛି। ବାସୁଦେବପୁରରେ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାଶ ପ୍ରଭାବିତ ଅଞ୍ଚଳରେ ଉପସ୍ଥିତ ରହି ସ୍ଥିତି ନିୟନ୍ତ୍ରଣ କରିଛନ୍ତି। ଜିଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଓ ଜିଲା ଜରୁରିକାଳୀନ ଅଧିକାରୀ ମନୋରମା ଜାଲି ଜିଲା ମୁଖ୍ୟାଳୟରେ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। କ୍ଷୟକ୍ଷତିର ବୃତ୍ତାନ୍ତ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ଗଛ ଭାଙ୍ଗିପଡ଼ିଛି





## ଘଟଣାକ୍ରମ

**୧୫୨୮:** ମୋଗଲ ସମ୍ରାଟ ବାବରଙ୍କ କମାଣ୍ଡର ମିର ବାକି ବାବ୍ରୀ ମସ୍‌ଜିଦ ନିର୍ମାଣ କରିଥିଲେ।

**୧୮୮୫:** ମହନ୍ତ ରଘୁବୀର ଦାସ ଫୈଜାବାଦ ଜିଲା କୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ବିବାଦୀୟ ଢାଞ୍ଚା ବାହାରେ ଏକ ଛତ୍ରୀ ନିର୍ମାଣ ପାଇଁ ଅନୁମତି ଦେବାକୁ ସେ ଏଥିରେ ଅନୁରୋଧ କରିଥିଲେ। କୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ।

**୧୯୪୯:** ବିବାଦୀୟ ଢାଞ୍ଚା ବାହାରେ କେନ୍ଦ୍ରୀୟ ଗମ୍ବୁଜ ତଳେ ରାମ ଲାଲାଙ୍କ ପୂଜା ଆରମ୍ଭ କରାଗଲା।

**୧୯୫୦:** ରାମ ଲାଲାଙ୍କ ମୂର୍ତ୍ତି ପୂଜା ପାଇଁ ଅଧିକାର ଦାବିକରି ଫୈଜାବାଦ ଜିଲା କୋର୍ଟରେ ଗୋପାଳ ସିମ୍ଲା ବିଶାରଦ ଏକ ସୁଟ୍ ଫାଇଲ୍ କରିଥିଲେ।
➥ପରମହଂସ ରାମଚନ୍ଦ୍ର ଦାସ ମଧ ଏକ ସୁଟ୍ ଫାଇଲ କରିଥିଲେ। ଏଥିରେ ସେ ମୂର୍ତ୍ତି ରଖିବା ଓ ପୂଜା କରିବା ପାଇଁ ଆବେଦନ କରିଥିଲେ।

**୧୯୫୯:** ବିବାଦୀୟ ଭୂମିର ଦଖଲ ପାଇଁ ନିର୍ମୋହୀ ଆଖଡ଼ା ପକ୍ଷରୁ ଏକ ସୁଟ୍ ଫାଇଲ କରାଯାଇଥିଲା।

**୧୯୮୧:** ଉତ୍ତରପ୍ରଦେଶ ସୁନ୍ନି ସେଣ୍ଟ୍ରାଲ ୱାକଫ୍ ବୋର୍ଡ ଭୂମି ଦଖଲ ଲାଗି ପିଟିଶନ ଦାଏର କରିଥିଲା।

**୧୯୮୬ ଫେବୃୟାରୀ ୧:** ହିନ୍ଦୁ ପୂଜକମାନଙ୍କ ପାଇଁ ଉକ୍ତ ସ୍ଥାନ ଖୋଲିବା ଲାଗି ସ୍ଥାନୀୟ କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**୧୯୮୯ ଅଗଷ୍ଟ ୧୪:** ବିବାଦୀୟ ଢାଞ୍ଚାକୁ ନେଇ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଆଲ୍ଲାହାବାଦ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

**୧୯୯୨ ଡିସେମ୍ବର ୬:** ବାବ୍ରୀ ମସ୍‌ଜିଦ ଭଙ୍ଗାଗଲା।

**୧୯୯୩ ଏପ୍ରିଲ ୩:** ବିବାଦୀୟ ଅଞ୍ଚଳରେ ଭୂମି ଅଧିଗ୍ରହଣ ପାଇଁ କେନ୍ଦ୍ର ସରକାର 'ଅଯୋଧ୍ୟାରେ ନିର୍ଦ୍ଦିଷ୍ଟ ଅଞ୍ଚଳ ଅଧିଗ୍ରହଣ ଆଇନ' ଆଣିଲେ।
➥ଏହି ଆଇନକୁ ଚ୍ୟାଲେଞ୍ଜ କରି ଇସ୍‌ମାଇଲ୍ ଫାରୁକୀଙ୍କ ସମେତ ଅନେକ ପକ୍ଷ ଆଲ୍ଲାହାବାଦ ହାଇକୋର୍ଟରେ ଏକାଧିକ ରିଟ୍ ପିଟିଶନ ଦାଏର କରିଥିଲେ।
➥ହାଇକୋର୍ଟରେ ବିଚାରାଧୀନ ସମସ୍ତ ରିଟ୍ ପିଟିଶନକୁ ଅନୁଚ୍ଛେଦ ୧୩୯ଏ ଅନୁସାରେ ସୁପ୍ରିମକୋର୍ଟ ସ୍ଥାନାନ୍ତର କରି ନିଜ ପାଖକୁ ନେଲେ।

**୧୯୯୪ ଅକ୍ଟୋବର ୨୪:** ମସ୍‌ଜିଦ ଇସ୍‌ଲାମର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଇସ୍‌ମାଇଲ୍ ଫାରୁକି ମାମଲାରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଥିଲେ।

**୨୦୦୨ ଏପ୍ରିଲ:** ବିବାଦୀୟ ସ୍ଥାନର ମାଲିକାନା ନିର୍ଦ୍ଧାରଣକୁ ନେଇ ହାଇକୋର୍ଟରେ ଶୁଣାଣି ଆରମ୍ଭ ହେଲା।

**୨୦୦୩ ମାର୍ଚ୍ଚ ୧୩:** ଅଧିଗୃହୀତ ଜମିରେ କୌଣସି ଧାର୍ମିକ କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ ବୋଲି ଅସ୍‌ଲମ ଓରଫ୍ ଭୁରେ ମାମଲାରେ ସୁପ୍ରିମକୋର୍ଟ ବାରଣ କଲେ।

**୨୦୧୦ ସେପ୍ଟେମ୍ବର ୩୦:** ୨.୭୭ ଏକର ପରିମିତ ବିବାଦୀୟ ଭୂମିକୁ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଓ ରାମ ଲାଲାଙ୍କ ମଧ୍ୟରେ ସମାନ ତିନିଭାଗରେ ବଣ୍ଟନ ପାଇଁ ଆଲ୍ଲାହାବାଦ ହାଇକୋର୍ଟ ୨:୧ ସଂଖ୍ୟାଗରିଷ୍ଠତାରେ ରାୟ ଦେଲେ।

**୨୦୧୧ ମେ ୯:** ଅଯୋଧ୍ୟା ଜମି ବିବାଦ ନେଇ ହାଇକୋର୍ଟ ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କଲେ।

**୨୦୧୭ ମାର୍ଚ୍ଚ ୨୧:** କୋର୍ଟ ବାହାରେ ବୁଝାମଣା ଜରିଆରେ ସମାଧାନ ପାଇଁ ସିଜେଆଇ ଜେ.ଏସ୍. ଖେହର ପ୍ରସ୍ତାବ ଦେଲେ।

**ଅଗଷ୍ଟ ୭:** ଆଲ୍ଲାହାବାଦ ହାଇକୋର୍ଟଙ୍କ ୨୦୧୦ ରାୟକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନଗୁଡ଼ିକର ଶୁଣାଣି ପାଇଁ ସୁପ୍ରିମକୋର୍ଟ ୩ ଜଣିଆ ଖଣ୍ଡପୀଠ ଗଠନ କଲେ।

**୨୦୧୮ ଫେବୃୟାରୀ ୮:** ଦେୱାନୀ ଅପିଲଗୁଡ଼ିକର ଶୁଣାଣି ଆରମ୍ଭ କଲେ ସୁପ୍ରିମକୋର୍ଟ।

**ଜୁଲାଇ ୨୦:** ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଲେ।

**ସେପ୍ଟେମ୍ବର ୨୭:** ଏକ ୫ ଜଣିଆ ସାମ୍ବିଧାନିକ ପୀଠରେ ମାମଲାର ଶୁଣାଣିକୁ ପ୍ରତ୍ୟାଖ୍ୟାନ କଲେ। ଏହାସହ ଅକ୍ଟୋବର ୨୯ରେ ଗଠନ ହେବାକୁ ଥିବା ତିନିଜଣିଆ ଖଣ୍ଡପୀଠରେ ଏହାର ବିଚାର କରାଯିବ ବୋଲି ସ୍ଥିର କଲେ।

**ଅକ୍ଟୋବର ୨୯:** ଜାନୁୟାରୀ ପ୍ରଥମ ସପ୍ତାହରେ ଉପଯୁକ୍ତ ଖଣ୍ଡପୀଠରେ ମାମଲାର ଶୁଣାଣି ପାଇଁ ସୁପ୍ରିମକୋର୍ଟ ଧାର୍ଯ୍ୟ କଲେ।

**ଡିସେମ୍ବର ୨୪:** ସୁପ୍ରିମକୋର୍ଟ ୨୦୧୯ ଜାନୁୟାରୀ ୪ରେ ପିଟିଶନଗୁଡ଼ିକର ଶୁଣାଣି କରାଯିବ ବୋଲି ସ୍ଥିର କଲେ।

**୨୦୧୯ ଜାନୁୟାରୀ ୪:** ସୁପ୍ରିମକୋର୍ଟରେ ଗଠନ କରାଯାଇଥିବା ଏକ ଉପଯୁକ୍ତ ଖଣ୍ଡପୀଠରେ ଜାନୁୟାରୀ ୧୦ରେ ଜମି ବିବାଦ ମାମଲାର ପରବର୍ତ୍ତୀ ଶୁଣାଣି ତାରିଖ ସ୍ଥିର ପାଇଁ ରାୟ ଶୁଣାଇବାକୁ ଧାର୍ଯ୍ୟ କରାଗଲା।

**ଜାନୁୟାରୀ ୮:** ସୁପ୍ରିମକୋର୍ଟ ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କଲେ। ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଏନ୍.ଭି. ରମନ୍ନା, ୟୁ.ୟୁ. ଲଳିତ ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ ଉକ୍ତ ପୀଠରେ ରହିଲେ।

**ଜାନୁୟାରୀ ୧୦:** ଜଷ୍ଟିସ୍ ଲଳିତ ଉକ୍ତ ଶୁଣାଣିରୁ ଓହରିଯିବା ପରେ ନୂଆ ପୀଠରେ ଜାନୁୟାରୀ ୨୯ ତାରିଖରେ ବିଚାର ପାଇଁ ସ୍ଥିର କରାଗଲା।

**ଜାନୁୟାରୀ ୨୫:** ସିଜେଆଇ ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିରଙ୍କୁ ନେଇ ପାଞ୍ଚଜଣିଆ ସାମ୍ବିଧାନିକ ପୀଠ ଗଠନ କରାଗଲା।

**ଜାନୁୟାରୀ ୨୯:** ବିବାଦୀୟ ସ୍ଥଳ ଚତୁଃପାର୍ଶ୍ୱରେ ଥିବା ୬୭ ଏକର ଅଧିଗୃହୀତ ଜମିକୁ ମୂଳ ମାଲିକମାନଙ୍କୁ ଫେରସ୍ତ କରିବା ଲାଗି ଅନୁମତି ପ୍ରଦାନ ସକାଶେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ କେନ୍ଦ୍ର ସରକାର।

**ଫେବୃୟାରୀ ୨୬:** ସୁପ୍ରିମକୋର୍ଟ ମଧ୍ୟସ୍ଥତା ପାଇଁ ପରାମର୍ଶ ଦେଲେ। ଏହାସହ କୋର୍ଟ-ନିଯୁକ୍ତ ମଧ୍ୟସ୍ଥଙ୍କ ଜରିଆରେ ସମାଧାନ ପାଇଁ ମାର୍ଚ୍ଚ ୫ରେ ନିଷ୍ପତ୍ତି ନେବାକୁ ଧାର୍ଯ୍ୟ କଲେ।

**ମାର୍ଚ୍ଚ ୮:** ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏଫ୍. ଏମ୍. କାଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ମଧ୍ୟସ୍ଥ କମିଟି ଜରିଆରେ ଜମି ବିବାଦର ସମାଧାନ ପାଇଁ ସ୍ଥିର କରାଗଲା।

**ଏପ୍ରିଲ ୯:** ବିବାଦୀୟ ସ୍ଥଳର ଚାରିପଟେ ଅଧିଗୃହୀତ ଜମିକୁ ମୂଳ ମାଲିକଙ୍କୁ ଫେରାଇବା ପାଇଁ କେନ୍ଦ୍ରର ପ୍ରସ୍ତାବକୁ ନିର୍ମୋହୀ ଆଖଡ଼ା ବିରୋଧ କଲା।

**ମେ ୯:** ତିନି ସଦସ୍ୟ ବିଶିଷ୍ଟ ମଧ୍ୟସ୍ଥ କମିଟି ସୁପ୍ରିମକୋର୍ଟରେ ଅନ୍ତରୀଣ ରିପୋର୍ଟ ଦାଖଲ କଲା।

**ମେ ୧୦:** ମଧ୍ୟସ୍ଥତା ପ୍ରକ୍ରିୟା ଅଗଷ୍ଟ ୧୫ ମଧ୍ୟରେ ଶେଷ କରିବା ପାଇଁ ସୁପ୍ରିମକୋର୍ଟ ସମୟ ସୀମା ବଢ଼ାଇଲେ।

**ମେ ୧୧:** ମଧ୍ୟସ୍ଥତାର ଅଗ୍ରଗତି ନେଇ ରିପୋର୍ଟ ମାଗିଲେ ସର୍ବୋଚ୍ଚ ଅଦାଲତ।

**ଜୁଲାଇ ୧୮:** ମଧ୍ୟସ୍ଥତା ପ୍ରକ୍ରିୟା ଜାରି ରଖିବା ପାଇଁ ଅନୁମତି ପ୍ରଦାନ ସହ ଅଗଷ୍ଟ ୧ ସୁଦ୍ଧା ରିପୋର୍ଟ ଦେବାକୁ କହିଲେ।

**ଅଗଷ୍ଟ ୧:** ବନ୍ଦ ଲଫାପାରେ ସୁପ୍ରିମକୋର୍ଟରେ ମଧ୍ୟସ୍ଥତା ରିପୋର୍ଟ ଦାଖଲ।

**ଅଗଷ୍ଟ ୨:** ମଧ୍ୟସ୍ଥତା ବିଫଳ ହେବା ପରେ ଅଗଷ୍ଟ ୬ରୁ ଦୈନନ୍ଦିନ ଶୁଣାଣି ପାଇଁ ସୁପ୍ରିମକୋର୍ଟ ସ୍ଥିର କଲେ।

**ଅଗଷ୍ଟ ୬:** ଜମି ବିବାଦ ମାମଲାର ଦୈନନ୍ଦିନ ଶୁଣାଣି ଆରମ୍ଭ।

**ଅକ୍ଟୋବର ୪:** ଅକ୍ଟୋବର ୧୭ରେ ଶୁଣାଣି ଶେଷକରି ନଭେମ୍ବର ୧୭ ସୁଦ୍ଧା ରାୟ ଦେବାକୁ ଅଦାଲତ ଧାର୍ଯ୍ୟ କଲେ।
➥ଉତ୍ତର ପ୍ରଦେଶ ସୁନ୍ନି ସେଣ୍ଟ୍ରାଲ ୱାକଫ୍ ବୋର୍ଡ ଅଧ୍ୟକ୍ଷଙ୍କୁ ସୁରକ୍ଷା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ।

**ଅକ୍ଟୋବର ୧୬:** ସୁପ୍ରିମକୋର୍ଟ ସାମ୍ବିଧାନିକ ପୀଠ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଲେ।

## ଅନୁଚ୍ଛେଦ ୧୪୨ କ'ଣ

ବହୁ ପ୍ରତୀକ୍ଷିତ ଅଯୋଧ୍ୟା ମାମଲାରେ ସୁପ୍ରିମକୋର୍ଟ ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁଯାୟୀ କେତେକ ରାୟ ଶୁଣାଇବା ସହ ୨.୭୭ ଏକର ବିବାଦୀୟ ଜମି ହସ୍ତାନ୍ତର ଲାଗି ଗଠନ ହେବାକୁ ଥିବା ଟ୍ରଷ୍ଟରେ ନିର୍ମୋହୀ ଆଖଡ଼ା ସଦସ୍ୟଙ୍କୁ ସାମିଲ କରିବା ଲାଗି ପରାମର୍ଶ ଦେଇଛନ୍ତି। ୧୪୨ ଧାରା ଉପରେ ସୁପ୍ରିମକୋର୍ଟଙ୍କ ବିଶେଷ ଅଧିକାର ରହିଛି। କୌଣସି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣିରେ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ଲାଗି ୧୪୨ ଧାରା ବ୍ୟବହାର କରାଯାଇଥାଏ।

# ବାବ୍ରୀ ମସ୍‌ଜିଦ ଭଙ୍ଗ ଆଇନର ଉଲ୍ଲଂଘନ



### ଭୁଲ୍‌ର ସଂଶୋଧନ ଜରୁରୀ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୯।୧୧

ଦୀର୍ଘବର୍ଷର ଅଯୋଧ୍ୟା ଜମି ବିବାଦ ମାମଲାରେ ସୁପ୍ରିମକୋର୍ଟ ଶନିବାର ଐତିହାସିକ ରାୟ ପ୍ରଦାନ କରିଛନ୍ତି। ବିବାଦୀୟ ଜମି ଉପରେ ରାମ ମନ୍ଦିର ନିର୍ମାଣ ପାଇଁ ଅଦାଲତ ଅନୁମତି ଦେବା ସହ ମୁସଲମାନ ପକ୍ଷଙ୍କୁ ମସ୍‌ଜିଦ ନିର୍ମାଣ ଲାଗି ଅନ୍ୟତ୍ର ୫ ଏକର ଜମି ପ୍ରଦାନ ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ୧୯୩୪ରେ ବାବ୍ରୀ ମସ୍‌ଜିଦର କ୍ଷତି କରିବା, ୧୯୪୯ରେ ଏହାର ଅପବିତ୍ରକରଣ ଏବଂ ୧୯୯୨ ଡିସେମ୍ବର ୬ରେ ଏହାକୁ ଭାଙ୍ଗିଦେବା ଆଇନର ଗୁରୁତର ଉଲ୍ଲଂଘନ ବୋଲି ସୁପ୍ରିମକୋର୍ଟ ଶନିବାର ତାଙ୍କ ରାୟରେ କହିଛନ୍ତି।

ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍. ଅବଦୁଲ ନାଜିରଙ୍କୁ ନେଇ ଗଠିତ ସାମ୍ବିଧାନିକ ପୀଠ ସର୍ବସମ୍ମତିକ୍ରମେ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଅଦାଲତ କହିଛନ୍ତି, ୧୯୪୯ ଡିସେମ୍ବର ୨୨ ରାତିରେ ବାବ୍ରୀ ମସ୍‌ଜିଦ ମଧ୍ୟରେ ଭଗବାନ ରାମଙ୍କ ପ୍ରତିମୂର୍ତ୍ତି ରଖାଯାଇ ଏହାକୁ ଅପବିତ୍ର କରାଯାଇଥିଲା। ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହେବାରୁ ମୁସଲମାନ ସମ୍ପ୍ରଦାୟକୁ ଉକ୍ତ ମସ୍‌ଜିଦରେ ନମାଜ ପଢ଼ିବାକୁ ଦିଆଗଲା ନାହିଁ। ଏହି ଘଟଣାରେ ମୁସଲମାନମାନଙ୍କୁ ମସ୍‌ଜିଦରୁ ବିଦା କରିବା କୌଣସି ଆଇନଗତ କର୍ତ୍ତୃପକ୍ଷଙ୍କ ଦ୍ୱାରା ହୋଇ ନ ଥିଲା, ବରଂ ସେମାନଙ୍କୁ ପୂଜା କରିବା ଅଧିକାରରୁ ବଞ୍ଚିତ କରିବା ଉଦ୍ଦେଶ୍ୟରେ କରାଯାଇଥିଲା। ବିବାଦୀୟ ମସ୍‌ଜିଦର ଭିତର ଅଗଣାକୁ କବ୍‌ଜା କରାଯିବା ପରେ ହିନ୍ଦୁ ଦେବତାଙ୍କ ପୂଜା ଲାଗି ଅନୁମତି ଦିଆଯାଇଥିଲା ଏବଂ ସିଆର୍‌ପିସି ୧୮୯୮ର ଧାରା ୧୪୫ ଲାଗୁ କରାଯାଇ ଜଣେ ରିସିଭରଙ୍କୁ ନିଯୁକ୍ତ କରାଯାଇଥିଲା। ୪୫୦ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ମସ୍‌ଜିଦରେ ମୁସଲମାନମାନଙ୍କୁ ପୂଜା କରିବା ଅଧିକାରରୁ ବଞ୍ଚିତ କରାଯିବା ଭୁଲ୍ ଥିଲା ବୋଲି ଅଦାଲତ କହିଛନ୍ତି।

ସେହିପରି ୧୯୯୨ ଡିସେମ୍ବର ୬ରେ ବାବ୍ରୀ ମସ୍‌ଜିଦକୁ ଭାଙ୍ଗି ମାଟିରେ ମିଶାଇଦିଆଗଲା। ସରକାର ଉକ୍ତ ବିବାଦୀୟ ସ୍ଥଳର ସ୍ଥିତାବସ୍ଥା ବଜାୟ ରଖିବାକୁ କୋର୍ଟଙ୍କୁ ପ୍ରତିଶ୍ରୁତି ଦେବା ସତ୍ତ୍ୱେ ଏହାର ଉଲ୍ଲଂଘନ କରାଗଲା। ମସ୍‌ଜିଦ ଭଙ୍ଗାଯିବା ଓ ମୁସଲମାନ ଢାଞ୍ଚାର ବିଲୋପ କରିବା ଆଇନ ଶାସନର ଗୁରୁତର ଉଲ୍ଲଂଘନ ଥିଲା ବୋଲି ସାମ୍ବିଧାନିକ ପୀଠ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଭୁଲ୍‌ର ସଂଶୋଧନ ଜରୁରୀ ଏହା ସୁନିଶ୍ଚିତ କରିବା ଲାଗି ସର୍ବୋଚ୍ଚ ଅଦାଲତ ଅନୁଚ୍ଛେଦ ୧୪୨ ଅନୁଯାୟୀ ବିବାଦୀୟ ଜମି ଉପରେ ପ୍ରଥମ ପକ୍ଷ ରାମଲାଲାଙ୍କ ମନ୍ଦିର ନିର୍ମାଣ ଲାଗି ଅନୁମତି ଦେଇଥିଲାବେଳେ ତୃତୀୟ ପକ୍ଷ ନିର୍ମୋହୀ ଆଖଡାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ୩ ମାସ ମଧ୍ୟରେ ଗଠନ ହେବାକୁ ଥିବା ଟ୍ରଷ୍ଟରେ ସଦସ୍ୟ ରଖିବାକୁ କହିଛନ୍ତି। ଏଥିସହିତ ମୁସଲମାନ ପକ୍ଷଙ୍କୁ ବିକଳ୍ପ ଜମି ଯୋଗାଇଦେବାକୁ କହିବା ସହ ମନ୍ଦିର ନିର୍ମାଣ ଓ ଆନୁଷଙ୍ଗିକ କାର୍ଯ୍ୟରେ ସହଯୋଗ କରିବାକୁ କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ମୋକଦ୍ଦମା ୫ରେ ନ୍ୟାୟ ମିଳିବା ସହ ମୋକଦ୍ଦମା ୪ରେ ଆଂଶିକ ବିଜୟ ହୋଇଥିବା ଅଦାଲତ କହିଛନ୍ତି। ସମ୍ବିଧାନ ସବୁ ଧର୍ମକୁ ସମାନ ଅଧିକାର ଦେଇଛି। ସହିଷ୍ଣୁତା ଓ ପାରସ୍ପରିକ ସହାବସ୍ଥାନ ଆମ ଦେଶ ତଥା ଦେଶବାସୀଙ୍କ ଧର୍ମନିରପେକ୍ଷ ପ୍ରତିବଦ୍ଧତାକୁ ପରିପୁଷ୍ଟ କରିଛି। ଏକ ଧର୍ମନିରପେକ୍ଷ ରାଷ୍ଟ୍ରର ଆଇନ ବ୍ୟବସ୍ଥାରେ ମୁସଲମାନଙ୍କ ଅଧିକାରକୁ ଅଣଦେଖା କରି ନ୍ୟାୟ ପ୍ରଦାନ କରାଯାଇପାରିବ ନାହିଁ ବୋଲି ସାମ୍ବିଧାନିକ ପୀଠ କହିଛନ୍ତି। ସୁନ୍ନୀ ୱାକଫ୍ ବୋର୍ଡକୁ କେନ୍ଦ୍ର ସରକାର ଅଧିଗ୍ରହଣ କରିଥିବା ଜମିରୁ ଦେଇପାରିବେ କିମ୍ବା ଉତ୍ତରପ୍ରଦେଶ ସରକାର ଅଯୋଧ୍ୟା ସହର ମଧ୍ୟରେ ପ୍ରଦାନ କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି।

ଅଯୋଧ୍ୟା ଜମି ବିବାଦ ମାମଲାରେ ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟର ୯ ବର୍ଷ ପରେ ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟ ଆସିଛି। ବିବାଦୀୟ ଜମିକୁ ତିନି ପକ୍ଷ ରାମଲାଲା ବିରାଜମାନ, ସୁନ୍ନୀ ୱାକଫ୍ ବୋର୍ଡ ଏବଂ ନିର୍ମୋହୀ ଆଖଡ଼ା ମଧ୍ୟରେ ସମାନ ଭାବେ ବାଣ୍ଟିଦେବା ପାଇଁ ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନିର୍ମୋହୀ ଆଖଡ଼ା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଭଗବାନ ରାମଙ୍କ ଭକ୍ତ ଭାବରେ ଶହ ଶହ ବର୍ଷ ଧରି ପୂଜା କରିଆସୁଥିବାରୁ ମନ୍ଦିର ଉପରେ ଏହା ସେବାୟତ ଅଧିକାର ସହ ମନ୍ଦିର ସମ୍ପତ୍ତିର ପରିଚାଳନା ଅଧିକାର ଦାବି କରିଥିଲା।

# ସାମ୍ବିଧାନିକ ପୀଠର ୫ ବିଚାରପତି

### ଜଷ୍ଟିସ ରଞ୍ଜନ ଗୋଗୋଇ



### ଜଷ୍ଟିସ ଶରଦ ଅରବିନ୍ଦ ବୋବ୍‌ଡେ



### ଜଷ୍ଟିସ ଧନଞ୍ଜୟ ୟଶ୍ୱନ୍ତ ଚନ୍ଦ୍ରଚୂଡ଼



### ଜଷ୍ଟିସ ଅଶୋକ ଭୂଷଣ



### ଜଷ୍ଟିସ ଏସ୍. ଅବଦୁଲ ନଜିର



## ପ୍ରତିକ୍ରିୟା



"ସୁପ୍ରିମକୋର୍ଟରାୟକୁମୁଁସମ୍ମାନକରୁଛି।ସମସ୍ତେଶାନ୍ତିରକ୍ଷାସହସାମ୍ପ୍ରଦାୟିକ ସଦ୍‌ଭାବ ଓ ଭାଇଚାରା ବଜାୟ ରଖିବା ଲାଗି ପଦକ୍ଷେପ ନେବା ଜରୁରୀ।
-ରାହୁଲ ଗାନ୍ଧୀ,ବରିଷ୍ଠ କଂଗ୍ରେସ ନେତା



"ଅଯୋଧ୍ୟା ବିବାଦ ସଂକ୍ରାନ୍ତୀୟ ଐତିହାସିକ ରାୟକୁ ସମ୍ମାନ କରୁଛି ଓ ଭବିଷ୍ୟତରେ ଗ୍ରହଣ କରାଯିବାକୁ ଥିବା ସମସ୍ତ ପଦକ୍ଷେପ ଆପୋସ ବୁଝାମଣା ଜରିଆରେ ହେବା ଦରକାର।
-ମାୟାବତୀ,ବିଏସ୍‌ପି ମୁଖ୍ୟ



"ଅଯୋଧ୍ୟା ମାମଲାର ସୁପ୍ରିମକୋର୍ଟ ରାୟରେ ମୁଁ ସନ୍ତୁଷ୍ଟ ନୁହେଁ। ଆମକୁ ଦାନରେ ୫ ଏକର ଜାଗା ଦରକାର ନାହିଁ। ଆମେ ଆଇନଗତ ଲଢ଼େଇ ଜାରିରଖିବୁ।
-ଅସାଦୁଦ୍ଦିନ ଓୱାଇସି,ଏଆଇଏମ୍ଆଇଏମ୍ ମୁଖ୍ୟ



"ଅଯୋଧ୍ୟା ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ସମ୍ମାନ ଦେଉଛି। ଏଥିରେ ମୁଁ ସନ୍ତୁଷ୍ଟ ନୁହେଁ। ଏଥିରେ ଅନେକ ଦ୍ୱନ୍ଦ୍ୱ ରହିଛି। ଏହାର ପୁନଃସମୀକ୍ଷା କରାଯିବା ଦରକାର।
-ଜାଫର୍‌ୟାବ୍ ଜିଲାନି,
ଉତ୍ତରପ୍ରଦେଶ ସୁନ୍ନି କେନ୍ଦ୍ରୀୟ ୱାକଫ୍ ବୋର୍ଡ ଓକିଲ



"ଅଯୋଧ୍ୟା ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଐତିହାସିକ। ଏହାକୁ ମୁଁ ସମ୍ମାନ କରୁଛି। ଏହା ଲୋକମାନଙ୍କର ବିଜୟ।
-ସି.ଏସ୍. ବୈଦ୍ୟନାଥନ୍,
ରାମ ଲାଲା ପକ୍ଷର ଓକିଲ




"ଭାରତ ଇତିହାସରେ ଏହି ରାୟ ସବୁଠାରୁ ଅଧିକ ପ୍ରତୀକ୍ଷାପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ ଥିଲା। ଭଗବାନ ରାମ ଚାହିଁଲେ ଓ ନୂଆ ରାମମନ୍ଦିର ଲାଗି ସବୁଜ ସଂକେତ ମିଳିଲା।
-ସୁବ୍ରମଣ୍ୟମ୍ ସ୍ୱାମୀ, ବରିଷ୍ଠ ଭାଜପା ନେତା



"ସୁପ୍ରିମକୋର୍ଟ ରାୟରେ ଅସନ୍ତୁଷ୍ଟ ହେବାର କିଛିନାହିଁ। ଆମେ କେବଳ ସେବାୟତ କି ଭକ୍ତ ନୋହୁଁ। କୋର୍ଟ ରାମ ଲାଲାଙ୍କ ସପକ୍ଷରେ ରାୟ ଦେଇଛନ୍ତି। ଆମ ଅଭିଳାଷ ପୂରଣ ହୋଇଛି।
-ମହନ୍ତ ଧର୍ମଦାସ,
ନିର୍ମୋହୀ ଆଖଡ଼ା



"ଲୋକଙ୍କ ଆସ୍ଥା ଓ ବିଶ୍ୱାସ ସପକ୍ଷରେ ରାୟ ଆସିଥିବାରୁ ମୁଁ କୃତଜ୍ଞ। ସମସ୍ତ ୨.୭୭ ଏକର ଜମି ରାମ ଲାଲାଙ୍କ ସପକ୍ଷରେ ହୋଇଛି। ସୁପ୍ରିମକୋର୍ଟଙ୍କ ରାୟ ହିନ୍ଦୁଙ୍କ ମଧ୍ୟରେ ପୁନଃ ଆସ୍ଥା ସୃଷ୍ଟିକରିଛି।
-ପି.ଏସ୍. ନରସିଂହ,
ରାମ ଲାଲା ବିରାଜମାନ ଓକିଲ



"ସୁପ୍ରିମକୋର୍ଟ ରାୟକୁ ସମସ୍ତେ ସମ୍ମାନ ଜଣାଇ ଶାନ୍ତି ଓ ଭାଇଚାରା ବଜାୟ ରଖିବାରେ ସହାୟକ ହେବା ଉଚିତ। ଏହାକୁ ନେଇ ରାଜନୀତି କରିବା କିମ୍ବା ରକ୍ତପାତ ସୃଷ୍ଟିକରିବା ଅନୁଚିତ।
-ଅଶୋକ ଗେହଲଟ୍,
ରାଜସ୍ଥାନ ମୁଖ୍ୟମନ୍ତ୍ରୀ



"ସୁପ୍ରିମକୋର୍ଟ ରାୟକୁ ଆମେ ସ୍ୱାଗତ କରୁଛୁ। ଏହାକୁ ଚ୍ୟାଲେଞ୍ଜ କରିବାର କୌଣସି ଯୋଜନା ନାହିଁ। ରାୟକୁ ଠିକିନିଖି ଅନୁଧ୍ୟାନ କରିବା ପରେ ବିବୃତି ରଖାଯିବ।
-ଜାଫର ଅହମଦ ଫାରୁକି
ଉତ୍ତରପ୍ରଦେଶ ସୁନ୍ନି କେନ୍ଦ୍ରୀୟ ୱାକଫ ବୋର୍ଡ ଅଧ୍ୟକ୍ଷ



"ରାୟକୁ ସ୍ୱାଗତ କରୁଛି। ଦଶନ୍ଧି ଦଶନ୍ଧି ଧରି ରହିଥିବା ବିବାଦର ଅନ୍ତ ହୋଇଛି। ଲୋକମାନେ ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରଖିବା ଉଚିତ୍।
-ଅରବିନ୍ଦ କେଜ୍‌ରିୱାଲ,
ଦିଲ୍ଲୀ ମୁଖ୍ୟମନ୍ତ୍ରୀ



"ରାମ ଲାଲାଙ୍କ ଜନ୍ମସ୍ଥାନରେ ରାମମନ୍ଦିର ନିର୍ବାଣ ଲାଗି ସର୍ବୋଚ୍ଚ ଅଦାଲତ ଦେଇଥିବା ରାୟ ସ୍ୱାଗତଯୋଗ୍ୟ। ଏଥିଲାଗି ଉତ୍ସର୍ଗୀକୃତ ଲକ୍ଷ ଲକ୍ଷ କରସେବକଙ୍କୁ ମୋର ଅଭିନନ୍ଦନ।
-ପ୍ରବୀଣ ତୋଗାଡ଼ିଆ,
ଭିଏଚ୍‌ପିର ପୂର୍ବତନ ସଭାପତି

# ୪୦ ଦିନିଆ ଶୁଣାଣି ସୁପ୍ରିମକୋର୍ଟ ଇତିହାସରେ ଦ୍ୱିତୀୟ ଦୀର୍ଘତମ



ଅଯୋଧ୍ୟା ରାୟ ଦେବା ପରେ ସାମ୍ବିଧାନିକ ପୀଠର ୫ ବିଚାରପତି: ସିଜେଆଇ ରଞ୍ଜନ ଗୋଗୋଇ(ମଝି), ଜଷ୍ଟିସ୍ ଅଶୋକ ଭୂଷଣ, ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଜଷ୍ଟିସ୍ ଧନଞ୍ଜୟ ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ଏସ୍. ଅବ୍‌ଦୁଲ ନାଜିର (ବାମରୁ ଡାହାଣ)।

ନୂଆଦିଲ୍ଲୀ,୯।୧୧(ପି.ଟି.)

ଦୀର୍ଘ ଦଶନ୍ଧିର ମନ୍ଦିର-ମସ୍‌ଜିଦ ଜମି ବିବାଦ ମାମଲା ଉଭୟ ରାଜନୈତିକ ଓ ଧର୍ମୀୟ ଦୃଷ୍ଟିରୁ ସମ୍ବେଦନଶୀଳ ହୋଇଥିଲାବେଳେ ସୁପ୍ରିମକୋର୍ଟରେ କ୍ରମାଗତ ୪୦ ଦିନ ଧରି ଏହାର ଶୁଣାଣି ହୋଇଥିଲା। ସର୍ବୋଚ୍ଚ ଅଦାଲତ ଇତିହାସରେ ଏହା ଦ୍ୱିତୀୟ ଦୀର୍ଘତମ ଶୁଣାଣି। ୨.୭୭ ଏକର ବିବାଦୀୟ ଜମିକୁ ନେଇ ସୁପ୍ରିମକୋର୍ଟରେ ଅଗଷ୍ଟ ୬ରୁ ଅକ୍ଟୋବର ୧୬ ପର୍ଯ୍ୟନ୍ତ ଦୈନନ୍ଦିନ ଶୁଣାଣି ହୋଇଥିଲା, ଯାହାର ରାୟ ଶନିବାର ପ୍ରକାଶ ପାଇଛି। ଏହା ପୂର୍ବରୁ ୧୯୭୩ର କେଶବାନନ୍ଦ ଭାରତୀ ମାମଲାରେ ସର୍ବାଧିକ ୬୮ ଦିନ ଶୁଣାଣି ହୋଇଥିଲା। ତୃତୀୟ ଦୀର୍ଘତମ ଶୁଣାଣି ଥିଲା ଆଧାର ଯୋଜନାର ବୈଧତାକୁ ନେଇ। ଏହି ମାମଲାରେ ୩୮ ଦିନ ଶୁଣାଣି ହୋଇଥିଲା। ଅଯୋଧ୍ୟା ମାମଲାର ଶୁଣାଣି ଅକ୍ଟୋବର ୧୮ରେ ଶେଷ କରିବାକୁ ସମୟ ଧାର୍ଯ୍ୟ ହୋଇଥିଲା ଓ ପରେ ସମୟସୀମାକୁ ୧୭କୁ ହ୍ରାସ କରାଯାଇଥିଲା। ତେବେ ୧୬ ତାରିଖ ଶୁଣାଣି ପରେ ଯଥେଷ୍ଟ ହୋଇଗଲା ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ କହିବା ସହ ଏହାର ପରିସମାପ୍ତି ଘଟାଇ ରାୟ ସଂରକ୍ଷିତ ରଖିଥିଲେ। ପ୍ରଧାନ ବିଚାରପତି ପଦରୁ ଜଷ୍ଟିସ୍ ଗୋଗୋଇ ନଭେମ୍ବର ୧୭ରେ ଅବସର ନେବାକୁ ଥିବାରୁ ଏହା ପୂର୍ବରୁ ରାୟ ପ୍ରକାଶ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା।

# ଅଯୋଧ୍ୟା ବିବାଦର ଇତିହାସ

ନୂଆଦିଲ୍ଲୀ,୯।୧୧

ଅଯୋଧ୍ୟାରେ ୨.୭୭ ଏକର ଜମିକୁ ନେଇ ବହୁ ଦଶନ୍ଧି ଧରି ବିବାଦ ଲାଗିରହିଛି। ଏହି ମାମଲା ଅନେକ ବର୍ଷ ଧରି ଏକ ରାଜନୈତିକ, ଐତିହାସିକ ତଥା ସାମାଜିକ-ଧର୍ମୀୟ ବିତର୍କ ହୋଇ ରହିଆସିଛି। ବାବ୍ରୀ ମସ୍‌ଜିଦ ନିର୍ମାଣ ହୋଇଥିବା ଉକ୍ତ ସ୍ଥାନ ଭଗବାନ ରାମଙ୍କ ଜନ୍ମସ୍ଥାନ ଓ ସେଠାରେ ପୂର୍ବରୁ ମନ୍ଦିର ଥିଲା ବୋଲି ହିନ୍ଦୁମାନେ ଦାବି କରିଥାନ୍ତି। ମୋଗଲ ସମ୍ରାଟ ବାବର ଉକ୍ତ ମନ୍ଦିରକୁ ଭାଙ୍ଗି ସେଠାରେ ମସ୍‌ଜିଦ ନିର୍ମାଣ କରିଥିଲେ। ପରେ ଉକ୍ତ ଜମି ବିବାଦ ମାମଲା ଆଲ୍ଲାହାବାଦ ହାଇକୋର୍ଟକୁ ଯାଇଥିଲା ଏବଂ ୨୦୧୦ ସେପ୍ଟେମ୍ବରରେ ଅଦାଲତ ଉକ୍ତ ଜମିକୁ ରାମ ଲାଲା, ସୁନ୍ନୀ ୱାକଫ୍ ବୋର୍ଡ ଏବଂ ନିର୍ମୋହୀ ଆଖଡା ମଧ୍ୟରେ ସମାନ ଭାବେ ବାଣ୍ଟିଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ହିନ୍ଦୁମାନଙ୍କ ବିଶ୍ୱାସ ଅନୁଯାୟୀ ଉକ୍ତ ସ୍ଥାନ ଭଗବାନ ରାମଙ୍କ ଜନ୍ମସ୍ଥାନ ଏବଂ ହିନ୍ଦୁ ମନ୍ଦିର ଭଙ୍ଗାଯାଇ ସେଠାରେ ବାବ୍ରୀ ମସ୍‌ଜିଦ ନିର୍ମାଣ ହୋଇଥିବା ହାଇକୋର୍ଟ ତାଙ୍କ ରାୟରେ କହିଥିଲେ। ପୌରାଣିକ ମତ ଅନୁଯାୟୀ ରାମ ହେଉଛନ୍ତି ବିଷ୍ଣୁଙ୍କ ସପ୍ତମ ଅବତାର। ଅଯୋଧ୍ୟାରେ ତାଙ୍କର ଜନ୍ମ ହୋଇଥିବା ରାମାୟଣରେ ବର୍ଣ୍ଣିତ ଅଛି। ଏକାଦଶ ଶତାବ୍ଦୀରେ ଲିଖିତ ତଥା ସଂଗୃହୀତ ଅଯୋଧ୍ୟା ମାହାତ୍ମ୍ୟରେ ଅଯୋଧ୍ୟାକୁ ଏକ ତୀର୍ଥସ୍ଥାନ ଭାବେ ବର୍ଣ୍ଣନା କରାଯାଇଛି। ସମ୍ରାଟ ବାବରଙ୍କ ସେନାପତି ମିର୍ ବାକି ୧୫୨୮ରେ ବାବ୍ରୀ ମସ୍‌ଜିଦ ନିର୍ମାଣ କରିଥିଲେ। ୧୮୧୩-୧୪ରେ ଇଷ୍ଟ ଇଣ୍ଡିଆ କମ୍ପାନୀର ସର୍ବେକ୍ଷକ ଫ୍ରାନ୍ସିସ୍ ବୁଚାନାନ ଉକ୍ତ ମସ୍‌ଜିଦ କାନ୍ଥରୁ ଏକ ଶିଳାଲିପି ପାଇଥିଲେ ଯାହା ଏହାର ପ୍ରମାଣ ଦିଏ। ସେ ସେଠାକାର ସ୍ଥାନୀୟ ପରମ୍ପରାକୁ ମଧ୍ୟ ଲିପିବଦ୍ଧ କରିଥିଲେ। ତଦନୁଯାୟୀ ସେଠାରେ ରାମଙ୍କ ପାଇଁ ଉଦ୍ଦିଷ୍ଟ ମନ୍ଦିରକୁ ଭଙ୍ଗାଯାଇ ରାମ ମନ୍ଦିର ନିର୍ମାଣ ହୋଇଥିବା ବିଶ୍ୱାସ କରାଯାଏ। ୧୫୨୮ରୁ ୧୬୬୮ ମଧ୍ୟରେ ମସ୍‌ଜିଦ ସମ୍ପର୍କରେ କୌଣସି ତଥ୍ୟ ମିଳୁ ନ ଥିବାବେଳେ ରାଜପୁତ୍ ବିଦ୍ୱାନ ଦ୍ୱିତୀୟ ଜୟ ସିଂଙ୍କ ଐତିହାସିକ ତଥ୍ୟ ଅନୁଯାୟୀ ସେ ଉକ୍ତ ମସ୍‌ଜିଦ ଜମିକୁ କିଣି ୧୭୧୭ରେ ଏହାକୁ ଅବରୋଧ କରିଥିଲେ। ସେଠାରେ ମସ୍‌ଜିଦ ଭଳି ତିନି ଗମ୍ବୁଜ ବିଶିଷ୍ଟ ଶୌଧ ଓ ଏହାର ଅଗଣାରେ ହିନ୍ଦୁମାନେ ପୂଜା କରିବା ଲାଗି ଏକ ଚଉତରା ଥିଲା। ଏହାର ଅର୍ଦ୍ଧଶତାବ୍ଦୀ ପରେ ଖ୍ରୀଷ୍ଟ ଧର୍ମଯାଜକ ଯୋସେଫ୍ ଟିଫେନ୍‌ଥାଲର ଉଲ୍ଲେଖ କରିଥିଲେ, ଏକଦା ସେଠାରେ ବିଷ୍ଣୁଙ୍କ ଅବତାର ରାମ ଜନ୍ମଗ୍ରହଣ କରିଥିଲେ, ଯାହାର କେତେକ ପ୍ରମାଣ ମଧ୍ୟ ସେ ଉପସ୍ଥାପନ କରିଥିଲେ। ସେ ଯାହା ହେଉ ଉଭୟ ହିନ୍ଦୁ ଓ ମୁସଲମାନ ଉକ୍ତ ବିବାଦୀୟ ସ୍ଥଳୀରେ ପୂଜାପାଠ କରୁଥିଲେ। ମୁସଲମାନ ମସ୍‌ଜିଦ ଭିତରେ ନମାଜ ପାଠ କରୁଥିଲାବେଳେ ହିନ୍ଦୁମାନେ ବାହାର ଅଗଣାରେ ପୂଜାର୍ଚ୍ଚନା କରୁଥିଲେ। ଉକ୍ତ ରାଜ୍ୟକୁ ବ୍ରିଟିଶ ଅକ୍ତିଆର କରିବା ପରେ ବିବାଦ ଦୂରକରିବା ଲାଗି ସେଠାରେ ବାଡ଼ ଦେଇ ଦୁଇ ସ୍ଥାନକୁ ଅଲଗା କରିଥିଲେ। ତେବେ ୧୯୪୯ରେ ମସ୍‌ଜିଦ ଭିତରେ କେହି ରାମଙ୍କ ପ୍ରତିମୂର୍ତ୍ତି ରଖିଦେବାରୁ ଏହାକୁ ନେଇ ବିବାଦ ଜୋର ଧରିଥିଲା।

### ବିବାଦର ଆରମ୍ଭ




ଅଯୋଧ୍ୟା ବିବାଦକୁ ନେଇ ପ୍ରଥମ ହିଂସା ୧୮୫୦ ଦଶକରେ ମସ୍‌ଜିଦ ନିକଟରେ ହୋଇଥିଲା। ହିନ୍ଦୁମାନେ ବାବ୍ରୀ ମସ୍‌ଜିଦ ଉପରେ ଆକ୍ରମଣ କରିଥିଲେ। ୧୯୪୬ରେ ହିନ୍ଦୁ ମହାସଭା ଉକ୍ତ ବିବାଦୀୟ ଅଞ୍ଚଳକୁ ନିଜ ଅକ୍ତିଆରକୁ ନେବା ଲାଗି ଆନ୍ଦୋଳନ ଆରମ୍ଭ କରିଥିଲା। ୧୯୪୯ରେ ଗୋରଖନାଥ ମଠର ସନ୍ଥ ଦିଗ୍‌ବିଜୟ ନାଥ ଏହି ଆନ୍ଦୋଳନରେ ସାମିଲ ହୋଇ କ୍ରମାଗତ ୯ ଦିନ ରାମଚରିତ ମାନସ ଆବୃତ୍ତି କରିଥିଲେ। ଡିସେମ୍ବର ୨୨ରେ ହିନ୍ଦୁ କର୍ମୀମାନେ ମସ୍‌ଜିଦରେ ପ୍ରବେଶ କରି ସେଠାରେ ରାମସୀତାଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ମସ୍‌ଜିଦରୁ ରାମସୀତାଙ୍କ ପ୍ରତିମୂର୍ତ୍ତି କାଢ଼ିନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ହେଁ ସ୍ଥାନୀୟ ହିନ୍ଦୁ ଅଫିସର କେ.କେ.କେ. ନାୟର ସାମ୍ପ୍ରଦାୟିକ ଦଙ୍ଗା ଆଶଙ୍କାରେ ଏହାକୁ କାର୍ଯ୍ୟକାରୀ କରି ନ ଥିଲେ। ହିନ୍ଦୁ ଓ ମୁସଲମାନଙ୍କ ପାଇଁ ମସ୍‌ଜିଦ ଦ୍ୱାରକୁ ବନ୍ଦ କରିଦିଆଯାଇଥିଲା। ମସ୍‌ଜିଦରେ ମୂର୍ତ୍ତି ରହିବାରୁ ପୂଜାର୍ଚ୍ଚନା ପାଇଁ ପୂଜକଙ୍କୁ ଅନୁମତି ମିଳିଥିଲା। ଉଭୟ ସୁନ୍ନୀ ୱାକଫ୍ ବୋର୍ଡ ଏବଂ ଅଖିଳ ଭାରତୀୟ ରାମାୟଣ ମହାସଭା ବିବାଦୀୟ ଜମି ଉପରେ ଅଧିକାର ଦାବି କରି ସ୍ଥାନୀୟ କୋର୍ଟରେ ମାମଲା ଦାଏର କରିଥିଲେ।

୧୯୬୪ରେ ବିଶ୍ୱ ହିନ୍ଦୁ ପରିଷଦ ଗଠନ ହେବା ପରେ ବିବାଦୀୟ ସ୍ଥଳୀରେ ଆନ୍ଦୋଳନ ତେଜି ଥିଲା। ୮୦ ଦଶକରେ ଭିଏଚ୍‌ପି ସେଠାରେ ରାମଲାଲାଙ୍କ ମନ୍ଦିର ନିର୍ମାଣ ଲାଗି ଆନ୍ଦୋଳନକୁ ଜୋରଦାର କଲା। ୧୯୯୦ ସେପ୍ଟେମ୍ବରରେ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ ରାମମନ୍ଦିର ଆନ୍ଦୋଳନକୁ ସମର୍ଥନ ଯୋଗାଡ କରିବା ଲାଗି ଅଯୋଧ୍ୟାକୁ ରଥଯାତ୍ରା ଆରମ୍ଭ କରିଥିଲେ।



# ସତ୍ୟ, ନ୍ୟାୟର ବିଜୟ: ଭାଗବତ



**ନୂଆଦିଲ୍ଲୀ, ୯।୧୧(ପି.ଟି.):** ଅଯୋଧ୍ୟା ଜମି ବିବାଦ ମାମଲାରେ ସୁପ୍ରିମକୋର୍ଟ ଶନିବାର ଯେଉଁ ରାୟ ପ୍ରକାଶ କରିଛନ୍ତି, ସେଥିରେ ସତ୍ୟ ଓ ନ୍ୟାୟର ବିଜୟ ହୋଇଛି ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ କହିଛନ୍ତି। ଏହି ରାୟରେ କାହାରି ଜଣକ ବିଜୟ କିମ୍ବା ପରାଜୟ ହୋଇଥିବା କୁହାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ଶନିବାର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ନେଇ ଗଠିତ ୫ଜଣିଆ ଖଣ୍ଡପୀଠ ଯେଉଁ ରାୟ ପ୍ରକାଶ କରିଛନ୍ତି ତାକୁ ପରାଜୟବରଣ ଦୃଷ୍ଟିରେ ନ ଦେଖି ସମସ୍ତେ ଗ୍ରହଣ କରିବା ସହ ଦୀର୍ଘ ଦଶନ୍ଧି ଧରି ରହି ଆସିଥିବା ସମସ୍ତ ବାଦବିବାଦକୁ ଭୁଲିଯିବା ଆବଶ୍ୟକ। ଏବେ ସମସ୍ତେ ଏକାଠି ହୋଇ ଅଯୋଧ୍ୟାର ରାମ ମନ୍ଦିର ନିର୍ମାଣ ପାଇଁ କାର୍ଯ୍ୟ କରିବାର ସମୟ ଆସିଛି। ପୂର୍ବରୁ ଯାହା ଘଟିଥିଲା ତାକୁ ଏହିଠାରେ ସମାପ୍ତ କରି ମାମଲାର ସମସ୍ତ ପକ୍ଷ ସୁପ୍ରିମକୋର୍ଟଙ୍କ ରାୟକୁ ସାଦରରେ ଗ୍ରହଣ କରିବାକୁ ଭାଗବତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅଯୋଧ୍ୟା ମାମଲା ରାୟ ପ୍ରକାଶ ପାଇବା ପରେ ଏବେ ହିନ୍ଦୁ ସଂଗଠନ ମଥୁରା ଓ ବାରାଣସୀ ପ୍ରସଙ୍ଗ ଉଠାଇବ କି ଗଣମାଧ୍ୟମର ଆଉ ଏକ ପ୍ରଶ୍ନର ଉତ୍ତର ଦେଇ ଭାଗବତ କହିଛନ୍ତି ଯେ, ଆର୍‌ଏସ୍‌ଏସ୍ ଏକ ଚରିତ୍ର ନିର୍ମାଣ କରେ ବିଶୃଙ୍ଖଳା କିମ୍ବା ବିକ୍ଷୋଭ ସୃଷ୍ଟି କରେ ନାହିଁ ବୋଲି ଭାଗବତ କହିଛନ୍ତି।

# ମଧ୍ୟସ୍ଥଙ୍କ ଚୁକ୍ତିରେ ନାହିଁ ସବୁ ପକ୍ଷଙ୍କ ସ୍ୱାକ୍ଷର

ନୂଆଦିଲ୍ଲୀ,୯।୧୧(ପି.ଟି.)

ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦର ସମାଧାନ ପାଇଁ କେତେକ ପକ୍ଷ ମଧ୍ୟସ୍ଥତା ଲାଗି ରାଜି ହୋଇଥିଲେ ହେଁ ଏହା ସର୍ତ୍ତମୂଳକ ଥିଲା। ଏହାକୁ ମାନିବା କୌଣସି ପକ୍ଷ ପାଇଁ ବାଧ୍ୟତାମୂଳକ ନୁହେଁ ବୋଲି ଅଯୋଧ୍ୟା ରାୟ ପ୍ରକାଶ ବେଳେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ତେବେ ଶତାବ୍ଦୀ ପୁରୁଣା ଏହି ବିବାଦର ସମାଧାନ ଦିଗରେ ମଧ୍ୟସ୍ଥଙ୍କ ଉଦ୍ୟମକୁ ଖଣ୍ଡପୀଠ ପ୍ରଶଂସା କରିଛନ୍ତି। ମଧ୍ୟସ୍ଥ କମିଟି ସମସ୍ତ ପକ୍ଷଙ୍କୁ ଗୋଟିଏ ପ୍ଲାଟଫର୍ମକୁ ଆଣି ମୁକ୍ତ ଆଲୋଚନାରେ ସାମିଲ କରାଇଥିବା ଖଣ୍ଡପୀଠ କହିଛନ୍ତି।

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଫକିର ମହମ୍ମଦ ଇବ୍ରାହିମ୍ କାଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ମଧ୍ୟସ୍ଥ କମିଟିରେ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ଓ ବରିଷ୍ଠ ଆଇନଜୀବୀ ଶ୍ରୀରାମ ପଞ୍ଚୁ ସାମିଲ ଥିଲେ। ସେମାନେ ଆବେଦନଗୁଡ଼ିକରେ ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ସମ୍ଭାବ୍ୟ ଉପାୟ ଖୋଜିଥିଲେ। କିନ୍ତୁ ମଧ୍ୟସ୍ଥତା ବିଫଳ ହୋଇଥିଲା। ଅକ୍ଟୋବର ୧୬ରେ ଚୂଡ଼ାନ୍ତ ଶୁଣାଣି ଶେଷ ହେବା ପରେ ଉକ୍ତ ପ୍ୟାନେଲ 'ଫାଇନାଲ ରିପୋର୍ଟ ଅଫ୍ ଦି କମିଟି' ଶୀର୍ଷକ ଏକ ରିପୋର୍ଟ ଅଦାଲତରେ ଦାଖଲ କରିଥିଲା। କେତେକ ପକ୍ଷଙ୍କୁ ନେଇ ସମାଧାନର ପନ୍ଥା ବାହାରିଥିବା ଏଥିରେ ଉଲ୍ଲେଖ କରାଯାଇଥିଲା। ସୁନ୍ନି ୱାକଫ୍ ବୋର୍ଡ ତା'ର ସମସ୍ତ ଅଧିକାର ଓ ସ୍ୱାର୍ଥ ତ୍ୟାଗ କରିବାକୁ ରାଜି ହୋଇଥିଲେ ହେଁ ଅନ୍ୟ କେତେକ ସର୍ତ୍ତ ବାଢ଼ିଥିଲା। ମଧ୍ୟସ୍ଥ କମିଟି ଦାଏର କରିଥିବା ଚୁକ୍ତିନାମାରେ ମଧ୍ୟ ସମସ୍ତ ପକ୍ଷ ସ୍ୱାକ୍ଷର କରି ନ ଥିଲେ। ତେବେ ଏହା ସର୍ତ୍ତମୂଳକ ଥିଲା, ଯାହାକୁ ମାନିବା ବାଧ୍ୟତାମୂଳକ ନୁହେଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

### ଉଭୟ ପକ୍ଷ ଆଶ୍ୱସ୍ତ



**ନୂଆଦିଲ୍ଲୀ, ୯।୧୧:** ଅଯୋଧ୍ୟା ରାୟ ଉଭୟ ପକ୍ଷଙ୍କୁ ଆଶ୍ୱସ୍ତି ଦେଇଛି ବୋଲି ମଧ୍ୟସ୍ଥ କମିଟି ସଦସ୍ୟ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବିବାଦୀୟ ସ୍ଥଳରେ ରାମମନ୍ଦିର ନିର୍ମାଣ କରାଯିବା ସପକ୍ଷରେ ରାୟ ଆସିବା ଓ ଏକ ସ୍ୱତନ୍ତ୍ର ସ୍ଥାନରେ ସୁନ୍ନି ୱାକଫ ବୋର୍ଡକୁ ମସ୍‌ଜିଦ ନିର୍ମାଣ ଲାଗି ୫ ଏକର ଜାଗା ଯୋଗାଇ ଦେବା ଲାଗି ନିର୍ଦ୍ଦେଶ ମିଳିବା ଉଲ୍ଲେଖନୀୟ। ଏହି ରାୟ ଦଶନ୍ଧି ଧରି ଲାଗିରହିଥିବା ବିବାଦର ସମାଧାନ କରିପାରିଥିବା ସେ ମତ ଦେଇଛନ୍ତି। ରାୟକୁ ଗ୍ରହଣ କରିବା ସହ ବିଭିନ୍ନ ସ୍ଥାନରେ ଶାନ୍ତିରକ୍ଷା ଓ ଭାଇଚାରା ବଜାୟ ରଖିବା ଲାଗି ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

# ରାୟର ଲେଖକ କିଏ

ନୂଆଦିଲ୍ଲୀ,୯।୧୧

ଅଯୋଧ୍ୟା ମାମଲାରେ ସୁପ୍ରିମକୋର୍ଟ ଶନିବାର ୧୦୪୫ ପୃଷ୍ଠାର ରାୟ ପ୍ରକାଶ କରିଥିବାବେଳେ ଏହାର ଲେଖକ କିଏ ତାହା ପ୍ରକାଶ କରାଯାଇନାହିଁ। ସାଧାରଣତଃ ଖଣ୍ଡପୀଠ ତରଫରୁ କେଉଁ ବିଚାରପତି ରାୟକୁ ଲେଖିଛନ୍ତି ତାହା ସେଥିରେ ଉଲ୍ଲେଖ କରାଯାଇଥାଏ। କିନ୍ତୁ ଅଯୋଧ୍ୟା ମାମଲାରେ ତାହାକୁ ଗୋପନ ରଖାଯିବା ରହସ୍ୟମୟ ହୋଇଛି। ୫ ଜଣିଆ ସାମ୍ବିଧାନିକ ପୀଠ ସର୍ବସମ୍ମତିକ୍ରମେ ରାୟ ଦେଇଥିଲାବେଳେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏହାର ମୁଖ୍ୟ ବିନ୍ଦୁଗୁଡ଼ିକୁ ପଢ଼ିଥିଲେ। ଅନ୍ୟ ଏକ କୌତୂହଳପୂର୍ଣ୍ଣ କଥା ହେଲା ରାୟରେ ୧୧୬ ପୃଷ୍ଠାର ପରିଶିଷ୍ଟ ରହିଛି, ଯେଉଁଥିରେ ରାମଙ୍କ ଜନ୍ମସ୍ଥାନ କାହିଁକି ବିବାଦୀୟ ତାହା ଉଲ୍ଲେଖ କରାଯାଇଛି। ଏହାକୁ ମଧ୍ୟ କିଏ ଲେଖିଛନ୍ତି ତାହା ଦର୍ଶାଯାଇନାହିଁ। ଏହି ରାୟକୁ ଅନେକ ଦୃଷ୍ଟିରୁ ଐତିହାସିକ ବୋଲି କୁହାଯାଉଛି। ସୁପ୍ରିମକୋର୍ଟର ୬୯ ବର୍ଷ ଇତିହାସରେ ସମ୍ଭବତଃ ପ୍ରଥମ ଥର ପାଇଁ ଶନିବାର ରାୟ ପ୍ରଦାନ କରାଯାଇଛି। ଅଦାଲତ ସାଧାରଣତଃ ସୋମବାରରୁ ଶୁକ୍ରବାର ଚାଲିଥାଏ। ଅତି ଜରୁରୀ ପଡିଲେ ଶନିବାର କିମ୍ବା ଅନ୍ୟ ଛୁଟିଦିନରେ ଶୁଣାଣି ହୋଇଥାଏ। କିନ୍ତୁ ଦୀର୍ଘବର୍ଷର ଅଯୋଧ୍ୟା ମାମଲାର ରାୟ ପ୍ରଦାନ ପାଇଁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଶନିବାରକୁ ବାଛିଥିଲେ। ୧୯୯୨ ଡିସେମ୍ବର ୬ରେ ବାବ୍ରୀ ମସ୍‌ଜିଦ ଭଙ୍ଗ ପରେ ତତ୍କାଳୀନ ପ୍ରଧାନ ବିଚାରପତି ଏମ୍.ଏନ୍. ଭେଙ୍କଟଚାଲିୟା ସନ୍ଧ୍ୟାରେ ନିଜ ବାସଭବନରେ ସ୍ୱତନ୍ତ୍ର ଶୁଣାଣି କରିଥିଲେ।



ହିନ୍ଦୁ ମହାସଭାର ଆଇନଜୀବୀ ବରୁଣ କୁମାର ସିହ୍ନା ସୁପ୍ରିମକୋର୍ଟରୁ ଫେରିବା ପରେ ତାଙ୍କୁ ମିଠା ଖୁଆଯାଉଛି।



ଅଯୋଧ୍ୟାବାସୀ ପରସ୍ପରକୁ ମିଷ୍ଟାନ୍ନ ଖୁଆଇ ଉତ୍ସବ ମନାଉଛନ୍ତି।

## ବୁଲ୍‌ବୁଲ୍ ପ୍ରଭାବ

# ଭାଙ୍ଗିଲା ଶତାଧିକ ଗଛ, ବିଦ୍ୟୁତ୍ ଖୁଣ୍ଟ

**ବାସୁଦେବପୁର, ୯।୧୧(ଡି.ଏନ.ଏ.)**

ବୁଲ୍‌ବୁଲ୍ ପ୍ରଭାବରେ ଦୁଇଦିନ ଧରି ବର୍ଷା ଓ ପବନ ଲାଗି ରହିଥିବାବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶୁକ୍ରବାର ରାତିରେ ବର୍ଷା ଓ ପବନର ଅଧିକ ହେବାରୁ ଶତାଧିକ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିଛି। କେତେକ ଗଛ ବିପଦପୂର୍ଣ୍ଣ ଭାବେ ରାସ୍ତା ଓ ଲୋକଙ୍କ ଘର ଉପରେ ମଧ ଆଗେଇ ହୋଇରହିଛି। କେତେକ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଛି। ଆଉ କେତେକ ସ୍ଥାନରେ ବିଦ୍ୟୁତ୍ ତାରରେ ଗଛଗୁଡ଼ିକ ଭାଙ୍ଗିପଡ଼ି ଲାଗି ରହିଥିବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି। ବିଭାଗୀୟ କର୍ମଚାରୀମାନେ ବିଦ୍ୟୁତ୍ ସଂଯୋଗ କରିବାକୁ ଉଦ୍ୟମ ଚଳାଇଥିଲେ ମଧ ଏହା ସ୍ୱାଭାବିକ ହେବାକୁ ୨ରୁ୩ ଦିନ ଲାଗିପାରି


ଗଛ ପଡ଼ି ରାସ୍ତା ଅବରୋଧ।

ବୋଲି ଅନୁମାନ କରାଯାଉଛି। ସେହିପରି ଝଡ଼ ବର୍ଷାରେ କେତେକ ମାଟିକାନ୍ଥରେ ଫାଟ ପଡ଼ିଥିବା ବେଳେ ଦୁର୍ବଳ କାନ୍ଥ ପ୍ରତି ବିପଦ ସୃଷ୍ଟି ହୋଇଛି। କେତେକ ଖାଲୁଆ ତଥା ତଳି ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜମି ଲୋକଙ୍କ ଘରେ ପଶିବାକୁ ଆରମ୍ଭ କଲାଣି। ଅପରପକ୍ଷେ ପରିବା ଚାଷ ବ୍ୟାପକ ପରିମାଣରେ କ୍ଷତି ହୋଇଛି। ସେହିପରି ଧାନଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଥୋଡ଼ ଓ ପାଚିଲା ଧାନ ପାଣିରେ ଭାସୁଛି। ଦୁଇଦିନ ଧରି ଏହି ଝଡ଼ବର୍ଷା ଲାଗି ରହିଥିବାବେଳେ ଆହୁରି ୨ରୁ୩ ଦିନ ହୋଇ ପ୍ରଭାବ ରହୁଥିବାରୁ ପ୍ରାଣୀଧନ ଓ ଗୋପାଳକମାନେ ବିପଦରେ ପଡ଼ିଛନ୍ତି। ଗୋରୁମାନଙ୍କର ଖାଦ୍ୟ ଗୋପାଳକ ପାଇଁ ପ୍ରମୁଖ ସମସ୍ୟା ପାଲଟିଛି। ବାସୁଦେବପୁର ପୌରପାଳିକାର ଉଚ୍ଚଡିହା ଗ୍ରାମ ହଦଗୋହିରିରୁ ଭୈରବପୁର ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଗଛ ଓ ବାଉଁଶ ବୁଦା ଭାଙ୍ଗିପଡ଼ି ରହିଥିବାରୁ ରାସ୍ତା ଅବରୋଧ ହୋଇଛି। ଏହି ରାସ୍ତାରେ ଚଳାଚଳ ବନ୍ଦ ରହିଛି। ପୌରନିର୍ବାହୀ ଅଧିକାରୀ ତାପସ ରଞ୍ଜନ ଜେନା, ଯନ୍ତ୍ରୀ ଦେବକାନ୍ତ ନାୟକ ସଦଳବଳ ଜେସିବି ସହାୟତାରେ ରାସ୍ତାରୁ ଗଛ ହଟାଇବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି ବୋଲି କହିଥିଲେ। ସମୁଦ୍ର ତଳି ଅଞ୍ଚଳରେ ଥିବା ବାତ୍ୟାଶ୍ରୟ ସ୍ଥଳ, ସ୍କୁଲ, ପଞ୍ଚାୟତ କାର୍ଯ୍ୟାଳୟକୁ ଲୋକଙ୍କ ପାଇଁ ଖୋଲା ରଖାଯିବା ସହିତ ସରକାରୀ କର୍ମଚାରୀଙ୍କୁ ସେଠାରେ ନିୟୋଜିତ କରାଯାଇଛି। ସମୁଦ୍ର ଅଶାନ୍ତ ଥିବାରୁ ଗମେଇ ଓ କାଂଶବାଂଶ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ତେବେ ଏସବୁସ୍ଥିତିଉପରେ ପ୍ରଶାସନ ନଜର ରଖିଛି। ଜିଲ୍ଲା ପ୍ରକଳ୍ପ ଅଧିକାରୀ ମଧୁସୂଦନ ଦାଶ, ବିଡିଓ ପ୍ରଣବ ବେହେରା ପ୍ରମୁଖ କ୍ଷୟକ୍ଷତିର ଆକଳନ କରିଛନ୍ତି। ଏନ୍‌ଡିଆର୍‌ଏଫ୍ ଟିମ୍ ମଧ ବିଭିନ୍ନ ଗ୍ରାମାଞ୍ଚଳକୁ ପଠାଯାଇଛି।

## ୪ ଶହ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର


ଚାନ୍ଦବାଲିର ଏକ ବତ୍ୟାଶ୍ରୟସ୍ଥଳୀରେ ଲୋକେ ଆଶ୍ରୟ ନେଇଛନ୍ତି।

**ଚାନ୍ଦବାଲି, ୯।୧୧ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକର ସମସ୍ତ ଅଞ୍ଚଳରେ ଶୁକ୍ରବାର ସକାଳ ୮ଟାରୁ ଶନିବାର ରାତି ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା। ଶୁକ୍ରବାର ରାତି ଓ ଶନିବାର ସକାଳେ ହୋଇଥିବା ଅଧିକ ପବନ କାରଣରୁ ଚାନ୍ଦବାଲି ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଥିବା ବେଳେ ଜନଜୀବନ ପ୍ରଭାବିତ ହୋଇଛି। ସମୁଦ୍ରକୂଳିଆ ଓ ତଳିଆ ଅଞ୍ଚଳରେ ଥିବା ୧୫ଟି ଗାଁର ପ୍ରାୟ ୪ଶହ ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳ ଓ ସ୍କୁଲ ଘର ମିଶାଇ ୧୬ଟି କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ମୁଖ୍ୟତଃ ଧାମରା, ନଳଗୋହିରା, ବିଜୟନଗର, ଓରାସାହି, ଉତ୍ତୁକୁଡା ପଞ୍ଚାୟତର ଆଶ୍ରୟ କେନ୍ଦ୍ରରେ ଲୋକଙ୍କ ପାଇଁ ଚୂଡ଼ା, ବିସ୍କୁଟ ଭଳି ଶୁଖିଲା ଖାଦ୍ୟ ସହିତ ଗୋଟିଏ ଓଳି ରନ୍ଧାଖାଦ୍ୟର ବ୍ୟବସ୍ଥା ହୋଇଛି। ସେହିପରି ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିବା, ତାର ଛିଡ଼ିବା ଓ ଟ୍ରାନ୍ସଫର୍ମର ପଡ଼ିଯିବା କାରଣରୁ ସମଗ୍ର ଅଞ୍ଚଳରେ ବିଦ୍ୟୁତ୍‌ସରବରାହ ବନ୍ଦ ରହିଛି। ୩୩ କେଭି ଲାଇନରେ ବିଶେଷ ତ୍ରୁଟି ନ ଥିବାବେଳେ ଅଧିକାଂଶ ୧୧ କେଭି ଲାଇନରେ ସମସ୍ୟା ଦେଖାଯାଇଛି। ଫଳରେ ବିଦ୍ୟୁତ୍ ମରାମତି ବିଳମ୍ବ ହେବାର ସୂଚନା ମିଳିଛି। ନେସ୍କୋର ନିର୍ବାହୀ ଯନ୍ତ୍ରୀ ଚାନ୍ଦବାଲି ଆସି ସ୍ଥିତି ଅନୁଧ୍ୟାନ କରିବା ସହିତ ବର୍ଷା ଛାଡ଼ିବା ପରେ ମରାମତି କାମ ଆରମ୍ଭ କରିବେ ବୋଲି ଜଣାଯାଇଛି। ବିଦ୍ୟୁତ୍ ବନ୍ଦ ଥିବାରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଭଦ୍ରକ-ଚାନ୍ଦବାଲି ରାସ୍ତାର କେତେକ ସ୍ଥାନରେ ଗଛ, ଡାଳ ଭାଙ୍ଗି ପଡ଼ିବାରୁ ଗାଡ଼ି ଚଳାଚଳରେ ବ୍ୟାଘାତ ହୋଇଥିଲା। ପରେ ଏହା ସ୍ୱାଭାବିକ ହୋଇଛି। ଅଧିକାଂଶ ସ୍ଥାନରେ ଗଛ ପଡ଼ି ଗ୍ରାମ୍ୟରାସ୍ତା ଅବରୋଧ ହୋଇଛି। ଲୋକେ ନିଜ ଉଦ୍ୟମରେ ଗଛର ଡାଳ କାଟି ଯାତାୟାତର ରାସ୍ତା ପରିଷ୍କାର କରିଛନ୍ତି। ଚାଷଜମିରେ ଧାନଗଛ ପଡିଯିବା ସହିତ କେତେକ ସ୍ଥାନରେ ପାଣିରେ ଭାସୁଛି। ପାଚିଲା ଧାନଗଛରେ ପାଣି ପଶିବା କାରଣରୁ ଚାଷୀମାନଙ୍କର ଚିନ୍ତା ବଢ଼ିଯାଇଛି।

## ଗୁହାଳ ଉପରେ ଉପୁଡ଼ି ପଡ଼ିଲା ଗଛ: ଅଳ୍ପକେ ବର୍ତ୍ତିଲେ ୬ ଗୋରୁ

**ଭଣ୍ଡାରିପୋଖରୀ,୯।୧୧ (ଡି.ଏନ.ଏ.)**

ବୁଲ୍‌ବୁଲ୍ ପ୍ରଭାବରେ ଭଣ୍ଡାରିପୋଖରୀ ଅଞ୍ଚଳରେ ବର୍ଷା, ପବନ ଲାଗି ରହିଥିବାରୁ ଲୋକେ ଘରୁ ବାହାରି ପାରୁନାହାନ୍ତି। ଗ୍ରାମାଞ୍ଚଳରେ ଯାନବାହନ ସେବା ବନ୍ଦ ରହିଛି। ରାଜପଥରେ ମଧ କାଁ ଭାଁ ଯାନ ଚଳାଚଳ କରୁଛି। ଶନିବାର ସକାଳେ ବ୍ଲକର ଜଳମଣ୍ଡୁଆ ପଞ୍ଚାୟତ ସରଦପୁର ଗ୍ରାମର ଚନ୍ଦ୍ରମଣି ଖିଲାରଙ୍କ ଘରକୁ ଲାଗି ରହିଥିବା ଗୁହାଳ ଉପରେ ଏକ ବରଗଛ ଉପୁଡ଼ି ପଡ଼ିଥିଲା। ଗୁହାଳଟି ଭାଙ୍ଗିଯାଇଥିବାବେଳେ ସ୍ଥାନୀୟ ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ଗଛ ଡାଳ କାଟି ସଫା କରିଥିଲେ। ଦମକଳ କର୍ମଚାରୀଙ୍କ ତତ୍‌କ୍ଷଣାତ୍ ପଦକ୍ଷେପ ଯୋଗୁ ଗୁହାଳରେ ଥିବା ୬ ଗାଈ, ବାଛୁରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ୫୩୩୫ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ


ବନ୍ତ ବ୍ଲକ ଅଞ୍ଚଳରେ ବର୍ଷା ପାଣିରେ ବୁଡ଼ିଛି ଧାନ ଗଛ।

**ବନ୍ତ,୯।୧୧(ସ୍ୱ.ପ୍ର./ଡି.ଏନ.ଏ.)**

ବୁଲ୍‌ବୁଲ୍ ପ୍ରଭାବରେ ବନ୍ତ ବ୍ଲକରେ ପ୍ରାୟ ୫୩୩୫ ହେକ୍ଟର ଚାଷଜମିରେ ଫସଲ କ୍ଷତିଗ୍ରସ୍ତ ହୋଇଥିବା ନେଇ କୃଷି ବିଭାଗ ପ୍ରାଥମିକ ଆକଳନ କରିଛି। ରବିବାର କ୍ଷେତ୍ର ପରିଦର୍ଶନ କରାଯାଇ ବୃତ୍ତାନ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଅପରାହ୍ନରୁ ବନ୍ତ ବ୍ଲକ ଅଞ୍ଚଳରେ ବର୍ଷା ସହିତ ପବନ ଲାଗି ରହିଛି। ପ୍ରବଳ ପବନ ଓ ବର୍ଷା ଯୋଗୁ କ୍ଷେତରେ ଧାନଗଛ ସବୁ ପାଣିରେ ପଡ଼ି ଯାଇଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଧାନ ସମ୍ପୂର୍ଣ୍ଣ ବାହାରି ସାରିଥିବା ବେଳେ କେତେକାଂଶରେ ଧାନ କେଣ୍ଡା ସବୁ ମଥା ନଇଁ ସାରିଥିଲା। ଆଉ ମାତ୍ର ଦିନ କେଇଟା ପରେ ଧାନ ଅମଳ ହୋଇଥାନ୍ତା। ଏହି ସମୟରେ ବର୍ଷା ପବନ ଦାଉ ସାଧିଲା। ପାଣିରେ ଧାନକେଣ୍ଡା ପଡ଼ିଥିବା ଦେଖି ଚଳିତବର୍ଷ ଅମଳ ବାଧାପ୍ରାପ୍ତ ହେବା ସହିତ କେତେକ ଜମିରେ ଧାନ ମିଳିବା ଆଶଙ୍କା ସୃଷ୍ଟି ହୋଇଛି। ଋଣ କରି ଧାନ ଚାଷ କରି ଅମଳ ସମୟରେ ଏପରି ପ୍ରାକୃତିକ ବିପର୍ଯ୍ୟୟ ସେମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା କେତେକ ଚାଷୀ ପ୍ରକାଶ କରିଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରାଯାଇଛି। ବାତ୍ୟା ପ୍ରଭାବରେ କୌଣସି ଘର ଭାଙ୍ଗିବା କିମ୍ବା ଅନ୍ୟ କିଛି କ୍ଷତି ସମ୍ପର୍କରେ କୌଣସି ଅଭିଯୋଗ ହୋଇ ନ ଥିବା ଅତିରିକ୍ତ ତହସିଲଦାର ବିଜୟ ସେଠୀ କହିଛନ୍ତି।

## ଜମିଜମାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ସଂଘର୍ଷ: ୫ ଆହତ

**ଭଣ୍ଡାରିପୋଖରୀ,୯।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ କୁଲଣା ଗ୍ରାମରେ ଜମିଜମାକୁ କେନ୍ଦ୍ରକରି ପୂର୍ବଶତ୍ରୁତାରୁ ଦୁଇ ପରିବାର ମଧରେ ସଂଘର୍ଷ ଘଟି ୫ ଜଣ ଆହତ ହୋଇଛନ୍ତି। ଗୁରୁବାର ସୁଦଶାବ୍ରତ ପାଳନ ପାଇଁ ଏକ ପରିବାରର ଘର ପିଣ୍ଡା ଲିପାପୋଛା ହୋଇଥିବାବେଳେ ଅପରପକ୍ଷର ଗୋରୁ ପିଣ୍ଡା ଚକଟି ଦେଇଥିଲା। ଏହାକୁ ନେଇ ଉକ୍ତ ପରିବାର ପକ୍ଷରୁ ଅନ୍ୟପକ୍ଷର ଜଣେ ବ୍ୟକ୍ତିଙ୍କୁ ସେହିଦିନ ଆକ୍ରମଣ କରାଯାଇଥିଲା। ଏଥିରେ ଉକ୍ତ ବ୍ୟକ୍ତି ଆହତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଶନିବାର ସକାଳେ ସେ ଡାକ୍ତରଖାନାରୁ ଘରକୁ ଫେରିଛନ୍ତି। ସକାଳେ ତାଙ୍କର ସମର୍ଥକମାନେ ମିଶି ଅପରପକ୍ଷର ପରିବାରକୁ ଆକ୍ରମଣ କରିଛନ୍ତି। ଏଥିରେ ଉଭୟ ପକ୍ଷରୁ ୫ ଜଣ ଆହତ ହୋଇଛନ୍ତି। ଏ ନେଇ ଗୋଟିଏ ପରିବାର ପକ୍ଷରୁ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ରିପୋର୍ଟ ଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ମାମଲା ହୋଇନାହିଁ। ତେବେ ମଞ୍ଜୁରିରୋଡ଼ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## ଆଖଣ୍ଡଳମଣି ମନ୍ଦିରରୁ ଉଡ଼ିଗଲା ନେତ

**ଆରଡ଼ି, ୯।୧୧ (ଡି.ଏନ.ଏ.)**

ଆରଡ଼ିରେ ଶୁକ୍ରବାର ରାତିଠାରୁ ବୁଲ୍‌ବୁଲ୍‌ର ତାଣ୍ଡବ ଦେଖିବାକୁ ମିଳିଥିଲା। ଏହାର ପ୍ରଭାବରେ ଶନିବାର ସକାଳେ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ମନ୍ଦିର ଚୂଡ଼ାରୁ ନେତ ଉଡ଼ିଯାଇଛି। ମନ୍ଦିରରୁ ନେତ ଉଡ଼ିଯିବାରୁ ନୀତକାନ୍ତିରେ ସାମାନ୍ୟ ବିଳମ୍ବ ହୋଇଥିଲା। ପରେ ସେବାୟତମାନେ ପୁନଶ୍ଚ ମନ୍ଦିର ଚୂଡ଼ାରେ ନେତ ବାନ୍ଧିଥିଲେ। ଏହାଛଡ଼ା ମନ୍ଦିର ବେଢ଼ାରେ ପଞ୍ଚୁକ ପାଇଁ ସ୍ଥାପନ ହୋଇଥିବା ସପ୍ତା ମଣ୍ଡପ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ଫଳରେ ଜଗନ୍ନାଥଙ୍କ ପ୍ରତିମାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଉଲ୍ଲେଖନୀୟ


ଆରଡ଼ି ଆଖଣ୍ଡଳମଣି ମନ୍ଦିରରୁ ନେତ ଉଡ଼ିଯାଇଛି।

ଯେ, ୧୯୯୯ ମସିହା ମହାବାତ୍ୟାରେ ଏହି ମନ୍ଦିରରୁ ନେତ ଉଡ଼ିଯାଇଥିଲା। ଏହାର ୨୦ବର୍ଷ ପରେ ବୁଲ୍‌ବୁଲ୍ ବାତ୍ୟା ପ୍ରଭାବରେ ପୁଣିଥରେ ନେତ ଉଡ଼ିଯାଇଛି।

# ଧାମନଗରରେ ବ୍ୟାପକ କ୍ଷତି

**ଧାମନଗର, ୯।୧୧(ଡି.ଏନ.ଏ.)**

- ଘର ଭାଙ୍ଗିଲା, ଚାଷ ଉଜୁଡ଼ିଲା
- ଗଛ ପଡ଼ି ରାସ୍ତା ଅବରୋଧ
- ବିଦ୍ୟୁତ୍ ସରବରାହ ବନ୍ଦ

ସାମୁଦ୍ରିକ ଝଡ଼ 'ବୁଲ୍‌ବୁଲ୍' ପ୍ରଭାବରେ ଧାମନଗର ବ୍ଲକରେ ବ୍ୟାପକ କ୍ଷତି ଘଟିଛି। ଶୁକ୍ରବାର ବିଳମ୍ବିତ ରାତିରୁ ପ୍ରବଳ ଝଡ଼ ପବନ ଆରମ୍ଭ ହୋଇଥିଲା। ଶନିବାର ସକାଳେ ପବନ ବେଗ ବୃଦ୍ଧି ପାଇଥିବା ବେଳେ ଅପରାହ୍ନରେ କମିଥିଲା। ମାତ୍ର ପ୍ରବଳ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟରାସ୍ତାର ବାହାରବିଲ ସୁନ୍ଦରାସାହି ନିକଟରେ ଏକ ବିରାଟ ଅର୍ଜୁନ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଥିଲା। ପ୍ରାୟ ୩ ଘଣ୍ଟା ଧରି ରାସ୍ତା ଅବରୋଧ ପରେ ଓଡ୍ରାଫ ଟିମ୍ ପହଞ୍ଚି ଜେସିବି ଦ୍ୱାରା ରାସ୍ତା ସଫା କରିଥିଲେ। ସେହିପରି ଗଡିଆଳି ପଞ୍ଚାୟତ କାକୁଡିଗଡିଆ ରାସ୍ତାରେ ଏକ ବଡ଼ ବରଗଛ ଉପୁଡ଼ି ରାସ୍ତା ଅବରୋଧ କରିଥିଲା। ଓଡ୍ରାଫ ଟିମ୍ ସଫା କାର୍ଯ୍ୟରେ ଲାଗିଥିଲେ। ବାତ୍ୟାକୁ ଦୃଷ୍ଟିରେ ରଖି ଶୁକ୍ରବାର



ରାତିଠାରୁ ଏହି ଅଞ୍ଚଳରେ ବିଦ୍ୟୁତ୍ କାଟି ଦିଆଯାଇଥିବାବେଳେ ପବନରେ ବିଭିନ୍ନ ସ୍ଥାନରେ ଗଛ ପଡ଼ି ଖୁଣ୍ଟ ଭାଙ୍ଗି ଯାଇଥିବା ଓ ତାର ଛିଡ଼ିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଅସୁରାଳି ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ଧନେଶ୍ୱର ବେହେରା ଏବଂ କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ଦାସ କର୍ମଚାରୀଙ୍କୁ ନେଇ ଓଡ୍ରାଫ ଟିମ୍ ସହାୟତାରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ପାଇଁ ଚେଷ୍ଟା ଚଳାଇଛନ୍ତି। ଖବର ଲେଖା ହେବା ବେଳକୁ ବାତ୍ୟା ପ୍ରଭାବରେ ୪୭ଟି ସ୍ଥାନରେ ଘର ଭାଙ୍ଗିଥିବା ଏବଂ ପ୍ରତ୍ୟେକ୍ଷ ଭାବେ ପ୍ରଶାସନ ପକ୍ଷରୁ ଥଇଥାନ ବ୍ୟବସ୍ଥା କରାଯାଇଥିବା ବିଡିଓ ଦୁର୍ଗାଚରଣ ମୁର୍ମୁ ସୂଚନା ଦେଇଛନ୍ତି। ସେହିପରି ଏହି ଅଞ୍ଚଳରେ ଚାଷ ଉଜୁଡ଼ି ଯାଇଛି। ଥୋଡ଼ ଧାନ କେଶର ଉଡ଼ାଉଥିବାବେଳେ ପବନରେ ଶୋଇଯାଇଛି। ଫଳରେ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଚାଷୀମାନଙ୍କୁ ଭେଟିବା ସହ କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି। ଶନିବାର ପୂର୍ବାହ୍ନରେ ବର୍ଷା ପବନ ଯୋଗୁ ଲୋକେ ଘରୁ ବାହାରି ପାରି ନ ଥିବାବେଳେ ବଜାର ଘାଟ ମଧ ବନ୍ଦ ରହିଥିଲା। ଅପରାହ୍ନରେ ବାତ୍ୟାର ପ୍ରଭାବ ହ୍ରାସ ପାଇବା ଯୋଗୁ ଯାତାୟାତ ସ୍ୱାଭାବିକ ହୋଇଥିଲା। କିନ୍ତୁ ପ୍ରବଳ ବର୍ଷା ଲାଗି ରହିଥିଲା।



ବର୍ଷା ପବନ ଯୋଗୁ ଶନିବାର ଭଦ୍ରକରେ ଦୋକାନ ବଜାର, ରାସ୍ତାଘାଟ ଶୂନ୍‌ଶାନ୍।

# ପାଣିରେ ବୁଡ଼ିଲା ପାଚିଲା ଧାନ

**ପଦ୍ମପୁର, ୯।୧୧(ଡି.ଏନ.ଏ.)**

ପ୍ରବଳ ବର୍ଷା ଓ ପବନରେ ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର, ସୁଗୋ, ଏଡ଼ତାଳ, ଜଗନ୍ନାଥପ୍ରସାଦ, ବାଲିମେଦ, ଲକ୍ଷ୍ମୀଦାସପୁର, ରାଜଘରପୋଖରୀ, ଆନ୍ଦୋଳା ଓ କରଞ୍ଜିଆଡ଼ିଆ ପଞ୍ଚାୟତର ଶତାଧିକ ମାଟିଘର ଭାଙ୍ଗିପଡ଼ିଛି। ଶୁକ୍ରବାର ଅପରାହ୍ନରୁ ପ୍ରବଳ ପବନ ସହ ତୁହାକୁ ତୁହା ବର୍ଷା ହୋଇଥିଲା।


ଧାନଗଛଗୁଡ଼ିକ ଭୂଇଁରେ ଲୋଟିପଡ଼ିଛି।

ପବନର ବେଗ ଘଣ୍ଟା ପ୍ରତି ୯୦ରୁ ୧୦୦ କି.ମି. ରହିଥିଲା। ଫଳରେ ବିଭିନ୍ନ ପଞ୍ଚାୟତରେ ଥିବା ବଡ଼ ବଡ଼ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ମଧ ଉପୁଡ଼ି ଯାଇଛି। ଏହି ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ଶନିବାର ଅପରାହ୍ନରେ ପବନର ବେଗ କମିଥିଲେ ମଧ ବର୍ଷା ଜାରି ରହିଛି। ଅଞ୍ଚଳର ଶତାଧିକ ହେକ୍ଟର ପାଚିଲା ଧାନ ପାଣିରେ ବୁଡ଼ିଯାଇଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବର୍ଷା ଯୋଗୁ ଧଳା, କଞ୍ଚୁଡ଼ି, ମନ୍ତେଇ, ଧନନ୍ତରୀ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ଆଗକୁ ଉଠିଆ ଜୁଆର ଆସୁଥିବାବେଳେ ନଦୀଜଳରେ ପାଚିଲା ଧାନ କ୍ଷେତ ସମ୍ପୂର୍ଣ୍ଣ ଉଜୁଡ଼ିଯିବା ଆଶଙ୍କାରେ ଚାଷୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପଦ୍ମପୁର ଗ୍ରାମର ପ୍ରଦ୍ୟୁମ୍ନ ନାୟକଙ୍କ ମାଟିଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ତାଙ୍କ ପରିବାରକୁ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ଆଶ୍ରୟ ନେବା ପାଇଁ ସ୍ଥାନାନ୍ତର କରାଯାଇଛି।

# ଆରଡ଼ି ଅଞ୍ଚଳରେ ବାତ୍ୟାର ତାଣ୍ଡବ

**ଆରଡ଼ି, ୯।୧୧ (ଡି.ଏନ.ଏ.)**

- ଅଟକି ରହିଲା ଆମ୍ବୁଲାନ୍ସ
- ରାସ୍ତାରେ ଗଛ ପଡ଼ି ଯୋଗାଯୋଗ ବିଚ୍ଛିନ୍ନ

ଭଦ୍ରକ ଜିଲାର ଆରଡ଼ି ଓ ଏହାର ଆଖପାଖ ନାନ୍ଦପୁର, ଓଳଗ, ସୁନ୍ଦରପୁର, ପାଳସାହି, ରଇପୁର, ଶ୍ୟାମସୁନ୍ଦରପୁର ଆଦି ପଞ୍ଚାୟତରେ ସାମୁଦ୍ରିକ ଝଡ଼ ବୁଲ୍‌ବୁଲ୍ ତାଣ୍ଡବ ରଚିଛି। ଶୁକ୍ରବାର ରାତିଠାରୁ ଶନିନାର ପୂର୍ବାହ୍ନ ପର୍ଯ୍ୟନ୍ତ ଘଣ୍ଟାକୁ ପ୍ରାୟ ୧୦୦ କି.ମି.ରୁ ଅଧିକ ବେଗରେ ପବନ ବହିବା ସହ ବର୍ଷା ଲାଗିରହିଥିଲା। ଅପରାହ୍ନ ବେଳକୁ ପବନର ବେଗ କମିଥିଲେ ବି ବର୍ଷା ଜାରି ରହିଛି। ବିଭିନ୍ନ ଗାଁରେ ବଡ଼ ବଡ଼ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ଏଥିସହିତ ଓଳଗ, କୁଳେଇପଦା, ପହଣା ନିକଟରେ ଆଖଣ୍ଡଳମଣି-ଭଦ୍ରକ ରାସ୍ତା ଉପରେ ଗଛ ଭାଙ୍ଗି ପଡ଼ିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଏପରି କି ଓଳଗ ନିକଟରେ ଆମ୍ବୁଲାନ୍ସ ଦୀର୍ଘ ସମୟ ଧରି ଅଟକି ରହିଥିଲା। ସେଠାରୁ ଭଦ୍ରକରୁ ଫେରିଥିବା ଜଣେ ରୋଗୀଙ୍କୁ ଅନ୍ୟ


ଆରଡ଼ି ଅଞ୍ଚଳରେ ବର୍ଷାରେ କ୍ଷତିଗ୍ରସ୍ତ ଚାଷ ଜମି।

ଯାନରେ ତାଙ୍କ ଘରକୁ ପଠାଯାଇଥିଲା। ପ୍ରାୟ ୯ ଘଣ୍ଟା ପରେ ଭଦ୍ରକ ଆର୍ ଏଣ୍ଡ ବି ଡିଭିଜନର ଆସିଷ୍ଟାଣ୍ଟ ଇଞ୍ଜିନିୟର ଅମ୍ବିକା ବଲ୍ଲଭ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଜେସିବି ଦ୍ୱାରା ରାସ୍ତାରେ ପଡ଼ିଥିବା ଗଛଗୁଡ଼ିକୁ ହଟାଇଥିଲା। ଏହି କାର୍ଯ୍ୟ ଚାଲିଥିବାବେଳେ ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ, ହାବିଲଦାର ରମେଶ ମଲ୍ଲିକ, କନଷ୍ଟେବଳ ଯଯାତି ପ୍ରଧାନ, ଆରଡ଼ି ରାଜସ୍ୱ ନିରୀକ୍ଷକ ଦେବାଶିଷ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଚାଷଜମିରେ ଧାନ ଫସଲ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। କିଆରିରେ ଧାନଗଛ ଶୋଇଯାଇଛି ଓ ବର୍ଷାରେ ଅଧିକାଂଶ ସ୍ଥାନରେ ବୁଡିରହିଥିବା ଦେଖିବାକୁ ମିଳିଛି। ଆଉ ମାସକ ମଧ୍ୟରେ ଧାନ ଅମଳ ହୋଇଥାନ୍ତା। ଏପରି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ସୁନ୍ଦରପୁର ଦୋହରାପାଟଣା ଉ.ପ୍ରା. ବିଦ୍ୟାଳୟରେ ବାତ୍ୟା ପ୍ରଭାବିତ ଲୋକଙ୍କୁ ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ ଫ୍ରି କିଚେନ ବ୍ୟାବସ୍ଥା କରିଥିବା ଜଣାପଡ଼ିଛି। ସନ୍ଧ୍ୟା ପର୍ଯ୍ୟନ୍ତ ଏହି ଅଞ୍ଚଳରେ ବର୍ଷା ଓ ପବନ ଲାଗି ରହିଥିଲା।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଗାଈଚରାଳି ଗୁରୁତର

**ଠାକୁରମୁଣ୍ଡା,୯।୧୧ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ରେଞ୍ଜ ଅନ୍ତର୍ଗତ ଭାଲିଆଡାଳ ଗ୍ରାମର ରେଙ୍ଗ ତପନ (୩୨)ଶନିବାର ଅନ୍ୟ କେତେକଜଣଙ୍କ ସହ ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିବା ବେଳେ ଭାଲୁ ହାବୁଡରେ ପଡିଥିଲେ। ଅପରାହ୍ନ ସମୟରେ ଭାଲୁ ଆକ୍ରମଣ କରିବାରୁ ରେଙ୍ଗ ଗୁରୁତର ହୋଇଥିଲେ। ଅନ୍ୟ ପିଲାମାନେ ପାଟି କରିବାରୁ ଭାଲୁ ପଳାଇ ଯାଇଥିଲା। ପରେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

### ମେଘାସନ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ତରଫରୁ ଆଲୋଚନା ଚକ୍ର

**କପ୍ତିପଦା,୯।୧୧(ଡ଼ି.ଏନ୍.ଏ):** ମେଘାସନ ମହାବିଦ୍ୟାଳୟର ସଭାଗୃହ ପରିସରରେ ''ଭାରତରେ ବେକାରୀ ସମସ୍ୟା ଓ ତାର ପ୍ରତିକାର'' ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଡ଼ଃ ଫକୀର ଚରଣ ବେହେରା ସଭାପତିତ୍ୱ କରି ଦେଶର ଅବହେଳିତ କୃଷି କ୍ଷେତ୍ର ପ୍ରତି ସରକାର ଓ ଯୁବଗୋଷ୍ଠୀ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ସାରସ୍ୱତ ସ୍ନାତକ ମହାବିଦ୍ୟାଳୟ କୁଆମରାର ଅଧକ୍ଷ ସୁବଳ ଦାସ ଯୋଗଦେଇ କ୍ଷୁଦ୍ର ଓ ଅଣୁ ଶିଳ୍ପ ପ୍ରତି ଶିକ୍ଷିତ ଯୁବଗୋଷ୍ଠୀ ଆଗ୍ରହୀ ହେବା ସହିତ ସରକାରଙ୍କର ମୁଦ୍ରା ଯୋଜନା ତଥା ଜିଲା ଶିଳ୍ପ କେନ୍ଦ୍ରର ସାହାଯ୍ୟ ଓ ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ମେଘାସନ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ବରିଷ୍ଠ ଅଧାପକ ନକୁଳ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶର ବଜାର ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏହା ପରେ ଛାତ୍ରୀଛାତ୍ରମାନେ ବିଷୟ ସମ୍ବଳିତ ନିଜସ୍ୱ ଲେଖା ପାଠ କରିଥିଲେ। ଅର୍ଥନୀତି ବିଭାଗୀୟ ମୁଖ୍ୟ ଡ. ନିରଞ୍ଜନ ପାଠୀ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧାପିକା ସସ୍ମିତା ଲାୟା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### 'ଗାନ୍ଧୀବାଦର ପ୍ରାସଙ୍ଗିକତା ରହିଛି, ରହିବ'

**କପ୍ତିପଦା,୯।୧୧(ଡ଼ି.ଏନ୍.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ନୁଡ଼ଦିହାସ୍ଥିତ ମେଘାସନ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ''ବର୍ତ୍ତମାନ ସମୟରେ ଗାନ୍ଧୀବାଦର ପ୍ରାସଙ୍ଗିକତା'' ସମ୍ବନ୍ଧରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାତ୍ମା ଗାନ୍ଧୀଙ୍କର ଜୀବନୀ, ତାଙ୍କର ନୀତି, ଆଦର୍ଶ, ଅହିଂସା ନୀତି ସମ୍ପର୍କରେ ଉପସ୍ଥିତ ଅତିଥିମାନେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ବସନ୍ତ କୁମାର ପାତ୍ରଙ୍କର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ପ୍ରଭାତ କୁମାର ସେନାପତି ଯୋଗ ଦେଇ ବର୍ତ୍ତମାନ ରାଜନୀତି, ଅର୍ଥନୀତି ଏବଂ ସାମାଜିକ ସ୍ତରରେ ଗାନ୍ଧୀବାଦର କିଭଳି ପ୍ରାସଙ୍ଗକତା ବଜାୟ ରଖିଛି ଓ ଆଗକୁ ରହିବ ତାହା ଉଲ୍ଲେଖ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ମେଘାସନ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡଃ ଫକୀର ଚରଣ ବେହେରା, ଅନ୍ୟତମ ସମ୍ମାନନୀୟ ବକ୍ତା ଭାବେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଡଃ ରମେଶ ଚନ୍ଦ୍ର ନାୟକ ଅନୁରୂପ ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଛାତ୍ରୀଛାତ୍ର ଆଲୋଚନା ପତ୍ର ପାଠ କରିଥିଲେ। ଅଧାପିକା ଦୁଲି ହାଁସଦାଃ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ମୟୂରଭଞ୍ଜରେ 'ବୁଲ୍‌ବୁଲ୍'ର ପ୍ରଭାବ

# ଉଜୁଡ଼ିଲା ଧାନ, ପନିପରିବା ଫସଲ

**ବାରିପଦା ଅଫିସ,୯।୧୧**

ବାତ୍ୟା ବୁଲ୍‌ବୁଲ୍ ଯୋଗୁ ମୟୂରଭଞ୍ଜ ଜିଲାର ଉଦଳା ଓ ବାରିପଦା ଉପଖଣ୍ଡ ସମେତ କେତେକ ଅଞ୍ଚଳରେ ପ୍ରଭାବ ଅନୁଭୂତ ହୋଇଛି। ଅନ୍ୟ ଅଞ୍ଚଳରେ ଏହାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ଶନିବାର ବିଭିନ୍ନ ଅଞ୍ଚଳରେ ବର୍ଷା ପବନ ହେବାରୁ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଆଶଙ୍କା କରାଯାଉଛି। ପାଚିଥିବା ଓ ଫୁଲ ଉଡ଼ାଉଥିବା ଧାନ ଫସଲ ଅଧିକ ପ୍ରଭାବିତ ହୋଇଛି। ଶନିବାର ୫ଟା ସୁଦ୍ଧା ମେରଡାରେ ୨୨ ମି.ମି., ରାସଗୋବିନ୍ଦପୁରରେ ୨୧.୨, କୁଳିଅଣାରେ ୧୭, ଶୁଳିଆପଦାରେ୨୮.୩, ବାରିପଦାରେ ୧୬, ଖୁଣ୍ଟାରେ ୧୮, ଗୋପବନ୍ଧୁନଗରରେ ୧୮, ଉଦଳାରେ ୪.୨, କପ୍ତିପଦାରେ ୫ ,ତିରିଂ ରେ ୧.୨, କରଞ୍ଜିଆରେ ୧, ଶାମାଖୁଣ୍ଟାରେ ୧୦, ବଡସାହିରେ ୨୦ ଓ ବେତନଟିରେ ୩୪୬ ମି.ମି.ବର୍ଷା ହୋଇଥିବା ରେକଡ କରାଯାଇଛି। ଅନ୍ୟ ବ୍ଲକଗୁଡିକରେ କମ୍ ବର୍ଷା ହୋଇଥିବା ଜଣାପଡିଛି। ଜିଲାର କୌଣସି ନଦୀରେ ଜଳସ୍ତର ସେଭଳି ବୃଦ୍ଧି ହୋଇ ନ ଥିବାରୁ ବନ୍ୟା ସ୍ଥିତି ନ ଥିବା ଏବଂ ବାତ୍ୟାଜନିତ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ରହିଥିବା କଥା ଜିଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି କହିଛନ୍ତି। ବାତ୍ୟା ପ୍ରଭାବ ଜନିତ କ୍ଷୟକ୍ଷତିର ଆକଳନ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ବର୍ଷା ଯୋଗୁ ଜୀବନଯାତ୍ରା ବ୍ୟାହତ

**ଉଦଳା,୯।୧୧ (ଡି.ଏନ.ଏ.):** ବାତ୍ୟା ବୁଲବୁଲ୍ ପ୍ରଭାବରେ ଶନିବାର ଦିନ ତମାମ ପବନ ବର୍ଷା ଲାଗି ରହିବାରୁ ଏଠାରେ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ବସଷ୍ଟାଣ୍ଡରେ ଯାତ୍ରୀବାହୀ ବସ୍‌ଗୁଡିକ ଠିଆ ହୋଇ ରହିଥିବା ବେଳେ ଦୋକାନ ବଜାର ବନ୍ଦ ରହିଥିଲା। ରାସ୍ତାଘାଟ ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇ ପଡିଥିଲା। ବର୍ଷା ପବନ ହେବାରୁ ଉଦଳା ଅଞ୍ଚଳରେ ବ୍ୟାପକ ଧାନଫସଲ ସାଙ୍ଗକୁ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି । ଶୁକ୍ରବାର ରାତି ଠାରୁ ଶନିବାର ଦିନ ସାରା ବର୍ଷା ଲାଗି ରହି ପବନ ବୋହିଥିଲା । ଅନେକ ସ୍ଥାନରେ ଧାନଗଛ ପଡି ଯାଇ ବର୍ଷାପାଣିରେ ବୁଡି ରହିଛି। ଏଥିଲାଗି ଧାନ ଫସଲର ଅମଳ ହ୍ରାସ ହେବ ବୋଲି ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। କୋବି, ମୁଗ, ବାଇଗଣ, ବିଲାତି ଆଦି ପନିପରିବା ଫସଲ ନଷ୍ଟ ହୋଇଥିବା ଜଣାପଡିଛି। ବାତ୍ୟା ପରବର୍ତ୍ତୀ ସମୟରେ ଫସଲ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ଉଦଳା ତହସିଲଦାର କହିଛନ୍ତି ।



କପ୍ତିପଦା ଅଞ୍ଚଳରେ ଜମିରୁ କଟାଯାଇଥିବା ଧାନ ପାଣିରେ ବୁଡ଼ି ନଷ୍ଟ ହୋଇଥିବା ଚାଷୀମାନେ ଦେଖାଉଛନ୍ତି।

### ପାଣିରେ ବୁଡ଼ିଛି ଧାନ ଫସଲ, ପରିବା ଚାଷ ନଷ୍ଟ

**କପ୍ତିପଦା,୯।୧୧(ଡି.ଏନ୍.ଏ.):** ବାତ୍ୟା ବୁଲବୁଲ ପ୍ରଭାବରେ ଗତ ୨ ଦିନ ଧରି କୋହଲା ପାଗ ସାଙ୍ଗକୁ ବର୍ଷା ଲାଗି ରହିବାରୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। କପ୍ତିପଦା ବ୍ଲକ୍ ଅଞ୍ଚଳରେ ଶହଶହ ଏକର ଜମିର ଧାନଓ ପରିବା ଚାଷ ନଷ୍ଟ ହୋଇଛି। ଏହି ବାତ୍ୟା ଧାନ ଓ ପରିବା ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଛି ବୋଲି ଚାଷୀ ପ୍ରଶନ୍ନ ବିଶ୍ୱାଳ ପ୍ରକାଶ କରିଛନ୍ତି । ଚଳିତ ବର୍ଷ ଧାନ ଫସଲ ଭଲ ହୋଇଥିବା ବେଳେ ଚାଷୀ ଭଲ ଅମଳ କରିବା ପାଇଁ ଆଶା ରଖିଥିଲା । ବର୍ଷାପବନରେ ଧାନ ଗଛ ପଡି ଯାଇ ପାଣିରେ ବୁଡି ରହିଥିବାରୁ ତାହା ନଷ୍ଟ ହୋଇଯିବା ଆଶଙ୍କା ଦେଖାଦେଇଛି ଚାଷୀ କରୁଣାକର ମୁର୍ମୁ ଓ ସାନୁରାମ ହାଁସଦା ପ୍ରକାଶ କରିଛନ୍ତି । ଲାବଣ୍ୟଦେଇପୁର ପଞ୍ଚାୟତ କଟୁରିଆ ହୁଡିସାହିର କରୁଣାକର ଓ ସାନୁରାମଙ୍କ ସମେତ ବାଲାଏ ସରେନ, ଦାନ୍ଦୁ ଟୁଡୁ, ବିରଞ୍ଚି ସୋରେନ, ମକର ମୁର୍ମୁ, ବାଘରାୟ ସୋରେନ ପ୍ରମୁଖ କାଟିଥିବା ଧାନ ବିଲରୁ ଉଠାଇ ନ ଥିବାରୁ ତାହା ନଷ୍ଟ ହୋଇଥିବା କହିଛନ୍ତି।

### ବର୍ଷାପବନରେ ଭୁଶୁଡ଼ିଲା ଘର

**କୁଆମରା, ୯।୧୧(ଡି.ଏନ.ଏ.):** ବାତ୍ୟା ବୁଲବୁଲ ପ୍ରଭାବରେ ଶୁକ୍ରବାର ରାତିଠାରୁ ପବନ ବହିବା ସାଙ୍ଗକୁ ତୁହାକୁ ତୁହା ବର୍ଷା ଲାଗି ରହିଛି। ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ତଥା କୁଆମରା ଅଞ୍ଚଳରେ ପବନର ବେଗ ଘଣ୍ଟାକୁ ୪୦ ରୁ ୫୦ କି.ମି. ଥିବା ବେଳେ ୮ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଗୋପବନ୍ଧୁ ନଗର ବ୍ଲକର ସାଇଁକୁଳା ପଞ୍ଚାୟତର ଲକ୍ଷ୍ମୀମଣି ସିଂଙ୍କର ଦୁଇ ବଖରା ଘରର କିଛି ଅଂଶ ଭୁଶୁଡ଼ି ପଡ଼ିଥିବା ଜଣାପଡିଛି। ତାଙ୍କ ଆର୍ଥିକ ଅବସ୍ଥା ଭଲ ନଥିବାରୁ ସେ ଏ ବର୍ଷ ଘର ଛପରର ମରାମତି କରିପାରି ନ ଥିଲେ। ପଲିଥିନ ଟାଣି ବର୍ଷା ଋତୁ କଟାଇଥିଲେ। ଏବେ ପବନରେ ତାହା ଉଡି ଯିବାରୁ ଘର ଭୁଶୁଡି ପଡିଛି। ତେବେ ଲକ୍ଷ୍ମୀମଣି ଓ ତାଙ୍କ ପୁଅ ସୁରକ୍ଷିତ ରହିଛନ୍ତି। ସେହିପରି ଏଠାକାର ବିଭିନ୍ନ ପଞ୍ଚାୟତରେ୨୦ରୁ ଉର୍ଦ୍ଧ୍ୱ ଘରର ଛପର ଉଡିଯାଇଥିବା ଜଣାଯାଇଛି। ବିଭିନ୍ନ ସ୍ଥାନରେ ବଡବଡ ଗଛ ଭାଙ୍ଗି ପଡିଥିବା ବେଳେ ବିଲରେ ପାଚିଲା ଧାନ ପାଣିରେ ପଡି ଉବୁଟୁବୁ ହେଉଛି। ବାଡି ବଗିଚା ରେ ଅମୃତଭଣ୍ଡା ଓ କଦଳୀ ଗଛ କ୍ଷତିଗ୍ରସ୍ତ ହୋଇଛି। ପରିବା ଫସଲ ମଧ କ୍ଷତିଗ୍ରସ୍ତ ହୋଇଛି।

# ବାରିପଦା ରିଂ ରୋଡ୍ ପାଇଁ ବାଟ ଫିଟିଲା

- ବଜେଟ ବ୍ୟବସ୍ଥା ହେବା ନେଇ ସୂଚନା
- କାର୍ଯ୍ୟ ସମ୍ପାଦନ କରିବ ପୂର୍ତ୍ତ ବିଭାଗ
- ସ୍ୱାଗତ ଜଣାଇଲା ମଧୁବନ ଉନ୍ନୟନ ପରିଷଦ

**ବାରିପଦା ଅଫିସ,୯।୧୧**

ବାତ୍ୟା କିମ୍ବା ବନ୍ୟା ନାଁ ଶୁଣିଲେ ଗତ ୨୦୧୩ ଫାଇଲିନ ପରଠାରୁ ବାରିପଦା ସହରବାସୀଙ୍କ ମନରେ ଛନକା ସୃଷ୍ଟି ହୋଇଥାଏ। ଫାଇଲିନ ବାତ୍ୟାରେ ବାରିପଦା ସହରର ବିପୁଳ କ୍ଷତି ଘଟାଇ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଥିଲା, ଯାହା ଏଯାଏ ଭରଣା ହୋଇପାରି ନାହିଁ । ବାରିପଦା ସହରକୁ ବନ୍ୟା ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ପୂର୍ବରୁ ଘୋଷଣା କରିଥିବା ରିଂ ରୋଡ ନିର୍ମାଣ ପାଇଁ ବିଳମ୍ବ ହେଲେ ବି ଏବେ ପଦକ୍ଷେପ ନିଆଯାଇଛି। ଏଥିପାଇଁ ବଜେଟ ବ୍ୟବସ୍ଥା କରାଯାଇ ଏବେ ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗକୁ ପ୍ରଦାନ କରାଯାଇଛି। ଉକ୍ତ ରିଂ ରୋଡ ନିର୍ମାଣ ସମ୍ପର୍କରେ ଆବଶ୍ୟକ ବିଭିନ୍ନ ତଥ୍ୟ ପ୍ରଦାନ କରିବାକୁ ଭୁବନେଶ୍ୱର ନିର୍ମାଣ ସୌଧସ୍ଥିତ ମୁଖ୍ୟଯନ୍ତ୍ରୀ(ସିଭିଲ) ବାରିପଦା ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ କେଉଁସବୁ ରାସ୍ତାକୁ ସଂଯୋଗ କରି ସହରରେ ରିଂ ରୋଡ ନିର୍ମାଣ କରାଯିବ ତାହାର ସମୀକ୍ଷା କରାଯିବ ବୋଲି ସ୍ଥାନୀୟ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପଣ୍ଡା କହିଛନ୍ତି। ରିଂ ରୋଡ ଲାଗି ଅର୍ଥବ୍ୟବସ୍ଥା ସଂକ୍ରାନ୍ତ ସୂଚନା ଓ ପଦକ୍ଷେପକୁ ମଧୁବନ ଉନ୍ନୟନ ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଛି।

ଉଲ୍ଲେଖନୀୟ ଯେ, ବାରିପଦା ସହର ଉପକଣ୍ଠରେ ପ୍ରବାହିତ ବୁଢ଼ାବଳଙ୍ଗ ନଦୀ ସହର ଲାଗି ବନ୍ୟା ବିପତ୍ତି ସୃଷ୍ଟି କରି ଆସୁଛି। ଫାଇଲିନ ବାତ୍ୟା ଯୋଗୁ ୨୦୧୩ ଅକ୍ଟୋବର ୧୩ ତାରିଖ ରାତିରେ ବାରିପଦା ସହରକୁ ବନ୍ୟାଜଳ ପଶି ସମଗ୍ର ଅଞ୍ଚଳକୁ ଜଳମଗ୍ନ କରିଥିଲା। ଲେଶକେ ଜୀବନ ବିକଳରେ ଉଚ୍ଚ ଓ ନିରାପଦ ସ୍ଥାନକୁ ଯାଇ ଆଶ୍ରୟ ନେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପାଣି ପଶିଥିଲା ରୋଗୀଙ୍କ ଲାଗି ସଙ୍କଟ ସୃଷ୍ଟି କରିଥିଲା। ଏହି ବନ୍ୟା ବିପର୍ଯ୍ୟୟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଧନ ସମ୍ପତ୍ତି, ଘରର ଆସବାବପତ୍ର ଉଜୁଡି ଯାଇଥିଲା। ସେତେବେଳେ ରାଜ୍ୟ ସରକାର ବୁଢ଼ାବଳଙ୍ଗରେ ଆଡିବନ୍ଧ ନିର୍ମାଣ କରିବା ପାଇଁ ଘୋଷଣା କରିଥିଲେ। ପରେ କେହି କିଛି ପଦକ୍ଷେପ ନ ନେବାରୁ ମଧୁବନ ଉନ୍ନୟନ ପରିଷଦ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କୁ ସାକ୍ଷାତ କରି ଆଡି ବନ୍ଧ ନିର୍ମାଣ ଲାଗି ଦାବି ଜଣାଇ ଆସୁଥିଲେ। ୨୦୧୮ ରେ ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଗତ ଜାନୁୟାରୀରେ ବାରିପଦାର ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବାବେଳେ ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ରିଂ ରୋଡ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ରିଂରୋଡ ନିର୍ମାଣ ଲାଗି ବଜେଟ ବ୍ୟବସ୍ଥା ହେବା ସୂଚନାକୁ ମଧୁବନ ଉନ୍ନୟନ ପରିଷଦର ସମ୍ପାଦକ ବିକ୍ରମ କେଶରୀ ଜେନା ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭା ସଦସ୍ୟ ସରୋଜିନୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।




ସମୀକ୍ଷା ବୈଠକରେ ଉପସ୍ଥିତ ମୋ ସ୍କୁଲ ଯୋଜନାର ରାଜ୍ୟ ମୁଖ୍ୟ ଓ ଅନ୍ୟମାନେ।

## 'ମୋ ସ୍କୁଲ ଯୋଜନା'ରେ ସବୁ ଶିକ୍ଷାନୁଷ୍ଠାନ ଯୋଡ଼ିବାକୁ ଗୁରୁତ୍ୱ

**ଜିଲାସ୍ତରୀୟ ସମୀକ୍ଷା ବୈଠକ**

**ବାରିପଦା ଅଫିସ,୯।୧୧**

ବାରିପଦା ମୁର୍ଗାବାଡି ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ମୋ ସ୍କୁଲ ଯୋଜନାର ଜିଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ଆବାହକତ୍ୱରେ ଯୋଜନାର ରାଜ୍ୟ ମୁଖ୍ୟ ସୁସ୍ମିତ ବାଗ୍‌ଚି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ, ଅଗ୍ରଗତି ଓ ପ୍ରତିବନ୍ଧକ ବିଷୟରେ ଆଲୋଚନା କରି ସମସ୍ତ ବିଦ୍ୟାଳୟକୁ ଉକ୍ତ ଯୋଜନାରେ ଯୋଡିବା ପାଇଁ କହିଥିଲେ। ସିଇଓ ଅମରଜିତ ଜେନା ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମସ୍ୟା ବୁଝି ନିରାକରଣ କରିବା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ପ୍ରକଳ୍ପ ନିୟୋଜନ ଅଧିକାରୀ ବାର୍ଥବୀର ସାମଲ ଜିଲାର ୨୩୭୪ ବିଦ୍ୟାଳୟ ମଧ୍ୟରୁ ୬୮୯ ବିଦ୍ୟାଳୟ ଯୋଜନାରେ ସାମିଲ ହୋଇଥିବା କହିଥିଲେ। ବୈଠକରେ ବିଭିନ୍ନ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ ସଂଯୋଜକ ମନୋଜ ଶର୍ମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥଲେ। ଜିଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ଧନ୍ୟବାଦ ଦେଇଥିଲେ।

# କପ୍ତିପଦାରେ କବି ଚିନ୍ତାମଣିଙ୍କ ଜୟନ୍ତୀ ସମାରୋହ

**କପ୍ତିପଦା,୯।୧୧(ଡ଼ି.ଏନ୍.ଏ)**

ବାଘାଯତୀନ୍ ସ୍ମୃତି ପୀଠ ସଂଲଗ୍ନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଭାଗୃହରେ ଲବ୍ଧ ପ୍ରତିଷ୍ଠିତ କବି, ସମାଲୋଚକ ସ୍ୱର୍ଗତ ଚିନ୍ତାମଣି ବେହେରାଙ୍କ ୯୩ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ପ୍ରଶାନ୍ତ ବେହେରା ମେମୋରିଆଲ୍ ଟ୍ରଷ୍ଟ, ଉଦଳା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଚନ୍ଦ୍ରକୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ଭକ୍ତିଜ୍ଞାନ ସଞ୍ଚାରର ଅଧକ୍ଷ ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ସମ୍ପାଦକ ଲକ୍ଷ୍ମୀଧର ପୁଥାଳ, ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ସମ୍ମାନନୀୟ ଅତିଥି ଭାବେ ବାସୁଦେବପୁରର ବାଇଚଢ଼େଇ ପତ୍ରିକାର ସମ୍ପାଦକ ବିକାଶ ଶତପଥୀ, ରୂପା କଣ୍ଢେଇର ସମ୍ପାଦକ ଗୋପିନାଥ ଗନ୍ତାୟତ, ଚେତନା ସାହିତ୍ୟ ସଂସଦର ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ରବିକାନ୍ତ ମହାପାତ୍ର, ମାତୃବିହାରର ସଭାପତି ଦୈତ୍ୟାରି ଶ୍ୟଳ, ଯୁବକବି ଆର୍ଯ୍ୟବ୍ରତ ଦାସ ପ୍ରମୁଖ ଯୋଗ ଦେଇ କବି ଚିନ୍ତାମଣିଙ୍କ ସ୍ମୃତିଚାରଣ କରି ତାଙ୍କ ସାରସ୍ୱତ କୃତି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କବି ଇନ୍ଦ୍ରମଣି ବିଦ୍ଧାଣୀ ଓ ନମିତା ରାଉତଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସର୍ବେଶ୍ୱର ମହପାତ୍ର, କରୁଣାକର ଦାସ, ରଙ୍ଗଲତା ବେହେରା, ଅନୀତା ବେହେରା, ଅବନ୍ତୀ ବେହେରା, ଶିଶୁ ସାହିତ୍ୟିକ ଚିନ୍ତାମଣି ସାହୁ, ସଦାନନ୍ଦ ପାଣିଗ୍ରାହୀ, ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରଭାକର ସାହୁ, ଲୋଚନ ବେହେରା, ରାଜେନ୍ଦ୍ର ପାତ୍ର, ଓମନାରାୟଣ ଭଞ୍ଜ, ଯୋଗେନ୍ଦ୍ର ପଣ୍ଡା, ପ୍ରଦ୍ୟୁମ୍ନଦାସ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପରିବେଶ ସଂକ୍ରାନ୍ତ ଲେଖନୀ ଚାଳନା ପାଇଁ ପ୍ରଦ୍ୟୁମ୍ନ ଦାସଙ୍କୁ ମାନପତ୍ର, ଉପଢୌକନ ଦିଆଯାଇ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର କୃତୀ ଛାତ୍ରୀ ୮ମ ଶ୍ରେଣୀର ଆଦ୍ୟାଶା ଆରୁଖ, ୯ମ ଶ୍ରେଣୀର ଆକାଂକ୍ଷା ମହାପାତ୍ର ଓ ୧୦ମ ଶ୍ରେଣୀର ଛାତ୍ରୀ ସ୍ୱାତୀନନ୍ଦା ପଣ୍ଡାଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ସ୍ୱର୍ଗତ ବେହେରାଙ୍କ ଜୟନ୍ତୀ କପ୍ତିପଦା ବ୍ଲକ୍ ଅନ୍ତର୍ଗତ ପୋଡ଼ାଡ଼ିହା ନିକଟସ୍ଥ ଜାମୁଡ଼ିହା ଗ୍ରାମରେ ଅନୁଷ୍ଠିତ ହୋଇଥିଲା।



କବି ସ୍ୱର୍ଗତ ଚିନ୍ତାମଣି ବେହେରାଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ।

## ୯ ନିର୍ବାଚନ ମଣ୍ଡଳୀର ସାଂଗଠନିକ ସ୍ଥିତି ନେଇ ସମୀକ୍ଷା

**ରାଇରଙ୍ଗପୁର,୯।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ବିଜେଡି ପକ୍ଷରୁ ଜିଲାର ୯ ନିର୍ବାଚନ ମଣ୍ଡଳୀର ସାଂଗଠନିକ ସ୍ଥିତି ନେଇ ଶନିବାର ସମୀକ୍ଷା କରାଯାଇଥିଲା। ଜିଲା ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକ ବିଧାୟକ ପ୍ରଣବ ପ୍ରକାଶ ଦାସ ଏହି ବୈଠକରେ ଯୋଗ ଦେଇଥିଲେ। ଉଦଳା, ବାରିପଦା, ବଡ଼ସାହି, ମୋରଡ଼ା, ବାଙ୍ଗିରିପୋଷି, ସାରସକଣା, ଯଶିପୁର, କରଞ୍ଜିଆ ଓ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ଦଳୀୟ କର୍ମକର୍ତ୍ତାଙ୍କ ସମେତ ବିଧାୟିକା, ବିଧାୟକ, ମହିଳା ଓ ଯୁବସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଜିଲାରେ ସଂଗଠନକୁ ଦୃଢ଼ କରିବା ଲାଗି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। କେହି ଶୃଙ୍ଖଳା ଭଙ୍ଗ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଲୋକହିତକର ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି କର୍ମୀଙ୍କ ସହଯୋଗ ଲୋଡ଼ାଯାଇଥିଲା।

## ପଦାର୍ଥ ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର




ପଦାର୍ଥ ବିଜ୍ଞାନ ବିଭାଗ ବାର୍ଷିକ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

**ବାରିପଦା ଅଫିସ,୯।୧୧**

ବାରିପଦା ସହର ଭଞ୍ଜପୁରସ୍ଥିତ ବାରିପଦା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ଏକ ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ.ତରୁଣ କୁମାର ଓଝା, ବିଭାଗୀୟ ମୁଖ୍ୟ ଅଧ୍ୟାପକ ସଞ୍ଜୟ କୁମାର ଖୁଣ୍ଟିଆ ଓ ଡ. ବିଜୟ କୁମାର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭାଗ ସମ୍ପାଦକ ରାକେଶ କୁମାର ସାମଲ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧ୍ୟାପକ ପ୍ରଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କୌଶିକ ଘୋଷ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ନକଲି ସୋରିଷ ତେଲ କାରଖାନା ଚଳାଉଥିବା ଦମ୍ପତି ଜେଲ୍ ଗଲେ

**ଉଦଳା, ୯।୧୧ (ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ଉଦଳା ଥାନାଠାରୁ ମାତ୍ର ଦେଢ କି.ମି. ଦୂର ଏନଏସି ଅଧୀନ ୧୨ ନଂ ୱାର୍ଡରେ ଚାଲିଥିବା ନକଲି ସୋରିଷ ତେଲ କାରଖାନା ଠାବ ହେବା ପରେ ପୋଲିସ କାରଖାନା ମାଲିକ ଓ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଉଦଳା ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣା ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ଏହି କାରଖାନା ସଂକ୍ରାନ୍ତ ସୂଚନାକୁ ଆଧାର କରି ମୟୂରଭଞ୍ଜ ଏସପି ପରମାର ସ୍ମିଥ୍ ପୁରୁଷୋତ୍ତମ ଦାସ ଏହାର ତଦନ୍ତ କରିବାକୁ ଉଦଳା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଶୁକ୍ରବାର ଏହି କାରଖାନା ଉପରେ ଚଢାଉ କରାଯାଇଥିଲା। ସେଠାରୁ ନକଲି ତେଲ ପ୍ରସ୍ତୁତି ଲାଗି ବ୍ୟବହାର କରାଯାଉଥିବା ବିଭିନ୍ନ ଯାନ୍ତ୍ରିକ ସରଞ୍ଜାମ ସମେତ ପ୍ୟାକିଂ ହୋଇ ରହିଥିବା ନକଲି ସୋରିଷ ତେଲ ପେଟି ଓ ଟିଣ ଜବତ କରିଥିଲା। ସେଠାରୁ ମୋଟ ୫ ହଜାର ଲିଟର ସୋରିଷ ତେଲ ଜବତ ହୋଇଥିବା ଜଣାପଡିଛି। ଏହି ଘଟଣାରେ ସମ୍ପୃକ୍ତ କାରଖାନାର ମାଲିକ ଗୌରାଙ୍ଗ ଚନ୍ଦ୍ର ପାଣିଗ୍ରାହୀ ଏବଂ ତାଙ୍କ ସ୍ତ୍ରୀ ଜ୍ୟୋସ୍ନାରାଣୀ ବେହେରାକୁ ପୋଲିସ୍ ଅଟକ ରଖି ପଚରାଉଚୁରା କରିବା ପରେ ଶନିବାର କୋର୍ଟଚାଲାଣ କରିଛି । ଏ ନେଇ ୪୨୦/୨୭୨/୨୭୩ ଆଇପିସି, ୧୦୩/୧୦୪ ଜେଡ୍ ମାର୍କ ଆକ୍ଟ, ୭୯ ଟ୍ରେଡ୍ ମାର୍କେଣ୍ଟ ଆକ୍ଟ, ୪୮ ଫୁଡ୍ ସେଫ୍ଟି ଆକ୍ଟରେ ଅନୁଯାୟୀ ଏକ ମାମଲା (ନଂ . ୧୭୬/୧୯) ରୁଜୁ କରାଯାଇଛି। ପୋଲିସ ଏହି ସୂଚନା ଦେଇ କହିଛି ଯେ, ଗୌରାଙ୍ଗ ଏବଂ ଜ୍ୟୋସ୍ନାରାଣୀ ବାଲେଶ୍ୱର ଜିଲା ଶେରଗଡରୁ ରାଇସ୍ ଅଏଲ ଆଣି ସେଥିରେ ଅପମିଶ୍ରଣ କରି ସୋରିଷ ତେଲ ପ୍ରସ୍ତୁତ କରୁଥିଲେ। ସେମାନେ ଏହାକୁ ଉପାନ୍ତ ଅଞ୍ଚଳକୁ ବିକ୍ରି ନିମନ୍ତେ ପଠାଉଥିଲେ । ବଂଶୀ ଲାଲ ନାମକ ଏକ ବ୍ରାଣ୍ଡରେ ଏହି ତେଲ ବିକ୍ରି କରାଯାଉଥିଲା। ଏହି ନକଲି ତେଲକୁ ସୋରିଷ ତେଲର ରଙ୍ଗ ଦିଆଯିବା ନିମନ୍ତେ ଏକ କେମିକାଲ ବ୍ୟବହାର କରାଯାଉଥିବା ଜଣାଯାଇଛି। ଉଲ୍ଲେଖନୀୟ ଯେ, ଏହି କାରଖାନାକୁ ତେଲ ନେବାକୁ ଆସୁଥିବା ଗାଡି ସର୍ବଦା ମୁଖ୍ୟ ରାସ୍ତା ଉପରେ ଛିଡା ହେଉଥିଲେ ମଧ ପୋଲିସ୍ କିମ୍ବା ଖାଉଟି ବିଭାଗ ଏହାର କୌଣସି ସୁରାକ ପାଇ ପାରି ନ ଥିଲା ।



ନକଲି ସୋରିଷ ତେଲ କାରଖାନା ଚଳାଇ ଗିରଫ ହୋଇଥିବା ଦମ୍ପତି।

ଯୁବ ପ୍ରତିଭା

# ମନୋଜଙ୍କ ରେକର୍ଡ ନିଶା



ଅନ୍ୟମାନଙ୍କଠାରୁ କିଛି ଭିନ୍ନ କରି ଏ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ନିଶା, ଅନେକଙ୍କ ଦ୍ୱାରା ଦୁଃସାହସିକ କାର୍ଯ୍ୟ କରାଇଦିଏ । ଏମିତି ଜଣେ ଯୁବକ ହେଉଛନ୍ତି ଗଞ୍ଜାମ ଜିଲା ପୋଲସରା ବ୍ଲକ୍ ଅନ୍ତର୍ଗତ ଭାବରଡ଼ାରେ ରହୁଥିବା ଗୀତାଞ୍ଜଳୀ ଏବଂ ଭଗବାନ ମହାରଣାଙ୍କ ପୁଅ ମନୋଜ। ବର୍ତ୍ତମାନ ସେ ଗିନିଜ୍ ମ୍ୟାନ୍ ଭାବେ କେବଳ ଗଞ୍ଜାମ ନୁହେଁ ସାରା ରାଜ୍ୟରେ ପରିଚିତ । ଏହା ପଛର କାରଣ ହେଲା, ଗୋଟିଏ କି ଦୁଇଟି ନୁହେଁ, ତାଙ୍କ ନାମରେ ରହିଛି ତିନି ତିନିଟି ଗିନିଜ୍ ୱାର୍ଲ୍ଡ ରେକର୍ଡ । ଏ ସମ୍ପର୍କରେ ମନୋଜ କୁହନ୍ତି, ''ପିଲାଦିନେ ଟିଭିରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ଶୋ' ଦେଖିବାକୁ ଭାରି ମଜା ଲାଗୁଥିଲା। ଭିନ୍ନ ପ୍ରତିଭା ଦେଖାଇ ସମସ୍ତେ କିପରି ବିଶ୍ୱବ୍ୟାପୀ ପରିଚିତ ହୋଇପାରୁଛନ୍ତି, ତାହା ମୋତେ ପ୍ରେରଣା ଯୋଗାଉଥିଲା । ଖୁବ୍ କମ୍ ବୟସରେ ଏହି ରେକର୍ଡ ବହିରେ ନିଜ ନାମ ଲେଖିବା ନିଶା ଘାରିଲା । ଇଣ୍ଟରନେଟ୍ ଜରିଆରେ କେଉଁ ବ୍ୟକ୍ତିଙ୍କ ନାମରେ କେଉଁ ରେକର୍ଡ ରହିଛି, ତାହାର ତଥ୍ୟ ସଂଗ୍ରହ କଲି । ଯୁକ୍ତ ତିନି ପଢୁଥିବା ସମୟରେ ଏକରୁ ଏକ ହଜାର ପର୍ଯ୍ୟନ୍ତ ବର୍ଗଫଳ ଲେଖିବାକୁ ଉଦ୍ୟମ କରିବା ସହ ଗିନିଜ୍ ରେକର୍ଡ ଲାଗି ପଠାଇଲି । କିନ୍ତୁ ଏଭଳି କୌଣସି ରେକର୍ଡ ବ୍ୟବସ୍ଥା ନାହିଁ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଥିଲା । ହେଲେ ଏହା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିଲା । ପ୍ରଥମ ଉଦ୍ୟମ ବିଫଳ ହୋଇଥିଲେ ମଧ୍ୟ ରେକର୍ଡ କରିବା ନିଶା କମି ନ ଥିଲା। ୨୦୧୭ରେ ପାଟିରେ ୨୧ଜଳନ୍ତା କ୍ୟାଣ୍ଡେଲକୁ ରଖି ପୁଣି ଥରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଲି। ତଥାପି ଲକ୍ଷ୍ୟ ଥିଲା ଗିନିଜ୍ ବିଶ୍ୱ ରେକର୍ଡ । ଆଉ ଶେଷରେ ସେଦିନ ଆସିଗଲା । ୨୦୧୭ ଅଗଷ୍ଟ ୨୮ ତାରିଖରେ ବ୍ରହ୍ମପୁର ଟାଉନ୍ ହଲ୍ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପାଟିରେ ୪୫୯ଟି ଷ୍ଟ୍ର ରଖିଥିଲି। ଏହାକୁ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡକୁ ପଠାଇବା ପରେ ସଂସ୍ଥା ପକ୍ଷରୁ ସ୍ୱୀକୃତି ମିଳିଥିଲା । ଏହା ମୋତେ ଅନେକ ପ୍ରସିଦ୍ଧି ଆଣିଦେଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋତେ ସମ୍ବର୍ଦ୍ଧିତ କରିଥିଲେ । ପରେ ପରେ ମୁଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡଠାରୁ ଆରମ୍ଭ କରି ୧୧ ଥର ସେଟର୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡ ଏବଂ ୩ ଥର ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ନିଜ ନାମ ଲେଖିବାରେ ସଫଳ ହୋଇପାରିଛି। ତେବେ ନିଜ ନାମରେ ସାରା ବିଶ୍ୱରେ ରେକର୍ଡ ସୃଷ୍ଟି କରିବାରେ ଯେଉଁ ଖୁସି ମିଳୁଛି, ତା' ସମ୍ମୁଖରେ ଏସବୁ କାରନାମା କରିବା ବେଳେ ଲାଗୁଥିବା ଆଘାତର କଷ୍ଟ କିଛି ନୁହେଁ ବୋଲି ସେ ପ୍ରକାଶ କରନ୍ତି।

କେବଳ ଏଭଳି ଅଜବ କାରନାମା କରି ରେକର୍ଡ କରିବା ନୁହେଁ, ସମାଜସେବା କ୍ଷେତ୍ରରେ ମଧ୍ୟ ନିଜର ଅବଦାନ ପାଇଁ ମନୋଜ ବହୁଥର ପୁରସ୍କୃତ ହୋଇଛନ୍ତି । ୨୦୧୭-୧୮ରେ ପ୍ରକୃତିବନ୍ଧୁ ପୁରସ୍କାର, ବୁଧଖୋଲ ମହୋତ୍ସବ, ଗଞ୍ଜାମ ଜ୍ୟୋତି ସମ୍ମାନ ସହ ୧୩ଟି ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି । ନିଜେ ୧୦ଥର ରକ୍ତ ଦେବା ସହ ୨ଟି ଶିବିର ଆୟୋଜନ କରିଛନ୍ତି । ଏପରିକି ୩ଟି ବହି ଲେଖିବା ସହ ୬ଶହରୁ ଅଧିକ କବିତା ମଧ୍ୟ ଲେଖିଛନ୍ତି । ତେବେ ବିଶ୍ୱରେ ଅନେକ ବ୍ୟକ୍ତି ଗିନିଜ୍ ବିଶ୍ୱ ରେକର୍ଡରେ ନିଜ ନାମ ଯୋଡ଼ିବା ପାଇଁ ଆଜନ୍ମ ସଂଘର୍ଷ କରୁଥିବା ବେଳେ ମୋ ନାମ ଏକାଧିକ ବାର ଏହି ରେକର୍ଡ ବହିରେ ସ୍ଥାନିତ ହେବାର ଖୁସି ଅବର୍ଣ୍ଣନୀୟ ବୋଲି କୁହନ୍ତି ମନୋଜ।

–ଆଶୀର୍ବାଦ ରାଉତ



# ଇଣ୍ଟରଭ୍ୟୁ

ସମସ୍ତେ ଚାହାନ୍ତି ଭଲ ଜବ୍। ଏହା ନିର୍ଭର କରିଥାଏ ଇଣ୍ଟରଭ୍ୟୁରେ ଭଲ ପ୍ରଦର୍ଶନ ଉପରେ...

**ଆଜିର କମ୍ପିଟେଟିଭ୍ ମାର୍କେଟ୍‌ରେ ଭଲ ଜବ୍‌ଟିଏ ପାଇବାକୁ ହେଲେ ଇଣ୍ଟରଭ୍ୟୁରେ ନିଜର ବେଷ୍ଟ ଫରଫର୍ମାନ୍ସ ଦେବାକୁ ହୋଇଥାଏ। ତେବେ ଏଥିପାଇଁ ବିଭିନ୍ନ ଇଣ୍ଟରଭ୍ୟୁ ପାଟର୍ନ ସମ୍ପର୍କରେ ଜାଣିବା ସହ କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ...**







**ପାରମ୍ପରିକ ୱାନ୍-ଟୁ-ୱାନ୍ ଇଣ୍ଟରଭ୍ୟୁ:** ସାଧାରଣତଃ ଏଭଳି ଇଣ୍ଟରଭ୍ୟୁ ଅଧିକାଂଶଙ୍କୁ ସାମ୍ନା କରିବାକୁ ପଡ଼ିଥାଏ। ଏଥିରେ ପ୍ରଥମେ ଏଚ୍‌ଆର୍‌ଙ୍କ ଦ୍ୱାରା ଇଣ୍ଟରଭ୍ୟୁ ନେବା ପରେ ଆପଣଙ୍କୁ ଆପଏଣ୍ଟ କରିବାକୁ ଥିବା ହାୟର ଅଥରିଟି ଇଣ୍ଟରଭ୍ୟୁ ନେଇଥାଆନ୍ତି। ଏଥିରେ ଖୁବ୍ ଛୋଟ ବା ଶର୍ଟ ପ୍ରଶ୍ନ ପଚରା ଯାଇଥାଏ। ବିଶେଷକରି କରେଣ୍ଟ ଆଫେୟାର୍ସ ଉପରେ ଧ୍ୟାନ ଦିଆଯାଇଥାଏ।

**ଗ୍ରୁପ୍ ଇଣ୍ଟରଭ୍ୟୁ:** ଏଭଳି ଇଣ୍ଟରଭ୍ୟୁରେ ଏକାଧିକ ଇଣ୍ଟରଭ୍ୟୁୟର ମିଳିତ ଭାବେ ଇଣ୍ଟରଭ୍ୟୁ ନେଇଥାନ୍ତି। ବିଭିନ୍ନ କାର୍ଯ୍ୟାଳୟରେ ସାଧାରଣତଃ ମାସ୍ ହାୟରିଂ କରିବାର ଥିଲେ କିମ୍ବା ଜୁନିଅର ଲେଭଲ୍‌ର କର୍ମଚାରୀ ନିଯୁକ୍ତି ଲାଗି ଏଭଳି ଇଣ୍ଟରଭ୍ୟୁ କରାଯାଇଥାଏ। ଏଥିରେ ପରବର୍ତ୍ତୀ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହେବାକୁ ହେଲେ ସମସ୍ତଙ୍କ ଭିତରେ ପ୍ରଥମେ ନିଜ ଉତ୍ତର ରଖିବାକୁ ଚେଷ୍ଟା କରିବା ସହ ଅଳ୍ପକେ ସମସ୍ତ ପ୍ରଶ୍ନର ସଠିକ୍ ଉତ୍ତର ଦେବାକୁ ହୋଇଥାଏ। ପୂର୍ବରୁ ସାଙ୍ଗସାଥୀ କିମ୍ବା ପରିବାର ଲୋକଙ୍କ ସମ୍ମୁଖରେ ଅଭ୍ୟାସ କରିବା ଦ୍ୱାରା ଏଭଳି ଇଣ୍ଟରଭ୍ୟୁକୁ ସାମ୍ନା କରିବା ସହ ଉତ୍ତୀର୍ଣ୍ଣ ହେବା ସହଜ ହୋଇଥାଏ।

**ପ୍ୟାନେଲ ଇଣ୍ଟରଭ୍ୟୁ:** ଏହା ମଧ୍ୟ ଏକପ୍ରକାରର ଗ୍ରୁପ୍ ଇଣ୍ଟରଭ୍ୟୁ। କୌଣସି ଅର୍ଗାନାଇଜେଶନ୍‌ରେ ମଲ୍ଟିପୁଲ୍ ବା ଏକାଧିକ ଷ୍ଟେକ୍‌ହୋଲ୍ଡର ଥିଲେ ଜବ୍ ଲାଗି ପ୍ୟାନେଲ୍ ଇଣ୍ଟରଭ୍ୟୁ କରାଯାଇଥାଏ। ଏଥିରେ କ୍ୱାଲିଫାଏ କରିବାକୁ ହେଲେ ମ୍ୟାନେଜରଙ୍କ ସହ ପ୍ୟାନେଲ୍‌ରେ ଥିବା ଅନ୍ୟ ସ୍ପେଶାଲିଷ୍ଟମାନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ହୋଇଥାଏ। ସେମାନଙ୍କୁ ଇମ୍ପ୍ରେସ୍ କରିବାକୁ ହେଲେ ନିଜ ଦକ୍ଷତା ପ୍ରଦର୍ଶନ କରିବାକୁ ହୋଥାଏ। ନିର୍ଭୁଲ୍ ଉତ୍ତର ଦେବା ସହ ସମସ୍ତଙ୍କ ସହ ଭୟଶୂନ୍ୟ ଭାବେ ଆଇକଣ୍ଟାକ୍ଟ ରଖିବାକୁ ହୋଇଥାଏ। କୌଣସି ପ୍ରଶ୍ନର ଉତ୍ତର ନ ଆସିଲେ ଏଣୁତେଣୁ ଉତ୍ତର ଦେବା କିମ୍ବା ଅବାନ୍ତର ଯୁକ୍ତି କରିବାଠୁ ଦୂରେଇ ରହିବା ଦରକାର। ନଚେତ୍ ଏହା ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।

**ଟେଲିଫୋନିକ୍ ଇଣ୍ଟରଭ୍ୟୁ:** ଗୋଟିଏ ପୋଷ୍ଟ ଲାଗି ଅଧିକ ଆବେଦନକାରୀ ଥିଲେ ଫେସ୍ ଟୁ ଫେସ୍ ଇଣ୍ଟରଭ୍ୟୁ ପୂର୍ବରୁ ରିଜର୍ଭ କ୍ୟାଣ୍ଡିଡେଟ୍ ବାଛିବା ଲାଗି ପ୍ରଥମେ ଟେଲେଫୋନିକ୍ ଇଣ୍ଟରଭ୍ୟୁ କରାଯାଇଥାଏ। ତେଣୁ ଏଭଳି ଇଣ୍ଟରଭ୍ୟୁ ଲାଗି କଲ୍ ଆସିବା ସମୟରେ ନେଟ୍‌ୱର୍କ ଭଲ ଭାବେ ଆସୁଥିବା କୌଣସି ନିରୋଳା ସ୍ଥାନରେ ବସିବା ଦରକାର। ହଠାତ୍ ଦରକାର ହେଲେ କାମରେ ଆସିବା ଲାଗି ପାଖରେ ନିଜ ରିଜ୍ୟୁମ୍ କପି ରଖିବା ଆବଶ୍ୟକ।

**ଭିଡିଓ ଇଣ୍ଟରଭ୍ୟୁ:** ବର୍ତ୍ତମାନର ଇଣ୍ଟରନେଟ୍ ଜମାନାରେ ଅନ୍‌ଲାଇନ୍ ଭିଡିଓ ଇଣ୍ଟରଭ୍ୟୁର ଡିମାଣ୍ଡ ବଢୁଥିବା ଦେଖିବାକୁ ମିଳୁଛି। ଏଥିରେ ଜବ୍ ଆବେଦନକାରୀଙ୍କୁ ସର୍ବଦା ଇଣ୍ଟରଭ୍ୟୁ ସ୍ଥଳକୁ ଯିବାକୁ ପଡି ନ ଥାଏ। ଏମିତିକି ଇଣ୍ଟରଭ୍ୟୁ ନେବାକୁ ଥିବା ବ୍ୟକ୍ତି ଅଫିସ୍‌ରେ ଉପସ୍ଥିତ ନ ଥିଲେ ଡେଟ୍ ଘୁଞ୍ଚିବାର ଟେନ୍‌ସନ୍ ବି ନ ଥାଏ। ଏଥିରେ ଅନ୍‌ଲାଇନ୍‌ରେ ଭିଡିଓ କଲିଂ ଜରିଆରେ ପ୍ରଶ୍ନ ପଚରା ଯାଇଥାଏ। ତେଣୁ ଏଭଳି ଇଣ୍ଟରଭ୍ୟୁ ଲାଗି ବିଶେଷ ପ୍ରସ୍ତୁତି କରିବାକୁ ପଡିଥାଏ। କିଭଳି କ୍ୟାମେରା ଫ୍ରେଣ୍ଡ୍‌ଲୀ ହେବେ, ଇଣ୍ଟରଭ୍ୟୁ ସମୟରେ ଭଏସ୍ କ୍ଲିଅର ହେବ, ବ୍ୟାକ୍‌ଗ୍ରାଉଣ୍ଡ ନଏଜ୍ ନ ରହିବ, ଲାଇଟ୍ ଠିକ୍ ରହିବ ଆଦି ପ୍ରତି ଗୁରୁତ୍ୱ ଦେବାକୁ ହୋଇଥାଏ।

**ଜବ୍ ଫେୟାର୍ ଇଣ୍ଟରଭ୍ୟୁ:** ବର୍ତ୍ତମାନ ବଡ଼ ବଡ଼ ଅନୁଷ୍ଠାନଗୁଡିକ ପକ୍ଷରୁ ମାସ୍ ହାୟାରିଂ ଲାଗି ବିଭିନ୍ନ ଜବ୍ ଫେୟାର୍ ବା ନିଯୁକ୍ତି ମେଳା ଆୟୋଜନ କରାଯାଉଛି। ଏଠାରେ ବହୁ ସଂଖ୍ୟାରେ ଆବେଦନକାରୀ ଥିବାରୁ ନିଜର ଦକ୍ଷତା ପ୍ରତିପାଦନ କରି ଜବ୍ ପାଇବା ଲାଗି ଖୁବ୍ କଷ୍ଟ ହୋଇଥାଏ। ତେଣୁ ଏଭଳି ଅବସରର ଫାଇଦା ନେବାକୁ ହେଲେ ଭଲ ଭାବେ ପ୍ରସ୍ତୁତି ଆବଶ୍ୟକ । ସମସ୍ତ ପ୍ରଶ୍ନର ଉତ୍ତର ଠିକ୍‌ଭାବେ ଦେବା ସହ ନିଜ ବଡି ଲାଙ୍ଗୁଏଜ୍, ଫେସିଆଲ୍ ଏକ୍ସପ୍ରେଶନ୍ ପ୍ରତି ମଧ୍ୟ ଧ୍ୟାନ ଦେବା ଜରୁରୀ।

**କଫି ଏବଂ ଲଞ୍ଚ ଇଣ୍ଟରଭ୍ୟୁ:** ସାଧାରଣତଃ ହାୟର ଲେଭଲକୁ ଯିବା ପରେ କୌଣସି ସିନିଅର୍ ପୋଷ୍ଟ ଲାଗି ଇଣ୍ଟରଭ୍ୟୁ ଲାଗି ଅଫିସ୍‌କୁ ଯାଇ ଘଣ୍ଟାଘଣ୍ଟା ଅପେକ୍ଷା କିମ୍ବା ଏକାଧିକ ରାଉଣ୍ଡ ସାମ୍ନା କରିବାକୁ ହୋଇ ନ ଥାଏ। ଏଭଳି କ୍ଷେତ୍ରରେ ବଡ଼ ବଡ଼ ସଂସ୍ଥା ପକ୍ଷରୁ କଫି କିମ୍ବା ଲଞ୍ଚ ପାଇଁ ଡକାଇ ଇଣ୍ଟରଭ୍ୟୁ କରାଯାଇଥାଏ। ଏଥିରେ ସାଧାରଣ ପ୍ରଶ୍ନୋତ୍ତର କରା ନ ଯାଇ ବ୍ୟକ୍ତିଙ୍କ ଅଭିଜ୍ଞତା ଏବଂ ଏଠାରେ ଆବଶ୍ୟକ କାର୍ଯ୍ୟ ତାଙ୍କ ଦ୍ୱାରା ହୋଇପାରିବ କି ନାହିଁ ସେ ସମ୍ପର୍କରେ ଆଲୋଚନା କରାଯାଇଥାଏ।

**ଷ୍ଟ୍ରେସ୍ ଇଣ୍ଟରଭ୍ୟୁ:** ଜଣେ କର୍ମଚାରୀ କାମ ପ୍ରେସର ପଡ଼ିଲେ କେଉଁଭଳି ପ୍ରତିକ୍ରିୟା କରିବ ଜାଣିବା ଲାଗି କେବେକେବେ କେତେକ ଅର୍ଗାନାଇଜେଶନ ପକ୍ଷରୁ ଷ୍ଟ୍ରେସ୍ ଇଣ୍ଟରଭ୍ୟୁ କରାଯାଇଥାଏ। ଏଥିରେ ଇଣ୍ଟରଭ୍ୟୁୟର ଜାଣିଜାଣି କଠିନ ପ୍ରଶ୍ନ, ଆକ୍ଷେପମୂଳକ ପ୍ରଶ୍ନ, ର୍‌ୟାପଡ୍ ଫାୟାର ରାଉଣ୍ଡ କରିବା, ଆପଣଙ୍କ ଉତ୍ତର ଉପରେ ପ୍ରଶ୍ନ ଉଠାଇବା କିମ୍ବା ଆକ୍ରାମକ କଣ୍ଠରେ ପ୍ରଶ୍ନ କରିବା କାର୍ଯ୍ୟ କରିଥାନ୍ତି। ଏ ସମୟରେ ବିରକ୍ତ ହେବା କିମ୍ବା ନିଜର ଯୁକ୍ତି ରଖିବା ପରିବର୍ତ୍ତେ ଧୈର୍ଯ୍ୟର ସହ ବିନମ୍ର ଭାବେ ନିଜର ଉତ୍ତର ରଖିବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ।

## ଏ ସପ୍ତାହର ପ୍ରଶ୍ନ

୧- ସର୍ବାଧିକ ଚା ରପ୍ତାନି କରୁଥିବା ଦେଶ........ ?
୨- ଫ୍ଲାମିଙ୍ଗୋ ଫେଷ୍ଟିଭାଲ......... ରାଜ୍ୟରେ ପାଳନ କରାଯାଏ ?
୩- ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱାରା ଶିଖ୍ ମ୍ୟୁଜିୟମ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର.... ସହରରେ ପ୍ରତିଷ୍ଠା କରାଯିବ ?
୪- 'ଏ ହିମାଲୟାନ୍ ଲଭ୍ ଷ୍ଟୋରି' ପୁସ୍ତକ ....... ଲେଖିଛନ୍ତି ?
୫- କମନ୍ ୱେଲ୍‌ଥ ଗେମ୍ ......... ମସିହାରେ ଆରମ୍ଭ ହୋଇଥିଲା ?

## ଗତ ଥରର ଉତ୍ତର

୧ ଇଣ୍ଟିଗ୍ରିଟି- ଏ ୱେ ଅଫ୍ ଲାଇଫ୍
୨ ଉତ୍ତର ପ୍ରଦେଶ
୩ ଠାକୁର ଅନୁପ ସିଂ
୪ କାଶୀନାଥ ପଣ୍ଡିତ
୫ ଡାଟା ସିକ୍ୟୁରିଟି କାଉନ୍‌ସିଲ ଅଫ୍ ଇଣ୍ଡିଆ

## ଉତ୍ତର ଦାତା


ଗୋପବନ୍ଧୁ କର୍ଣ୍ଣ, ସୁବର୍ଣ୍ଣପୁର


ବିଶ୍ୱରଞ୍ଜନ ମହାନ୍ତି, ତାଳଚେର



ସୋନାଲି ବେହେରା, ବ୍ରହ୍ମପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ଶାନ୍ତିପୂର୍ଣ୍ଣ ଦେଶ-୨୦୧୯

(୧)........ ଆଇସ୍‌ଲାଣ୍ଡ
(୨)........ ନ୍ୟୁଜିଲାଣ୍ଡ
(୩)........ ପର୍ତ୍ତୁଗାଲ
(୪)........ ଅଷ୍ଟ୍ରିଆ
(୫)........ ଡେନ୍‌ମାର୍କ
(୬)........ କାନାଡ଼ା
(୭)........ ସିଙ୍ଗାପୁର
(୮)........ ସ୍ଲୋଭେନିଆ
(୯)........ ଜାପାନ
(୧୦)........ ଚେକ୍ ରିପବ୍ଲିକ୍


ଆଇସ୍‌ଲାଣ୍ଡ

## ପାଠକଙ୍କ ମତ

– ବାସ୍ତବରେ ଜୀବନରେ ସଫଳ ହେବାକୁ କେବଳ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ନୁହେଁ ତା' ସହ ଆବଶ୍ୟକ ହୋଇଥାଏ ଦକ୍ଷତା। ଏ ସମ୍ପର୍କରେ ପ୍ରକାଶିତ ପାଠର ଉପସ୍ଥାପନା ଶୈଳୀ ଖୁବ୍ ଭଲ ଲାଗିଲା।

*– ସମ୍ଭାବନା ମହାନ୍ତି, ପୁରୀ*

– ସମାଜ ସେବୀ ରାଜେଶଙ୍କ କାର୍ଯ୍ୟ ନିଶ୍ଚିତ ଭାବେ ପ୍ରଶଂସା ଯୋଗ୍ୟ। ସମସ୍ତେ ଯଦି ତାଙ୍କ ଭଳି ମନବୃତ୍ତି ରଖି କାର୍ଯ୍ୟ କରନ୍ତେ ତେବେ ସମାଜରେ ଅବହେଳିତଙ୍କ ସଂଖ୍ୟା ହ୍ରାସ ପାଇଯିବ।

*– ରମାକାନ୍ତ ନନ୍ଦ, ଚାନ୍ଦବାଲି*

– ବ୍ୟସ୍ତ ଜୀବନ ଶୈଳୀ ଭିତରେ ଫିଟ୍ ରହିବା ଲାଗି ପ୍ରାଣାୟମର ଆବଶ୍ୟକତା କେତେ ଜରୁରୀ ସେ ସମ୍ପର୍କରେ ଗତ ସପ୍ତାହରେ ୟୁଥ୍ ଆଲର୍ଟ ସ୍ତମ୍ଭରୁ ଜାଣିବାକୁ ପାଇଲି। ଏଭଳି ଶିକ୍ଷଣୀୟ ପାଠ ପ୍ରକାଶ ପାଉଥିବାରୁ ଏହି ପୃଷ୍ଠାଟି ମୋର ପ୍ରିୟ।

*– ଲିଜାରାଣୀ ଖଟୁଆ, ନୟାଗଡ*

## ୟୁଥ୍ ଆଲର୍ଟ

**ବର୍ତ୍ତମାନ କେତେକ ଯୁବତୀଯୁବକ ସିଗାରେଟ୍ ଟାଣିବାକୁ ଏକ ଫ୍ୟାଶନ୍ ଭାବେ ଗ୍ରହଣ କରୁଥିବା ବେଳେ କେତେକଙ୍କ ଠାରେ ଏହି ବଦଭ୍ୟାସ ଏକ ନିଶାରେ ପରିଣତ ହୋଇଗଲାଣି, ଯାହାକି ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ବିଶେଷକରି ହୃଦ୍‌ରୋଗର କାରଣ ସାଜୁଛି। ତେଣୁ ଏହି ନିଶା ଛାଡ଼ିବା ଲାଗି ଜାଣିରଖନ୍ତୁ କେତୋଟି ଘରୋଇ ଉପଚାର ସମ୍ପର୍କରେ...**



# ଛାଡ଼ନ୍ତୁ ସିଗାରେଟ୍

**ଡାଲଚିନି ଓ ମହୁ:** ସିଗାରେଟ୍ କିମ୍ବା ତମାଖୁ ସେବନ ଦ୍ୱାରା ଫୁସ୍‌ଫୁସ୍ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିଥାଏ। ଯଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସହ ଅନେକଙ୍କଠାରେ ଫୁସ୍‌ଫୁସ୍ କ୍ୟାନ୍‌ସର ମଧ୍ୟ ହେଉଛି। ତେଣୁ ଏହି ବଦଭ୍ୟାସ ଛଡ଼ାଇବା ଲାଗି ଡାଲଚିନିକୁ ଭଲ ଭାବେ ଗୁଣ୍ଡ କରି ସେଥିରେ ମହୁ ମିଶାନ୍ତୁ। ଯେବେ ସିଗାରେଟ୍ ଟାଣିବାକୁ ଇଚ୍ଛା ହେଉଛି, ଏହି ମିଶ୍ରଣରୁ ଏକ ଚାମୁଚ ଖାଆନ୍ତୁ ଉପକୃତ ହେବେ।

**ଅଁଳା ଏବଂ ଅଦା:** ଏକ ପ୍ଲେଟ୍‌ରେ ଅଁଳା ଏବଂ ଅଦାକୁ ଖୁବ୍ ଛୋଟଛୋଟ କାଟି ରଖନ୍ତୁ। ଏହାକୁ ଭଲ ଭାବେ ଖରାରେ ଶୁଖାଇବା ପରେ ଏକ ଡବାରେ ଭର୍ତ୍ତି କରିଦିଅନ୍ତୁ। ସେଥିରେ କିଛି ଲେମ୍ବୁ ରସ ଏବଂ ଲୁଣ ମିଶାନ୍ତୁ। ସିଗାରେଟ୍ ଟାଣିବାକୁ ଇଚ୍ଛାହେବା ମାତ୍ରେ ଏଥିରୁ ଅଳ୍ପ ଖାଆନ୍ତୁ ଏବଂ ନିଶାଠୁ ଦୂରେଇ ରହନ୍ତୁ।

**ଫ୍ରୁଟ୍ ଜୁସ୍:** ଏହା କେବଳ ପାଟିକୁ ସ୍ୱାଦିଷ୍ଟ ନୁହେଁ, ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ଉପକାରୀ। ତେବେ ଏହା ସିଗାରେଟ୍ ଛାଡ଼ିବାକୁ ଚାହୁଁଥିବା ଯୁବତୀଯୁବକଙ୍କ ଲାଗି ବେଶ୍ କାମରେ ଆସିଥାଏ।

**ପିଆଜ ରସ:** ଦିନକୁ ୩-୪ ଚାମଚ ପିଆଜ ରସ ଖାଇଲେ ବି ସିଗାରେଟ୍, ତମାଖୁ ଆଦିର ଅଭ୍ୟାସ ଛାଡିବାରେ କାମରେ ଆସିବ।

**ଜୁଆଣି ଏବଂ ପାନମଧୁରି:** ସମପରିମାଣରେ ଜୁଆଣି ଏବଂ ପାନମଧୁରୀ ନେଇ ମିଶାଇ ଦିଅନ୍ତୁ। ସେଥିରେ ଅଳ୍ପ ଲେମ୍ବୁ ରସ ଏବଂ କଳା ଲୁଣ ମିଶାଇ ରାତିସାରା ଛାଡିଦିଅନ୍ତୁ। ସକାଳେ ତାଓ୍ବା ଗରମ କରି ଏହାକୁ ହାଲୁକା ଭାଜି ଦିଅନ୍ତୁ ଏବଂ ଏକ ଏୟାର ଟାଇଟ୍ କଣ୍ଟେନରରେ ରଖିଦିଅନ୍ତୁ। ସିଗାରେଟ୍ ନିଶା ଛାଡିବା ଲାଗି ଏହା ଏକ ଭଲ ବିକଳ୍ପ।



## ସଂକ୍ଷେପରେ

### ଡାକ୍ତରଖାନା ପରିସରରୁ ସଶସ୍ତ୍ର ଡକାୟତି

କେନ୍ଦୁଝର,୯।୧୧( ସ୍ୱ.ପ୍ର.)- ସ୍ଥାନୀୟ ଟାଉନ ଥାନା ଅନ୍ତର୍ଗତ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଜଣେ ଷ୍ଟାଫ ନର୍ସଙ୍କ ଘରେ ଶୁକ୍ରବାର ସନ୍ଧ୍ୟାରେ ସଶସ୍ତ୍ର ଡକାୟତି ଘଟଛି। ଡକାୟତ ଦଳ ଘରୁ ଟଙ୍କା ଓ ସୁନା ଅଳଙ୍କାର ଲୁଟ କରିଥିବା ନେଇ ଷ୍ଟାଫନର୍ସ ସୌମ୍ୟା ମିଶ୍ର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଧରପଗଡ଼ ଆରମ୍ଭ କରିଛି। ୫ ଜଣ ଡ଼କାୟତ ସନ୍ଧ୍ୟାରେ ଆସି ଷ୍ଟାଫନର୍ସଙ୍କ କବାଟ ବାଡେଇ ମାଓବାଦୀ ଓ ପୋଲିସ ସେମାନଙ୍କୁ ପିଛା କରୁଥିବା କହି ଆଶ୍ରୟ ମାଗିଥିଲେ। ପୋଲିସ ଯିବା ପରେ ପଳାଇଯିବେ ବୋଲି କହିଥିଲେ। ପରେ ସେମାନେ ବନ୍ଧୁକ ଓ ଭୁଜାଲି ଦେଖାଇ ଘରୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଓ ୭ ଲକ୍ଷ ଟଙ୍କାର ଗହଣା ଲୁଟି ନେଇଥିବା ଷ୍ଟାଫନର୍ସ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

### ସିମେଣ୍ଟ ଚୋରି ଅଭିଯୋଗରେ ଜଣେ ଗିରଫ

ପାଟଣା,୯।୧୧(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ଥାନା ମୁଖ୍ୟାଳୟ ସ୍ଥିତ ବଡ଼ପାଟଣା ପଞ୍ଚାୟତ ପରିସରରୁ ଶୁକ୍ରବାର ରାତିରେ ସିମେଣ୍ଟ ଓ ଲୁହା ଛଡ଼ ଚୋରି ଅଭିଯୋଗରେ ପାଟଣା ପୋଲିସ ଶନିବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଦୁର୍ଗାଦେଈପୁର ଗ୍ରାମର ଚନ୍ଦ୍ର ଶେଖର ବରଡ଼ିଆ। ଏହି ଚୋରି ଘଟଣାରେ ଦୁଇ ସହଯୋଗୀ ଫେରାର ଥିବା ଜଣା ପଡ଼ିଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬୯/୧୯) ରୁଜୁ ହୋଇଛି।

### ବୁଲ୍‌ବୁଲ୍ ପ୍ରଭାବ ଘର ଉପରେ ପଡ଼ିଲା ନଡ଼ିଆ ଗଛ



ଆନନ୍ଦପୁର,୯। ୧୧(ସ୍ୱ.ପ୍ର.)- ବୁଲ୍‌ବୁଲ୍ ପ୍ରଭାବରେ ଆନନ୍ଦପୁର ଉପଖଣ୍ଡ ଅଞ୍ଚଳରେ ଶୁକ୍ରବାର ଅପରାହ୍ଣଠାରୁ ପବନର ବେଗ ବୃଦ୍ଧି ପାଇଥିଲା। ଏହାର ପ୍ରଭାବରେ ଆନନ୍ଦପୁର ପୌରପରିଷଦ ଫକୀରପୁର ପତି ସାହିରେ ଏକ ଘର ଉପରେ ଗୋଟିଏ ନଡିଆ ଗଛ ଉପୁଡି ପଡିଯାଇଥିଲା। ସାହିର ବିନ ସ୍ୱାଇଁ ଚାଳ ଛପର ଘରେ ନଡିଆ ଗଛଟି ପଡିଯାଇଥିଲେ ସୁଦ୍ଧା ଘରେ ଥିବା ପରିବାର ଲୋକେ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଆନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନଡିଆ ଗଛକୁ କାଟି ବାହାର କରିଥିଲେ। ଏହି ଗଛ ପ୍ରଭାବରେ ଘରର ଅର୍ଦ୍ଧାଧିକ ଅଂଶ ଭାଙ୍ଗି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି।

### ଅବସରକାଳୀନ ସମ୍ବର୍ଦ୍ଧନା

ହାଟଡିହି,୯।୧୧(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହି ବ୍ଲକ ସୋସୋ ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ବିଦାୟୀ ଶିକ୍ଷକ ନନ୍ଦ କିଶୋର ଜେନା ଏବଂ ସଂଯୁକ୍ତା ମଲ୍ଲିକଙ୍କ ଉଦ୍ଦେଶ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସୋସୋ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋଜ ମଞ୍ଜରୀ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ହାଟଡିହୀ ବ୍ଲକ ସଂଘର ସଭାପତି ହରମୋହନ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଅନାଦି ଚରଣ ନାୟକ, ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ରାଉତ, ବାଙ୍ଗୋର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଲେଙ୍କା, ସୋସୋ ପଞ୍ଚାୟତ ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ, ରଙ୍ଗାଧର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଦୁଇ ବିଦାୟୀ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସୋସୋ ନୋଡାଲ ଉଚ୍ଚ ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ରଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ରାଉତ, ଉଷାରାଣୀ ବାରିକ, ଅଙ୍ଗୁରବାଳା ସେନାପତି, ପବିତ୍ର ମୋହନ ବାରିକ, ସୁଜିତ୍ କୁମାର ମହାନ୍ତି, ସୁସନ୍ଧ୍ୟା ପ୍ରିୟଦର୍ଶିନୀ ମହାନ୍ତି, ପ୍ରିୟା ସାହୁ, ଦମୟନ୍ତୀ ପହି, କର୍ମଚାରୀ କୃଷ୍ଣଚନ୍ଦ୍ର ପାଗଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ମା’ଙ୍କୁ ହରାଇ ଦୁଇ ଝିଅ ଅନାଥ


**ଦଇବ ସାଧିଲା ଦାଉ**

■ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି

ପାଟଣା, ୯।୧୧(ସ୍ୱ.ପ୍ର.)

ଦଇବ ସାଧିଛି ଦାଉ। ପ୍ରଥମେ ବାପା ଆରପାରିକୁ ଚାଲିଯାଇଥିବାବେଳେ ଶୁକ୍ରବାର ମା’ଙ୍କ ଅକାଳ ମୃତ୍ୟୁ ଘଟିଛି । ଫଳରେ ଦୁଇ ନିଷ୍ପାପ ଶିଶୁ ଅନାଥ ହୋଇଯାଇଛନ୍ତି। ସେମାନଙ୍କୁ ଆହା ପଦେ କହିବାକୁ କେହି ନାହାନ୍ତି । ସେହି ପିଲାଦ୍ୱୟଙ୍କ ଭବିଷ୍ୟତ ସମ୍ପୂର୍ଣ୍ଣ ଅନ୍ଧକାର ହୋଇଯାଇଛି ବୋଲି ଗ୍ରାମବାସୀ କହିଛନ୍ତି ।

ସମ୍ପୂର୍ଣ୍ଣ ଘଟଣାଟି ଏମିତି.. । କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସାଁରାପଶି ଗ୍ରାମର ମଲ୍ଲୀ ମୁଣ୍ଡାଙ୍କ ମୃତଦେହକୁ ଶୁକ୍ରବାର ସରାସକୋଲା ପଞ୍ଚାୟତ ଝିଞ୍ଚିରିନାଳୀ ଗ୍ରାମ ପୋଖରୀରୁ ଉଦ୍ଧାର କରାଯାଇଥିଲା । ମଲ୍ଲୀଙ୍କ ଦୁଇ ଝିଅ ସରସ୍ୱତୀ (୧୨) ଓ ବୈଶାଖୀ (୮) ମା’ଙ୍କୁ ହରାଇ ସମ୍ପୂର୍ଣ୍ଣ ଭାଙ୍ଗିପଡିଛନ୍ତି । ଆଜିକୁ ୫ରୁ୬ବର୍ଷ ତଳେ ସେମାନଙ୍କ ବାପା ବୃନ୍ଦା ମୁଣ୍ଡାଙ୍କ ଦେହାନ୍ତ ହୋଇଥିଲା। ଏହାପରେ ମଲ୍ଲୀ ଦିନମଜୁରିଆ ଭାବେ କାମକରି ଯାହା ରୋଜଗାର କରୁଥିଲେ ସେଥିରେ ତାଙ୍କ ପରିବାର ଚଳୁଥିଲା। ହେଲେ ମଲ୍ଲୀଙ୍କ ଦେହାନ୍ତ ପରେ ସରସ୍ୱତୀ ଓ ବୈଶାଖୀ କ’ଣ କରିବେ ଚିନ୍ତା କରି ପାରିନାହାନ୍ତି । ଏହି ଦୁଇ ଝିଅ ଏବେ ସାହି ପଡିଶାଙ୍କ ଘରେ ରହିବା ସହ ସେମାନଙ୍କ ହାତଟେକା ସହାୟତାରେ ଚଳୁଛନ୍ତି। ସରସ୍ୱତୀ ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ବୈଶାଖୀ ସାଧୁପଡା ସରକାରୀ



ବେସାହାରା ସରସ୍ୱତୀ ଓ ବୈଶାଖୀ।

ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଛନ୍ତି। ମା’ ମଲ୍ଲୀଙ୍କ ମୃତ୍ୟୁ ପରେ ଦୁଇ ଝିଅଙ୍କ ପାଠ ପଢା ଆଉ ପ୍ରତିପୋଷଣ ନେଇ ଗ୍ରାମବାସୀ ଚିନ୍ତାରେ ପଡିଛନ୍ତି। ଏହି ୨ ଅନାଥ ଝିଅଙ୍କ ନିକଟରେ କୌଣସି ସରକାରୀ ସହାୟତା ପହଞ୍ଚି ପାରି ନାହିଁ । କୌଣସି ଜନପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀ ତାଙ୍କୁ ସମବେଦନା ବି ଜଣାଇନାହାନ୍ତି । ଏଥିନେଇ ପାଟଣା ବିଡିଓ ଈଶ୍ୱର ଚନ୍ଦ୍ର ନାଏକଙ୍କୁ ଯୋଗାଯୋଗ କରିବାରୁ ପିଲା ଦୁହିଁଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ । ସେମାନଙ୍କ ପାଠ ପଢାର ସୁବିଧା ପାଇଁ କୌଣସି ଏକ ହଷ୍ଟେଲର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏଇ ଦୁଇ ନିଷ୍ପାପ ଶିଶୁଙ୍କ ଥଇଥାନ ଓ ଭବିଷ୍ୟତ ନେଇ ଜିଲା ପ୍ରଶାସନ ଓ ଶିଶୁ ସୁରକ୍ଷା ସମିତି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଅନ୍ୟପକ୍ଷରେ ଏହି ଦୁଇ ନାବାଳିକାଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାର ସହାୟତା ରାଶି ପ୍ରଦାନ କରିବାକୁ ଦାବି ହୋଇଛି।

# ବେଆଇନ ବାଲି ଉଠାଣକୁ ବିରୋଧ

ହାଟଡିହୀ, ୯।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ଆମ୍ବୋ ପଞ୍ଚାୟତର କରଗୋଳା ଗ୍ରାମ ପରିସର ବୈତରଣୀ ନଦୀପଠାରୁ ବେଆଇନଭାବେ ବାଲି ଚାଲାଣ ହେଉଥିବାର ଅଭିଯୋଗ ହେଉଛି । ଏସଂକ୍ରାନ୍ତରେ କରଗୋଳା ଗ୍ରାମବାସୀ ସ୍ଥାନୀୟ ହାଟଡିହୀ ତହସିଲକୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ପ୍ରକାଶ ଥାଉକି ବାଲି ମାଫିଆମାନେ ଦିନ ଅପେକ୍ଷା ରାତିରେ ଶହଶହ ଟ୍ରିପ ବାଲି ଏହି ଅଞ୍ଚଳରୁ ବେଆଇନଭାବେ ଖନନକରି ବାହାରକୁ ଚାଲାଣ କରୁଥିବାର ଦେଖାଯାଉଛି। ଫଳରେ କରଗୋଳା, ଲଇଛଣପୁର, ଆମ୍ବୋ, ତେଲସିଙ୍ଗା ପ୍ରଭୃତି ଗ୍ରାମବାସୀ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ଏହାକୁ ବିରୋଧ କରି ଶୁକ୍ରବାର କରଗୋଳା ଗ୍ରାମର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଉପଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ କମଳାକାନ୍ତ ପଣ୍ଡା ଲିଖିତ ଅଭିଯୋଗ ଗ୍ରହଣ କରିବା ସହିତ ଖୁବ ଶୀଘ୍ର ସମାଧାନ କରାଯିବାର ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଘଟଗାଁ କଲେଜରେ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଢେଙ୍କିକୋଟ, ୯।୧୧(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଅଗ୍ରଣୀ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟରେ ଗତ ୭ରୁ ୯ ପର୍ଯ୍ୟନ୍ତ ତିନିଦିନିଆ ଜିଲାସ୍ତରୀୟ ୟୁଥ୍ ରେଡକ୍ରସ ଶିକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶନିବାର ତାର ଉଦ୍‌ଯାପନୀ ଦିବସରେ ଅପରାହ୍ଣ ୪ଟାବେଳେ ମହାବିଦ୍ୟାଳୟ ପରିସରରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଘସିପୁରା ନିର୍ବାଚନମଣ୍ଡଳୀର ବିଧାୟକ ବଦ୍ରୀ ନାରାୟଣ ପାତ୍ର, ସମ୍ମାନନୀୟ ଅତିଥି ଭାବେ ଘଟଗାଁ ବ୍ଲକ ଅଧ୍ୟକ୍ଷା ଦ୍ରୌପଦୀ ଦଣ୍ଡପାଟ ଯୋଗ ଦେଇଥିବାବେଳେ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରବି ରତନ ଜେନା ସଭାପତିତ୍ୱ କରିଥିଲେ। ଦୀର୍ଘ ୩ଦିନ ଧରି ଚାଲିଥିବା ଶିକ୍ଷା ପ୍ରଶିକ୍ଷଣ ଶିବିରରେ ୨୦୦ରୁ ଊର୍ଦ୍ଧ୍ୱ ଶିବିରାର୍ଥୀ ଛାତ୍ରୀଛାତ୍ରଙ୍କୁ ରେଡକ୍ରସ ତରଫରୁ ଯୋଗ ସାଙ୍ଗକୁ ନିଜକୁ ଆକସ୍ମିକ ଦୁର୍ବିପାକରୁ କିପରି ରକ୍ଷା କରିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କୁ କିପରି ଉଦ୍ଧାର କରାଯାଇପାରିବ ସେ ନେଇ ବିଭିନ୍ନ କୌଶଳ ଶିକ୍ଷା ଦିଆଯାଇଥିଲା।

# ଜଜାଙ୍ଗ ଖଣିରେ ମାରପିଟ, ୨ ଆହତ

ଯୋଡ଼ା, ୯।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳର ତଥା ବାମେବାରୀ ଥାନା ଅଧୀନ ଜଜାଙ୍ଗ ଖଣିରେ ଗୋଟିଏ ପକ୍ଷର ଶ୍ରମିକଙ୍କ ମାଡରେ ଅନ୍ୟ ପକ୍ଷର ୨ ଶ୍ରମିକ ଗୁରୁତର ଆହତ ହୋଇ ଯୋଡାସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଆହତ ହୋଇଥିବା ବ୍ୟକ୍ତି ଦ୍ୱୟ ହେଲେ ଜଜାଙ୍ଗ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ କୁଳମଣି ବାରିକ ଓ ଯୋଗେନ୍ଦ୍ର ମହାନ୍ତି। ଶନିବାର ସକାଳ ପ୍ରାୟ ୯ ଘଟିକା ସମୟରେ ଖଣିରେ କାର୍ଯ୍ୟ କରିବାକୁ ଯାଇଥିବା ଶ୍ରମିକ ମାନଙ୍କୁ ସଂଘବଦ୍ଧ ହୋଇ ଆନ୍ଦୋଳନ କରୁଥିବା ଶ୍ରମିକ ସଂଘର କିଛି ସମର୍ଥକ ବାଡି, ଠେଙ୍ଗା ଧରି ଆକ୍ରମଣ କରିଥିଲେ। ପୋଲିସ ଖବର ପାଇ ସଦଳବଳ ଖଣିରେ ପହଞ୍ଚିବା ପରେ ଆନ୍ଦୋଳନକାରୀ ସମର୍ଥକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଖଣିରେ ଲାଗିଥିବା ସିସି ଟିଭି ଫୁଟେଜ୍ ଆଧାରରେ ଯାଞ୍ଚ ଆରମ୍ଭ କରିଛି। ଆକ୍ରମଣ କରିଥିବା ଆନ୍ଦୋଳନକାରୀମାନଙ୍କୁ ଚିହ୍ନଟ କରିବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି। ପ୍ରକାଶ ଥାଉକି, ଜଜାଙ୍ଗ ଖଣିରେ ଗୁରୁବାର ଦିନ ଭାରତୀୟ ମଜଦୁର୍ ସଂଘ ସମର୍ଥିତ ତଥା ଜଜାଙ୍ଗ ମାଇନ୍ସ ମଜଦୁର୍ ସଂଘର କେତେକ ଶ୍ରମିକ ବିଭିନ୍ନ ଦାବି ପୂରଣ ନେଇ ଖଣି ଭିତରେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଥିଲେ। ଯାହାକି, ଆସନ୍ତା ୨୯ ପର୍ଯ୍ୟନ୍ତ ବଳବତର ରହିବ। ୧୪୪ ଧାରା ଜାରି ରହିଥିବା ସତ୍ତ୍ୱେ ମଧ୍ୟ ଉକ୍ତ ଶ୍ରମିକ ସଂଘ ପକ୍ଷରୁ ଖଣି ଭିତରେ ଆଇନ୍ ଉଲ୍ଲଂଘନ କରି ଧାରଣା ଦେବାରୁ ପୋଲିସ ୬ଜଣଙ୍କୁ ଗିରଫ କରି ଚମ୍ପୁଆ ଉପଖଣ୍ଡ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରିଥିଲା । ସୂଚନାଯୋଗ୍ୟ ଯେ, ୧୪୪ ଧାରା ଜାରି ହେବା ସତ୍ତ୍ୱେ ମଧ୍ୟ ଖଣିରେ ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି।

# ଜାତୀୟ ଆଇନ ସେବା ଦିବସ ପାଳିତ

କେନ୍ଦୁଝର, ୯।୧୧(ଡି.ଏନ.ଏ.)

ଜିଲା ଆଇନ ସେବା ପ୍ରାଧିକରଣ, କେନ୍ଦୁଝର ସୌଜନ୍ୟରୁ ଜାତୀୟ ଆଇନ ସେବା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ପ୍ରଭାତରୁ ଛାତ୍ର ଆଇନ ସାକ୍ଷରତା କ୍ଲବର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପଦଯାତ୍ରା କୋର୍ଟ ପରିସରରୁ ଆରମ୍ଭ ହୋଇ ସହର ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ପରେ ରୋଟାରୀ କ୍ଲବ ପରିସରରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାଜଜ୍ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ଲୋକନାଥ ସାହୁ ଯୋଗଦେଇଥିଲେ। ଭାରପ୍ରାପ୍ତ ସଚିବ ତଥା ଦେୱାନୀ ବିଚାରପତି ସ୍ୱର୍ଣ୍ଣଲତା ନାୟକ, କେନ୍ଦୁଝର ସଦର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାଗବତ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିବକ୍ତା ସଞ୍ଜୟ ପାଇକରାୟ, ଜ୍ଞାନେନ୍ଦ୍ର ଜେନା, ରବୀନ୍ଦ୍ର କୁମାର ସେଠୀ, ପ୍ରତିଭା ମିଶ୍ର, ରମଣୀ ରଞ୍ଜନ ଦାସ,ସୁରଜିତ ଦାସ, ହୁସେନ ଉଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ମଧୁବାବୁ ପେନସନ ଯୋଜନାରେ ୧୩ଜଣ ହିତାଧିକାରୀ, ଗ୍ରାମୀଣ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ୧୨ଜଣ ଓ ମମତା ଯୋଜନାରେ ୩୬୨ଜଣଙ୍କୁ ଭତ୍ତା ଓ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଚଳିତବର୍ଷ କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଜାତୀୟ ଆଇନସେବା ପ୍ରାଧିକରଣଙ୍କ ନିମନ୍ତ୍ରଣ କ୍ରମେ ଦିଲ୍ଲୀଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲାଜଜ୍ ବେଣୁଧର ପାତ୍ର ଏବଂ ପ୍ରାଧିକରଣର ସଚିବ ବନାଳି ତ୍ରିପାଠୀ ଯୋଗ ଦେବାକୁ ଯାଇଥିବା ଓ ସମଗ୍ର ଦେଶର ସଫଳ ଆଇନସେବା ପ୍ରାଧିକରଣ ହେବାର ମଧ ଗୌରବ ଅର୍ଜନ କରିଥିବା ସୂଚନା ଦିଆଯାଇଥିଲା।

# ହାଇସ୍କୁଲର ବାର୍ଷିକୋତ୍ସବ



ବିଧାୟକ ବଦ୍ରୀ ନାରାୟଣ ପାତ୍ରଙ୍କ ସହ ଉପସ୍ଥିତ ଶିଶୁ ଏବଂ ଅତିଥି କଳାକାର।

ଆନନ୍ଦପୁର, ୯।୧୧(ସ୍ୱ.ପ୍ର.)

ଘସିପୁରା ବ୍ଲକ ବଳରାମପୁର ପଞ୍ଚାୟତ ନୂଆପଡାଠାରେ ଥିବା ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷୀକେଶ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପତିତ ପାବନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଶରତ ରାଉତ, ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟର ଶିଶୁ ରୋଗ ବିଶେଷଜ୍ଞ କୃଷ୍ଣ ଚନ୍ଦ୍ର ଦାଶ, ସାଇ ଆନନ୍ଦ ସେବାଶ୍ରମର ନିର୍ଦ୍ଦେଶକ ସେବତୀ ସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅମୂଲ୍ୟ ପହି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଓମ୍ ପ୍ରକାଶ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରଞ୍ଜିତ୍ ରଞ୍ଜନ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ପନାସିଆ ଗ୍ରାମବାସୀ

ତେଲକୋଇ, ୯।୧୧(ଡି.ଏନ.ଏ.)

ତେଲକୋଇ ବ୍ଲକ ବିମଳା ପଞ୍ଚାୟତ ଅଧୀନରେ ରହିଛି ବଳଭଦ୍ରପୁରର ପନାସିଆ ବସ୍ତି। ତେବେ ଉକ୍ତ ବସ୍ତି ବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମକୁ ରାସ୍ତା ନଥିବା ଯୋଗୁ ଜଙ୍ଗଲ ମଧ୍ୟରେ ଚାଲୁଥିବା ବେଳେ ପାନୀୟଜଳ ସମସ୍ୟା ଯୋଗୁ ଚୁଆପାଣି ପିଇବାକୁ ବାଧ ହୋଇଛନ୍ତି। ସେହିପରି ଗ୍ରାମକୁ ଆମ୍ବୁଲାନ୍ସ ସେବା ଅପହଞ୍ଚ ହୋଇପଡିଥିବା ବେଳେ ଶିକ୍ଷା ପାଇଁ ଛୁଆ ମାନେ ପଞ୍ଚାୟତ ମୁଖ୍ୟାଳୟକୁ ଆସିବା କଷ୍ଟକର ହୋଇପଡିଛି। ଏନେଇ ଗ୍ରାମବାସୀ ଶୁକ୍ରବାର କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁଙ୍କୁ ଭେଟିକରି ଲିଖିତ ଭାବେ



ଗ୍ରାମବାସୀ ଏମପିଙ୍କୁ ଲିଖିତ ଭାବେ ଅଭିଯୋଗ କରିବାକୁ ଯାଇଛନ୍ତି।

ଗ୍ରାମର ସମସ୍ୟା ଦର୍ଶାଇଛନ୍ତି। ଏଥିସହ ତେଲକୋଇ ବିଧାୟକ ତଥା ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କୁ ମଧ ଅଭିଯୋଗ ପତ୍ରପାଇବା ପରେ ପ୍ରାଥମିକ ଭାବେ ରାସ୍ତା ନିର୍ମାଣ ଓ ଗ୍ରାମର ସମସ୍ୟାକୁ ଗୁରୁତ୍ୱ ଦେଇ ଗ୍ରାମବାସୀଙ୍କ ମଧ୍ୟରେ ଲକ୍ଷ୍ମୀ ସାହୁ, ସୁକାନ୍ତି ସାହୁ, କୁନିରାଣି ସାହୁ, ବ୍ରହ୍ମାନନ୍ଦ ସାହୁ, ଲଳିତା ଖଣ୍ଡା, ଲାବଣ୍ୟ ସାହୁ, ନରହରି ସାହୁ ସମେତ ଗ୍ରାମର ବହୁ ଲୋକ ଅନ୍ତର୍ଭୁକ୍ତ ରହିଥିଲେ।

# ଅଯୋଧ୍ୟା ରାୟ ପରେ କେନ୍ଦୁଝରରେ ସୁରକ୍ଷା କଡ଼ାକଡ଼ି

କେନ୍ଦୁଝର, ୯।୧୧ (ସ୍ୱ.ପ୍ର.)

ଅଯୋଧାରେ ରାମ ମନ୍ଦିର ପ୍ରସଙ୍ଗର ସର୍ବୋଚ୍ଚ ନ୍ୟାୟାଳୟ ଶୁଣାଣିକୁ ଆଖି ଆଗରେ ରଖି କେନ୍ଦୁଝର ଜିଲାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହି ଅବସରରେ ରେଳବାଇ ସୁରକ୍ଷା ବଳ ପକ୍ଷରୁ କେନ୍ଦୁଝରଗଡ ରେଳଷ୍ଟେଶନ ସମେତ ଅନ୍ୟାନ୍ୟ ସ୍ଥାନରେ ଶନିବାର ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି। ରେଳ ଷ୍ଟେଶନରେ ରେଳବାଇ ଥାନା ଇନ୍ସପେକ୍ଟର ଅମରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସୁରକ୍ଷାବଳ ମୁତୟନ କରାଯାଇ ରେଳ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଯାଞ୍ଚ କରିଥିଲେ। ସାମଗ୍ରୀ ତଥା ସନ୍ଦେହପୂର୍ଣ୍ଣ ବ୍ୟକ୍ତିଙ୍କ ଉପରେ ନଜର ରଖିବା ସହ ରେଳ ଯାତ୍ରୀଙ୍କୁ ନିଜର ସୁରକ୍ଷା ପାଇଁ ସଚେତନ କରିଥିଲେ ।

# ତାଲୁକ ଆଇନ ସେବା ଶିବିର

ଆନନ୍ଦପୁର, ୯।୧୧(ସ୍ୱ.ପ୍ର.)

ଆନନ୍ଦପୁର ବିଏନ ହାଇସ୍କୁଲ ପରିସରରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଆନନ୍ଦପୁର ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ରାଜେଶ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନ ସେବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ଆନନ୍ଦପୁର ସବ୍‌ଜଜ୍ ଶ୍ରୀମୟୀ ଆଚାର୍ଯ୍ୟ ଏସଡିଜେଏମ ଶୀବାନୀ ଆଚାର୍ଯ୍ୟ, ଘସିପୁରା ଗ୍ରାମ୍ୟ ନ୍ୟାୟାଳୟ ନ୍ୟାୟାଧିକାରୀ ମାନସୀ ପ୍ରଧାନ, ଜେଏମଏଫସି ସୁପ୍ରଭା କୁଣ୍ଟୁ, ଆନନ୍ଦପୁର ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ମହେନ୍ଦ୍ର ମହାପାତ୍ର, ଆଇନଜୀବୀ ବାଇଧର ସେଠୀ, ଅତିରିକ୍ତ ଜିଲାପାଳ କୀର୍ତ୍ତନ ବିହାରୀ ଓଝା, ବ୍ଲକ ଶିକ୍ଷାଧିକାରୀ ଶରତ କୁମାର ରାଉତ, ଆନନ୍ଦପୁର ବ୍ଲକ ବିଏସ ଏସୋ ସ୍ୱାତୀଶ୍ରୀ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆନନ୍ଦପୁର ବ୍ଲକ ତରଫରୁ କେତେକ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା କାର୍ଡ ପ୍ରଦାନ କରାଯାଇଥିଲା।

# ବକ୍ତୃତା ପ୍ରତିଯୋଗିତାରେ ସ୍ୱାଭିମାନ ପ୍ରଥମ

ଚମ୍ପୁଆ, ୯।୧୧(ଡି.ଏନ.ଏ.)

ଜିଲାସ୍ତରୀୟ ସୁରଭୀ କାର୍ଯ୍ୟକ୍ରମର ବକ୍ତୃତା ପ୍ରତିଯୋଗିତାରେ ଚମ୍ପୁଆ ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ସ୍ୱାଭିମାନ ନାୟକ ପ୍ରଥମ ହୋଇଥିବା ବେଳେ ଦଶମ ଶ୍ରେଣୀର ଛାତ୍ରୀ ଡଲି ମହାନ୍ତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ୱିତୀୟ ହୋଇଥିବା ବିଦ୍ୟାଳୟ ସୂତ୍ରରୁ ପ୍ରକାଶ। ସୂଚନା ଅନୁଯାୟୀ ସରକାରଙ୍କ ସୁରଭୀ କାର୍ଯ୍ୟକ୍ରମ ଅନୁଯାୟୀ ବିଦ୍ୟାଳୟ ସ୍ତରରେ କୃତିତ୍ୱ ହାସଲ କରିବା ପରେ କ୍ଲଷ୍ଟରସ୍ତରୀୟ ଓ ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି କେନ୍ଦୁଝର ଜିଲା ସଦର ମହକୁମାଠାରେ ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ସ୍ୱାଭିମାନ ପ୍ରଥମ ହୋଇଥିଲେ। ଆଦର୍ଶ ବିଦ୍ୟାଳୟରୁ ୬ଜଣ ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ବିବେଚିତ ହୋଇଥିଲେ। ସ୍ୱାଭିମାନ ନାୟକ ଓ ଡଲି ମହାନ୍ତଙ୍କ ସଫଳତା ପାଇଁ ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପିକା ଭୂୟାଁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସାଧୁବାଦ ଜଣାଇଛନ୍ତି।



ଚମ୍ପୁଆ ଆଦର୍ଶ ବିଦ୍ୟାଳୟରେ ସ୍ୱାଭିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବିଧାନସଭା ସ୍ଥାୟୀ କମିଟିର ବିଭିନ୍ନ ଚିକିତ୍ସାଳୟ ପରିଦର୍ଶନ

କେନ୍ଦୁଝର, ୯।୧୧ (ସ୍ୱ.ପ୍ର.)

ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ବିଧାନସଭାର ସ୍ଥାୟୀ କମିଟି-୫ କେନ୍ଦୁଝର ପହଞ୍ଚି ଶୁକ୍ରବାର ଜିଲାର ବିଭିନ୍ନ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟସେବାର ଅନୁଧ୍ୟାନ କରି ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ଏବଂ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଉକ୍ତ କମିଟିର ସଦସ୍ୟାସଦସ୍ୟ ଭାବେ ଏହି ଗସ୍ତରେ ସାମିଲ୍ ହୋଇଥିଲେ । ଶୁକ୍ରବାର ସକାଳେ ଜିଲା ସଦର ମହକୁମାସ୍ଥ ମନୋଜ ମଞ୍ଜରୀ ଶିଶୁ ଭବନ ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ସେମାନେ କିପରି ରହୁଛନ୍ତି, କିପରି ଖାଉଛନ୍ତି, କିପରି ପଢୁଛନ୍ତି ପଚାରି ବୁଝିବା ସହ ଅନୁଷ୍ଠାନର ପରିସର ବୁଲି ପରିଚାଳନା ଶୈଳୀ ତଦାରଖ କରିଥିଲେ। ଏହାପରେ ଚମ୍ପୁଆ ଉପଖଣ୍ଡ ଗସ୍ତରେ ଯାଇ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଆୟୋଜିତ ସମୀକ୍ଷା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଡଃ ଭକ୍ତ ଚରଣ ପ୍ରଧାନ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। କମିଟିର ଅଧ୍ୟକ୍ଷ ବିଧାୟକ ଅଶ୍ୱିନୀ କୁମାର ପାତ୍ର ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକୁ ସନ୍ତୋଷ ବ୍ୟକ୍ତ କରିବା ସହ କର୍ମଚାରୀମାନେ ନିଷ୍ଠାର ସହିତ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କଲେ କେନ୍ଦୁଝର ଜିଲା ଓଡିଶାରେ ଉଦାହରଣ



ଦରବାର ହଲ୍ ଠାରେ ଚାଲିଥିବା ସମୀକ୍ଷା ବୈଠକ।

ସୃଷ୍ଟି କରିବ ବୋଲି କହିଥିଲେ । ଉକ୍ତ ବୈଠକରେ ସ୍ୱାସ୍ଥ୍ୟ ବିଭାଗର ସ୍ପେଶାଲ ସେକ୍ରେଟାରୀ ହରପ୍ରସାଦ ପଟ୍ଟନାୟକ, ନିର୍ଦ୍ଦେଶକ ଦିଲ୍ଲୀପ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଅଶୋକ କୁମାର ଦାଶ, ଜିଲା ସମାଜ ମଙ୍ଗଳ ଅଧିକାରୀ ମାନସୀ ରଥ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରୋଗ୍ରାମ ଅଫିସର ସଂଗ୍ରାମ କେଶରୀ ସାମଲ ନିଜ ନିଜ ବିଭାଗ ସଂପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ସମୀକ୍ଷା ବୈଠକ ପରେ କମିଟି ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ଯାଇଥିଲେ। ସେଠାରେ ବହିଃବିଭାଗ, ପଞ୍ଜିକରଣ କେନ୍ଦ୍ର, ଔଷଧ ବିତରଣ କେନ୍ଦ୍ର, ଅସ୍ତ୍ରଶଲ୍ୟ ଓ ଭେଷଜ ବିଭାଗ ପରିଦର୍ଶନ କରିଥିଲେ। ସେଠାରେ ପରିଷ୍କାର ପରିଚ୍ଛନ୍ନତା ଓ ପରିଚାଳନାରେ କମିଟି ସନ୍ତୋଷ ପ୍ରକାଶ କରିଥିଲେ। ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ କମିଟିର ଗସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# SUNDAY classifieds




## BRIDE WANTED

Match required for Brahmin Boy 33/ 5'10"/ M.Com+ICWAI/ BBSR/ Rasi- 24/11. Mob: 7008672773. D-67506

ଭଦ୍ରକର ଜଣେ ବଣିଆ M B A - M . C o m Accounts & Finance ଦିଲ୍ଲୀରେ ଚାକିରି କରୁଥିବା ପାତ୍ର ପାଇଁ ପାତ୍ରୀ ଆବଶ୍ୟକ। ଉପଯୁକ୍ତ ପାତ୍ରୀ ପାଇଁ କୌଣସି ପ୍ରତିବନ୍ଧକ ନାହିଁ। Bharat Matrimony ID- Y1102051 Contact: 9780008808, 9338612003. D-15156

ସବୁ ଜାତିର ବରପାତ୍ର ପାଇଁ ଘରୋଇ କିମ୍ବା ଚାକିରିଆ କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68214

Kaibarta boy 1982, 5'9" B.Tech, serving Engineer, Pune. "S U N A S A N S A R" 9937512659. D-15071

Deserving Khandayat groom B.Tech + M.Tech (IIT) working as a Manager. (Caste-no-bar). Contact: 9861022750. D-68165

Son age 30, B.Tech, M.Tech, IIT Delhi working in Google India salary 25lakhs, 8144589551. D-15098

## GROOM WANTED

ଗଞ୍ଜାମ, 42ବର୍ଷ LIC Agent ଭାବେ କାର୍ଯ୍ୟରତ ସୁଶୀଳ ଝିଅ ପାଇଁ ମଧ୍ୟବିତ୍ତ ପରିବାରର ପୁଅ ଦରକାର । 7290959879. D-15093

Wanted suitable service groom age within 40-43 for beautiful Karan girl MA, 5'3", family staying Bhubaneswar. (Caste-no-bar) 8249969649. D-15136

Now Matrimonial ads. only on Wednesday & Sunday Book 1 Get 1 FREE

Girl age 31, B.Tech IIT MBA XIMB working in HCL, New Delhi (Caste-no-bar) 7008986003. D-15097

ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି Bengali ଜାତିର ବରପାତ୍ର ଆବଶ୍ୟକ। "AKANKSHYAGROUP" 7978736177. D-68213

Girl age 30, PhD researcher/scientist (icar) Govt. of Odisha, caste Karana, 6372748613. D-15099

Beautiful Brahmin girl 1990, CA father Central Government e m p l o y e e . 7205853365. D-15090

Bhubaneswarରେ ଚାକିରି କରୁଥିବା Age 34 ଅବିବାହିତା ତେଲି ଝିଅଙ୍କ ପାଇଁ Any caste ଘରଜ୍ୱାଇଁ ଦରକାର। 7381366103. D-67917




## SALE

DUSTER (Renault) for sale. Make-2015, 110ps Diesel RXZ dci Driven-83500k.m. Very good condition. Single hand owner driven. Contact: 9337663136, 9438532386. D-15073

Toyota Fortuner, WagonR-2015 (Dec), Lancer, Elentra for sale. 7381091234, 9861194627. D-68418




## SALE

**Gharabari boundary plot Infocity-2 near 200ft. road side. Direct owner-8144391451.** D-68403

Plot for sale Nakhara & Sundarpada, B h u b a n e s w a r . Gharabari demarcated 30' wide road. Immediate registration & possession. Contact: 7008683329, 9348243488. D-67719

ଭୁବନେଶ୍ୱର ବାଲିଅନ୍ତାରେ **Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829.** D-68412

**Gated community plot sale in Uttara Sqft.650/-, 2/3BHK flat available Hanspal, GGP Colony, Patia, K h a n d a g i r i . 8 7 6 3 8 8 6 4 9 6 , 8763887357.** D-68422

Plot for sale near infosys-2 Road side ଘରବାରି ପାଚେରି, ପାଣି ଓ Electricity ସୁବିଧା ସହିତ and କଟକ, ଭୁବନେଶ୍ୱର NH-5 ଠାରୁ ଏକ କିଲୋମିଟର ଭିତରେ ଘରବାରି plot ମିଳୁଅଛି। 9438101895, 8917527255. D-15070

3BHK flat, Unit-9, Road No.-8, Bhubaneswar for sale. 8658599408. D-68306

**NH-16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ପୋଜେସନ୍ ଥାଇ 399/ରେ ମିଳୁଛି। 7873894075.** D-68415

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। p o s s e s s i o n , r e g i s t r a t i o n immediately. Contact: 9178660666. D-68155

**Gharabari plot for sale at Amanapada, near Anantapur, P h u l n a k h a r a . Contact: 9438826479, 9776581412.** D-68022

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9 0 4 0 0 4 6 7 6 7 , 9040007267. D-68152

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-15126

**30' revenue ରାସ୍ତାଥାଇ 3200sqft. ଘରବାରି, BDA yellowzone boundary plot AIIMS Hospital ପାଖରେ ବିକ୍ରିହେବ। 6370292040.** D-68424

To sell Running Bakery at Pahala (Bhubaneswar) with good turnover. Contact: 9178778888. D-63220

**2400sqft GA plot immediately sale at Bharatpur (Sum Hospital) Bhubaneswar, only buyer directly contact Deepak-9937329999.** D-68025

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲଓ୍ୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8 1 4 4 7 0 6 5 6 0 , 9348817649. D-68416

**3800sqft GA plot immediately sale at Surya nagar, B h u b a n e s w a r , only buyer directly contact Deepak-9 9 3 7 3 2 9 9 9 9 .** D-68024

Booking 2BHK simplex Tankapani Road, Sai Temple 27,40,000/-, simplex B.J.E.M-(2) 15,80,000/-, Duplex 26,50,000/- Jharapada plots available. 7735738102. D-15155

**ଭୁବନେଶ୍ୱର Airport ଠାରୁ 5K.M ଦୂରତାରେ ସୁନ୍ଦରପଦାରେ ବାସୋପଯୋଗୀ ପ୍ଲଟ୍ Possession ସହ ମିଳୁଛି। 9040008777.** D-68414

Independent Duplex house for sale at Gadakana, corner plot, 2200sqft. plinth over 2400sqft. plot. Contact: 7326049403. D-15039

**Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850.** D-68413

Single patch of land 15-20Acre available for sale on state High-way near Brahmagiri on Puri-Satapada Road. Contact: 9437062777. D-15095

**ଭୁବନେଶ୍ୱର ପିତାପଲ୍ଲି Biswas +2 Science College backsideରେ Yellowzone ପ୍ଲଟ୍ ମିଳୁଅଛି। 8594954102.** D-68419

**Flats for sale at DHPL Crystal R a g h u n a t h p u r . C o n t a c t : 9 9 3 7 0 5 9 8 9 1 , 8908292617.** D-15139

"Plot near Gita College 2400sqft. new 100' to Infosys Road". Contact: 8072428923. D-15089

**2/3BHK ready to move premium duplex and flats at DHPL Sahoo Residency near M a n c h e s w a r Railway Station. C o n t a c t : 9 9 3 7 0 5 9 8 9 1 , 8908292617.** D-15140

**Gharabari 5ft b o u n d a r y w a l l complete plot sale Chhatabar bypass roadside 3k.m. from 2nd infosys 6000sqft. 3 6 , 0 0 , 0 0 0 / - (3side simplex) 9861281504.** D-68423

**1500sqft. gharabari plot with 40ft. mainroad, 30ft. internal road, park, fountain, 9km from airport, 2km before Xavier University, Bhubaneswar for sale. 9937162220, 9937847725.** D-68507

Plot for sale at Puri, Sanatan Nagar ploting project per sqft. 700/- including registration, mutation, electricity, gharabari with patta, boundarywall. Plot size minimum 1200 sqft. 1km from Bus-stand & Railway station. Contact: 9861793775, 7077125889. D-68164

6000 sqft. CDA land at Mahanadivihar, Cuttack, Mobile-9 4 3 7 1 7 7 3 1 3 , 8917242678. D-15157





**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15138

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404




Furnished Office r o o m s - g o d o w n , 1700sqft. near Railway station K h a r a v e l a n a g a r , B h u b a n e s w a r . 9178577306. D-68421

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

1,60,000sqft vacant land with compound wall to-let for godown stock yard and ware housing purpose at Totapada, Adjacent to NH-16 near Khurdha Contact: 9937033933, 8328835823. D-60953

**Tolet - Commercial space for S h o w r o o m , Restaurant, Office, Shop and Store etc. 1500sqft. Area with Toilet, Electric t r a n s f o r m e r , w a t e r s u p p l y at 100ft. road, J a g a m a r a , K h a n d a g i r i , B h u b a n e s w a r . Call: 7894438145, 7440001511.** D-63960




Rejuvenate and ayurvedic full body massage by smart therapist. 9114402304. D-68145

Ayurvedic herbal body massage trend therapist Mob: 8018246332. D-66993

Full body herbal massage with refreshment expert therapist. 7381239385, 06742540855. D-68158

Experience full body massage with us (expert). Call: 7377048581, 06742597822. D-68159

Herbal full body massage by smart / expert therapist. Contact: 8338067247. D-68160

Summer special mesmerizing offer expert therapeutic refreshing massage appointment. 9668374480. D-68161

Ayurvedic full body massage ladies/ gents smart experts therapist: 8480939300. D-66994

Refresh your mind and soul with best therapy at Orchid Salon/Spa. 9937287222. D-66998

Monalisa Massage Club: All types body massage with hiprofile smart lady rooms service available-9708545108. D-15137

## LOST

I, Saquib Ahmed Shaikh, 20yrs, Mancheswar, lost my +2 certificate intransit from Vanivihar. If found Contact: 9438133076. D-15158

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## CLASSIFIED BOOKING STATIONS

**CUTTACK DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**JOGESWAR DAS**
Rayagada Mob: 06856222611, 9437234611

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph-2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph-9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020 Email ID: amamaddcare@gmail.com Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12 Chinmaya Choudhury Ph:9338991113, 9439811130 Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR Prabina Kumar Mohanty Ph: 9337336614, 7008967858

**PANCHAMUKHI ADVERTISERS**
Baramunda, Jagannath Vihar, Lane no-1, Road No-2, BBSR. Mr. Swayang Prava Nayak, Mob: 9937791331.

**BEEZY'S & ADD**
Balakati, Khurda, Giridhari Lal Saranga, Mob : 9438302811

**SUMIT COMMUNICATION**
Hruda Nanda Behera, Plot No.-983, Mancheswar, BBSR, Mob : 9938965727

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**S S ENTERPRISES**
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

ଆଜି ସ୍ୱର୍ଗତଃ ଲଳିତ ତିୱାରୀ ସାର୍‌ଙ୍କ ପବିତ୍ର ଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମସ୍ତ ଅଧିକାରୀ ଓ କର୍ମଚାରୀବୃନ୍ଦ ।



ଧ-୧୫୧୫୪

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଗାୟତ୍ରୀ ବସୁମଲ୍ଲିକ**
ଗାଳ୍ପିକା-ଔପନ୍ୟାସିକା
ଆବିର୍ଭାବ: ୧୯୩୦
ତିରୋଧାନ: ୧୫।୧୧।୨୦୧୩
(କାର୍ତ୍ତିକ-ତ୍ରୟୋଦଶୀ-ଶୁକ୍ଳପକ୍ଷ)
୧୪୨୦, ଗାୟତ୍ରୀ, ଶାସନପଡିଆ, ପୁରୁଣା ଭୁବନେଶ୍ୱର

ମାଁ- ତୁମେ ଆଜି ପାଖରେ ନାହଁ- ମୁଁ ବହୁତ ଏକୁଟିଆ ହୋଇଯାଇଛି। ଆଜିବି ଘରସାରା ପ୍ରତି ମୁହୂର୍ତ୍ତରେ ତୁମକୁ ଖୋଜୁଛି। ଆଜି ଏଇ ପୁଣ୍ୟ ତିଥିରେ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି, ତୁମେ ଯେଉଁଠି ବି ଜନ୍ମ ନେଇଛ ଭଲରେ ଥାଅ। ମାଁ- ସର୍ବଦା ତୁମ ସ୍ନେହ ଆଶୀର୍ବାଦ ଆଶାରେ: ପୁଅ: ଶଙ୍କର ବସୁମଲ୍ଲିକ, ବୋହୂ: ସୁଜାତା, ନାତି: ସମ୍ରାଟ୍-ସମୁଦ୍ର

ଧ-୬୭୨୫୧

### ନବମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ରେଣୁ ପଟ୍ଟନାୟକ**
ସ୍ୱାମୀ: ବାବୁଲାଲ୍ ପଟ୍ଟନାୟକ
ଶାସନପଡ଼ିଆ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୧।୦୨।୧୯୫୫
ତିରୋଧାନ: ୨୦।୧୧।୨୦୧୦(ବଡ଼ ଓଷା)
ଆପଣଙ୍କ ଅମରାତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ ।

ଧ-୪୬୫୪୭

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

## ସଂକ୍ଷେପରେ

### ଲଗାତର ୮ ମାସ ଲାଗି ଉତ୍ପାଦନ କମାଇଲା ମାରୁତି

ନୂଆଦିଲ୍ଲୀ,୯-୧୧
ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଦେଶର ପ୍ରମୁଖ ଯାନ ନିର୍ମାତା ମାରୁତି ସୁଜୁକି ପକ୍ଷରୁ ଲଗାତର ଭାବେ ୮ ମାସ ଲାଗି ଉତ୍ପାଦନ ହ୍ରାସ କରାଯାଇଛି। ଗତ ମାସରେ କମ୍ପାନୀ ୧.୧୯ ଲକ୍ଷ ୟୁନିଟ୍ ଯାନ ଉତ୍ପାଦନ କରିଛି ଏହା ଗତ ବର୍ଷ ସମାନ ସମୟରେ ୧.୫୦ ଲକ୍ଷ ୟୁନିଟ ରହିଥିଲା। ଚଳିତ ବର୍ଷ ଅକ୍ଟୋବରରେ କମ୍ପାନୀ ୧.୧୭ ଲକ୍ଷ ଯାତ୍ରୀବାହୀ ଯାନ ଉତ୍ପାଦନ କରିଛି, ଯାହା ୨୦୧୮ ସମାନ ମାସରେ ୧.୪୮ ଲକ୍ଷ ରହିଥିଲା। ଗତ ବର୍ଷ କମ୍ପାନୀ ୧୩୮୧୭ ଭ୍ୟାନ ବଜାରକୁ ଛାଡ଼ିଥିଲା ଏହା ଚଳିତବର୍ଷ ହ୍ରାସ ଘଟି ୭୬୬୧ ରହିଛି। କମ୍ପାନୀର ମିନି ସେଗମେଣ୍ଟ ଯାନ ୨୦୧୮ ୟୁନିଟକୁ ଖସିଛି ଏହା ଗତ ବର୍ଷ ୩୪,୨୯୫ ୟୁନିଟ ରହିଥିଲା। ସେହିଭଳି କମ୍ପାକ୍ଟ ସେଗମେଣ୍ଟରେ ବିକ୍ରି ୭୪,୧୨୭ରୁ ୬୪,୦୨୯ ୟୁନିଟକୁ କମିଛି।

### ପାର୍ବଣରେ ସାମ୍ସଙ୍ଗର ବଡ ସ୍କ୍ରିନ ଟିଭି ବିକ୍ରିରେ ଉନ୍ନତି

ନୂଆଦିଲ୍ଲୀ,୯-୧୧
ଚଳିତ ବର୍ଷ ପାର୍ବଣରେ ପ୍ରମୁଖ କମ୍ପାନୀ ସାମ୍ସଙ୍ଗର ବଡ ସ୍କ୍ରିନ ଟିଭିଗୁଡିକ ବିକ୍ରି ବେଶ୍ ଉନ୍ନତ ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ବର୍ଗରେ ଚାହିଦା ଉନ୍ନତ ରହିବାରୁ ବିକ୍ରି ଭଲ ରହିଥିବା ଜଣାପଡିଛି। ନୂଆ କ୍ୟୁଏଲ୍ଇଡି ପ୍ରଯୁକ୍ତି, ଉନ୍ନତ ଡିଜାଇନ ଏବଂ ଲାଇଫ୍ ଷ୍ଟାଇଲକୁ ବିଚାର କରି ଗ୍ରାହକ ଏହି ବର୍ଗରେ ଟିଭି କ୍ରୟ କରିବାକୁ ବିଚାର କରୁଛନ୍ତି। ଗତ ୧୩ ବର୍ଷ ଧରି ଏହି ବର୍ଗରେ ଦେଶ ମଧ୍ୟରେ ଏକ ପ୍ରମୁଖ ସ୍ଥାନ ହାସଲ କରିଥିବା ସାମ୍ସଙ୍ଗ ପକ୍ଷରୁ ସୂଚନା ରହିଛି ଯାଯାବକରେ - କମ୍ପାନୀର କ୍ୟୁଏଲ୍ଇଡି ଟିଭି ବିକ୍ରି ଗତ ବର୍ଷ ତୁଳନାରେ ୩ ଗୁଣ ବଢ଼ିଛି ଏହା ଅଲ୍ଟ୍ରା ହାଇଡେଫିନିସନ ଟିଭି କ୍ଷେତ୍ରରେ ପ୍ରାୟ ୨ ଗୁଣ ଅଭିବୃଦ୍ଧି ରହିଥିବା ଜଣାପଡିଛି। ଫ୍ରେମ୍, କ୍ୟୁଏଲ୍ଇଡି ଟିଭି ଏବଂ ଲାଇଫ୍ ଷ୍ଟାଇଲ ଟିଭି ଗୁଡ଼ିକ ଉନ୍ନତ ବିକ୍ରି ସଙ୍ଖ୍ୟା ହାସଲ କରିଛି। ଦେଶର ପ୍ରମୁଖ ସହରଗୁଡିକରେ ଏହି ଟିଭି ଚାହିଦା ଉନ୍ନତ ରହିଛି। ମୂଲ୍ୟଯୁକ୍ତ ଗ୍ରାହକ କେନ୍ଦ୍ରିକ ଅଭିନବତା ଯୋଗାଇବା ନିମନ୍ତେ ବିଭିନ୍ନ ପଦକ୍ଷେପ ଦିଗରେ କାର୍ଯ୍ୟ କରୁଥିବା ସାମସଙ୍ଗ ଇଣ୍ଡିଆର ଉପଭୋକ୍ତା - ଇଲେକ୍ଟ୍ରୋନିକ୍ସ ବିଜନେସ୍ ବରିଷ୍ଠ ଉପାଧ୍ୟକ୍ଷ ରାଜୁ ପୁଲାନ କହିଛନ୍ତି।

### ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ସତର୍କତା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୯-୧୧
ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଆୟୋଜିତ ହୋଇଯାଇଛି। ଏଥିରେ ବ୍ୟାଙ୍କର ଅଧିକାରୀ ଏବଂ କର୍ମଚାରୀମାନେ ଦୁର୍ନୀତି ବିରୋଧରେ ଶପଥ ପାଠ କରିଥିଲେ। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରୀ ବେଳାଭୂମିଠାରେ ମାନସ କୁମାର ସାହୁଙ୍କ ଦ୍ୱାରା ଏକ ବାଲୁକା କଳା ପ୍ରଦର୍ଶନ କରାଯାଇଥିଲା। ବ୍ୟାଙ୍କର ମଣ୍ଡଳ କାର୍ଯ୍ୟାଳୟଠାରେ ଆୟୋଜିତ ସତର୍କତା ବୈଠକରେ ଗଣପତ ଲାଲ ଅଧକ୍ଷତା କରିଥିଲେ। ଏଥିରେ ବ୍ୟାଙ୍କର ମୁଖ୍ୟ ସତର୍କତା ଅଧିକାରୀ ସଦାନନ୍ଦ ସାହୁ, ଅନୁପାଳନ ବିଭାଗ ମୁଖ୍ୟ ପ୍ରବନ୍ଧକ ସତ୍ୟଜିତ ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଇଣ୍ଡିଆନ୍ ଅଏଲ୍ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ସହାୟତା

ଭୁବନେଶ୍ୱର,୯-୧୧
ଇଣ୍ଡିଆନ୍ ଅଏଲ ପକ୍ଷରୁ ବାଲିଅନ୍ତା ବ୍ଲକ ଉମାଦେଇପୁର ବ୍ରହ୍ମପୁର ପଞ୍ଚାୟତର ଅନ୍ତର୍ଗତ ନାଗପୁର ଗ୍ରାମର କୁମର ରାଉତ(୬୦) ଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। କମ୍ପାନୀର ମହାପ୍ରବନ୍ଧକ ଦେବା ପ୍ରଶାଦ ଶତପଥୀ ଏବଂ ମୁଖ୍ୟ ପ୍ରବନ୍ଧକ ଶାନିକାନ୍ତ ପାତ୍ର ଏହି ସାଇକେଲକୁ ହସ୍ତାନ୍ତର କରିଛନ୍ତି। କମ୍ପାନୀର ଏହି ପ୍ରଷ୍ଟେଷ୍ଟକୁ ଆନ୍ତରିକତା ସହ ଗ୍ରହଣ କରି ଅତ୍ୟନ୍ତ ଖୁସି ବୋଲି କୁମର ରାଉତ କହିଛନ୍ତି।ସୂଚନା ଯୋଗ୍ୟ, ପିଲାଦିନୁ କୁମରଙ୍କ ଡାହାଣ ଗୋଡ ଏକ ଦୁର୍ଘଟଣାରେ ସମ୍ପୂର୍ଣ୍ଣ ଅକାମୀ ହୋଇଯାଇଥିଲା। ଏକ ଟ୍ରାଇସାଇକେଲ ପାଇବା ଲାଗି ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ତାଙ୍କୁ ସାଇକେଲ ମିଳି ନ ଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହି ଖବର ଆସିବା ପରେ ଇଣ୍ଡିଆନ ଅଏଲ ପକ୍ଷରୁ ସହାୟତା କରାଯାଇଛି ଏଭଳି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିଜର ଯୋଗଦାନ ରଖୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।



"ରାଜସ୍ୱ ଅଧିକାରୀମାନେ ଅଧିକ ଲୋକଙ୍କୁ ଟିକସ ପରିସରକୁ ଆଣିବା ଦିଗରେ କାର୍ଯ୍ୟ କରିବା ଉଚିତ। ଯେଉଁ ମାନେ ଟିକସ ଦେବାକୁ ଚାହୁଁଛନ୍ତି ସେମାନଙ୍କୁ ଅଧିକାରୀ ସହାୟତା କରନ୍ତୁ।"
–ନିର୍ମଳା ସୀତାରାମନ, ଅର୍ଥମନ୍ତ୍ରୀ



"ଗ୍ରାହକଙ୍କୁ ଉନ୍ନତ ପ୍ରଡକ୍ଟ ପୋର୍ଟଫୋଲିଓ ଯୋଗାଣ ଅନ୍ତର୍ଗତ ନୂଆ ବିଏସ୍-୬ ଅନୁପାଳନଯୁକ୍ତ ଏଫ୍‌ଜେଡ୍ ମଡେଲ ବଜାରକୁ ଆସିଛି। ଏହା ଗ୍ରାହକଙ୍କ ଦ୍ୱାରା ଆଦୃତ ହେବା ନେଇ ଆଶାବାଦୀ।"
–ମୋଟୋଫୁମି ସିତାରା, ୟାମାହା ମୋଟର ଇଣ୍ଡିଆ ଅଧ୍ୟକ୍ଷ

# ବିଲିୟନେୟାରଙ୍କ ସମ୍ପତ୍ତି ୨୭ ଲକ୍ଷ କୋଟି ହ୍ରାସ



- ସମ୍ପତ୍ତି ୪.୫% କମି ୮.୫ ଟ୍ରିଲିୟନ
- ଚାଇନାରେ ସର୍ବାଧିକ ୧୨% ସମ୍ପତ୍ତି ଖସିଛି
- ଆମେରିକା ବାଦ ଅନ୍ୟ ଦେଶର ଧନୀ ପ୍ରଭାବିତ

ନୂଆଦିଲ୍ଲୀ,୯-୧୧
ଗତ ବର୍ଷ ବିଶ୍ୱସ୍ତରରେ ବିଲିୟନେୟାରଙ୍କ ସମ୍ପତ୍ତିରେ ୩୮୮ ବିଲିୟନ ଡଲାର(ପ୍ରାୟ ୨୭ ଲକ୍ଷ) କୋଟି ଟଙ୍କା ହ୍ରାସ ଘଟିଛି। ଗତ ୧୦ ବର୍ଷ ମଧ୍ୟରେ ଏଭଳି ପ୍ରଥମଥର ଲାଗି ହୋଇଥିବା ୟୁବିଏସ୍ ଏବଂ ପିଡବ୍ଲ୍ୟୁସି ବିଲିୟନାରିଜ ରିପୋର୍ଟରୁ ଏହା ଜଣାପଡିଛି। ଏହି ସମୟରେ ବିଲିୟନେୟାରଙ୍କ ମୋଟ ସମ୍ପତ୍ତିରେ ୪.୫% କମିବା ଦ୍ୱାରା ୮.୫ ଟ୍ରିଲିୟନକୁ ଖସିଛି। ଗତ ପାଞ୍ଚ ବର୍ଷ ଧରି ଏମାନଙ୍କ ସମ୍ପତ୍ତିରେ ବୃଦ୍ଧି ଦେଉଥିଲା ମାତ୍ର ଗତ ବର୍ଷ ଏଥିରେ ହ୍ରାସ ଘଟିଥିବା ୟୁବିଏସ୍ ଗ୍ଲୋବାଲ ୱେଲ୍ଥ ମ୍ୟାନେଜମେଣ୍ଟର ଅଲ୍ଟ୍ରା ହାଇନେଟ ଓର୍ଥ ବିଭାଗ ମୁଖ୍ୟ ଜୋଶେଫ ଷ୍ଟାଡଲର କହିଛନ୍ତି। ଡଲାର ଦୃଢ଼ ହେବା ସାଙ୍ଗକୁ ପୁଞ୍ଜି ବଜାରରେ ଅନିଶ୍ଚିତତା ,ଭୌଗୋଳିକ କାରଣ ଏବଂ ବିଶ୍ୱସ୍ତରର ରାଜନୀତି ଯୋଗୁ ଅତିଧନୀଙ୍କ ସମ୍ପତ୍ତିରେ ଏଭଳି ହ୍ରାସ ପରିଲକ୍ଷିତ ହୋଇଛି।

ଏହି ରିପୋର୍ଟ ମୁତାବକ, ଚାଇନା, ହଂକଂ ଏବଂ ଏସିଆ ପାସିଫିକ ରିଜିଅନରେ ଅତିଧନୀଙ୍କ ସମ୍ପତ୍ତି ଅତିମାତ୍ରାରେ ହ୍ରାସ ଘଟିଛି। ହଂକଂରେ ଏହା ୪% କମିଥିବା ବେଳେ ୩୧୯୮ ବିଲିୟନ ଡଲାରକୁ ଖସିଛି। ସେହିଭଳି ଚାଇନାରେ ଧନୀଙ୍କ ସମ୍ପତ୍ତିରେ ୧୨% ହ୍ରାସ ଘଟିଛି। ସେୟାର ବଜାରରେ ହ୍ରାସ ଧାରା ଜାରି ଏବଂ ଜିଡିପି ଅଭିବୃଦ୍ଧି ହ୍ରାସ ହେବା ଭଳି କାରଣରୁ ସମ୍ପତ୍ତି କମିଥିବା ଜଣାପଡିଛି। ଏଭଳି ବିଭିନ୍ନ କାରଣରୁ ସେଠାକାର ବିଲିୟନେୟାର ତାଲିକାରୁ ୪୮ ଜଣ ବାଦ ପଡିଛନ୍ତି। ଏଭଳି ସ୍ଥିତି ପରେ ଚାଇନାରେ ପ୍ରତି କିଛି ସମୟ ବ୍ୟବଧାନରେ ନୂଆ ବିଲିୟନେୟାର ସୃଷ୍ଟି ହେଉଛନ୍ତି। କେବଳ ଚାଇନା ନୁହେଁ ଭାରତ ସମେତ ଏସିଆ ପାସିଫିକ ଅଞ୍ଚଳରେ ଧନୀଙ୍କ ସମ୍ପତ୍ତିରେ ହ୍ରାସ ଧାରା ଦେଖାଯାଇଛି।

ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ଯୋଗୁ ଏହାର ପ୍ରଭାବ ବିଶ୍ୱର ବିଭିନ୍ନ ବଜାର ଉପରେ ପଡିଛି। ଏଥି ଯୋଗୁ ବିଲିୟନେୟାରଙ୍କ ସମ୍ପତ୍ତି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ବଜାର ବିଶେଷଜ୍ଞ କହିଛନ୍ତି। ବାଣିଜ୍ୟ ଯୁଦ୍ଧ ଯୋଗୁ ନିବେଶକମାନେ ସେୟାର ବଜାରରୁ ଦୂରେଇ ରହିଛନ୍ତି। ଆମେରିକାକୁ ବାଦଦେଲେ ବିଶ୍ୱ ସ୍ତରର ବିଲିୟନେୟାରଙ୍କ ସମ୍ପତ୍ତି ହ୍ରାସ ଘଟିଛି।

# ଏସିଆ ପାସିଫିକ୍ ଗଲ୍ଫ ହଲ୍ ଅଫ୍ ଫେମ୍‌ରେ ସ୍ଥାନିତ ହେଲେ ପଓ୍ୱନ ମୁଞ୍ଜାଲ




ନୂଆଦିଲ୍ଲୀ,୯-୧୧
ଏସିଆ ପାସିଫିକ୍ ଗଲ୍ଫ ହଲ୍ ଅଫ୍ ଫେମ୍‌ରେ ହିରୋମୋଟୋକର୍ପ ଅଧ୍ୟକ୍ଷ ପଓ୍ୱନ କୁମାର ମୁଞ୍ଜାଲଙ୍କୁ ଔପଚାରିକ ଭାବେ ସ୍ଥାନିତ କରାଯାଇଛି। ଗଲ୍ଫ କ୍ରୀଡାର ବିକାଶ ଏବଂ ପ୍ରତିବଦ୍ଧତା ଲାଗି ବିଶ୍ୱ ସ୍ତରରେ ମୁଞ୍ଜାଲ ବେଶ ପରିଚିତ। ଗୁରୁଗ୍ରାମଠାରେ ଡିଏଲଏଫ୍ ଗଲ୍ଫ ଏବଂ କଣ୍ଟ୍ରି କ୍ଲବରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଞ୍ଜାଲଙ୍କୁ ଏହି ପ୍ରତିଷ୍ଠିତ ସମ୍ମାନ ପ୍ରଦାନ କରାଯାଇଛି। ହିରୋ ମୋଟୋକର୍ପ ଅନ୍ତରାଷ୍ଟ୍ରୀୟ ଗଲଫିଙ୍ଗ ଟୁର-ପିଜିଏ ଟୁର, ୟୁରୋପିଆନ ଟୁର ଏବଂ ଏସିଆନ ଟୁରରେ ପ୍ରମୁଖ ଭାଗିଦାରି ରହିଆସିଛି। ପଓ୍ୱନ ମୁଞ୍ଜାଲଙ୍କ ନେତୃତ୍ୱରେ ଏହି ଦିଗରେ କମ୍ପାନୀ ନିଜର ଯୋଗଦାନ ରଖି ଆସିଛି। ଏଭଳି ଏକ ସମ୍ମାନରେ ଆଭୁଷିତ ହେବା ବାସ୍ତବରେ ଏକ ଗୌରବ ବୋଲି ଡା.ପଓ୍ୱନ ମୁଞ୍ଜାଲ କହିଛନ୍ତି। ଗତ ଦୁଇ ଦଶନ୍ଧି ଧରି ଗଲ୍ଫ କ୍ରୀଡା ସହ ଯୋଡି ହେବା ସହ ବିଶ୍ୱର ବିଭିନ୍ନ ଅଞ୍ଚଳକୁ ଏହାର ସମ୍ପ୍ରସାରଣ ଦିଗରେ କାର୍ଯ୍ୟକ୍ରମ ଜାରି ରଖିଥିବା ସେ ସୂଚନା ଦେଇଛନ୍ତି।

# ଅନିଲ ଅମ୍ବାନୀଙ୍କ ବିରୋଧରେ ୩ ଚାଇନା ବ୍ୟାଙ୍କର ମାମଲା

ନୂଆଦିଲ୍ଲୀ,୯-୧୧
ରିଲାଏନ୍ସ ପ୍ରମୋଟର ଅନିଲ ଅମ୍ବାନୀଙ୍କ ବିରୋଧରେ ଚାଇନାର ୩ ବ୍ୟାଙ୍କ ଲଣ୍ଡନର ଏକ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଇଣ୍ଡଷ୍ଟ୍ରିଆଲ ଆଣ୍ଡ କମର୍ସିଆଲ ବ୍ୟାଙ୍କ ଅଫ୍ ଚାଇନା, ଚାଇନା ଡେଭଲପମେଣ୍ଟ ବ୍ୟାଙ୍କ ଏବଂ ଏକ୍ସପୋର୍ଟ ଇମ୍ପୋର୍ଟ ବ୍ୟାଙ୍କ ଅଫ୍ ଚାଇନା ଏହି ବ୍ୟାଙ୍କଗୁଡିକ ମଧ୍ୟରେ ଅଛନ୍ତି। ବ୍ୟାଙ୍କଗୁଡିକ ଅନିଲଙ୍କ ନିଜସ୍ୱ ଗ୍ୟାରେଣ୍ଟି ଦ୍ୱାରା ରିଲାଏନ୍ସ କମ୍ୟୁନିକେଶନକୁ ୨୦୧୨ରେ ୯୨.୫୨ କୋଟି ଟଙ୍କାର ଋଣ ପ୍ରଦାନ କରିଥିବା ଦାବି କରିଛନ୍ତି। ୨୦୧୭ରେ ରିଲାଏନ୍ସ ଋଣ ଶୁଝିବାକୁ ଅସମର୍ଥ ହୋଇଥିଲା। କମ୍ପାନୀ ଉପରେ ୪୮୬୭ କୋଟି ଟଙ୍କାର ବକେୟା ରହିଥିବା ଏକ ଗଣମାଧ୍ୟମ ରିପୋର୍ଟରେ ଉଲ୍ଲେଖ ରହିଛି। ବ୍ୟାଙ୍କଗୁଡିକର ଏହି ଦାବି ଉପରେ ରିଲାଏନ୍ସ ପକ୍ଷରୁ ଓକିଲ ପ୍ରକ୍ରିୟା ରଖିଛନ୍ତି। ଅନିଲଙ୍କ ନିଜସ୍ୱ ଗ୍ୟାରେଣ୍ଟି ନୁହେଁ ବରଂ କମ୍ଫର୍ଟ ଲେଟର ଦ୍ୱାରା ଏହି ପ୍ରକ୍ରିୟା ହୋଇଥିବା କମ୍ପାନୀ ପ୍ରତିକ୍ରିୟାରେ କହିଛି।

# କେନ୍ଦ୍ର ଖଣି ମନ୍ତ୍ରୀଙ୍କ ନାଲ୍‌କୋ ଗସ୍ତ



ଭୁବନେଶ୍ୱର,୯-୧୧
କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ସ୍ଥାନୀୟ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ(ନାଲକୋ) ଭବନ ଗସ୍ତ କରିଛନ୍ତି। ନାଲକୋ କର୍ପୋରେଟ କାର୍ଯ୍ୟାଳୟଠାରେ ସେ ବୃକ୍ଷରୋପଣ କରିଥିଲେ। ବାତ୍ୟା ଫନି ପରେ ନାଲ୍‌କୋ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ଏହାକୁ ଆଗକୁ ବଢାଇବା ଦିଗରେ ଯୋଶୀ ମଧ୍ୟ ବୃକ୍ଷରୋପଣରେ ସାମିଲ ହୋଇଥିଲେ। ଏହି ଅବସରରେ ସେ କର୍ମଚାରୀଙ୍କ ନିଷ୍ଠାପର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। କମ୍ପାନୀକୁ ଅଧିକ ସଶକ୍ତ କରିବା ଦିଗରେ କର୍ମଚାରୀମାନେ ସେମାନଙ୍କ ଯୋଗଦାନ ରଖିବାକୁ ସେ ଆହ୍ୱାନ ଜଣାଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଏମ୍‌ପି ଅପରାଜିତା ଷଡଙ୍ଗୀ, ନାଲକୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ, ଯୁଗ୍ମ ସଚିବ ଅନିଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


**ଚାଷୀ ଭାଇ ଭଉଣୀମାନଙ୍କ ସେବାରେ ରାୟଗଡ ଆର୍.ଏମ୍.ସି**

[illegible]

**OFFICE OF THE REVENUE DIVISIONAL COMMISSIONER, NORTHERN DIVISION, ODISHA, SAMBALPUR**
e-Mail Id: rdcsbp@nic.in
File No. XXIV-36/2019 Letter No.603/Niz. Dated: 08.11.2019
Tender Call Notice for hiring of Private Vehicle
Sealed quotations are invited from the interested authorised Travel Agencies/ Tour Operators/ Private Individuals for providing one AC Diesel/ Petrol driven vehicle (Scorpio) including Driver for official use in the O/o LAR&R, Authority, Sambalpur. The duly filled in quotation may be sent to the O/o RDC, ND, Sambalpur, with sealed cover by Speed Post/ by hand on or before 14.11.2019 by 11.00 AM. The details terms and conditions/ tender paper will be available at district website www.sambalpur.nic.in till 14.11.2019.
Sd./- Addl. Secretary

**ସମଗ୍ର ଶିକ୍ଷା ଅଭିଯାନ, କଳାହାଣ୍ଡି**

[illegible] kalahandi.nic.in [illegible] www.Opepa.odisha.gov.in [illegible]

ସ୍ୱା/- ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, କଳାହାଣ୍ଡି

**THE ASKA CO-OPERATIVE SUGAR INDUSTRIES LTD.**
P.O.: Nuagam (Aska), - 761111, Dist.- Ganjam, Odisha State
Ph.: 06822-273464, 273465, 273737, Fax: 06822-273023
e-mail: askasugar@yahoo.co.in
GSTIN: 21AAAAT5989L1Z0
No.: PUR./1294 / Date: 07.11.2019
**TENDER CALL NOTICE**
The Aska Cooperative Sugar Industries Ltd., Aska invites sealed tenders from Manufacturer/Dealers/Suppliers having GSTIN for supply of **Burnt Lime, HDPPE Bag, Roll Sulphur, Lubricants, Boiler Fuels, Chemicals & Supply & Installation of CCTV.** Tenderers are requested to give their offer with detail terms & conditions on or before 05.00 P.M. on 21.11.2019 & visit our Website: **www.askasugar.com** for details of the Tender Call Notice.
Sd./- Managing Director

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସମ୍ପର୍କ କରନ୍ତୁ
242/4, Bannerghatta Main Rd. Mulimavu, Bengaluru, Karnataka 560076
Call / SMS Now
07376033092

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମହିନ୍ଦ୍ରା ଟାୱାର ଲଗାନ୍ତୁ
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଟାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ 90 ଲକ୍ଷ, ଭଡ଼ା 60 ହଜାର + ଚାକିରି ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

FINANCE

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982ରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିମେଣ୍ଟ, ମାର୍କସିଟ୍, ପର୍ଯ୍ୟନାଳ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କସିଟ୍, ପ୍ରପର୍ଟି, ପର୍ଯ୍ୟନାଳ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ 40% ରିହାତି
9518852216, 9548270863
ADDRESS: T-51, GAUTAMPURI, DELHI

BARSA FINANCE
ବ୍ୟବସାୟ, ପର୍ଯ୍ୟନାଳ, ପ୍ରପର୍ଟି, ମାର୍କସିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନବବର୍ଷର ଶୁଭ ଅବସରରେ
ଗ୍ଲୋବାଲ ଫାଇନାନ୍ସ ଲି. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିମେଣ୍ଟ, ମାର୍କସିଟ୍, ପର୍ଯ୍ୟନାଳ, ପ୍ରପର୍ଟି, BPL ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି. REG. NO. BG3274CH1122
ଆଧାରକାର୍ଡ, ଏଗ୍ରିମେଣ୍ଟ, ମାର୍କସିଟ୍, ପର୍ଯ୍ୟନାଳ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସନ୍ତାନ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ବ୍ୟବସାୟ...
9911786155
9911786154

EDUCATION
LAST DATE OF ADMISSION ON 10/11/2019
B.Ed
Acharya Nagarjuna University
Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯସପ୍ରୀତ୍ ବୁମ୍‌ରା, ଭୁବନେଶ୍ୱର କୁମାର ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିନା ଭାରତର ଅନଭିଜ୍ଞ ବୋଲିଂ ଆକ୍ରମଣରୁ ଆମ ଦଳ ଫାଇଦା ଉଠାଇବାକୁ ଚାହିଁବ ।
–ରସେଲ ଡୋମିଙ୍ଗୋ, ବାଂଲାଦେଶ କୋଚ୍

ବିଭିନ୍ନ ରାଜ୍ୟରେ ପରିଚାଳିତ ଟି୨୦ ଲିଗ୍‌ଗୁଡ଼ିକରେ ଫ୍ରାଞ୍ଚାଇଜ୍ ମାଲିକଙ୍କ ଲାଗି କ'ଣ ମାନଦଣ୍ଡ ରହିଛି, ତାହାର ତର୍ଜମା ଆବଶ୍ୟକ ।
–ଅଜିତ ସିଂ, ବିସିସିଆଇ ଦୁର୍ନୀତି ନିବାରଣ ୟୁନିଟ୍ ମୁଖ୍ୟ



## ସଂକ୍ଷେପରେ

### ବିଶ୍ୱ ଚାମ୍ପିୟନଶିପ୍‌ର ୨ୟ ରାଉଣ୍ଡରେ ସୌରଭ

**ଦୋହା, ୯।୧୧ (ପି.ଟି.):** ଭାରତୀୟ ସ୍କ୍ୱାଶ ତାରକା ସୌରଭ ଘୋଷାଲ ଏଠାରେ ଚାଲିଥିବା ପିଏସ୍‌ଏ ବିଶ୍ୱ ପୁରୁଷ ସ୍କ୍ୱାଶ ଚାମ୍ପିୟନଶିପ୍‌ର ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ୧୦ମ ସିଡ୍ ସୌରଭ ୧୧-୭, ୧୧-୭, ୧୮-୧୬ ସିଧାସଳଖ ଗେମ୍‌ରେ ସାଥୀ ଖେଳାଳି ମହେଶ ମାଙ୍ଗାଓକରଙ୍କୁ ପରାସ୍ତ କରିଛନ୍ତି। ମହେଶଙ୍କ ସମେତ ଅନ୍ୟଦୁଇ ଭାରତୀୟ ସ୍କ୍ୱାଶ ଖେଳାଳି ରମିତ୍ ଟଣ୍ଡନ ଓ ବିକ୍ରମ ମାଲହୋତ୍ରା ମଧ୍ୟ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ରମିତ୍ ୯-୧୧, ୬-୧୧, ୩-୧୧ରେ ସ୍ପେନର ବୋର୍ଜା ଗୋଲାନଙ୍କଠାରୁ ଏବଂ ବିକ୍ରମ ୧୧-୮, ୧୧-୧, ୫-୧୧, ୩-୧୧, ୬-୧୧ ଗେମ୍‌ରେ ଇଂଲଣ୍ଡର ଡେକ୍ଲାନ ଜେମ୍ସଙ୍କ ନିକଟରୁ ହାରିଯାଇଛନ୍ତି।

### ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ବିଶ୍ୱକପ୍
### ଡେନର୍ବି ଭାରତୀୟ ଦଳର ମୁଖ୍ୟ କୋଚ୍

**ନୂଆଦିଲ୍ଲୀ, ୯।୧୧ (ପି.ଟି.):** ସ୍ୱିଡେନର ଥୋମାସ ଡେନର୍ବି ଶନିବାର ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ପାଇଁ ଭାରତୀୟ ମହିଳା ଫୁଟ୍‌ବଲ ଦଳର କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଜଣେ କୋଚ୍ ହିସାବରେ ତାଙ୍କର ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଛି। ୟୁନିୟନ ଅଫ୍ ୟୁରୋପିଆନ ଫୁଟବଲ ଆସୋସିଏଶନ (ୟୁଫା) ପ୍ରୋ ଡିପ୍ଲୋମାଧାରୀ ଡେନର୍ବିଙ୍କ ତତ୍ତ୍ୱାବଧାନରେ ସ୍ୱିଡେନର ଜାତୀୟ ମହିଳା ଦଳ ୨୦୧୧ ଫିଫା ବିଶ୍ୱକପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇପାରିଥିଲା। ଭାରତୀୟ ଦଳର କୋଚ୍ ହେବା ପୂର୍ବରୁ ସେ ନାଇଜେରିଆ ଜାତୀୟ ମହିଳା ଫୁଟ୍‌ବଲ ଟିମ୍ ସହିତ ସମ୍ପୃକ୍ତ ଥିଲେ। ତାଙ୍କ ପ୍ରଚେଷ୍ଟାରେ ଦଳ ୨୦୧୯ ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିଥିଲା। ନାଇଜେରିଆ ମହିଳା ଦଳ ଆକନ୍ ୨୦୧୮ ଟୁର୍ନାମେଣ୍ଟ ଜିତିଥିଲା। ଡେନର୍ବି ୨୦୧୮ରେ ନାଇଜେରିଆର ଶ୍ରେଷ୍ଠ କୋଚ୍ ପୁରସ୍କାର ଜିତିଥିଲେ। ଫିଫା ର୍‍ୟାଙ୍କିଙ୍ଗରେ ବର୍ତ୍ତମାନ ସ୍ୱିଡେନ ୫ମ ସ୍ଥାନରେ ରହିଥିବାବେଳେ ନାଇଜେରିଆ ୩୬ତମ ସ୍ଥାନରେ ରହିଛି। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫଏଫ୍) ସଭାପତି ପ୍ରଫୁଲ୍ଲ ପଟେଲ କହିଛନ୍ତି, ଡେନର୍ବିଙ୍କ ଭଳି ପ୍ରଚୁର ଅଭିଜ୍ଞତା ସମ୍ପନ୍ନ କୋଚ୍ ଭାରତୀୟ ଦଳକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇପାରିବେ ବୋଲି ଆମର ଦୃଢ଼ ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ସ୍ୱିଡିଶ କୋଚ୍ କହିଛନ୍ତି ମୋତେ କୋଚ୍ ଭାବେ ନିଯୁକ୍ତି ଦେଇଥିବାରୁ ମୁଁ ଏଆଇଏଫ୍‌ଏଫ୍‌କୁ ଧନ୍ୟବାଦ ଜଣାଉଛି। ୧୭ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ୨୦୨୦ର ଆୟୋଜକ ଭାରତକୁ କୋଚିଂ ଦେବା ମୋ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ମେଗା ଇଭେଣ୍ଟ ଆଉ ମାତ୍ର ୧୨ ମାସ ସମୟ ରହିଛି। ମୋତେ ଭାରତୀୟ ଦଳକୁ ଏକ ଶକ୍ତିଶାଳୀ ଦଳରେ ପରିଣତ କରିବାକୁ ପଡ଼ିବ।

# '୨୦୨୩ ବିଶ୍ୱକପ୍‌ରେ ଅଧୁରା ସ୍ୱପ୍ନ ସାକାର କରିବୁ'

**ନୂଆଦିଲ୍ଲୀ,୯।୧୧(ପି.ଟି.)**

ଆଗାମୀ ୨୦୨୩ ହକି ବିଶ୍ୱକପ୍ ଭାରତରେ ଆୟୋଜନ ହେବା ଶନିବାର ନିଶ୍ଚିତ ହୋଇଛି। ପୁଣିଥରେ ଘରୋଇ ପରିବେଶରେ ବିଶ୍ୱକପ ଖେଳାଯିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିବାରୁ ଭାରତୀୟ ଅଧିନାୟକ ମନପ୍ରୀତ ସିଂ ବେଶ୍ ଉତ୍ସାହିତ ହୋଇଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ ଗତ ୨୦୧୮ ବିଶ୍ୱକପ୍‌ରେ ଆମେ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡଠାରୁ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବାଦ୍ ପଡିଥିଲୁ। ଏଥର କିନ୍ତୁ ତ୍ରୁଟି ସୁଧାରି ଅଧୁରା କାର୍ଯ୍ୟ ପୂରଣ କରିବୁ ବୋଲି ମନପ୍ରୀତ କହିଛନ୍ତି।

ଭାରତ କ୍ରମାଗତ ଦ୍ୱିତୀୟଥର ପାଇଁ ହକି ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ୨୦୧୮ରେ ଭାରତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସଫଳତାର ସହ ହକି ବିଶ୍ୱକପ୍ ଆୟୋଜନ କରିଥିଲା। ଏବେ ବିଶ୍ୱର ପ୍ରଥମ ଦେଶ ଭାବେ ଭାରତ ସର୍ବାଧିକ ଚତୁର୍ଥଥର ପାଇଁ ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିବ। ପୂର୍ବରୁ ଭାରତ ୧୯୮୨ରେ ମୁମ୍ବାଇରେ ଓ ୨୦୧୦ରେ ନୂଆଦିଲ୍ଲୀରେ ଏହି ମେଗା ଇଭେଣ୍ଟ ଆୟୋଜନ କରିଥିଲା। ଭାରତ ପୁଣିଥରେ ବିଶ୍ୱକପ୍ ଆୟୋଜନ



ମନପ୍ରୀତ୍ ସିଂ

ଅଧିକାର ହାସଲ କରିଥିବାରୁ ଆମେ ଉତ୍ସାହିତ ହୋଇପଡିଛୁ ବୋଲି ମନପ୍ରୀତ କହିଛନ୍ତି। ଗତ ବିଶ୍ୱକପ୍‌ରେ ଆମେ ସେମିଫାଇନାଲକୁ ଉଠିବାର ସୁଯୋଗ ହାସଲ କରିଥିଲୁ। ତେବେ କେତୋଟି ତ୍ରୁଟି ପାଇଁ ଏଥିରେ ବିଫଳ ହୋଇଥିଲୁ। କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡଠାରୁ ହାରିବା ଅବଶ୍ୟ ଆମକୁ କଷ୍ଟ ଦେଇଥିଲା। ତେବେ ପୁଣିଥରେ ଘରୋଇ ପରିବେଶରେ ବିଶ୍ୱକପ୍ ଖେଳାଯିବା ସ୍ପଷ୍ଟ ହୋଇଛି। ଫଳରେ ଅଧୁରା ସ୍ୱପ୍ନ ପୂରଣ କରିବାକୁ ଆମକୁ ଆଉ ଏକ ସୁଯୋଗ ମିଳିଛି। ୨୦୨୩ ବିଶ୍ୱକପ୍ ଜାନୁୟାରୀ ୧୩ରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ। ପରେ ଭାରତ ବିଶ୍ୱକପର ଭେନ୍ୟୁ ସମ୍ପର୍କରେ ସୂଚନା ଦେବ। ଭାରତର ବେଞ୍ଚ ଷ୍ଟ୍ରେଙ୍ଗ୍ଥ ବେଶ୍ ଦୃଢ଼ ରହିଛି। ଆଗାମୀ ବର୍ଷରେ ଅନ୍ତର୍ଜାତୀୟସ୍ତରରେ ଏକାଧିକ ଟୁର୍ନାମେଣ୍ଟରେ ଭାରତ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଫଳରେ ଏହି ବିଶ୍ୱକପ୍ ପୂର୍ବରୁ ଭାରତ ଏକ ଶକ୍ତିଶାଳୀ ଦଳ ଗଢ଼ିତୋଳିବା ସକ୍ଷମ ହୋଇପାରିବେ ବୋଲି ମନପ୍ରୀତ କହିଛନ୍ତି। ଆଗାମୀ ବିଶ୍ୱକପ୍ ପାଇଁ ପ୍ରସ୍ତୁତ ହେବାକୁ ଆମ ପାଖରେ ପର୍ଯ୍ୟାପ୍ତ ପରିମାଣର ସମୟ ରହିଛି। ତେବ ବର୍ତ୍ତମାନ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭଲ ପ୍ରଦର୍ଶନ କରିବାର ଆମର ପ୍ରଥମ ଲକ୍ଷ୍ୟ ରହିଛି। ୨୦୨୦ ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଆମକୁ ଭଲ ପ୍ରଦର୍ଶନ କରିବାକୁ ଭଲ ପ୍ଲାଟଫର୍ମ ପ୍ରଦାନ କରିବ ବୋଲି ମନପ୍ରୀତ କହିଛନ୍ତି। ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିପାରିଲେ ଏହା ବିଶ୍ୱକପ୍‌ରେ ଉନ୍ନତ ପ୍ରଦର୍ଶନ କରିବାକୁ ଖୋରାକ ଯୋଗାଇବ। ସିନିୟର ଓ ଜୁନିୟରସ୍ତରରେ ଆମ ପାଖରେ ବହୁ ସଂଖ୍ୟାରେ ପ୍ରତିଭାସମ୍ପନ୍ନ ତଥା ଦକ୍ଷ ଖେଳାଳି ରହିଛନ୍ତି। ଆଗାମୀ ୨–୩ ବର୍ଷ ମଧ୍ୟରେ ଏମାନେ ନିଜ ଦକ୍ଷତା ପ୍ରମାଣିତ କରିବା ଓ ମିଳିବାକୁ ଥିବା ସୁଯୋଗର ସଦ୍‌ବ୍ୟବହାର କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

୨୦୧୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ହକି ବିଶ୍ୱକପ ସଫଳତାର ଶୀର୍ଷକୁ ଛୁଇଁଥିଲା। ସେହିଭଳି ୨୦୨୩ ବିଶ୍ୱକପ୍ ସଫଳ ହେବ ବୋଲି ମନପ୍ରୀତ ଆଶା ପ୍ରକାଶ କରିଛନ୍ତି। ୨୦୨୨ରୁ ୨୦୨୩ ମଧ୍ୟରେ ଖେଳାଯିବାକୁ ଥିବା ମେଜର ଟୁର୍ନାମେଣ୍ଟଗୁଡିକରେ ଭଲ ପ୍ରଦର୍ଶନ କରିବା ଉପରେ ଆମେ ଗୁରୁତ୍ୱ ଦେଉଛୁ ବୋଲି ସେ କହିଛନ୍ତି। ଏଥିରେ ଏସିଆ କପ ସାମିଲ ରହିଛି। ଏଥିରେ ବିଜୟୀ ହେଲେ ଭାରତ ବିଶ୍ୱକପ୍ ଯୋଗ୍ୟତା ହାସଲ କରିବ। ଯଦିଓ ଆୟୋଜକ ଭାବେ ଭାରତ ସିଧାସଳଖ ବିଶ୍ୱକପ୍ ଯୋଗ୍ୟତା ହାସଲ କରିଛି।

## କେପିଏଲ୍ ଫିକ୍ସିଂ: ନିଜ ଆଡୁ ତଦନ୍ତ କରୁଛି ବିସିସିଆଇ

**ମୁମ୍ବାଇ,୯।୧୧:** କର୍ନାଟକ ଉଇକେଟ କିପର ସି.ଏମ୍. ଗୌତମ ଓ ମିଜୋରାମ ଅଧିନାୟକ ଆବରାର କାଜି ନିକଟରେ କ୍ରାଇମ ବ୍ରାଞ୍ଚ ଦ୍ୱାରା ଗିରଫ ହେବା ପରେ ବିସିସିଆଇର ଚିନ୍ତା ବଢ଼ିଯାଇଛି। ଏପରି କି ବିସିସିଆଇ କ୍ରିକେଟରୁ ଦୁର୍ନୀତି ଦୂରେଇବାକୁ ସକ୍ଷମ କି ନାହିଁ ପ୍ରଶ୍ନ ଉଠିଛି। ଏଠାରେ ଦୁଇଟି ପଏଣ୍ଟ ରହିଛି। ବାଙ୍ଗାଲୋର ପୋଲିସ ଚାର୍ଜଶିଟ ଦାଖଲ କଲେ, ଏହାର ତଦନ୍ତ ପ୍ରକ୍ରିୟା ଶେଷ ହେବ। ଆମେ ଚାର୍ଜଶିଟ୍‌ର ଏକ କପି ନେବୁ। ଦ୍ୱିତୀୟତଃ ଆଉ କିଛି ଲୋକ ଅଛନ୍ତି, ଯେଉଁମାନଙ୍କ ବିରୋଧରେ ତଦନ୍ତ ଚଳାଇଛୁ। ଆମେ ସେମାନଙ୍କ ମତ ନେବୁ ଓ ନିଜକୁ ବଞ୍ଚାଇବାକୁ ମଧ୍ୟ ସୁଯୋଗ ପ୍ରଦାନ କରିବୁ। ଏହାପରେ ଆବଶ୍ୟକ ପଦକ୍ଷେପ ନେବୁ ବୋଲି ବିସିସିଆଇର ଦୁର୍ନୀତି ବିରୋଧୀ ୟୁନିଟ ମୁଖ୍ୟ ଅଜିତ ସିଂ କହିଛନ୍ତି। ସାମିଲ ଥିବା ଖେଳାଳି, ସପୋର୍ଟରଙ୍କ ନାମ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ କୁହାଯାଇପାରିବ ନାହିଁ। କେପିଏଲ୍‌ରେ ଫିକ୍ସିଂ ଅଭିଯୋଗ ଅନୁଯାୟୀ ଆମ ତଦନ୍ତ ଚାଲିଛି। ଆମେ ପୋଲିସ ସହ ଯୋଗାଯୋଗରେ ଅଛୁ। କିଛି ଗୁରୁତ୍ୱପୂର୍ଣ୍ଣ ଥିଲେ, ଆମେ ପୋଲିସଙ୍କୁ ଦେବୁ। କାରଣ ସେମାନଙ୍କ ଆଇନଗତ ଅଧିକାର ରହିଛି। ଆମେ କେବଳ ଖେଳାଳି କିମ୍ବା ସପୋର୍ଟ ଷ୍ଟାଫ କିମ୍ବା ଖେଳ ସହ ଜଡ଼ିତ ଥିବା ଅନ୍ୟ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରିବୁ। କିନ୍ତୁ ବୁକିଙ୍କ ବିଷୟରେ କିଛି କରିପାରିବୁ ନାହିଁ।

## ତେଜସ୍ୱିନୀଙ୍କୁ ଅଲିମ୍ପିକ ଯୋଗ୍ୟତା

**ଦୋହା,୯।୧୧(ପି.ଟି.)**

ତେଜସ୍ୱିନୀ ସାୱନ୍ତ ଭାରତର ଦ୍ୱାଦଶ ଶୁଟର ଭାବେ ଟୋକିଓ ୨୦୨୦ ଅଲିମ୍ପିକ ଯୋଗ୍ୟତା ହାସଲ କରିଛନ୍ତି। ଏଠାରେ ଚାଲିଥିବା ୧୪ତମ ଏସିଆନ ଚାମ୍ପିୟନଶିପ ୫୦ ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟର ଫାଇନାଲରେ ସ୍ଥାନ ପକ୍କା କରି ଏହି ସଫଳତା ପାଇଛନ୍ତି। ୩୯ ବର୍ଷୀୟା ସାୱନ୍ତ ଯୋଗ୍ୟତା ପର୍ଯ୍ୟାୟରେ ୧୧୭୧ ସ୍କୋର କରି ପଞ୍ଚମ ସ୍ଥାନରେ ରହିଥିଲେ। ଫାଇନାଲରେ ସ୍ଥାନ ପାଇଥିବା ୮ ଶୁଟରଙ୍କ ମଧ୍ୟରେ ୬ ଜଣ ପୂର୍ବରୁ ଯୋଗ୍ୟତା ହାସଲ କରିସାରିଛନ୍ତି। ଏଣୁ ତେଜସ୍ୱିନୀଙ୍କୁ କୋଟା ମିଳିଛି। କ୍ୟାରିୟରରେ ପ୍ରଥମ ଥର ପାଇଁ ସେ ଅଲିମ୍ପିକ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ୫୦ ମି. ରାଇଫଲ ପ୍ରୋନ୍ ଇଭେଣ୍ଟରେ ବିଶ୍ୱ ଚାମ୍ପିୟନଶିପ, ବିଶ୍ୱକପ୍ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଇଭେଣ୍ଟରେ ୨୦୧୦ରେ ସେ ଚାମ୍ପିୟନ ହୋଇଥିଲେ।



ତେଜସ୍ୱିନୀ ସାୱନ୍ତ

## ଆର୍ସେନଲ ଖେଳାଳିଙ୍କୁ ଲୁଟିଥିବା ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ଲଣ୍ଡନ, ୯।୧୧ (ଏଏଫ୍‌ପି):** ହାତରେ ମାରଣାସ୍ତ୍ର ଧରି ଆର୍ସେନଲ ଫୁଟ୍‌ବଲ ଖେଳାଳି ମେସୁଟ ଓଜିଲ ଓ ସିଡ୍ କୋଲାସିନାକଙ୍କୁ ଲୁଟିଥିବା ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଦୁଇ ଖେଳାଳିଙ୍କଠାରୁ ବିଳାସପୂର୍ଣ୍ଣ ଘଣ୍ଟା ନେଇଯାଇଥିଲେ, ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରାୟ ୧.୮୩ କୋଟି ଟଙ୍କା ଥିଲା। ହାରୋ କ୍ରାଉନ କୋର୍ଟ ଆଶଲେ ସ୍ମିଥ୍‌ଙ୍କୁ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଉକ୍ତ ଘଟଣାରେ ବୋସନିଆନ ଡିଫେଣ୍ଡର କୋଲାସିନାକ ଲୁଟେରା ସ୍ମିଥଙ୍କ ସହ ଫାଇଟ୍ କରିଥିଲେ, ଯାହାର ଭିଡିଓ ଭାଇରାଲ ହୋଇଥିଲା। ସେତେବେଳେ ଓଜିଲ କାର୍ ଚଳାଉଥିଲେ। ଏହାପରେ ଲୁଟେରାମାନେ ତାଙ୍କ ପିଛାକରି ପଥର ଫିଙ୍ଗିଥିଲେ। ୩୦ ବର୍ଷୀୟ ସ୍ମିଥ୍‌ଙ୍କ ଅପରାଧର ଲମ୍ବା ତାଲିକା ରହିଛି। ଦ୍ୱିତୀୟ ଲୁଟେରା ହେଲା ଜୋର୍ଡନ ନର୍ଥଓଭର। କୋଲାସିନାକଙ୍କ ଘରରୁ ଚୋରି ଉଦ୍ୟମ କରିଥିବା ଘଟଣାରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସ୍ମିଥ୍ ଓ ନର୍ଥଓଭର ସ୍କୃଡ୍ରାଇଭର ଓ ଡାଫଣ ବ୍ୟବହାର କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ ଥିଲା ବୋଲି ଜଜ୍ ବ୍ରାଉନେ କ୍ୱିସି କହିଛନ୍ତି। ଉଭୟେ ସ୍କୃଡ୍ରାଇଭର ଓ ଡାଫଣ ଧରି ଧମକାଇଥିଲେ। ପୋଲିସ ଦୁଇ ଲୁଟେରାଙ୍କୁ ଠାବକରିବା ପରେ ଗିରଫ କରିଥିଲା।

## ଓଡ଼ିଶା–କେରଳ ମ୍ୟାଚ୍ ଡ୍ର'



ଓଡ଼ିଶା ଏଫ୍‌ସି ଗୋଲକିପର ଫ୍ରାନସିସ୍କୋ ଡୋରୋନସୋର ଚମତ୍କାର ସେଭ୍ କରିଛନ୍ତି।

**କୋଚି,୯।୧୧(ପି.ଟି.)**

ସ୍ଥାନୀୟ ଜବାହାରଲାଲ ନେହେରୁ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଓଡ଼ିଶା ଏଫସି ଓ ଘରୋଇ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ମୁହାଁମୁହିଁ ହୋଇଥିବା ବେଳେ ଏହି ମ୍ୟାଚ୍ ଗୋଲ୍ ଶୂନ୍ୟଭାବେ ଅମୀମାଂସିତ ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ କେରଳ ଘରୋଇ ପରିବେଶରୁ ଫାଇଦା ଉଠାଇପାରି ନ ଥିଲା। କ୍ରମାଗତ ତୃତୀୟ ମ୍ୟାଚ୍‌ରେ କେରଳ ବିଜୟୀ ହେବାରେ ସଫଳ ହୋଇପାରି ନାହିଁ। ଉଭୟ ଦଳ ଇଞ୍ଜୁରି ସମସ୍ୟାରେ ପଡିଥିଲେ ଓ ଏହାର ପ୍ରଭାବ ଏହି ମ୍ୟାଚ୍‌ରେ ଦେଖିବାକୁ ମିଳିଥିଲା। ଏଥିସହିତ ଉଭୟ ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୨ଟି ପରାଜୟ ଓ ଗୋଟିଏ ଡ୍ର ସହ ୪ ଲେଖାଏ ପଏଣ୍ଟ ହାସଲ କରିଛନ୍ତି। ଗୋଲ ବ୍ୟବଧାନରେ ଓଡ଼ିଶା ଆଗରେ ରହି ପଏଣ୍ଟ ତାଲିକାର ପଞ୍ଚମ ସ୍ଥାନରେ ରହିଥିବା ବେଳେ କେରଳ ଷଷ୍ଠ ସ୍ଥାନରେ ରହିଛି। ୨୩ତାରିଖ ଶନିବାର ଦିନ କେରଳ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଘରୋଇ ବେଙ୍ଗାଲୁରୁ ଏଫ୍‌ସିକୁ ଭେଟିବ। ସେହିପରି ଓଡ଼ିଶା ରବିବାର କୋଲକାତାକୁ ଭେଟିବ।

### ଶରଣକୁଳ ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ
## ସୁନାବେଡ଼ା–ମଧ୍ୟପ୍ରଦେଶ ଫାଇନାଲ୍ ଆଜି

**ନୟାଗଡ଼ ଅଫିସ,୯।୧୧**

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ୬୦ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଶନିବାର ଅନୁଷ୍ଠିତ ହୋଇଥିଲା। ମଧ୍ୟପ୍ରଦେଶର ରତଲାମ୍ ସିଟି ଫୁଟବଲ୍ କ୍ଲବ ଓ ଭୁବନେଶ୍ୱରର ସଂଘର୍ଷ କ୍ଲବ ମଧ୍ୟରେ ସେମିଫାଇନାଲ ଖେଳାଯାଇଥିଲା। ଏଥିରେ ମଧ୍ୟପ୍ରଦେଶ ୨–୦ ଗୋଲ୍‌ରେ ବିଜୟ ଲାଭ କରି ଫାଇନାଲ୍‌ରେ ପ୍ରବେଶ କରିଛି। ଫଳରେ ରବିବାର ସାଇ ହାଲ ସୁନାବେଡ଼ା ଓ ରତଲାମ୍ ସିଟି ଫୁଟବଲ୍ କ୍ଲବ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।



ରତଲାମ୍ ସିଟି ଫୁଟବଲ୍ କ୍ଲବ ଓ ସଂଘର୍ଷ କ୍ଲବ ମଧ୍ୟରେ ୨ୟ ସେମିଫାଇନାଲ ମ୍ୟାଚ୍।

ଶନିବାର ଖେଳ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧର ୩୬ ମିନିଟ୍‌ରେ ମଧ୍ୟପ୍ରଦେଶର ୭ ନମ୍ବର ଖେଳାଳି ରବି ବିପକ୍ଷ ଦଳକୁ ଅତି ଚତୁରତାର ସହିତ ଗୋଲ୍ ସ୍କୋର ଦେଇଥିଲେ। ଏହାପରେ ଖେଳର ଦ୍ୱିତୀୟାର୍ଦ୍ଧରେ ପୁନର୍ବାର ମଧ୍ୟପ୍ରଦେଶ ଦଳର ୧୧ ନମ୍ବର ଖେଳାଳି କାଦଲ ବିପକ୍ଷ ଦଳକୁ ଏକ ଗୋଲ୍ ସ୍କୋର ଦେଇଥିଲେ। ଏହାପରେ ଆଉ କୌଣସି ଗୋଲ୍ ସ୍କୋର ହୋଇପାରି ନ ଥିଲା। ଫଳରେ ମଧ୍ୟପ୍ରଦେଶ ଦଳ ୨–୦ ଗୋଲ୍‌ରେ ଭୁବନେଶ୍ୱର ଦଳକୁ ହରାଇ ବିଜୟୀ ହୋଇଥିଲା। ଶିବପ୍ରସାଦ ଦାସ ଖେଳ ପରିଚାଳନା କରିଥିବା ବେଳେ ରତ୍ନାକର ବାରିକ, ଅଶୋକ କଅଁର, ଲକ୍ଷ୍ମୀପ୍ରସାଦ ଲାଇନ୍‌ରେ ସହାୟତା କରିଥିଲେ। ଡାକ୍ତର ସିଦ୍ଧାର୍ଥ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସନ୍ତୋଷ କୁମାର ପାତ୍ର, ସ୍ୱର୍ଣ୍ଣ ପ୍ରକାଶ ରାଉତରାୟ, ରଞ୍ଜନ କୁମାର ସାହୁ, ବିଜୟ କୁମାର ବେହେରା, ବନମାଳୀ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ।

## କଳିଙ୍ଗରେ ପ୍ରଥମ ୩ ମ୍ୟାଚ୍ ଖେଳିପାରିବନି ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୯।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ୬ଷ୍ଠ ସଂସ୍କରଣରେ ପଦାର୍ପଣ କରିଥିବା ଓଡ଼ିଶା ଏଫ୍‌ସି ଦଳ ଘରୋଇ ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମରେ ଏହାର ପ୍ରଥମ ୩ଟି ମ୍ୟାଚ୍ ଖେଳିପାରିବ ନାହିଁ। ଓଡ଼ିଶା ଏଫ୍‌ସି ଆଇଏସ୍‌ଏଲ୍‌ରେ ଏହାର ଅଭିଯାନ ଆରମ୍ଭ କରିସାରିଥିଲେ ମଧ୍ୟ ଘରୋଇ କଳିଙ୍ଗ ଷ୍ଟାଡିୟମରେ ବର୍ତ୍ତମାନ ସୁଦ୍ଧା ମ୍ୟାଚ୍ ଖେଳିନାହିଁ। ନଭେମ୍ବର ୨୪ରେ

**ଆଇଏସ୍‌ଏଲ୍**

ଏଟିକେ ବିପକ୍ଷରେ ଖେଳି ଓଡ଼ିଶା ଏଫ୍‌ସି ଘରୋଇ ଗ୍ରାଉଣ୍ଡରେ ଏହାର ଅଭିଯାନ ଆରମ୍ଭ କରିଥାନ୍ତା। ଏହାପରେ ଡିସେମ୍ବର ୪ରେ ବେଙ୍ଗାଲୁରୁ ଏଫ୍‌ସି ଓ ଡିସେମ୍ବର ୧୧ରେ ହାଇଦ୍ରାବାଦ୍ ଏଫ୍‌ସିକୁ ଭେଟିବାର କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ ଗ୍ରାଉଣ୍ଡ କାମ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି



ଦଳ ଖେଳିବାକୁ ଥିବା ଏହାର ପ୍ରଥମ ୩ଟି ହୋମ୍ ମ୍ୟାଚ୍ ପୁଣେକୁ ସ୍ଥାନାନ୍ତର ହୋଇଯାଇଛି। ଏହି ୩ଟି ମ୍ୟାଚ୍ ଏବେ ପୁଣେର ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳାଯିବ ବୋଲି ଓଡ଼ିଶା ଏଫ୍‌ସି ଫ୍ରାଞ୍ଚାଇଜ ପକ୍ଷରୁ ଶନିବାର ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଅଧୀନରେ ରହିଥିବା କଳିଙ୍ଗ ଷ୍ଟାଡିୟମରେ ୨୦୨୦ରେ ସମ୍ମାନଜନକ ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଅନୁଷ୍ଠିତ ହେବ। ଫିଫା ଗାଇଡ୍‌ଲାଇନ୍ ଅନୁଯାୟୀ ଡିସେମ୍ବର ୧୬ ପୂର୍ବରୁ ନୂଆ ଟର୍ଫ ବିଛାଯିବା କାମ ଶେଷ କରିବାକୁ ପଡ଼ିବ। ଏଥିଲାଗି ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ସହ ନେଇ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଷ୍ଟାଡିୟମକୁ ପ୍ରସ୍ତୁତି କରିବା ଲାଗି ଜୋର୍‌ଦାର ପ୍ରୟାସ ଜାରି ରଖିଛନ୍ତି। କିନ୍ତୁ ଲମ୍ବା ସମୟ ପର୍ଯ୍ୟନ୍ତ ମୌସୁମୀ ରହିବାରୁ ଷ୍ଟାଡିୟମ ପ୍ରସ୍ତୁତି କାମରେ ବାଧା ସୃଷ୍ଟି ହୋଇଛି। ଏହି କାରଣରୁ ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ୩ଟି ଘରୋଇ ମ୍ୟାଚ୍ ସ୍ଥାନାନ୍ତରିତ କରିଛି। କିନ୍ତୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଡ଼ିଶା ଏଫ୍‌ସି କଳିଙ୍ଗ ଷ୍ଟାଡିୟମରେ ଏହାର ଅନ୍ୟ ୬ଟି ମ୍ୟାଚ୍ ଖେଳିବ ବୋଲି ଓଡ଼ିଶା ଏଫ୍‌ସି ମାଲିକ ରୋହନ ଶର୍ମା କହିଛନ୍ତି। ଅପରପକ୍ଷରେ ଡିସେମ୍ବର ମଧ୍ୟଭାଗ ସୁଦ୍ଧା ଗ୍ରାଉଣ୍ଡ ଓଡ଼ିଶା ଏଫ୍‌ସି ମ୍ୟାଚ୍ ଆୟୋଜନ ପାଇଁ ଉପଲବ୍ଧ ହୋଇଯାଇଥିବ ବୋଲି କ୍ରୀଡ଼ା ନିର୍ଦ୍ଦେଶକ ଆର୍. ଭିନିଲ୍ କ୍ରିଷ୍ଣା କହିଛନ୍ତି। 'ଚଳିତ ବର୍ଷ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବାରେ ଯଥେଷ୍ଟ ବିଳମ୍ବ ହୋଇଥିଲା। ଏହି କାରଣରୁ ଓଡ଼ିଶା ଏଫ୍‌ସି ଘରୋଇ ଗ୍ରାଉଣ୍ଡରେ ଏହାର ପ୍ରାରମ୍ଭିକ ପର୍ଯ୍ୟାୟ ମ୍ୟାଚ୍ ଖେଳିବାରେ ବିଳମ୍ବ ହୋଇଛି। ଡିସେମ୍ବର ମଧ୍ୟଭାଗ ସୁଦ୍ଧା ଗ୍ରାଉଣ୍ଡ ଓଡ଼ିଶା ଏଫ୍‌ସି ମ୍ୟାଚ୍ ପାଇଁ ଉପଲବ୍ଧ ହେବାର ଆଶା ରହିଛି' ବୋଲି ଭିନିଲ କ୍ରିଷ୍ଣା ଏହି ଅବସରରେ କହିଛନ୍ତି।



ରିଷଭ ପନ୍ତ ଟିମ୍ ମ୍ୟାନେଜମେଣ୍ଟ ପରାମର୍ଶକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରୁଛନ୍ତି, ତେଣୁ ତାଙ୍କୁ ସମାଲୋଚନା ନ କରି ଏକାକୀ ଛାଡ଼ିଦେବା ଉଚିତ୍ ।

–ରୋହିତ ଶର୍ମା, ଭାରତୀୟ କାମଚଳା ଅଧିନାୟକ



ଭାରତ ବିପକ୍ଷ ପ୍ରଥମ ଟି୨୦ରେ ବାଂଲାଦେଶ ଅଧିନାୟକ ମହମୁଦୁଲ୍ଲା ମହେନ୍ଦ୍ର ସିଂ ଧୋନୀଙ୍କ ରଣନୀତି ଆପଣେଇଥିଲେ ।

–ଇର୍ଫାନ ପଠାନ, ପୂର୍ବତନ ଭାରତୀୟ ସିମ୍ ବୋଲର

## ସଂକ୍ଷେପରେ

### ୪୦୦ ଛକା କ୍ଲବ ନିକଟରେ ରୋହିତ

**ନାଗପୁର,୯।୧୧:** ଭାରତୀୟ ଦଳର କାମଚଳା ଅଧିନାୟକ ରୋହିତ ଶର୍ମା ଏଠାରେ ବାଂଲାଦେଶ ବିପକ୍ଷରେ ଖେଳାଯିବାକୁ ତୃତୀୟ ଟି୨୦ ମ୍ୟାଚ୍‌ରେ ଏକ ନୂଆ ମାଇଲଷ୍ଟୋନର ଅଧିକାରୀ ହୋଇପାରନ୍ତି। ପ୍ରଥମ ଭାରତୀୟ ଭାବେ ତାଙ୍କୁ ଅନ୍ତର୍ଜାତୀୟ କ୍ରିକେଟରେ ୪୦୦ ଛକା ପୂରଣ କରିବା ପାଇଁ ରବିବାର ମାତ୍ର ଦୁଇଟି ଛକା ମାରିବାକୁ ପଡ଼ିବ। ଦିନିକିଆ କ୍ରିକେଟରେ ୨୩୨ ଛକା ଲଗାଇଥିବାବେଳେ ସେ ଟେଷ୍ଟରେ ୫୧ ଛକା ମାରିଛନ୍ତି। ଅନ୍ତର୍ଜାତୀୟ ଟି୨୦ରେ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକଙ୍କ ନାମରେ ରହିଛି ୧୧୫ ଛକା। ଏ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟରେ କେବଳ ଦୁଇ ଜଣ ବ୍ୟାଟ୍ସମ୍ୟାନ ୪୦୦ରୁ ଅଧିକ ଛକା ମାରିଛନ୍ତି। ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଆଫ୍ରିଦୀ ୪୭୬ ଛକା ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ୱେଷ୍ଟଇଣ୍ଡିଜ ଓପନର କ୍ରିସ୍ ଗେଲ୍ ୫୩୪ ଛକ ଲଗାଇ ଶୀର୍ଷରେ ଅଛନ୍ତି।

### ବିବାହ ପୂର୍ବରୁ ପ୍ରଜନେଶଙ୍କ ପିତୃ ବିୟୋଗ

**ନୂଆଦିଲ୍ଲୀ, ୯।୧୧ (ପି.ଟି.):** ଭାରତର ଶ୍ରେଷ୍ଠ ସିଙ୍ଗଲ୍ସ ଟେନିସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନଙ୍କ ପିତା ଏସ୍.ଜି. ପ୍ରଭାକରନଙ୍କ ଶନିବାର ବିୟୋଗ ଘଟିଛି। ପ୍ରଜନେଶଙ୍କ ବିବାହ ନଭେମ୍ବର ୨୮ରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ଘଟଣା ତାଙ୍କ ପରିବାରରେ ଶୋକର ଛାୟା ଖେଳାଇ ଦେଇଛି। ଗତ କିଛି ମାସ ହେବ ପ୍ରଭାକରନଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ନ ଥିଲା। ଏହି କାରଣରୁ ତାଙ୍କୁ ନିୟମିତ ଅନ୍ତରରେ ଚେନ୍ନାଇର ଏକ ହସ୍ପିଟାଲ ଯିବାକୁ ପଡୁଥିଲା। ପ୍ରଭାକରନ ଜଣେ ରିୟଲ ଇଷ୍ଟେଟ୍ ବିଜନେସମ୍ୟାନ ହୋଇଥିବାବେଳେ ଟେନିସ ପ୍ରତି ତାଙ୍କର ଦୁର୍ବଳତା ରହିଥିଲା। ଏହି କାରଣରୁ ପୁଅ ପ୍ରଜନେଶଙ୍କୁ ଟେନିସ ଖେଳିବା ପାଇଁ ଉତ୍ସାହିତ କରିବା ସହିତ ଟ୍ରେନିଂ ପାଇଁ ସ୍ପେନ ପଠାଇଥିଲେ। ପିତାଙ୍କ ବିୟୋଗ ଘଟିଥିଲେ ମଧ ୨୯ ବର୍ଷୀୟ ପ୍ରଜନେଶ ସୋମବାରଠାରୁ ଆରମ୍ଭ ହେବାକୁ ଥିବା ପୁଣେ ଚ୍ୟାଲେଞ୍ଜର ପ୍ରତିଯୋଗିତାରୁ ଓହରିବେ ନାହିଁ ବୋଲି ଜଣାପଡ଼ିଛି।

### ଦୁଶ୍ଚିନ୍ତା ଯୋଗୁ ଓହରିଲେ ମାଡିନସନ

**ପର୍ଥ,୯।୧୧(ଏଏଫ୍‌ପି)-** ନିକ୍ ମାଡିନସନ ମାନସିକ ଦୁଶ୍ଚିନ୍ତା କାରଣରୁ ଏଠାରେ ପାକିସ୍ତାନ ଓ ଅଷ୍ଟ୍ରେଲିଆ ଏ’ ମଧ୍ୟରେ ଖେଳାଯିବାକୁ ଥିବା ଅଭ୍ୟାସ ମ୍ୟାଚ୍‌ରୁ ଶନିବାର ଓହରିଯାଇଛନ୍ତି। ଗତ ସପ୍ତାହରେ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ମାଡିନସନ ମାନସିକ ସ୍ଥିତିରେ ଦୃଢ଼ ନ ଥିବା ସ୍ୱୀକାର କରିଛନ୍ତି। ତାଙ୍କ ବଦଳ ଖେଳାଳି ଭାବେ କାମେରୋନ ବାନକ୍ରାଫ୍ଟ ୩ ଦିନିଆ ମ୍ୟାଚ୍‌ରେ ଖେଳିବେ। ନିକ୍ ଠିକ୍ ନିଷ୍ପତ୍ତି ନେଇଛନ୍ତି। ଆମେ ତାଙ୍କ ସହ ଅଛୁ। ଏହା ସ୍ୱୀକାର କରିବା ବୀରତାର କାର୍ଯ୍ୟ ବୋଲି ଅଷ୍ଟ୍ରେଲିଆ ଏ’ କୋଚ୍ ଗ୍ରେମ୍ ହିକ୍ କହିଛନ୍ତି। ଏଭଳି ନିଷ୍ପତ୍ତି ନିକ୍‌ଙ୍କୁ ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟରୁ ବାଦ୍ ପଡ଼ିବା ନେଇ ସମ୍ଭାବନା ସୃଷ୍ଟି କରିଛି।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ନାଗପୁର, ୯।୧୧ (ପି.ଟି.)

ଚଳିତ ସିଜନରେ ଭାରତ ଘରୋଇ ପରିବେଶରେ ତା’ର ପ୍ରଥମ ଟି୨୦ ସିରିଜ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି। ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ରବିବାର ଭାରତ ଓ ବାଂଲାଦେଶ ମଧ୍ୟରେ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍ ଆୟୋଜନ ହେବ। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ଏବେ ୧–୧ ସମାନସ୍ତରରେ ରହିଛି। ଫଳରେ ଉଭୟ ଦଳ ପାଖରେ ସିରିଜ ବିଜୟୀ ହେବାର ସୁଯୋଗ ରହିଛି। ତେବେ ଏଥିପାଇଁ ଅନ୍ତିମ ମ୍ୟାଚ୍‌ରେ ବିଜୟୀ ହେବା ଜରୁରୀ। ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ପୂର୍ବରୁ ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ସମେତ କେତେକ ସିନିୟର ଖେଳାଳିଙ୍କ

## ଅନ୍ତିମ ଟି୨୦ ଆଜି

ଅନୁପସ୍ଥିତିରେ ପ୍ରତିଭାସମ୍ପନ୍ନ ଖେଳାଳି ଚୟନ କରିବା ଭାରତର ମୂଳ ଲକ୍ଷ୍ୟ ରହିଛି। ତେବେ ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭାରତକୁ ସେତେଟା ସଫଳତା ମିଳିନାହିଁ। ପ୍ରଥମ ଦୁଇ ମ୍ୟାଚ୍‌ରେ ଯୁବ ଖେଳାଳିମାନେ ସେତେଟା ଦମ୍ ଦେଖାଇପାରି ନାହାନ୍ତି। ଅବଶ୍ୟ ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମିଡଲ ଓଭରରେ ସେ ପୁଣି ଥରେ ନିଜକୁ ଉଇକେଟ ହାସଲକାରୀ ବୋଲର ରୂପେ ପ୍ରମାଣିତ କରିଛନ୍ତି।

ଗତ ମ୍ୟାଚ୍‌ରେ ଚହଲ ଓ ଅନ୍ୟ ବୋଲରମାନେ ବାଂଲାଦେଶକୁ ୧୫୨/୬ରେ ସୀମିତ ରଖିଥିଲେ। ଏହାପରେ କାମଚଳା ଅଧିନାୟକ ରୋହିତ ଶର୍ମା ଚିରାଚରିତ ଢଙ୍ଗରେ ଧୂଆଁଧାର ବ୍ୟାଟିଂ କରି ଦ୍ରୁତ ୮୫ ରନ କରି ଭାରତକୁ ଅତି ସହଜରେ ଜିତାଇଥିଲେ ଓ ସିରିଜକୁ ୧–୧ ସମାନସ୍ତରକୁ ଆଣିଥିଲେ। ସ୍ପିନର ୱାଶିଂଟନ ସୁନ୍ଦର ଅବଶ୍ୟ କିଛିମାତ୍ରା ସଫଳ ପ୍ରଦର୍ଶନ କରିଛନ୍ତି। ଫଳରେ ତାଙ୍କ ବଦଳରେ ଶାର୍ଦ୍ଦୁଳ ଠାକୁର ଦଳରେ ସ୍ଥାନ ପାଇବେ ଓ ଦୀପକ ଚହରଙ୍କ ସହ ପେଶ୍ ବୋଲିଂ ଦାୟିତ୍ୱ ସମ୍ଭାଳିବେ। ସେହିପରି ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ଏପର୍ଯ୍ୟନ୍ତ ଉଇକେଟ ହାସଲ କରିପାରି ନ ଥିବାବେଳେ ବ୍ୟାଟିଂରେ ମଧ ପ୍ରଭାବୀ ସାବ୍ୟସ୍ତ ହୋଇପାରିନାହାନ୍ତି। ରାଜକୋଟ ଓ ଦିଲ୍ଲୀରେ ରୋହିତ ସମାନ ଦଳ ନେଇ ପଡିଆକୁ ଓହ୍ଲାଇଥିଲେ। ଫଳରେ ମନୀଷ ପାଣ୍ଡେ, ସଞ୍ଜୁ ସାମସନ ଓ ରାହୁଲ ଚହର ସୁଯୋଗ ନ ପାଇ ବେଞ୍ଚ୍‌ରେ ବସିଥିଲେ। ଯଦି ତୃତୀୟ ମ୍ୟାଚ୍‌ରେ ଏମାନେ ସୁଯୋଗ ନ ପାଆନ୍ତି ତାହାଲେ ଆସନ୍ତା ମାସରେ ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ସିରିଜରେ ଏମାନେ ଖେଳିବାକୁ ସୁଯୋଗ ପାଇବେ।

ଏହି ସିରିଜ ପରେ ସିନିୟର ଖେଳାଳିମାନେ ମଧ ଦଳକୁ ଫେରିବେ। ଭାରତୀୟ ଦଳରେ ଏକାଧିକ ସମସ୍ୟା ରହିଛି। ଖାସ୍ କରି ବ୍ୟାଟିଂ ବିଭାଗରେ ବହୁତ କିଛି ଉନ୍ନତି ହେବାର ଆବଶ୍ୟକତା ରହିଛି। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଭଳି ଧୂଆଁଧାର ବ୍ୟାଟ୍ସମ୍ୟାନ ଭାରତୀୟ ଦଳରେ ନ ଥିବା ପରିଲକ୍ଷିତ ହୋଇଛି। ଶ୍ରେୟାସ ଆୟାର ସୀମିତ ସମୟ ମଧ୍ୟରେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ତେବେ ଲୋକେଶ ରାହୁଲ ଏପର୍ଯ୍ୟନ୍ତ ଦମ୍ ଦେଖାଇପାରି ନାହାନ୍ତି। ସେହିପରି ଅଲରାଉଣ୍ଡର ଶିବମ୍ ଦୁବେ ମଧ କିଛି ସେଭଳି ଖାସ୍ ପ୍ରଭାବୀ ସାବ୍ୟସ୍ତ ହୋଇ ପାରିନାହାନ୍ତି। ପୂର୍ବରୁ ମଧ ତାଙ୍କ ଶଟ୍ ଚୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେବେ ଅନ୍ତିମ ମ୍ୟାଚ୍‌ରେ ଏହି ଦୁଇ ଖେଳାଳି ସେମାନଙ୍କ ସମାଲୋଚକଙ୍କୁ ଚୁପ୍ କରାଇବାର ସୁଯୋଗ ପାଇବେ।

ନାଗପୁରରେ ଭାରତ ସିରିଜ ବିଜୟୀ ହେବା ଆଶା କରାଯାଉଛି। ତେବେ ପ୍ରଥମ ମ୍ୟାଚ୍ ଭଳି ବାଂଲାଦେଶ ଭାରତକୁ ଚକ୍‌ମା ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ଅବଶ୍ୟ ବାଂଲାଦେଶ ଦଳରେ ତାମିମ ଇକବାଲ ଓ ତାରକା ଅଲରାଉଣ୍ଡର ତଥା ଅଧିନାୟକ ସାକିବ ଅଲ ହାସନ ନାହାନ୍ତି। ଗୁରୁବାର ରାଜକୋଟରେ ବାଂଲାଦେଶ ଭଲ ଆରମ୍ଭ କରିଥିଲେ ମଧ କେତୋଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ହରାଇ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ବାଂଲାଦେଶର ସବୁ ବ୍ୟାଟ୍ସମ୍ୟାନ ଭଲ ଟଚ୍‌ରେ ରହିଛନ୍ତି ଓ ଏହି ମ୍ୟାଚ୍‌ରେ ପୁଣି ଥରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଅଭିଜ୍ଞ ଓପନର ଶିଖର ଧାୱନ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଉପରେ ମଧ ଚାପ ରହିବ। ଧାୱନ ରନ୍‌ର ଗତି ବଢାଇବାରେ ସଫଳ ହୋଇ ନ ଥିବା ବେଳେ ପନ୍ତ ଉଇକେଟ ପଛରେ କରିପାରିନାହାନ୍ତି।



ବାୟୁସେନା ପାଇଲଟମାନେ ଟିମ୍ ଇଣ୍ଡିଆ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କୁ ଏକ ସ୍ମରଣିକା ପ୍ରଦାନ କରୁଛନ୍ତି।

### ବାୟୁସେନା ପାଇଲଟଙ୍କ ସହ ସମୟ ବିତାଇଲେ ଭାରତୀୟ କ୍ରିକେଟର

ରବିବାର ଖେଳାଯିବାକୁ ଥିବା ସିରିଜ ନିର୍ଣ୍ଣାୟକ ମ୍ୟାଚ୍ ପୂର୍ବରୁ ଭାରତୀୟ କ୍ରିକେଟରମାନେ ବାୟୁସେନାର ସୂର୍ଯ୍ୟକିରଣ ଏରୋବେଟିକ ଟିମ ସହ କିଛି ସମୟ ଅତିବାହିତ କରିଛନ୍ତି। ନାଲି ୟୁନିଫର୍ମ ସହ ପାଇଲଟମାନେ ଶିଖର ଧାୱନ, ରିଷଭ ପନ୍ତ ଓ ମନୀଷ ପାଣ୍ଡେଙ୍କ ସହ ପାଖାପାଖି ଏକ ଘଣ୍ଟା ଅତିବାହିତ କରିଥିଲେ। ଏହି ଅବସରରେ ହେଡ୍ କୋଚ୍ ରବି ଶାସ୍ତ୍ରୀଙ୍କୁ ଏକ ସ୍ମରଣିକା ପ୍ରଦାନ କରିଥିଲେ। ଏଠାରେ ‘ଏୟାର ଫେଷ୍ଟ–୨୦୧୯’ ଚାଲୁଥିବାରୁ କ୍ରିକେଟର ଓ ପାଇଲଟଙ୍କ ମିଳନପର୍ବ ସ୍ୱତନ୍ତ୍ର ଭାବେ ଆୟୋଜନ କରାଯାଇଥିଲା।

- ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ଖଲିଲ ଅହମ୍ମଦ, ଯୁଜବେନ୍ଦ୍ର ଚହଲ, ଦୀପକ ଚହର, ରାହୁଲ ଚହର, ଶିଖର ଧାୱନ, ଶିବମ ଦୁବେ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, କ୍ରୁନାଲ ପାଣ୍ଡ୍ୟା, ରିଷଭ ପନ୍ତ, ଲୋକେଶ ରାହୁଲ, ସଞ୍ଜୁ ସାମସନ, ୱାଶିଂଟନ ସୁନ୍ଦର ଓ ଶାର୍ଦ୍ଦୁଳ ଠାକୁର।
- ବାଂଲାଦେଶ ଦଳ: ମହମୁଦୁଲ୍ଲା ରିୟାଦ (ଅଧିନାୟକ), ତାଇଜୁଲ ଇସ୍‌ଲାମ, ମହମ୍ମଦ ମିଥୁନ, ଲିଟନ କୁମାର ଦାସ, ସୌମ୍ୟ ସରକାର, ନଇମ ଶେଖ, ମୁସ୍‌ଫିକର ରହିମ, ଅଫିଫ୍ ହୋସେନ, ମୋସାଡେକ ହୋସେନ ସାଇକତ, ଅମିନୁଲ ଇସ୍‌ଲାମ, ଆରାଫତ ସନ୍ନୀ, ଅବୁ ହାଇଦର, ଅଲ- ଅମିନ ହୋସେନ, ମୁସ୍ତାଫିଜୁର ରହମାନ ଓ ସୈଫୁଲ ଇସ୍‌ଲାମ।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**
**ସ୍ଥାନ: ନାଗପୁର | ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

### ମେରିକମ୍–ନିଖାତଙ୍କ ଟ୍ରାଏଲ ଡିସେମ୍ବରରେ

**ନୂଆଦିଲ୍ଲୀ,୯।୧୧:** ଛ’ ଥର ବିଶ୍ୱ ଚାମ୍ପିୟନ ଏମ୍.ସି. ମେରିକମ୍ ଓ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବକ୍ସର ନିଖାତ ଜାରିନଙ୍କ ମଧ୍ୟରେ ଟ୍ରାଏଲ ମ୍ୟାଚ୍ ଖେଳାଯିବା ନେଇ ଶନିବାର ସ୍ପଷ୍ଟ ହୋଇଛି। ଉଭୟଙ୍କ ମଧ୍ୟରେ ଡିସେମ୍ବର ଶେଷ ସପ୍ତାହରେ ମୁକାବିଲା ହେବ ବୋଲି ଅଫିସିଆଲ ସୂଚନା ମିଳିଛି। ଟ୍ରାଏଲର ବିଜେତା ୨୦୨୦ ଟୋକିଓ ଅଲିମ୍ପିକ୍ସ କ୍ୱାଲିଫାୟର୍ସରେ ୫୧ କେଜି ଓଜନ ବର୍ଗରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବେ। ଏ ନେଇ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ଓ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କୁ ନୋଟିସ କରାଯିବ ବୋଲି ବିଏଫ୍‌ଆଇ ସଭାପତି ଅଜୟ ସିଂ କହିଛନ୍ତି। ଲଭଲିନା ବରଗୋହିନଙ୍କୁ ମଧ ୬୯ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ। ଗତ ଗୁରୁବାର ବିଏଫ୍‌ଆଇ ଅଫିସିଆଲ, ସାଇ କର୍ମକର୍ତ୍ତା, ଡିରେକ୍ଟର ଜେନେରାଲ ସନ୍ଦୀପ ପ୍ରଧାନ ଓ ଦୁଇ ବିଦେଶୀ କୋଚ୍ ରାଫାଲେ ବରଗାମାସ୍କୋ ଓ ସାଣ୍ଟିଆଗୋ ନେଇଭାଙ୍କୁ ନେଇ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକ ସାଇ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। ଏଥିରେ ଭାରତୀୟ ପ୍ରତିନିଧିତ୍ୱ ଦଳ ଚୟନ କରିବା ପାଇଁ ଥିବା ନିୟମ ଉପରେ ଚର୍ଚ୍ଚା ହୋଇଥିଲା। ବୋର୍ଡର ସଭାପତିଙ୍କ ସମେତ ସଭିଙ୍କ ସହ ଆଲୋଚନା ପରେ ଚୟନ ଲାଗି ଉଦ୍ଦିଷ୍ଟ ନିୟମରେ ପରିବର୍ତ୍ତନ ହୋଇପାରିବ ନାହିଁ ବୋଲି ଜଣାପଡ଼ିଥିଲା। ଏଣୁ ଚାଇନାର ଉହାନଠାରେ ଫେବୃୟାରୀ ୩ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଭାରତୀୟ ଦଳ ଘୋଷଣା ହେବା ପୂର୍ବରୁ ଟ୍ରାଏଲ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଆମକୁ ନିୟମରେ ରହିବାକୁ ପଡ଼ିବ। ଏବେ କିଛି ଦ୍ୱନ୍ଦ୍ୱ ନାହିଁ। ଏହି ଟ୍ରାଏଲ ଇଣ୍ଡିଆନ ବକ୍ସିଂ ଲିଗ୍ (ଆଇବିଏଲ୍) ପରେ ଅନୁଷ୍ଠିତ ହେବ ବୋଲି ସୂତ୍ରରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଟ୍ରାଏଲ ସମ୍ମୁଖୀନ ହେବାରେ ମେରିକମ୍‌ଙ୍କ କିଛି ଅସୁବିଧା ନ ଥିଲା। ହେଲେ ବିଏଫ୍‌ଆଇ ସଭାପତିଙ୍କ ମନ୍ତବ୍ୟ ପରେ ସବୁ ବିବାଦ ଆରମ୍ଭ ହୋଇଥିଲା।

## ଇଡେନରେ ପ୍ରଥମ ୩ ଦିନରେ ୫୦ ହଜାର ଦର୍ଶକ

**କୋଲକାତା,୯।୧୧(ପି.ଟି.):** ଆସନ୍ତା ୨୨ରୁ ୨୬ ତାରିଖ ମଧ୍ୟରେ ସ୍ଥାନୀୟ ଇଡେନ ଗାର୍ଡେନରେ ଭାରତ ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ଐତିହାସିକ ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଖେଳାଯିବ। ପ୍ରଥମଥର ପାଇଁ ଭାରତ ଦିବାରାତ୍ର ଟେଷ୍ଟ ଖେଳିବାକୁ ଯାଉଥିବାରୁ ଏହାକୁ ଦେଖିବା ପାଇଁ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ପ୍ରଥମ ୩ ଦିନରେ ୫୦,୦୦୦ରୁ ଉର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ରହିବେ ବୋଲି ଆଶା କରାଯାଉଛି। ଟିକେଟର ଚାହିଦା ଆଶାତୀତ ବୃଦ୍ଧି ପାଇଛି ବୋଲି କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ୍ (ସିଏବି) ତରଫରୁ ଟୁଇଟ୍ କରି ସୂଚନା ଦେଇଛି। ଇତିମଧ୍ୟରେ ୧୭, ୦୦୦ ଟିକେଟ ଅନ୍‌ଲାଇନ୍ ମାଧ୍ୟମରେ ବିକ୍ରି ହୋଇସାରିଛି । ମୋଟ ଉପରେ ୫୦ ହଜାର ଟିକେଟ ବିକ୍ରି ହୋଇଛି ବୋଲି ସିଏବି ତରଫରୁ କୁହାଯାଇଛି। ବାକି ଟିକେଟଗୁଡିକ ଅନୁବନ୍ଧିତ ୟୁନିଟ୍ ତଥା ଆସୋସିଏଶନଗୁଡିକୁ ଦିଆଯାଇଛି। ପ୍ରଥମ ୩ ଦିନ ପାଇଁ ଟିକେଟ ଚାହିଦା ଅଧିକ ରହିଛି। ନଭେମ୍ବର ୧୪ ତାରିଖରେ ବାକି ୧୬,୦୦୦ ଟିକେଟ କାଉଣ୍ଟରରେ ବିକ୍ରି ହେବ। ଷ୍ଟାଡିୟମ ପୂର୍ଣ୍ଣ ହେବ ବୋଲି ସିଏବିର ଜଣେ ଅଫିସିଆଲ କହିଛନ୍ତି।

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଥମ ଦିନରେ ଇଡେନରେ ପାରମ୍ପରିକ ଘଣ୍ଟି ବଜାଇ ମ୍ୟାଚ ଆରମ୍ଭ କରିବେ। ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ ପଶ୍ଚିମବଙ୍ଗ ଗଭର୍ନର ଜଗଦୀପ ଧନକର ଉପସ୍ଥିତ ରହିବେ। ଏହି ଐତିହାସିକ ମୁହୂର୍ତ୍ତରେ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ଅଭିନବ ବିନ୍ଦ୍ରା, ସାନିଆ ମିର୍ଜା, ପି.ଭି. ସିନ୍ଧୁ ଓ ୬ଥର ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଜିତିଥିବା ଏମ୍‌ସି ମେରିକମ୍ ଉପସ୍ଥିତ ରହିବେ।



ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍)ରେ ଶନିବାର ଏଟିକେ ଓ ଜାମ୍‌ସେଦପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ସୂର୍ଯ୍ୟଙ୍କ ବିସ୍ଫୋରକ ବ୍ୟାଟିଂ: ମୁମ୍ବାଇ ବିଜୟୀ

ମୁମ୍ବାଇ, ୯।୧୧ (ପି.ଟି.)

ଟାଇଟଲ୍ ଫେଭରାଇଟ୍ ମୁମ୍ବାଇ ଚଳିତ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ଏହାର ଦ୍ୱିତୀୟ ବିଜୟ ଲାଭ କରିଛି। ଶନିବାର ଖେଳାଯାଇଥିବା ଗ୍ରୁପ୍–ଡି’ର ଏକ ମୁକାବିଲାରେ ମୁମ୍ବାଇ ୮ ଉଇକେଟ୍‌ରେ ହରିୟାଣାକୁ ପରାସ୍ତ କରିଛି। ସୂର୍ଯ୍ୟ କୁମାର ଯାଦବ ବିସ୍ଫୋରକ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ମୁମ୍ବାଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ହରିୟାଣା ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ୍ ହରାଇ ୧୫୩ ରନ କରିଥିଲା। ଦଳ ପକ୍ଷରୁ ହର୍ଷିତ ପଟେଲ ୩୩, ଚୈତନ୍ୟ ବିଷ୍ଣୋଇ ୨୭, ରାହୁଲ ତେୱାତିଆ ୨୯ ରନ କରିଥିଲେ। ମୁମ୍ବାଇ ପକ୍ଷରୁ ତୁଷାର ଦେଶପାଣ୍ଡେଙ୍କୁ ୨ଟି ଉଇକେଟ୍ ମିଳିଥିଲା। ଜବାବରେ ମୁମ୍ବାଇ ଅଧିନାୟକ ସୂର୍ଯ୍ୟ କୁମାରଙ୍କ ୮୧ ରନ (୩୮ ବଲ୍, ୧୧ ଚୌକା, ୩ ଛକା)ର ଅପରାଜିତ ଇନିଂସ ବଳରେ ୧୫.୪ ଓଭରରେ ୨ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରି ନେଇଥିଲା। ପୂର୍ବରୁ ମୁମ୍ବାଇ ଏହାର ପ୍ରଥମ ମ୍ୟାଚ୍‌ରେ ୧୦ ଉଇକେଟ୍‌ରେ ମିଜୋରାମକୁ ପରାସ୍ତ କରିଥିଲା।



ସୂର୍ଯ୍ୟକୁମାର ଯାଦବ।

## କର୍ଣ୍ଣାଟକକୁ ହରାଇଲା ବରୋଦା

**ବିଶାଖାପାଟନମ, ୯।୧୧ (ପି.ଟି.):** ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଗ୍ରୁପ୍–ଏରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ବରୋଦା ୧୪ ରନରେ କର୍ଣ୍ଣାଟକକୁ ହରାଇ ଦେଇଛି। ସ୍ଥାନୀୟ ଡ. ୱାଇ.ଏସ୍. ରାଜଶେଖର ରେଡ୍ଡୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କେଦାର ଦେବଧରଙ୍କ ନେତୃତ୍ୱାଧୀନ ବରୋଦା ୨୦ ଓଭରରେ ୪ ଉଇକେଟ୍ ହରାଇ ୧୯୬ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ କେଦାର ୫୨, ସ୍ୱପ୍ନିଲ ସିଂ ୩୬, ବିଷ୍ଣୁ ସୋଲାଙ୍କୀ ୩୫* ରନ କରିଥିଲେ। ୟୁସୁଫ ପଠାଣ ୧୬ ବଲରୁ ୨୩ ରନ କରି ଅପରାଜିତ ରହିଥିଲେ। ଜବାବରେ କର୍ଣ୍ଣାଟକ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ହରାଇ ୧୮୨ ରନ କରିବାକୁ ସକ୍ଷମ ହୋଇଥିଲା। ରୋହନ କାଦମ ୫୭, ଅଧିନାୟକ କରୁଣ ନାୟାର ୪୭, ଲଭ୍‌ନିଥ ସିସୋଦିଆ ୩୭ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ବାମହାତୀ ଦ୍ରୁତ ବୋଲର ଲୁକ୍‌ମ୍ୟାନ ମେରୱାଲା କ୍ୟାରିୟର ଶ୍ରେଷ୍ଠ ବୋଲିଂ କରି ୨୧ ରନରେ ୫ ଉଇକେଟ୍ ସଫଳତା ପାଇଥିଲେ। ଗ୍ରୁପ୍–ଏ’ର ଅନ୍ୟ ଏକ ମ୍ୟାଚ୍‌ରେ ଗୋଆ ୨୯ ରନରେ ବିହାରକୁ ପରାସ୍ତ କରିଛି।

**ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି**

## ଓଡ଼ିଶାର ୨ୟ ମ୍ୟାଚ୍ ମଧ୍ୟ ବାତିଲ

**ଭୁବନେଶ୍ୱର, ୯।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ଘରୋଇ ଟି୨୦ ପ୍ରତିଯୋଗିତା ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ଓଡ଼ିଶାର ୨ୟ ମ୍ୟାଚ୍ ମଧ ବର୍ଷା ଲାଗି ବାତିଲ ହୋଇଯାଇଛି। ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱାଧୀନ ଓଡ଼ିଶା ଶନିବାର ଶକ୍ତିଶାଳୀ ଦିଲ୍ଲୀକୁ ଭେଟିବାର କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ ସୁରଟର ସିବି ପଟେଲ ଇଣ୍ଟରନ୍ୟାଶନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ବର୍ଷା ଯୋଗୁ ଗୋଟିଏ ବି ବଲ୍ ବୋଲିଂ କରିବା ସମ୍ଭବପର ହୋଇ ନ ଥିଲା। ଫଳରେ ଉଭୟ ଓଡ଼ିଶା ଓ ଦିଲ୍ଲୀ ଏକ ପଏଣ୍ଟ ଲେଖାଏ ପାଇଛନ୍ତି। ପୂର୍ବରୁ ଶୁକ୍ରବାର ଓଡ଼ିଶା–ଝାଡ଼ଖଣ୍ଡ ମ୍ୟାଚ୍ ମଧ ବାତିଲ ହୋଇଥିଲା।

## ଅନ୍ତିମ ମ୍ୟାଚ୍ ରୋମାଞ୍ଚକ ହେବ

ମହିନ୍ଦର ଅମରନାଥ

ଗତ କେତୋଟି ସେସନରେ ଭାରତୀୟ କ୍ରିକେଟ ଦଳ ପଛରେ ଥାଇ ମଧ ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବାର ଏକାଧିକ ଉଦାହରଣ ରହିଛି। ରାଜକୋଟରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ମଧ ଏହା ଦେଖିବାକୁ ମିଳିଥିଲା। ମ୍ୟାଚ୍ ଜିତି ଭାରତ ସିରିଜକୁ ୧–୧ ସମାନସ୍ତରକୁ ଆଣିଛି। ଏଥିପାଇଁ ରୋହିତ ଶର୍ମାଙ୍କ ଧୂଆଁଧାର ବ୍ୟାଟିଂକୁ ଶ୍ରେୟ ଦେବାକୁ ହେବ।

କାମଚଳା ଅଧିନାୟକ ରୋହିତ ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରିବାରେ ଅବଶ୍ୟ ଏହାକୁ ବଜାୟ ରଖିବାରେ ସଫଳ ହୋଇଛନ୍ତି। କେତୋଟି ଇନିଂସକୁ ବାଦ୍ ଦେଲେ ସେ ପୂରା ଫର୍ମରେ ଥିବା ମନେହେଉଛି। ୩ଟି ଫର୍ମାଟରେ ଖେଳ ଜାରି ରଖିଥିବାରୁ ତାଙ୍କ ପ୍ରଦର୍ଶନରେ ସ୍ଥିରତା ଓ ଦୃଢତା ଦେଖିବାକୁ ମିଳିଛି। ସେ ପୂର୍ବରୁ ଟେଷ୍ଟ ଦଳରେ ନିୟମିତ ଭାବେ ସାମିଲ ନ ଥିଲେ। ଏଥିରେ ମୁଁ ବେଶ୍ ଚକିତ ହୋଇଥିଲି। ଟେଷ୍ଟରେ ତାଙ୍କୁ ଓପନର ଭାବେ ପ୍ରମୋଟ କରିବା ରଣନୀତ ବେଶ୍ ସଫଳ ହୋଇଛି। ଏହା ଦ୍ୱାରା ତାଙ୍କ ଖେଳକୁ ନୂଆ ଡାଇମେନଶନ ମିଳିଛି। ଏହା ଦ୍ୱାରା ଦଳକୁ ଏକ ଆକ୍ରମଣାତ୍ମକ ଓ ବୈଷୟିକ ବିକଳ୍ପ ମିଳିଛି। ଟେଷ୍ଟରେ ସେ ତାଙ୍କର ଏହି ଜବରଦସ୍ତ ଫର୍ମକୁ ଜାରି ରଖିବେ ବୋଲି ଆଶା କରୁଛି। ଭବିଷ୍ୟତରେ ବୀରେନ୍ଦ୍ର ସେହ୍ୱାଗଙ୍କ ପରି ଜଣେ ବିସ୍ଫୋରକ ଓପନର ହୋଇପାରିବେ ବୋଲି କୁହାଯାଇପାରିବ।

ଚଳିତ ଟି୨୦ ସିରିଜରେ ବାଂଲାଦେଶ ଭଲ ଆରମ୍ଭ କରିଥିଲେ ମଧ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଛି। ରାଜକୋଟରେ ୧୭୦ ରନ କରିଥିଲେ ବାଂଲଦେଶ ଭାରତକୁ କଡ଼ା ଚ୍ୟାଲେଞ୍ଜ୍ ଦେଇପାରିଥାନ୍ତା। ତେବ ଭାରତ ପାଖାପାଖି ୫ ଓଭର ବାକି ରଖି ମ୍ୟାଚ୍ ହାତେଇ ନେଇଥିଲା। ଶତକରୁ ବଞ୍ଚିତ ହୋଇଥିବାରୁ ରୋହିତ ନିରାଶ ହୋଇଥିବେ। ତେବେ ତାଙ୍କ ବିସ୍ଫୋରକ ବ୍ୟାଟିଂ ଚମତ୍କାର ଥିଲା। ନାଗପୁରରେ ଅଭିଜ୍ଞ ଶିଖର ଧାୱନ ତାଙ୍କ ପୁରୁଣା ଚମକ ଦେଖାଇବାର ଆବଶ୍ୟକତା ରହିଛି।

ତାରକା ଅଲରାଉଣ୍ଡର ତଥା ଅଧିନାୟକ ଶକିବ ଅଲ ହାସନଙ୍କ ଅନୁପସ୍ଥିତି ବାଂଲାଦେଶ ପ୍ରଦର୍ଶନକୁ ପ୍ରଭାବିତ କରିଛି। ଭଲ ଆରମ୍ଭ କରିଥିଲେ ମଧ ବାଂଲାଦେଶ ଏହାର ଫାଇଦା ଉଠାଇପାରି ନାହିଁ। ଶାନ୍ତ ଓ ଧୀର ଚିତ୍ତରେ ଭାରତୀୟ ବୋଲରମାନେ ଭଲ ବୋଲିଂ କରିଥିଲେ। ଟେଷ୍ଟ ସିରିଜ ପୂର୍ବରୁ ରବିବାର ଏକ ରୋମାଞ୍ଚକ ତଥା ସଂଘର୍ଷପୂର୍ଣ୍ଣ ମୁକାବିଲା ଦେଖିବାକୁ ମିଳିବ। ଆଗାମୀ ୧୫ ଦିନ ମଧ୍ୟରେ ଆମେ କ୍ୱାଲିଟି କ୍ରିକେଟ ଦେଖିବାକୁ ପାଇବୁ।

–(ଗେମ୍‌ପ୍ଲାନ)

#WhatDrivesYou
EXIDE

ଧରିତ୍ରୀ
DHARITRI






# ଧାମରା ମୁହାଣରେ ବୁଡ଼ିଲା ବୋଟ୍

## ବୁଲ୍‌ବୁଲ୍ ପ୍ରଭାବ

### କାଳିଭଞ୍ଜଡିଆଁରୁ ୯ ମତ୍ସ୍ୟଜୀବୀ ଉଦ୍ଧାର

**ଚାନ୍ଦବାଲି,୯।୧୧(ଡି.ଏନ.ଏ.)**

ସାମୁଦ୍ରିକ ଝଡ଼ 'ବୁଲ୍‌ବୁଲ୍' ପ୍ରଭାବରେ ଶୁକ୍ରବାର ବିଳମ୍ବିତ ରାତିରେ ଭଦ୍ରକ ଜିଲାର ଧାମରା ମୁହାଣରେ ଏକ ବୋଟ୍ ବୁଡ଼ିଯାଇଥିଲା। ସେଥିରେ ଥିବା ୯ ଜଣ ମତ୍ସ୍ୟଜୀବୀ ଓ କର୍ମଚାରୀ ପହଁରି ପହଁରି ନିକଟସ୍ଥ କାଳିଭଞ୍ଜଡିଆଁ ଦ୍ୱୀପରେ ରହିଥିଲେ। ଶନିବାର ଅପରାହ୍ନରେ ସୁରକ୍ଷିତ ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରାଯାଇଛି। ପରେ ଧାମରା ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଛଡ଼ାଯାଇଛି।

ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଏକ ମାଛଧରା ବୋଟ୍ 'ସୁନା ଦରିଆ' ମାଛ ଧରି ଫେରିବା ପରେ ଶୁକ୍ରବାର ସନ୍ଧ୍ୟାରେ ଧାମରା ମୁହାଣରେ ଲଙ୍ଗର ପକାଇଥିଲା। ରାତିରେ ବୁଲ୍‌ବୁଲ୍ ପ୍ରଭାବରେ ଅଧିକ ବେଗରେ ପବନ ବହିବାରୁ ବୋଟ୍‌ଟି ପାଣିରେ ଗୋଟିଏ ପାଖକୁ ଢଳି ପଡ଼ିଥିଲା। ସେଥିରେ ପାଣି ପଶିଯିବା ପରେ ତାହା ବୁଡ଼ିବା ଦେଖି ମତ୍ସ୍ୟଜୀବୀମାନେ ମାଲିକ ନିତ୍ୟାନନ୍ଦ ବେହେରାଙ୍କୁ ଖବର ଦେଇଥିଲେ। ଏଥିସହିତ ସେମାନେ ନିଜ ଜୀବନ ବଞ୍ଚାଇବା ପାଇଁ ସମୁଦ୍ରରେ ପହଁରି କିଛି ଦୂରରେ ଥିବା କାଳିଭଞ୍ଜଡିଆଁ ଦ୍ୱୀପରେ ଆଶ୍ରୟ ନେଇଥିଲେ। ବୋଟ୍ ମାଲିକ ଘରୋଇ ଅନ୍ୟ ବୋଟ୍ ସହାୟତାରେ ସେମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସମୁଦ୍ର ଅଶାନ୍ତ ଥିବାରୁ ତାହା ସମ୍ଭବ ହୋଇ ନ ଥିଲା। ଖବର ପାଇ ଚାନ୍ଦବାଲି ତହସିଲଦାର ସତ୍ୟଜିତ ରାଉତ, ଧାମରା ଥାନା ଅଧିକାରୀ ଶ୍ରୀକାନ୍ତ ପତି ଓ ମେରାଇନ ଥାନାର କର୍ମଚାରୀ ସେଠାକୁ ଯାଇ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର ଲାଗି ଯୋଜନା କରିଥିଲେ। ପରେ ଜିଲାରେ ଥିବା ଓଡ୍ରାଫ ଟିମ୍‌ର ସହାୟତା ନିଆଯାଇଥିଲା। ବୋଟ୍ ସହାୟତାରେ କାଳିଭଞ୍ଜଡିଆଁରେ ପହଞ୍ଚି ମତ୍ସ୍ୟଜୀବୀ ଓ କର୍ମଚାରୀଙ୍କୁ ଉଦ୍ଧାର କରି ଧାମରାକୁ ଆଣିଥିଲେ।


ସମୁଦ୍ରରୁ ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀ।

## ୨ ମୃତଦେହ ଉଦ୍ଧାର

**ରୂପ୍‌ସା/ବସ୍ତା, ୯।୧୧(ଡି.ଏନ.ଏ./ସ୍ୱ.ପ୍ର.)**

ବାଲେଶ୍ୱର ସଦର ବ୍ଲକ ଛାନୁଆ ପଞ୍ଚାୟତ ଅନ୍ତର୍ଗତ ସୋଲପଟା ନିକଟ କୋଷ୍ଟ କେନାଲରୁ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଚାଉଳପୁରା ଗ୍ରାମର ଅଭି ମାଝି(୫୦)। ସେ କେନାଲକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ବସ୍ତା ଥାନା ପୋଲିସଙ୍କୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩୭/୧୯) ରୁଜୁ ହୋଇ ପୋଲିସ ତଦନ୍ତ ଜାରି ରଖିଛି। ସେହିପରି ବାହାବଳପୁର ଗାଁରେ ଶରତ ପାତ୍ର(୬୮) ନିଜ ଘର ନିକଟସ୍ଥ ଏକ ନାଳ ପାଖକୁ ଯାଇଥିବାବେଳେ ଖସିଯିବାରୁ ପାଣି ଭିତରେ ବୁଡିଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି ।

## ବିଦ୍ୟୁତ୍ ଖୁଣ୍ଟ ପଡ଼ି ଏନ୍‌ଡିଆର୍‌ଏଫ୍ କର୍ମଚାରୀ ଗୁରୁତର

**ବାସୁଦେବପୁର, ୯।୧୧(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପରିସରରେ କେତେକ ଗଛ ଭାଙ୍ଗିପଡ଼ି ରାସ୍ତା ଅବରୋଧ କରିବା ସହିତ ବିଦ୍ୟୁତ୍ ତାରରେ ଛନ୍ଦି ହୋଇରହିଥିଲା। ଥାନା ପରିସରରୁ ଭାଙ୍ଗିପଡ଼ିଥିବା ଗଛକୁ କାଟୁଥିବା ବେଳେ ଏକ ବିଦ୍ୟୁତ୍ ଖୁଣ୍ଟ ହଠାତ୍ ଉପୁଡ଼ି ପଡ଼ିବାରୁ ଏନ୍‌ଡିଆର୍‌ଏଫ୍ ଟିମ୍‌ର କର୍ମଚାରୀ ମନୋରଞ୍ଜନ ପ୍ରସାଦ(୪୦) ଗୁରୁତର ଆହତ ହୋଇଛନ୍ତି। ତାଙ୍କ ମେରୁଦଣ୍ଡରେ ଆଘାତ ଲାଗିଛି। ବାସୁଦେବପୁର ଡାକ୍ତରଖାନାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇ ଅପରାହ୍ନରେ କଟକ ପଠାଯାଇଛି। ଭଦ୍ରକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାଶ, ବିଡିଓ ପ୍ରଣବ କୁମାର ବେହେରା ଡାକ୍ତରଖାନାରେ ପହଞ୍ଚି ତାଙ୍କ ଚିକିତ୍ସାର ତଦାରଖ କରିବା ସହିତ ତୁରନ୍ତ କଟକ ପଠାଇବାର ବ୍ୟବସ୍ଥା କରିଥିଲେ। ଆହତ ଏନ୍‌ଡିଆର୍‌ଏଫ୍ କର୍ମଚାରୀଙ୍କ ସହିତ ଏକ ଚିକିତ୍ସକ ଟିମ୍‌କୁ ମଧ୍ୟ ପଠାଯାଇଛି। ଗଛ କାଟୁଥିବା ବେଳେ ତାଲିମପ୍ରାପ୍ତ ଜଣେ ଏନ୍‌ଡିଆର୍‌ଏଫ୍ କର୍ମଚାରୀ ଆହତ ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ବିଭିନ୍ନ ମହଲରୁ ଆହତ ଏନ୍‌ଡିଆର୍‌ଏଫ୍ କର୍ମଚାରୀଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି।

## ସମୁଦ୍ରରେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ରୂପ୍‌ସା/ବସ୍ତା, ୯।୧୧ (ଡି.ଏନ.ଏ./ସ୍ୱ.ପ୍ର.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ମାଛଧରା କେନ୍ଦ୍ରରୁ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ଏକ ବୋଟ୍‌ରୁ ଖସିପଡି ଜଣେ ମତ୍ସ୍ୟଜୀବୀ ଶନିବାର ପ୍ରାଣ ହରାଇଛନ୍ତି। ସେ ହେଲେ ମୟୂରଭଞ୍ଜର ଉଦଳା ଅଞ୍ଚଳର ଲାଲମୋହନ ସିଂ। ସେ ନୂଆଗାଁ ଗ୍ରାମର କୃତ୍ତିବାସ ସାହୁଙ୍କ ମା' ଭଗବତୀ ବୋଟ୍‌ରେ ସପ୍ତାହକ ପୂର୍ବରୁ ମାଛ ଧରିବାକୁ ଯାଇଥିଲେ। ତାଳଚୁଆ ନିକଟରେ ମତ୍ସ୍ୟଜୀବୀ ଜଣକ ବୋଟ୍‌ରୁ ସମୁଦ୍ରକୁ ଖସି ପଡ଼ିଥିଲେ। ସେଠାରୁ ତାଙ୍କର ମୃତଦେହ ଉଦ୍ଧାର କରାଯାଇ ଧାମରା ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘକୁ ହସ୍ତାନ୍ତର କରାଯାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ